

ଛତିଶଗଡ଼ ନିବେଶ ପାଇଁ ଅନୁକୂଳ ରାଜ୍ୟ | ୬


# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ଦକ୍ଷିଣ ଆଫ୍ରିକା ବିଶ୍ୱ ଟେଷ୍ଟ ଚାମ୍ପିଅନ୍ | ୭


RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୭୫ | Vol. 22 No-75 | 15 JUNE 2025 SUNDAY, BHUBANESWAR | ରବିବାର, ୧୫ ଜୁନ୍ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ବିସ୍ଫୋରଣରେ ଯବାନ ସହିଦ

ରାଉରକେଲା, ୧୪।୬ (ଭାସ୍କର ନ୍ୟୁଜ): ସୁନ୍ଦରଗଡ଼ ଜିଲ୍ଲା କୋଇଡା ସୀମାନ୍ତ ସରଣ୍ଡା ଜଙ୍ଗଲରେ ଆଇଇଡି ବିସ୍ଫୋରଣ ହୋଇଛି। ସର୍ଚ୍ଚ ଅପରେସନ ବେଳେ ମାଓବାଦୀ ଆଇଇଡି ବିସ୍ଫୋରଣ କରିଥିଲେ। ବିସ୍ଫୋରଣରେ ଜଣେ ଯବାନ ଗୁରୁତର ହୋଇଥିଲେ। ତାଙ୍କୁ ରାଉରକେଲା ସେକ୍ଟର ୧୯ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସହିଦ ଯବାନ ଯବାନ ଉତ୍ତରପ୍ରଦେଶର ସତ୍ୟବାନ ସିଂହ ବୋଲି ଜଣାପଡିଛି।

### ସ୍ତ୍ରୀକୁ ହାଣି ସ୍ୱାମୀର ଆତ୍ମହତ୍ୟା

ପଦ୍ମପୁର, ୧୪।୬ (ଭାସ୍କର ନ୍ୟୁଜ): ରଜରେ ଅଘଟଣ । ପାରିବାରିକ କଳହ ନେଲା ଜୀବନ । ସ୍ତ୍ରୀକୁ ହାଣିବା ପରେ ଜୀବନ ହାରିଲା ସ୍ୱାମୀ । ପଦ୍ମପୁର ଉପଖଣ୍ଡ ଭେଡେଁରିଆ ଗାଁରେ ଏହି ଘଟଣା ଘଟିଛି। ଶୁକ୍ରବାର ଶ୍ୟାମ ଭୋଇ ଏବଂ ସ୍ତ୍ରୀଙ୍କ ମଧ୍ୟରେ କୌଣସି କଥାକୁ ନେଇ ପାଟି ତୁଣ୍ଡ ହୋଇଥିଲା । ଉଗ୍ର ରୂପ ନେଇଥିଲା କଳହ । ପରେ ନିଶାସକ୍ତ ଅବସ୍ଥାରେ ସ୍ତ୍ରୀକୁ କୁରାଢ଼ୀରେ ଆକ୍ରମଣ କରିଥିଲା ସ୍ୱାମୀ ଶ୍ୟାମ। ଗୁରୁତର ଅବସ୍ଥାରେ ଘର ଲୋକ ତାଙ୍କୁ ଉଦ୍ଧାର କରି ବୁର୍ଲା ମେଡିକାଲରେ ଭର୍ତ୍ତି କରିଥିଲେ । ପରେ ସ୍ୱାମୀ ଆତ୍ମହତ୍ୟା କରିଥିବା ଜଣାପଡିଛି।


### ଭୋଜି ଖାଇ ୬୪ ଅସୁସ୍ଥ

ପଦ୍ମପୁର, ୧୪।୬(ଭାସ୍କର ନ୍ୟୁଜ): ବରଗଡ଼ ଜିଲ୍ଲା ପଦ୍ମପୁର ପାଇକମାଳ କୁଆପାଲି ଗାଁରେ ଏକ ଶ୍ରାଦ୍ଧ ଭୋଜିଖାଇ ୬୪ଜଣ ଅସୁସ୍ଥ ହୋଇପଡ଼ିଥିବା ସୂଚନା ମିଳିଛି। ଏକ ସ୍ୱାସ୍ଥ୍ୟଟିମ୍ ଗାଁରେ ପହଞ୍ଚି ଚିକିତ୍ସା ସହାୟତା ଯୋଗାଇ ଦେଉଛନ୍ତି।

ସେନ୍‌ସେକ୍ସ: ୮୧,୧୧୮.୬୦
ସର୍ବାଧିକ: ୩୪.୪ ଡିଗ୍ରୀ
ସର୍ବନିମ୍ନ: ୨୭.୮ ଡିଗ୍ରୀ

**୧୪।୬।୨୦୨୫ ର ମତାମତ**

କରୋନା ସଂକ୍ରମଣ ପାଇଁ ଲୋକେ ସଚେତନ ରହିବା ଉଚିତ ନୁହେଁ କି?




**ଆଜିର ପ୍ରସଙ୍ଗ**

ଯାଜପୁରରେ ବ୍ୟାପିଥିବା ହଇଜାକୁ ନିୟନ୍ତ୍ରଣ କରାଯାଇପାରିବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଯାଜପୁରରେ ବୋଲ ମାନୁନି ହଇଜା

# ସ୍ଥିତି ପରଖିବ କେନ୍ଦ୍ରୀୟ ଟିମ୍

- ସ୍ଥିତିର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ
- ଗୋଟିଏ ଜିଲ୍ଲାରୁ ଆଉ ଗୋଟିଏ ଜିଲ୍ଲାକୁ ଡେଉଁଛି
- ହଇଜାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୧ ଛୁଇଁଲା
- ରଜ ବଜାରରେ ଯାଜପୁରରେ ଭୋଜି ମନା
- ଯାଜପୁର, କେନ୍ଦୁଝର ଗସ୍ତରେ ଯିବେ ସ୍ୱାସ୍ଥ୍ୟମନ୍ତ୍ରୀ



ଯାଜପୁର, ୧୪।୬(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲାରେ ଡାଇରିଆ ପରେ ହଇଜା ସଂକ୍ରମଣ ବ୍ୟାପିବା ଆରମ୍ଭ କରିଛି। ଜିଲ୍ଲାରେ ଡାଇରିଆ ବ୍ୟାପିବାର କାରଣ ହଇଜା ଜୀବାଣୁ ହୋଇଥାଇପାରେ ବୋଲି ଚର୍ଚ୍ଚା ମଧ୍ୟ ଜୋର ଧରିଛି। ଏହାମଧ୍ୟରେ ଜିଲ୍ଲାର ସ୍ଥିତି ସଂପର୍କରେ ଅବଗତ ହେବା ନିମନ୍ତେ ଏକ କେନ୍ଦ୍ରୀୟ ଟିମ୍ ଓଡ଼ିଶା ଗସ୍ତରେ ଆସୁଛନ୍ତି। ୧୪ଜଣିଆ କେନ୍ଦ୍ରୀୟ ଟିମ୍ ଜିଲ୍ଲାର ସ୍ଥିତି ଅନୁଧ୍ୟାନ କରିବେ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର। ଡାକ୍ତର ମିଶ୍ର କହିଛନ୍ତି ଯେ ଓଡ଼ିଶା ଗସ୍ତରେ ୧୪ଜଣିଆ କେନ୍ଦ୍ରୀୟ ଟିମ୍ ଆସି ଶନିବାର ପହଞ୍ଚିବେ। ଏହି ଟିମ୍ ରବିବାର ବିଭିନ୍ନ ଅଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିବେ। ଏହି ଟିମ୍‌ରେ ଆଇସିଏମ୍‌ଆର, ଏନସିଡିସି, ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ଭଳି ସଂସ୍ଥାର ସଦସ୍ୟ ସାମିଲ ରହିବେ। ଯାଜପୁରର ୧୧ଜଣଙ୍କୁ ଛାଡ଼ିଦେଲେ ଆଉକେହି ହଇଜା ରୋଗୀ ନାହାନ୍ତି। ସେ ଆହୁରି କହିଛନ୍ତି ଯେ ଯାଜପୁର, ଭଦ୍ରକ ଓ କେନ୍ଦୁଝର ପରେ କଟକ ଜିଲ୍ଲାରେ ଏବେ ଡାଇରିଆ ସ୍ଥିତି ଦେଖା ଦେଇଛି। ପ୍ରାୟ ୭ଶହରୁ ଊର୍ଦ୍ଧ୍ୱ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ତେବେ ଯାଜପୁର ଜିଲ୍ଲାରେ ଡାଇରିଆ ସହ ହଇଜା ସଂକ୍ରମିତ ମଧ୍ୟ ସାମ୍ନାକୁ ଆସିଛନ୍ତି। ସଂଗ୍ରହ କରାଯାଇଥିବା ୪୧ଜଣଙ୍କ ନମୁନାରୁ ପ୍ରଥମେ ୮ଜଣ ଓ ପରେ ଆଉ ୩ଜଣ ଚିହ୍ନଟ ହୋଇଛନ୍ତି। ୧୦ଦିନ ମଧ୍ୟରେ ସ୍ଥାନୀୟ ଅଞ୍ଚଳରେ ବିଶୋଧନ କାମ ସାରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ମିଶ୍ର କହିଛନ୍ତି, ସଂକ୍ରମିତ ସ୍ଥାନରେ ସର୍ବେକ୍ଷଣ ଓ ଡାକ୍ତରୀଦଳ କାର୍ଯ୍ୟରତ ରହିଛନ୍ତି। ଯାଜପୁରରେ ହୋଇଥିବା ଏକ ଭୋଜିରେ ବ୍ୟବହାର କରାଯାଇଥିବା ପାଣି ଯୋଗୁ ଅନେକ ଲୋକ ଡାଇରିଆରେ ଆକ୍ରାନ୍ତ ହୋଇଛନ୍ତି। ସ୍ଥାନୀୟ ଅଞ୍ଚଳରେ ଡାଇରିଆ ଆକ୍ରାନ୍ତଙ୍କ ସଂଖ୍ୟା ଏବେ ହ୍ରାସ ପାଇବାରେ ଲାଗିଛି। ଆଗୁଆ ମୌସୁମୀ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ସଂକ୍ରମଣ ଦେଖାଦେଇଛି। ଏଥିପାଇଁ ଜଳଉତ୍ସଗୁଡ଼ିକୁ ଯାଞ୍ଚ କରାଯାଉଛି। ଲୋକମାନେ ବିଶୁଦ୍ଧ ପାଣି ପିଇବା ପାଇଁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷରେ ଯାଜପୁର ଜିଲ୍ଲାରେ ହଇଜା ଆକ୍ରାନ୍ତ ଚିହ୍ନଟ ହେବାପରେ ସାମୂହିକ ସମାବେଶରେ ଭୋଜିର ଆୟୋଜନ ନ କରିବା ପାଇଁ ସ୍ୱାସ୍ଥ୍ୟବିଭାଗ ପରାମର୍ଶ ଦେଇଛି। ଏଥିସହ ଜିଲ୍ଲା ପ୍ରଶାସନ ମଧ୍ୟ ଏହା ଉପରେ ରୋକ୍ ଲଗାଇଛି। ଘରର ଗରମ ଖାଦ୍ୟ ସହ ଫୁଟା ଏବଂ ଫିଲଟର କରାଯାଇଥିବା ପାଣି ପିଇବା ପାଇଁ କୁହାଯାଇଛି। • ପୃଷ୍ଠା ୫ ଦେଖନ୍ତୁ

## ବୈଦେଶିକ ମନ୍ତ୍ରଣାଳୟର ସୂଚନା


# କାନାଡ଼ା-ସାଇପ୍ରସ ପରେ କ୍ରୋଏସିଆ ଯିବେ ମୋଦୀ



ନୂଆଦିଲ୍ଲୀ, ୧୪।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୫ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ତିନୋଟି ଦେଶକୁ ଗୁରୁତ୍ୱପୂର୍ଣ୍ଣ ଯାତ୍ରା କରିବେ। ଏହି ସମୟ ମଧ୍ୟରେ ସେ ସାଇପ୍ରସ, କାନାଡ଼ା ଓ କ୍ରୋଏସିଆ ଗସ୍ତରେ ଯିବେ ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଯାତ୍ରାବେଳେ ପ୍ରଧାନମନ୍ତ୍ରୀ ସାଇପ୍ରସରେ ସେଠାକାର କର୍ତ୍ତୃପକ୍ଷଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ମୋଦୀଙ୍କ ଏହି ଗସ୍ତ ଭାରତର ବିଶ୍ୱ କୂଟନୈତିକ ସମ୍ପର୍କକୁ ଅଧିକ ମଜବୁତ କରିବା ଦିଗରେ ସହାୟକ ହେବ ବୋଲି କୁହାଯାଉଛି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ୧୫ ତାରିଖରେ ସାଇପ୍ରସର ରାଜଧାନୀ ନିକେସିଆରେ ପହଞ୍ଚିବେ। ଏହା ଦୁଇଦଶକରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ସାଇପ୍ରସକୁ ପ୍ରଥମ ଗସ୍ତ ହେବ। ସାଇପ୍ରସ ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୋଲାଇଡସ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ମଧ୍ୟ କରିବେ। ଏହାଛଡ଼ା ସେ ଲିମାସୋଲରେ ଉଦ୍ୟୋଗପତିଙ୍କୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ମୋଦୀଙ୍କ ଏହି ଯାତ୍ରା ଭାରତ ଓ ସାଇପ୍ରସ ମଧ୍ୟରେ ସଂପର୍କକୁ ଅଧିକ ସୁଦୃଢ କରିବ। ଏହାସହ ଭୂମଧ୍ୟସାଗରୀୟ ତଥା ୟୁରୋପୀୟ ସଂଘ ସହ ଭାରତର ଭାଗିଦାରୀକୁ ମଜବୁତ କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ଗ୍ରହଣ କରିବ। ତେବେ ସାଇପ୍ରସର ଗସ୍ତକୁ ରାଜନୈତିକ ଓ ଆର୍ଥିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ୨୦୨୩ରେ ନୂଆଦିଲ୍ଲୀରେ ଆୟୋଜିତ ଜି-୨୦ ଶିଖର ସମ୍ମିଳନୀ ସମୟରେ ଆରମ୍ଭ ହୋଇଥିବା • ପୃଷ୍ଠା ୫ ଦେଖନ୍ତୁ

## ନିଟ୍-ୟୁଜି ରେଜଲ୍ଟ ପ୍ରକାଶିତ

# ରାଜସ୍ଥାନର ମହେଶ କୁମାର ଟପ୍ପର



ସର୍ବଭାରତୀୟ ଟପ୍ପର ମହେଶ କୁମାର



ଓଡ଼ିଶା ଟପ୍ପର ସ୍ନେହାଶିଷ ଦାସ

ନୂଆଦିଲ୍ଲୀ, ୧୪।୬: ନିଟ୍-ୟୁଜି ୨୦୨୫ ରେଜଲ୍ଟ ଶନିବାର ପ୍ରକାଶ ପାଇଛି। ଏଥିରେ ରାଜସ୍ଥାନର ମହେଶ କୁମାର ସର୍ବଭାରତୀୟ ସ୍ତରରେ ଟପ୍ପର ହୋଇଛନ୍ତି। ସେହିପରି ଦ୍ୱିତୀୟ ସ୍ଥାନରେ ଉତ୍କର୍ଷ ଉଧିଆ ରହିଥିବାବେଳେ ତୃତୀୟ ସ୍ଥାନରେ ରହିଛନ୍ତି କ୍ରିଷ୍ଣାଙ୍ଗ ଯୋଶୀ। କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସିର ୱେବସାଇଟ୍ ଦେଖି ପରୀକ୍ଷାଫଳ ପାଇପାରିବେ ବୋଲି କୁହାଯାଇଛି। ସେହିପରି ପରୀକ୍ଷାର୍ଥୀମାନଙ୍କୁ ଇ-ମେଲ ଜରିଆରେ ସ୍କୋରବୋର୍ଡ ଦେଖିବାକୁ ପରାମର୍ଶ ଦିଆଯାଇଛି। ଗତ ମେ ୪ ତାରିଖରେ ଗୋଟିଏ ସିଫ୍ଟରେ ଏହି ପରୀକ୍ଷା ହୋଇଥିଲା। ୨୨ଲକ୍ଷ ୯୩୧ ପିଲା ଏହି ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୧୨ଲକ୍ଷ ୩୬ହଜାର ୫୩୧ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଓଡ଼ିଶା ଟପ୍ପର ହୋଇଛନ୍ତି ସ୍ନେହାଶିଷ ଦାସ। ତାଙ୍କୁ ସର୍ବଭାରତୀୟ ସ୍ତରରେ ୬୦ତମ ର୍ୟାଙ୍କ ମିଳିଛି। ସେହିପରି ଏସସି ବର୍ଗରେ ପବିତ୍ର ସେଠୀ ଷଷ୍ଠ ସ୍ଥାନରେ ରହିଥିବା ସୂଚନା ଦିଆଯାଇଛି। ନିଟ୍-ୟୁଜି ରେଜଲ୍ଟ ଓ କଟ୍‌ଅପ୍ ମାର୍କ ଆଧାରରେ ଦେଶର ମେଡ଼ିକାଲ କଲେଜଗୁଡ଼ିକରେ ଏମବିବିଏସ୍, ବିଡିଏସ୍ ଏବଂ ଅନ୍ୟ ମେଡ଼ିକାଲ କୋର୍ସ ପାଇଁ ନାମଲେଖା ନିମନ୍ତେ କାଉନସେଲିଂ ଆରମ୍ଭ ହେବ। ଏହା ଅଲଇଣ୍ଡିଆ କୋଟା ଏବଂ ରାଜ୍ୟ କୋଟା ହିସାବରେ ଅଲଗା ଅଲଗା ଆୟୋଜିତ ହେବ। ଦେଶରେ ୭୮୦ ମେଡ଼ିକାଲ କଲେଜରେ ଖୁବ୍‌ଶୀଘ୍ର ନାମଲେଖା ଆରମ୍ଭ କରାଯିବ। ଭାରତରେ ମୋଟ ୧,୧୮,୧୯୦ ଏମବିବିଏସ୍ ସିଟ୍ ରହିଥିବାବେଳେ ୨୭,୮୬୮ ବିଡିଏସ୍ ସିଟ୍, ୧୨୦୫ ଏମ୍ସ ସହ ୨୦୦ ଜେଆଇପିଏମ୍‌ଇପି ସିଟ୍ ରହିଛି। ନିଟ୍-ୟୁଜି କାଉନସେଲିଂ ପ୍ରଣାଳୀ ଅଧୀନରେ ସମସ୍ତ ମେଡ଼ିକାଲ ଶିକ୍ଷାନୁଷ୍ଠାନ ନାମ ଲେଖାପାଇଁ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇବେ। ସାଧାରଣତଃ ଜୁଲାଇ ମାସରେ କାଉନସେଲିଂ ହୋଇଥାଏ।

## ଅହମ୍ମଦାବାଦ ବିମାନ ଦୁର୍ଘଟଣା

# ତଦନ୍ତକାରୀ ଏଜେନ୍ସିର ଛାନ୍‌ଭିନ୍



**ତୃତୀୟ ଦିନରେ ମିଳିଲା ଆଉଏକ ମୃତଦେହ**
**ମୋଟ ମୃତ୍ୟୁସଂଖ୍ୟା ୨୭୪ ଛୁଇଁଲା**
**ଡିଏନ୍‌ଏ ପରୀକ୍ଷା ପରେ ମୃତଦେହ ହସ୍ତାନ୍ତର**

ଅହମ୍ମଦାବାଦ, ୧୪।୬: ଗୁଜରାଟର ଅହମ୍ମଦାବାଦରେ ଘଟିଥିବା ଭୟଙ୍କର ବିମାନ ଦୁର୍ଘଟଣା ପରେ ବି ଏବେ ମଧ୍ୟ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ତୃତୀୟ ଦିନରେ ବିମାନର ଭଗ୍ନାବଶେଷରୁ ଆଉଏକ ମୃତଦେହ ଉଦ୍ଧାର କରାଯାଇଛି। ବିମାନର ପଛଭାଗରେ ଏହି ମୃତଦେହଟି ଲାଗି ରହିଥିଲା। ଦୁର୍ଘଟଣା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। କମିଟିର ସଦସ୍ୟମାନେ ଶନିବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏଥିସହ ଘଟଣାସ୍ଥଳରେ ଏନଆଇଏ, ଡିଜିସିଏ ଓ ଏଏଆଇବି ପକ୍ଷରୁ ତଦନ୍ତକୁ ଜୋରଦାର କରାଯାଇଛି। ରିଲିଫ କାର୍ଯ୍ୟରେ ଏନଏସଜିକୁ ନିୟୋଜିତ କରାଯାଇଛି। ଶନିବାର ସକାଳେ ଏନଡିଆରଏଫ ଟିମ୍ ଜଣକର ମୃତଦେହ ଉଦ୍ଧାର କରିବା ପରେ ଫରେନସିକ୍ ତଦନ୍ତ ପାଇଁ ପଠାଯାଇଛି। ତଦନ୍ତକାରୀ ଏଜେନ୍ସି ଘଟଣାସ୍ଥଳରେ ଡେରା ପକାଇ ଜୋରଦାର ଛାନଭିନ୍ ଚଳାଇଛନ୍ତି। ତେଣୁ ଘଟଣାସ୍ଥଳରେ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ଏଏଆଇବିର ଜଣେ ସଦସ୍ୟ କହିଛନ୍ତି ଯେ ଆମେ ତଦନ୍ତ ଆରମ୍ଭ କରିଛୁ। ଏହାସହିତ ଜଡ଼ିତ ଯାହା ବି ସୂଚନା ରହିଛି ତାହା ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଘୋଷଣା କରିବ। ଅହମ୍ମଦାବାଦ ସିଭିଲ ହସ୍ପିଟାଲରେ ମୃତକଙ୍କ ସଂପର୍କୀୟମାନଙ୍କ ଅବସ୍ଥା ବେହାଲ ହୋଇପଡ଼ିଛି। ଡିଏନ୍‌ଏ ଟେଷ୍ଟ ପରେ ଜଣଜଣ କରି ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଉଛି। ହସ୍ପିଟାଲର ସୂଚନା ଅନୁଯାୟୀ ମୋଟ ୨୪୦ଜଣଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ସୂଚନାଯୋଗ୍ୟ ଯେ ଗତ ଗୁରୁବାର ଅପରାହ୍ନ ୧.୩୯ରେ ଅହମ୍ମଦାବାଦ ବିମାନବନ୍ଦରରୁ ଏୟାର ଇଣ୍ଡିଆର ଏଆଇ-୧୭୧ ବିମାନ ଉଡାଣ ଭରିବାର ୫ ମିନିଟ୍ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଜଣେ ଯାତ୍ରୀଙ୍କୁ ଛାଡ଼ିଦେଲେ ସମସ୍ତ ଯାତ୍ରୀ ଓ କ୍ରିୟୁ ମେମ୍ବର ମୃତ୍ୟୁବରଣ କରିଥିଲେ। ଏଥିସହ ଏକ ଡାକ୍ତରୀ ହଷ୍ଟେଲ ଉପରେ ବିମାନଟି ପିଟି ହେବାରୁ ୫ଜଣ ଡାକ୍ତରୀ ଛାତ୍ରଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା। ଏହି ବିମାନଟିରେ ୧୬୯ ଭାରତୀୟ ରହିଥିବାବେଳେ ୫୩ଜଣ ବ୍ରିଟିଶ ନାଗରିକ, ୭ଜଣ • ପୃଷ୍ଠା ୫ ଦେଖନ୍ତୁ

## ଏଏସ୍‌ଆଇକୁ ଶ୍ରୀମନ୍ଦିର ପ୍ରଶାସନର ଚିଠି

# ରତ୍ନଭଣ୍ଡାର ସଂରକ୍ଷଣ କାର୍ଯ୍ୟ ଶେଷ କର



ପୁରୀ, ୧୪।୬ (ଭାସ୍କର ନ୍ୟୁଜ) : ରତ୍ନଭଣ୍ଡାର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଏଏସ୍‌ଆଇ (ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ) ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢୀ। ଆଗାମୀ ରଥଯାତ୍ରା ସମୟରେ ମିଳିବାକୁ ଥିବା ଅବଧି (ଜୁନ୍ ୨୮ ରୁ ଜୁଲାଇ ୬) ମଧ୍ୟରେ ବାକି ଥିବା ରତ୍ନଭଣ୍ଡାର କାମ ତ୍ୱରାନ୍ୱିତ କରି ଶୀଘ୍ର ସମାପନ ପାଇଁ ଚିଠିରେ ମୁଖ୍ୟ ପ୍ରଶାସକ ଉଲ୍ଲେଖ କରିଛନ୍ତି । ଶ୍ରୀମନ୍ଦିର ରତ୍ନଭଣ୍ଡାରର ଗୁରୁତ୍ୱ ଦୃଷ୍ଟିରୁ ଏହି କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ ହାତକୁ ନେବାକୁ କହିଛନ୍ତି । ସେହିପରି ରଥଯାତ୍ରା ସମୟରେ କରାଯାଉଥିବା ଗର୍ଭଗୃହ ତଥା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସଂରକ୍ଷଣ କାର୍ଯ୍ୟର ତଦାରଖ ଏଏସ୍‌ଆଇ ଉପ-ମହାନିର୍ଦ୍ଦେଶକ କିମ୍ବା ନିର୍ଦ୍ଦେଶକ ପଦବୀର ଅଧିକାରୀଙ୍କ ଦ୍ୱାରା କରାଯିବାକୁ ମୁଖ୍ୟ ପ୍ରଶାସକ ଜଣାଇଛନ୍ତି। ଅରୁଣ ସ୍ତମ୍ଭ ନିକଟରେ ଖଣ୍ଡୋଲାଇଟ୍ ପଥର ବଦଳ ଏବଂ ଅଦ୍ୟାବଧି ରତ୍ନଭଣ୍ଡାରର ସଂରକ୍ଷଣ ଆଦି କାର୍ଯ୍ୟ ପାଇଁ ଏଏସ୍‌ଆଇକୁ ଧନ୍ୟବାଦ ଜ୍ଞାପନ କରିବା ସହ ମୁଖ୍ୟ ପ୍ରଶାସକ ୩ ଗୋଟି ବିନ୍ଦୁ ଉପରେ ସ୍ୱତନ୍ତ୍ର ଭାବେ ଧ୍ୟାନ ଆକର୍ଷଣ କରିଛନ୍ତି। ସେଗୁଡ଼ିକ ହେଲା- ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ • ପୃଷ୍ଠା ୫ ଦେଖନ୍ତୁ

## ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସୂଚନା

# ୨୦ରେ ମୋଦୀଙ୍କ ରୋଡ ଶୋ'



ଭୁବନେଶ୍ୱର, ୧୪।୬(ଭାସ୍କର ନ୍ୟୁଜ): ରାଜ୍ୟରେ ଶାସନାଧୀନ ବିଜେପି ସରକାରକୁ ଇତିମଧ୍ୟରେ ବର୍ଷେ ପୂରିଯାଇଛି। ଏଥିନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୦ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜନତା ମଇଦାନରେ ଏକ ସମାରୋହର ଆୟୋଜନ କରାଯାଇଛି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି ଯେ ଆସନ୍ତା ୨୦ ତାରିଖ ଅପରାହ୍ନ ୩ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରେ ଦଳ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉପସ୍ଥିତିରେ ସେହିଦିନ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରାଯିବ। ପ୍ରଧାନମନ୍ତ୍ରୀ ପ୍ରାୟ ୫୦ହଜାର ହିତାଧିକାରୀଙ୍କୁ ଏହି କାର୍ଯ୍ୟାଦେଶ ବଣ୍ଟନ କରିବେ। ଏହାପରେ ପ୍ରଧାନମନ୍ତ୍ରୀ ତ୍ରିରଙ୍ଗା ଯାତ୍ରାରେ ସାମିଲ ହେବେ ଓ ପରେ ଏକ ରୋଡ ଶୋ କରିବେ। ଏହି ଅବସରରେ ସେ ଅନେକ ନୂଆ ଯୋଜନା ଘୋଷଣା କରିବାର ସମ୍ଭାବନା ରହିଛି। ଏଥିମଧ୍ୟରେ ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା ମଧ୍ୟ ରହିଛି। ସେ ଆହୁରି କହିଥିଲେ ଯେ ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କର ଏକ ବିଶେଷ ଧ୍ୟାନ ରହିଛି। ଯେଉଁଥିପାଇଁ ଗୋଟିଏ ବର୍ଷରେ ସେ ଷଷ୍ଠଥର ପାଇଁ ଓଡ଼ିଶା ଆସୁଛନ୍ତି ବୋଲି ଶ୍ରୀ ନାୟକ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସେହିପରି ଶୁକ୍ରବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ମୋଦୀଙ୍କ ଗସ୍ତ ଉପରେ ବିଶଦଭାବେ ଆଲୋଚନା କରାଯାଇଥିବା ସୂଚନା ମିଳିଛି।

# ଏନ୍‌କାଉଣ୍ଟର: ୪ ନକ୍ସଲ ନିପାତ

ଭୋପାଳ, ୧୪।୬: ମଧ୍ୟପ୍ରଦେଶର ବାଲାଘାଟରେ ସୁରକ୍ଷା କର୍ମୀଙ୍କୁ ଏକ ବଡ଼ଧରଣର ସଫଳତା ମିଳିଛି। କମ୍ବିଂ ଅପରେସନ ଚାଲିଥିବାବେଳେ ସୁରକ୍ଷାକର୍ମୀଙ୍କ ଗୁଳିରେ ୪ ନକ୍ସଲ ନିପାତ ହୋଇଛନ୍ତି। ସେମାନଙ୍କଠାରୁ ହ୍ୟାଣ୍ଡ ଗ୍ରେନେଡ୍, ରକେଟ୍ ଲଞ୍ଚର ଓ ରାଇଫଲ ଜବତ କରାଯାଇଛି। ବାଲାଘାଟର ପଚମାଦାଦର ଜଙ୍ଗଲରେ କେତେକ ନକ୍ସଲ ଆଡ୍ଡା ଜମାଇଥିବା ନେଇ ଗୁଇନ୍ଦା ସୂଚନା ମିଳିବା ପରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ତେବେ ସୁରକ୍ଷାକର୍ମୀଙ୍କୁ ଦେଖିବାମାତ୍ରେ ନକ୍ସଲମାନେ ପ୍ରଥମେ ଗୁଳି ଚଳାଇଥିଲେ। ସୁରକ୍ଷାକର୍ମୀ ଏହାର ପାଲଟା ଜବାବ ଦେଇଥିଲେ। ବେଶ୍ କିଛି ସମୟ ଧରି ଉଭୟପକ୍ଷ ମଧ୍ୟରେ ଗୁଳି ବିନିମୟ ଚାଲୁ ରହିଥିଲା। ମୃତକଙ୍କ ମଧ୍ୟରେ ୩ଜଣ ମହିଳା ନକ୍ସଲ ରହିଛନ୍ତି। ତେବେ କିଛି ନକ୍ସଲ ଘଟଣାସ୍ଥଳରୁ ଖସି ପଳାଇଥିବାବେଳେ ସେମାନଙ୍କୁ ଠାବ କରିବା ପାଇଁ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି। ସୂଚନାଯୋଗ୍ୟ ଯେ ୨୦୨୬ ମାର୍ଚ୍ଚ ସୁଦ୍ଧା ସାରା ଦେଶରୁ ନକ୍ସଲବାଦ ବିଲୋପ କରିବାକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆହ୍ୱାନ ଦେବାପରେ ମାଓ ପ୍ରଭାବିତ ରାଜ୍ୟଗୁଡ଼ିକରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି। ବିଶେଷକରି ଛତିଶଗଡ଼ର ବିଭିନ୍ନ ମାଓ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ଜୋରଦାର ଅପରେସନ ଜାରି ରହିଛି। ଇତିମଧ୍ୟରେ ବହୁ ଟପ୍ ନକ୍ସଲ ନେତା ଏନକାଉଣ୍ଟରରେ ପ୍ରାଣ ହରାଇଛନ୍ତି। ସେମାନଙ୍କ ମଧ୍ୟରେ ବାସବ ରାଜୁ, ହିଡମା ଏବଂ ଅନ୍ୟମାନେ ରହିଛନ୍ତି। ଦିନକୁ ଦିନ ମାଓ ସଂଗଠନ ଦୁର୍ବଳ ହେବାରେ ଲାଗିଛି। ସୁରକ୍ଷାକର୍ମୀଙ୍କ ଭୟରେ ବହୁ ନକ୍ସଲ ସଂଗଠନ ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାପାଇଁ ଆତ୍ମ ସମର୍ପଣ କରୁଥିବା ଦେଖିବାକୁ ମିଳିଛି।

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ରଜଦୋଳି କଟକଟ
ଅହମ୍ମଦାବାଦ ଦୁର୍ଘଟଣା ପାଇଁ
ବିଶ୍ୱରେ ହଟଚମଟ ।
ନାହିଁ ସେ ପୁରୁଣା ଥାଟ,
ମୋବାଇଲି ଏବେ ସବୁ ଖାଇଗଲା
ରଜ ମଉଜକୁ ଛାଟ !



ଜଳେଶ୍ୱର(ଭାସ୍କର ନ୍ୟୁଜ୍): ଜଳେଶ୍ୱର ରୋଟାରୀ କ୍ଲବକୁ ପରିଦର୍ଶନରେ ଆସିଥିଲେ ଜିଲ୍ଲା ୩୨୬୨ର ପ୍ରାନ୍ତପାଳ (ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର)ଯଜ୍ଞାଶିଷ ମହାପାତ୍ର। ଶ୍ରୀ ମହାପାତ୍ର ମଧ୍ୟାହ୍ନ ୧୨ ଟା ସମୟରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ସେଣ୍ଟରୀ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ସ୍ୱଚ୍ଛ ପାନୀୟ ଜଳ ଉତ୍ସ, ହାତଧୁଆ ମେସିନ,ଫାଷ୍ଟଏଡ ବକ୍ସ, ଗ୍ରାମର ଅସହାୟ ଲୋକଙ୍କୁ ମଶାରି ବଣ୍ଟନ କରିଥିଲେ। ଏହାପରେ ଗୋବରଘାଟା ପଞ୍ଚାୟତର ଚନ୍ଦନା ସ୍ଥିତ ଶିରିଡ଼ି ସାଇ ମନ୍ଦିର,ସହର ଉପକଣ୍ଠସ୍ଥ ପଥରପୁରା ପଙ୍କେଶ୍ୱର ମହାଦେବ ମନ୍ଦିର,ବଡ଼ ବଜାର ଛକ ସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିରରେ ହସ୍ତ, ପାଦ ପ୍ରକ୍ଷାଳନ ବ୍ୟବସ୍ଥାର ଶୁଭାରମ୍ଭ କରିଥଲେ।ନୂଆବଜାର ଛକରେ ମଧ୍ୟ ରୋଟାରୀ କ୍ଲବ୍ ଅନୁଦାନରେ ନିର୍ମିତ ନୂତନ ୱାଚ ଟାୱାର ସହ ଟ୍ରାଫିକ ପୋଷ୍ଟକୁ ଉଦ୍‌ଘାଟନ କରିଥିଲେ।ଏହି ସମସ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜଳେଶ୍ୱର ପୌରାଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲା, ଜଳେଶ୍ୱର ଥାନା ଏସ୍‌ଆଇ ଚିରଞ୍ଜିବୀ ରାଉତ, ପଥରପୁରା ଗ୍ରାମ୍ୟ କମିଟି ସଭାପତି ରବିନ୍ଦ୍ର ଦାସ, ସମ୍ପାଦକ କପିଳେଶ୍ୱର ମହାନ୍ତି ତଥା ଅନ୍ୟମାନେ ଉପସ୍ଥିତ ଥିଲେ।ସନ୍ଧ୍ୟାରେ କ୍ଲବ ପରିସରରେ ଆୟୋଜିତ ସଭାରେ କ୍ଲବର ସଭାପତି ଭାସ୍କର ସ୍ୱାଇଁ ସଭାପତିତ୍ୱ କରି ବର୍ଷ ଯାକର ସେବା କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।ମୁଖ୍ୟ ଅତିଥି ଭାବେ ଡିଷ୍ଟ୍ରିକ୍ ଗଭର୍ଣ୍ଣର ଯଜ୍ଞାଶିଷ ମହାପାତ୍ର, ସମ୍ମାନୀତ ଅତିଥି ଭାବେ ରୋଟାରିୟାନ ଡିଷ୍ଟ୍ରିକ୍ ସେକ୍ରେଟେରୀ ସୁଶାନ୍ତ ମହାପାତ୍ର, ସମ୍ପାଦକ ସୁବିର ଚାଟାର୍ଜୀ ମଞ୍ଚାସୀନ ହୋଇ କ୍ଲବର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ।ଏହି ଅବସରରେ ସମ୍ବାଦର ବରିଷ୍ଠ ସାମ୍ବାଦିକ ସତ୍ୟବ୍ରତ ପ୍ରଧାନଙ୍କୁ ଉତ୍ତରୀୟ, ମେମୋଣ୍ଟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ରୋଟାରୀୟାନ ପ୍ରଫୁଲ୍ଲ କୁମାର ଦାସ ମଞ୍ଚ ଆହ୍ୱାନ କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ପୂର୍ବତନ ସଭାପତି ପ୍ରବୀର କୁମାର ପ୍ରଧାନ।



# ଶିଶୁ କନ୍ୟାକୁ ଦୁଷ୍କର୍ମ ଉଦ୍ୟମ ଅଭିଯୁକ୍ତ ଗିରଫ

କାକଟପୁର (ଭାସ୍କର ନ୍ୟୁଜ୍): କାକଟପୁର ଥାନା ଅନ୍ତର୍ଗତ ବାଙ୍ଗୁରିଗାଁ ଗ୍ରାମରେ ଗତ ବୁଧବାର ଦିନ ଜନୈକ ଶିଶୁ କନ୍ୟା (ଅଢେଇ ବର୍ଷ ) ବାରଣ୍ଡାରେ ଖେଳୁଥିବା ସମୟରେ ତାର ନିଜ ବଡବାପା ମନ୍ଦ ଉଦ୍ଦେଶ୍ୟ ରଖି ତାକୁ ନିଜ ଘରକୁ ଡାକିଥିଲେ ଓ ତାକୁ ଘର ଭିତରକୁ ନେଇ ଦୁଷ୍କର୍ମ କରିବାକୁ ଚେଷ୍ଟା କରିବା ବେଳେ ଝିଅଟି କାନ୍ଦିଥିଲା। କାନ୍ଦ ଶୁଣି ଝିଅର ମା' ସେଠାରେ ପହଞ୍ଚି ଝିଅକୁ ଉଦ୍ଧାର କରିଥିଲା। ମାତ୍ର ଅଭିଯୁକ୍ତ ଝିଅ ମା'ର ଗୋଡ଼ ଧରି ଭୁଲ ମାଗିଥିଲା ଓ କାହାକୁ ନକହିବାକୁ ଅନୁରୋଧ କରିଥିଲା। ତେବେ ଝିଅର ମା' ଥାନାରେ ଅଭିଯୋଗ କରିବା ପରେ କାକଟପୁର ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁ ସଦଳବଳେ ଅଭିଯୁକ୍ତକୁ ଗିରଫ କରି ପୋକ୍‌ସୋ କୋର୍ଟ ପୁରୀ କୁ ଚାଲାଣ କରିଛନ୍ତି। ଅଭିଯୁକ୍ତ ହେଲେ ନବ କିଶୋର ସାହୁ ପିତା ବଟ କୃଷ୍ଣ ସାହୁ ବାଙ୍ଗୁରିଗାଁ ଅଟନ୍ତି। ଏ ସମ୍ପର୍କ ରେ ଭାରତୀୟ ନ୍ୟାୟ ସଂହିତା ୬୫(୨), ୬୨, ୮/୧୨ପୋସ୍କୋ ଆଇନ ରେ ତାକୁ ଗିରଫ କରାଯାଇ ଯାଇ ଥିବାବେଳେ ଥାନା କେଶ ନମ୍ବର ୧୪୩/୨୫ ରେ ମକଦ୍ଦମା ରୁଜୁ କରିଛନ୍ତି।

# ଆଳିରେ ମୃଦୁ ପାନୀୟ ନାମରେ ଚାଲିଛି ଜହର କାରବାର



ଆଳି(ଭାସ୍କର ନ୍ୟୁଜ୍): ଆଳିରେ ବିନା ଲାଇସେନ୍ସରେ ଏକାଧିକ ନକଲି ମୃଦୁ ପାନୀୟ ସହ ପାଣିପାଉଚ କମ୍ପାନୀ ଦିନକୁ ଦିନ ବଢ଼ିବାରେ ଲାଗିଛି । ମିନେରାଲ ଜଳ ସାଙ୍ଗକୁ ବିଭିନ୍ନ ପ୍ରକାର ନକଲି ଥଣ୍ଡା ଓ ସୋଡା ଆଦି ପାନୀୟ ଜଳର ବେନାମୀ କାରଖାନା ଓ ବିକ୍ରି ବେଧଡକ ଭାବେ ଚାଲିଛି। ବିନା ଲାଇସେନ୍ସ ଓ ବିନା ଟେଷ୍ଟିଙ୍ଗରେ ଏହି ନକଲି ଥଣ୍ଡା ପାନୀୟକୁ ଉତ୍ପାଦନ କରୁଥିବା ଦୋକାନୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଆଳି ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଉ ନଥିବାରୁ ଏନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି । ଏହି ନକଲି ପାଣି ଓ ଥଣ୍ଡା ସେବନ କରିବା ଦ୍ୱାରା ଲୋକମାନେ ବିଭିନ୍ନ ପ୍ରକାରର ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଅଧିକାଂଶ ଦୋକାନରେ ମିଳୁଥିବା ବେନାମୀ କମ୍ପାନୀ ଗୁଡିକର ମୃଦୁ ପାନୀୟ ସହ ପାଣି ପାଉଚ, ବୋତଲ ପାଣି ଏବଂ ଥଣ୍ଡା ବିକ୍ରି ହେଉଛି ସେହି କମ୍ପାନୀ ସରକାରଙ୍କ ଗାଇଡ଼ଲାଇନ ଅନୁସାରେ ପାଣି ଓ ଥଣ୍ଡା ପ୍ୟାକିଙ୍ଗ କରୁଛନ୍ତି ତ ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଲାଣି । ବଜାରରେ ବିକ୍ରି ହେଉଥବା କିଛି ପାଣି ବୋତଲ, ଥଣ୍ଡା ଓ ପାଣି ପାଉଚ ଉପରେ ଏହାର ଅବଧି ସମ୍ପର୍କରେ କୌଣସି ସୂଚନା ନାହିଁ । ଅପରପକ୍ଷରେ ଏଠିକାର କେତେକ ବେନାମୀ କାରଖାନାର ମାଲିକ ଅଧିକ ଲାଭ ପାଇବା ଆଶାରେ ବାହାରୁ ନାମିଦାମୀ କମ୍ପାନୀର ଲୋଗ ଥିବା ଜରି ଓ ଖାଲି ବୋତଲ କ୍ରୟ କରି ଶ୍ରମିକଙ୍କ ଦ୍ୱାରା ଅସ୍ୱାସ୍ଥ୍ୟକର ପରିବେଶରେ ଦୂଷିତ ଜଳ ସାଥିରେ ବିଭିନ୍ନ ପ୍ରକାର ଥଣ୍ଡାର ଫ୍ଲେଭର ପାଣିରେ ମିଶାଇ ସେଥିରେ କିଛି ଗ୍ୟାସ ଭର୍ତ୍ତି କରି ବୋତଲକୁ ସିଲ କରି ବଜାରକୁ ଛାଡୁଛନ୍ତି । ପାଣି ଓ ଥଣ୍ଡା ଉତ୍ପାଦନ କରିବା ପାଇଁ ସରକାରଙ୍କ ଏକାଧିକ ନୀତି ନିୟମ ରହିଛି । କମ୍ପାନୀର ଟ୍ରେଡ଼ମାର୍କ, ପାଣିର ଟେଷ୍ଟିଙ୍ଗ ସାର୍ଟିଫିକେଟ, ଲାବୋରଟାରୀ ସାର୍ଟିଫିକେଟ, ବିଏସ୍‌ଆଇ, ଆଇଏସ୍‌ଆଇ ମାନ୍ୟତା ସାର୍ଟିଫିକେଟ, ଫୁଡ୍ ଲାଇସେନ୍ସ ଆଦି ନିୟମ ରହିଛି । ଏଠାରେ ତଥାକଥିତ ବେନାମୀ ମୃଦୁ ପାନୀୟ ଓ ଆଞ୍ଚଳିକ ପାଣି କମ୍ପାନୀ ଉପରୋକ୍ତ ସର୍ତ୍ତାବଳୀକୁ ଗୁରୁତ୍ୱ ନଦେଇ କେବଳ ଲୋକ ଦେଖାଣିଆ ଭାବେ ଫୁଡ ଲାଇସେନ୍ସଟିଏ ହାତେଇ ପାଣି ଉତ୍ପାଦନ ହେଉଥିବା କାରଖାନା କାନ୍ଥରେ ଟାଙ୍ଗିବା ସହ ମନଲୋଭା ପ୍ୟାକିଙ୍ଗ ଦେଇ ବେପାର ଚଳାଇ ଆସୁଛନ୍ତି । ଏହି ମୃଦୁ ପାନୀୟ, ପାଣି ପାଉଚ୍ ଓ ଥଣ୍ଡା ବୋତଲ ଗୁଡିକ କିଛି ଦିନ ରହିବା ପରେ ଗନ୍ଧ ବାହାରୁଥିବାବେଳେ ସ୍ୱାଦ ମଧ୍ୟ ଅଲଗା ଲାଗୁଥିବା ସାଧାରଣରେ ଅଭିଯୋଗ ହେଉଛି । ପାଣି ଓ ଥଣ୍ଡା ପ୍ୟାକିଙ୍ଗ ପୂର୍ବରୁ ଏହାର ନମୁନା ବିଆଇସି ଲ୍ୟାବକୁ ପଠେଇ ଏହାର ଗୁଣବତ୍ତା ଯାଞ୍ଚ କରିବା ଆବଶ୍ୟକତା ରହିଛି । ସ୍ଥାନୀୟ ପୋଲିସ ଓ ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟି ଦେବା ସହ ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନକରି ଅଚାନକ ଭାବେ ବେନାମୀ ପାଣି ଓ ଥଣ୍ଡା ପ୍ରସ୍ତୁତି କାରଖାନା ଓ ବିକ୍ରି କରୁଥିବା ଦୋକାନୀମାନଙ୍କ ଉପରେ ଚଢାଉ କରି ଉତ୍ପାଦିତ ପାଣିବୋତଲ, ପାଣି ପାଉଚ ଓ ଥଣ୍ଡାର ନମୁନା ସଂଗ୍ରହ କରି ଜଳର ଶୁଦ୍ଧତା ଓ ଗୁଣବତ୍ତା ପରୀକ୍ଷା କରିବାକୁ ବୁଦ୍ଧିଜୀବୀ ମହଲ ରେ ଦାବୀ ହୋଇଛି ।

# ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତ କୋର୍ଟଚାଲାଣ

ନିଶ୍ଚିନ୍ତେକୋଇଲି (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଜମରା ଗ୍ରାମରେ ଜଣେ ଦିବ୍ୟାଙ୍ଗ ନାବାଳିକାକୁ ହୋଇଥିବା ଦୁଷ୍କର୍ମ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି। ଜମରା ଗ୍ରାମର ଜଣେ ନା ବାଳିକା ଦିବ୍ୟାଙ୍ଗ ତାଙ୍କ ଘରେ ଏକୁଟିଆ ଥିଲେ। ଏକୁଟିଆ ଥିବାର ସୁଯୋଗ ନେଇ ତାଙ୍କର ଜଣେ ସମ୍ପର୍କୀୟ ଦାଦା ନିରଞ୍ଜନ ରାଉତ(୫୮) ତାଙ୍କ ଘରକୁ ଆସି ଦିବ୍ୟାଙ୍ଗଙ୍କୁ ଦୁଷ୍କର୍ମ କରିଥିବାର ଦିବ୍ୟାଙ୍ଗର ପିତା ନେମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ନେମାଳ ଥାନା ପୋଲିସ ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ସମ୍ପର୍କୀୟ ଦାଦାକୁ ଗତ ୧୦ତାରିଖ ରାତ୍ରରେ ଉଠାଇ ନେଇଥିଲେ। ତେବେ ଅଭିଯୁକ୍ତ ଜଣକ ସ୍ଥାନୀୟ ଅଂଚଳର ଜଣେ ପ୍ରଭାବଶାଳୀ ରାଜନେତାଙ୍କ ଏକାନ୍ତ ଅନୁଗତ ହୋଇଥିବା କାରଣରୁ ତାଙ୍କୁ ଛାଡିଦେବା କିମ୍ବା ଘଟଣାର ରଫାଦଫା କରିଦେବା ନିମନ୍ତେ ପୋଲିସ ଉପରେ ରାଜନୈତିକ ଚାପ ପଡୁଥିଲା । ମାତ୍ର ଏସମ୍ପର୍କରେ ରାଜ୍ୟର ପ୍ରମୁଖ ଗଣ ମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଆଜି ପୋଲିସ ସମ୍ପୃକ୍ତ ଅଭିଯୁକ୍ତ ଦାଦାକୁ ଗିରଫ କରି କୋର୍ଟଚାଲାଣ କରିଥିବାର ଜଣାଯାଇଛି।

# ବେତନଟୀ ରୋଗୀକଲ୍ୟାଣ ସମିତି ବୈଠକ



ବେତନଟୀ(ଭାସ୍କର ନ୍ୟୁଜ୍): ବେତନଟୀ ଡାକ୍ତରଖାନା ସଭାଗୃହରେ ରୋଗୀକଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡାକ୍ତରଖାନା ଅଧିକାରୀ ସିପୁନ କୁମାର ପଣ୍ଡା ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି, ସମ୍ମାନିତ ଅତିଥି ଭାବେ ବେତନଟୀ ବିଡ଼ିଓ ସୁଶାନ୍ତ କୁମାର ସୂତାର ମଞ୍ଚାସୀନ ଥିଲେ। ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆବଶ୍ୟକ ଭିତ୍ତିଭୂମିର ବିକାଶ, ଜମି ବିବାଦର ସମାଧାନ, ଗୃହ ନିର୍ମାଣ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂସଦ ପ୍ରତିନିଧି ପ୍ରଦୀପ କୁମାର ପରିଡ଼ା, ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡା, ରୋଗୀ କଲ୍ୟାଣ ସମିତିର ସଦସ୍ୟ ଚୁଡ଼ାମଣି ମହାପାତ୍ର, ଛତିଶଚନ୍ଦ୍ର ପାତ୍ର, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ମଞ୍ଜୁଶ୍ରୀ ଦାସ, ବିପିଓ ସସ୍ମିତା ଦାଶ, ଅମିତାଭ ଦାଶ, ସନ୍ତୋଷ ଗିରି , କେଶ୍ୱ ନାଥ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ସରକାରୀ ଶିକ୍ଷକମାନଙ୍କର ଟିଉସନ ନିଶା ବନ୍ଦ ହେବାର ନାଁ ନଉନି

**ସୁରକ୍ଷା ଦେଉଛନ୍ତି ମଣ୍ଡଳ ଶିକ୍ଷାଧିକାରୀ**




କଣାସ(ଭାସ୍କର ନ୍ୟୁଜ୍): ବାରମ୍ବାର ଅଭିଯୋଗ ପରେ ଏବଂ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ପରେ ମଧ କଣାସ ବ୍ଲକ୍‌ରେ ସରକାରୀ ଶିକ୍ଷକ ମାନଙ୍କ ବେସରକାରୀ ଟିଉସନ ନିଶା ବନ୍ଦ ହେବାର ନା ନଉନି। ସୂଚନା ଥାଉକି ସରକାରଙ୍କ ନିୟମାନୁଯାୟୀ ସରକାରୀ ଶିକ୍ଷକ ମାନେ ବେସରକାରୀ ଟିଉସନ କରିପାରିବେ ନାହିଁ ବୋଲି ନିୟମ ରହିଛି ଏବଂ ଯାହା କିଛିଦିନ ପୂର୍ବରୁ କଣାସ ବ୍ଲକ୍ ରେ ତାହାର ଜୋରଦାର ବିରୋଧ ଦେଖିବାକୁ ମିଳିଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ଜିଲ୍ଲା ଶିକ୍ଷାଧିକାରୀ ଓ ମଣ୍ଡଳ ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ ପରେ ମଧ କୌଣସି ସୁଫଳ ମିଳିନଥିବାରୁ ଅଭିଯୋଗକାରୀ ମାନେ ଅତିରିକ୍ତ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିଛିଦିନ ପରେ ଅତିରିକ୍ତ ତହସିଲଦାରଙ୍କ ଅକସ୍ମାତ୍ ଚଢ଼ାଉରେ କଣାସ ବ୍ଲକର ଅନେକ ଶିକ୍ଷକ ଧରାପଡିଥିଲେ, ଏସବୁ ଜାଣି ମଧ ବ୍ଲକ ଶିକ୍ଷାଧିକାରୀ ଏବଂ ଜିଲ୍ଲା ଶିକ୍ଷାଧିକାରୀ ତାହାକୁ ଭ୍ରୁକ୍ଷେପ ନକରି ସେମାନଙ୍କୁ ଘଣ୍ଟ ଘୋଡାଇ ପରବର୍ତ୍ତୀ ମୁହୂର୍ତ୍ତରେ ସେମାନେ ଆଉ ଟିଉସନ କରିବେ ନାହିଁ ବୋଲି ଏକ (ଅଣ୍ଡରଟେକିଙ୍ଗ) ଅଙ୍ଗୀକାର ପତ୍ର ଲେଖି ନେଇଥିଲେ। କିନ୍ତୁ ଯାହା ଏବେ କେବଳ ଫାଇଲ ଭିତରେ ବନ୍ଦ ହୋଇଯାଇଛି। ପରବର୍ତ୍ତୀ ସମୟରେ ଏହି ନିୟମକୁ ଉଲଂଘନ କରିଦେଇ କିଛି ଶିକ୍ଷକ ଏବଂ ଖୋଦ୍ ମଣ୍ଡଳ ଶିକ୍ଷାଧିକାରୀଙ୍କ ଗ୍ରାମରେ ଥିବା ବିଦ୍ୟାଳୟ ଭିତରେ ସରକାରୀ ଶିକ୍ଷକ ଟିଉସନ କରୁଥିବା ସୂଚନା ମିଳିଥିଲା। କିନ୍ତୁ ଏହି କଥା କିଭଳି ମଣ୍ଡଳ ଶିକ୍ଷାଧିକାରୀ ଜାଣି ପାରୁନାହାନ୍ତି ନା ଜାଣି ମଧ ନିଜ ଗାଁ କଥା ବୋଲି ଚୁପ୍ ରହୁଛନ୍ତି ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି,ଏତେ ସବୁ ପରେ ମଧ ମଣ୍ଡଳ ଶିକ୍ଷାଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଯିବାସହ ମଣ୍ଡଳ ଶିକ୍ଷାଧିକାରୀଙ୍କ ବଦଳି କରିବା ନିମନ୍ତେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଯାହା ସ୍ପଷ୍ଟ କରୁଛି ମଣ୍ଡଳ ଶିକ୍ଷାଧିକାରୀ ବେଆଇନ କାମକୁ ପ୍ରଶୟ ଦେବାସହ ସରକାରୀ ନିୟମକୁ ଉଲଂଘନ କରୁଥିବା ଶିକ୍ଷକ ମାନଙ୍କୁ ଘଣ୍ଟ ଘୋଡାଇ ରଖୁଛନ୍ତି ।

# ଖଣି ଅଧିକାରୀଙ୍କୁ ବାଲିମାଫିଆଙ୍କ ସଂଘବଦ୍ଧ ଆକ୍ରମଣ

**ଥାନାରେ ଅଭିଯୋଗ**

ଜଳେଶ୍ୱର(ଭାସ୍କର ନ୍ୟୁଜ୍): ସୁବର୍ଣ୍ଣରେଖା ନଦୀରୁ କ୍ରମାଗତ ଭାବେ ଚୋରା ବାଲିଚାଲାଣ ହେଉଥିବାରୁ ଏଠାରେ ଦୁଇଜଣ କନିଷ୍ଠ ଖଣି ଅଧିକାରୀଙ୍କୁ ଅବସ୍ଥାପିତ କରାଯାଇଛି। ଗୁରୁବାର ରାତିରେ ଚାଲନ୍ତି ନିକଟରେ ମାଫିଆମାନେ ବାଲି ଉତ୍ତୋଳନ କରୁଥିବା ଖବର ପାଇ କନିଷ୍ଠ ଖଣି ଅଧିକାରୀ ଜିତେନ୍ଦ୍ର ଦାସ ଓ ଚିନ୍ମୟ ଜେନା ପୋଲିସ୍ ସହାୟତାରେ ଘଟଣାସ୍ଥଳକୁ ଯାଇଥିଲେ । ସେଠାରୁ ଫେରିବା ବେଳେ କେତେକ ବାଲି ମାଫିଆ ଗାଡି ଅଟକାଇ ସଂଘବଦ୍ଧ ଭାବେ ସେମାନଙ୍କୁ ଆକ୍ରମଣ କରିଥିଲେ । ଏଥିନେଇ ଆଜି ଜଳେଶ୍ୱର ଥାନାରେ ଅଭିଯୋଗ କରାଯିବା ସହିତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରିଛନ୍ତି ।

**॥ ବିବାହ ଶୋଭାଯାତ୍ରାରେ ମାଡ଼ପିଟ୍ ଘଟଣା ॥**

# ୪ ଅଭିଯୁକ୍ତ ଗିରଫ

ନିଶ୍ଚିନ୍ତକାଇଲି (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ କେଂଟାଲୋ ଗ୍ରାମପଂଚାୟତ ମଲ୍ଲିପୁରସ୍ଥିତ ଶ୍ରୀ ଶ୍ରୀ ରଘୁନାଥ ଜୀୟୁଙ୍କ ପବିତ୍ର ପୀଠକୁ ଆସୁଥିବା ବିବାହ ଶୋଭାଯାତ୍ରାରେ ହୋଇଥିବା ମାଡପିଟ ଘଟଣାରେ ଥାନା ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବାର ପୋଲିସ ସୂତ୍ରରୁ ପ୍ରକାଶ। ଗତ ରବିବାର ଦିନ ସନ୍ଧ୍ୟାରେ କେଂଟାଲୋ ଗ୍ରାମପଂଚାୟତ ଲୋକନାଥପୁର ଦଳିତ ସାହିର ଜନୈକ ବ୍ୟକ୍ତିଙ୍କ କନ୍ୟାର ବିବାହ ସ୍ଥାନୀୟ ଅସୁରେଶ୍ୱର ଗ୍ରାମପଂଚାୟତ ଭାରିଗୋଳ ଗ୍ରାମର ଜନୈକ ବ୍ୟକ୍ତିଙ୍କ ପୁତ୍ର ସହ ହୋଇଥିଲା। ତେବେ ବର ଶୋଭାଯାତ୍ରାରେ ଆସୁଥିଲା ବେଳେ ଡିଜେ ସାଉଣ୍ଡ ବଜା ଓ ନାଚିବା ଘଟଣାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ମାଡପିଟ ହୋଇଥିଲା। ଏହି ଘଟଣାରେ ଦୁଇ ଗୋଷ୍ଠୀର ୧୦ଜଣରୁ ଉର୍ଦ୍ଧ୍ୱ ଆହତ ହୋଇ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଅବସ୍ଥା ଉଦ୍‌ବେଗଜନକ ଥିବାରୁ କଟରପଡା ଗ୍ରାମର ୧୨ ବର୍ଷିୟ ବାଳକ ପ୍ରକାଶ କୁମାର ସାମଲଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରୀତ କରାଯାଇଥିଲା। ସମ୍ପ୍ରତି ପ୍ରକାଶ ଚିକିତ୍ସାଧିନ ରହିଥିବାର ଜଣାଯାଇଛି। ଏସମ୍ପର୍କରେ କଟରପଡା ଗ୍ରାମର ସଞ୍ଜୁକ୍ତା ମଲିକ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଥାନା କେଶ ନଂ ୧୧୫/୨୦୨୫ରେ ଏକ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ପୋଲିସ କେଂଟାଲୋ ଗ୍ରାମର ଖଗେଶ୍ୱର ମଲିକ(୩୮),ପ୍ରଶାନ୍ତ କୁମାର ମଲିକ(୨୨),ଅସୁରେଶ୍ୱର ଗ୍ରାମପଂଚାୟତ ଦିକ୍ଷିତପଡା ଗ୍ରାମର ଶକ୍ତିଶ୍ୱର ସେଠୀ(୨୫) କେନ୍ଦ୍ରାପଡା ସଦର ଥାନା ଅଧିନସ୍ଥ ଡାବଲ ଗ୍ରାମର ସୌଭାଗ୍ୟ ମଲିକ(୨୦)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବାର ଜଣାଯାଇଛି। ଅପରପକ୍ଷରେ ଏହି ଘଟଣାରେ ଶକ୍ତିଶ୍ୱର ସେଠୀ ସମ୍ପୃକ୍ତ ନଥିଲେ ମଧ୍ୟ ରାଜନୈତିକ ଚାପରେ ପୋଲିସ ତାଙ୍କୁ ଗିରଫ କରିଥିବାର ଅଭିଯୋଗ ହୋଇଛି। ଏଠାରେ ସୂଚନା ଯୋଗ୍ୟ ଯେ ଶକ୍ତିଶ୍ୱରଙ୍କ ଖୁଡି ଜସ୍ମିତା ସେଠୀ ବିଜେଡି ସମର୍ଥୀତ ଜିଲ୍ଲାପରିଷଦ ସଭ୍ୟା ଥିବା କାରଣରୁ ତାଙ୍କୁ ରାଜନୈତିକ ଆକ୍ରୋଶରେ ଗିରଫ କରାଯାଇଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ଏହି ଘଟଣାରେ ସମ୍ପୃକ୍ତ ଥିବା ମୁଖ୍ୟ ଆସାମୀ ସମେତ ଅନେକ ଅଭିଯୁକ୍ତ ଛାତି ଫୁଲାଇ ଖୁଲମ ଖୁଲା ଭାବେ ଦିବାଲୋକରେ ବୁଲୁଥିଲେ ମଧ୍ୟ ପୋଲିସ ସେମାନଙ୍କୁ କଣ ପାଇଁ ଗିରଫ କରୁନାହିଁ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ବିଜୁଳି ଉପଭୋକ୍ତା ମଞ୍ଚର ବାର୍ଷିକ ଅଧିବେଶନ



ଜଳେଶ୍ୱର(ଭାସ୍କର ନ୍ୟୁଜ୍): ନୂଆ ବଜାରସ୍ଥିତ ଭଞ୍ଜ ଭବନ ସଭାଗୃହରେ ଜଳେଶ୍ୱର ଉପଭୋକ୍ତା ମଞ୍ଚର ବାର୍ଷିକ ଅଧିବେଶନ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇ ଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଭାସ୍କର ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ। ଜଳେଶ୍ୱର ବିଜୁଳି ବିଭାଗର ବିଭିନ୍ନ ଅବ୍ୟବସ୍ଥା ତଥା ଅସହ୍ୟ ଗୁଳୁଗୁଳି ସମୟରେ ବାରମ୍ବାର ବିଜୁଳି କାଟକୁ ଉପଭୋକ୍ତା ମଞ୍ଚ ପକ୍ଷରୁ ଘୋର ନିନ୍ଦା କରାଯାଇ ଥିଲା। ଆଗାମୀ ଦୁଇ ବର୍ଷ ପାଇଁ ସଂଘର କର୍ମକର୍ତ୍ତା ଭାବରେ ଉପଦେଷ୍ଟା ଡ଼ଃ ରମାକାନ୍ତ ଭଞ୍ଜ, ପୂର୍ବତନ ଶିକ୍ଷକ ନେତା ରାଜାରାମ କର ଶର୍ମା, ସିତାଂଶୁ ସେନାପତି ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଥିଲେ। ସଭାପତି ଭାବରେ ଭାସ୍କର ଚନ୍ଦ୍ର ମିଶ୍ର, ସମ୍ପାଦକ ଇଂ ଶ୍ରୀମନ୍ତ ଘୋଷ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବରେ କମଳ ଚକ୍ରବର୍ତ୍ତୀ, ଅଶୋକ କୁମାର ଦାସ, ସୁବ୍ରତ ବେହେରା, ଦିଲ୍ଲୀପ କୁମାର ଗିରି, ସୁନୀଲ କୁମାର ନାୟକ, ଡ଼ଃ ଅଜିତ ମହାନ୍ତି, ଡ଼ଃ ଲଳିତ ରଞ୍ଜନ ସେନାପତି, ଶଙ୍କର ଲାଲ ଦେ ପ୍ରମୁଖ ନିର୍ବାଚିତ ହୋଇଥିଲେ। ଆଗାମୀ ଦିନରେ ଜଳେଶ୍ୱରର ବିଜୁଳି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ମଞ୍ଚ ପକ୍ଷରୁ ବିଜୁଳି ବିଭାଗର ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ରାଇବଣିଆ, ହାତୀଗଡ , ନାମ୍ପୋ, ଜଳେଶ୍ୱର ୧ ଓ ୨ ନମ୍ବର ସେକ୍ସନର ସେକ୍ସନ ଅଫିସର ମାନଙ୍କ ସହିତ ଆଲୋଚନା କରାଯାଇ ସ୍ଥାୟୀ ସମାଧାନର ପନ୍ଥା ନିର୍ଦ୍ଧାରଣ କରିବାକୁ ସ୍ଥିର କରାଗଲା। ଶେଷରେ ଭାସ୍କର ଚନ୍ଦ୍ର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଆବାସ ଯୋଜନା କାହାପାଇଁ ?**

# ଚାଳ ଛପର ଘରେ ବିତୁଛି ନାରାୟଣଙ୍କ ଜୀବନ



ନିଶ୍ଚିନ୍ତକାଇଲି (ଭାସ୍କର ନ୍ୟୁଜ୍): ଅସହାୟ ଓ ନିରାଶ୍ରୟ ପରିବାରକୁ ମୁଣ୍ଡ ଗୁଞ୍ଜିବା ନିମେନ୍ତ ସରକାରଙ୍କ ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯାଉଛି। ଏଥିନିମନ୍ତେ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ବିନିଯୋଗ କରାଯାଉଛି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ ଓରତି ଗ୍ରାମପଂଚାୟତ ବାରସାହି ଗ୍ରାମର ଗୋଟିଏ ଅସହାୟ ପରିବାର ଏକ ଚାଳ ଛପର ଘରେ ଅତ୍ୟନ୍ତ ଦୟନୀୟ ଭାବେ ବାସ କରୁଥିବାର ଅଭିଯୋଗ ହୋଇଛି। ଏହି ପରିବାର ନିମନ୍ତେ ଆବାସ ଯୋଜନା ସାତ ସପନ ପାଲଟିଥିବାର ଅଭିଯୋଗ ହୋଇଛି। ବାରସାହି ଗ୍ରାମର ନାରାୟଣ ଜେନା(୭୯) ଜଣେ ଅସହାୟ ଗରିବ ଶ୍ରେଣୀୟ ଚାଷୀ ଅଟନ୍ତି। ନାରାୟଣଙ୍କ ତେଲ ଲୁଣର ସଂସାର ପତ୍ନୀ ଓ ଏକମାତ୍ର ବେକାର ପୁତ୍ରକୁ ନେଇ ଗଠିତ। ବୟସାଧିକ୍ୟ ହେତୁ ନାରାୟଣ କୌଣସି କାମଧନ୍ଦା କରିପାରୁନାହାନ୍ତି। ଏପରିକି ତାଙ୍କର ପୁତ୍ର ମଧ୍ୟ ଜଣେ ବେକାର ଯୁବକ ଅଟନ୍ତି। ସରକାରଙ୍କ ତରଫରୁ ପ୍ରତିମାସରେ ଏହି ପରିବାରକୁ ୧୫ କିଗ୍ରା ଲେଖାଏଁ ମାଗଣା ଚାଉଳ ଯୋଗାଇ ଦିଆଯାଉଥିଲା ବେଳେ ନାରାୟଣ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି। ଯାହାକି ସମୁଦ୍ରକୁ ଶଙ୍ଖେ ସଦୃଶ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା କାରଣରୁ ନାରାୟଣ ନିଜ ପରିବାର ନିମନ୍ତେ ଏକ ସ୍ଥାୟୀ ପକ୍କାଗୃହ ନିର୍ମାଣ କରିପାରିନାହାନ୍ତି। ଦୀର୍ଘ ଦିନ ହେଲା ତାଙ୍କ ପରିବାର ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଚାଳ ଛପର ଘରେ ବାସ କରୁଛନ୍ତି। ଏହି ଚାଳ ଛପର ଘରକୁ ନାରାୟଣ ଅର୍ଥ ଅଭାବରୁ ଛପର କରିପାରିନାହାନ୍ତି। ଘର ଉପରେ ଚିରା ପାଲଜରି ଟଙ୍ଗା ଯାଇଛି। ଟିକିଏ ବର୍ଷା ହେଲେ ଘରେ ପାଣି ଲହଡି ଖେଳୁଛି। ଫଳରେ ପରିବାର ବର୍ଗ ବହୁ କଷ୍ଟରେ କାଳାତିପାତ କରୁଛନ୍ତି। ନିଶ୍ଚିନ୍ତେକାଇଲି ବ୍ଲକରେ ବହୁ ଥିଲା ବାଲା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ହାତେଇଥିବାର ନଜିର ଥିଲାବେଳେ ଏହି ପରିବାର ପାଇଁ ଆବାସ ଯୋଜନା ସାତ ସପନ ପାଲଟିଛି। ଗୋଟିଏ ଆବାସ ଯୋଜନା ନିମନ୍ତେ ନାରାୟଣ ଗାଁ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ନିକଟେର ଏକାଧିକବାର ଆବେଦନ ଓ ନିବେଦନ କରିଥିଲେ ମଧ୍ୟ ଏଥିପ୍ରତି କେହିହେଲେ କର୍ଣ୍ଣପାତ କରୁନଥିବାର ଅଭିଯୋଗ ହୋଇଛି। ନାରାୟଣର ଅଭିଯୋଗ ପତ୍ର ବ୍ଲକ ପ୍ରଶାସନର ନାଲି ଫାଇଲ ତଳେ ଚାପି ହୋଇ ରହିଯାଇଛି। ତେବେ ଏହି ଜରାଜୀର୍ଣ୍ଣ ବିପଦସଙ୍କୁଳ ଗୃହ ଆଗାମୀ ଦିନରେ ଏହି ପରିବାର ଜୀବନ ଦୀପକୁ ଲିଭାଇ ଦେବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହି ପରିବାରକୁ ଆବାସ ଯୋଜନରେ ଗୃହ ଯୋଗାଇ ଦେବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି।

# ୨ ମାଓବାଦୀ ଗିରଫ, ସାମଗ୍ରୀ ଜବତ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ପୋଲିସକୁ ମିଳିଛି ବଡ଼ ସଫଳତା। ଦୁଇ ମାଓବାଦୀକୁ ଗିରଫ କରିବା ସହ ମାଓ ସାମଗ୍ରୀ ଜବତ କରିଛନ୍ତି ସୁରକ୍ଷାକର୍ମୀ । ମାଲକାନଗିରି ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଶୁକ୍ରବାର ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ମାଲକାନଗିରି ଏସପି ବିନୋଦ ପାଟିଲ ସହ ବିଏସଏଫର ଦୁଇ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଦୁଇ ମାଓବାଦୀଙ୍କୁ ଗିରଫ କରାଯାଇଥିବା ଗଣମାଧ୍ୟମକୁ ସୂଚନା ଦିଆଯାଇଛି । ସୂଚନା ମୁତାବକ ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ ସୋଡିଗୁଡ଼ା ଏବଂ ତେନ୍ତୁଳିଗୁଡ଼ା ଗ୍ରାମ ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ମାଓ ଗତିବିଧି ସମ୍ପର୍କରେ ମାଲକାନଗିରି ପୋଲିସକୁ ସୂଚନା ମିଳିବା ପରେ ମାଲକାନଗିରିରୁ ଡିଭିଏଫ ର ଏକ ଦଳ ୧୨.୦୬.୨୦୨୫ ବାହାରି ୧୩.୦୬.୨୦୨୫ ମଧ୍ୟରାତ୍ରିରେ ଖବର ମୁତାବକ ସୋଡିଗୁଡ଼ା ଏବଂ ତେନ୍ତୁଳିଗୁଡ଼ା ଗ୍ରାମ ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ପହଁଚି ତଲାସୀ ଅଭିଯାନ କରୁଥିବା ବେଳେ ଶୁକ୍ରବାର ଭୋର ସକାଳ ସମୟରେ ଘଞ୍ଚ ଜଙ୍ଗଲ ଆଡ଼କୁ କିଛି ସନ୍ଦିଗ୍ଧ ବ୍ୟକ୍ତି ଦୌଡ଼ି ପଳାଇ ଯାଉଥିବା ଦେଖିବା ପରେ ସେମାନଙ୍କୁ ଯବାନମାନେ ଆତ୍ମସମର୍ପଣ କରିବାକୁ ଚେତାବନୀ ଦେଇଥିଲା । କିନ୍ତୁ ଚେତାବନୀକୁ ଅଣଦେଖା କରି ମାଓବାଦୀମାନେ ସୁରକ୍ଷାକର୍ମୀ ଦଳ ଉପରେ ଗୁଳି ଚଳାଇ ଜଙ୍ଗଲକୁ ପଳାଇ ଯାଇଥିଲେ। ନିଜ ଆତ୍ମରକ୍ଷାରେ ସୁରକ୍ଷାକର୍ମୀ ଦଳ ଗୁଳିଚାଳନା କରିବା ପରେ ଘଟଣାସ୍ଥଳରେ ତଲାସି ଆରମ୍ଭ କରିଥିଲେ ତଲାସୀ ବେଳେ ଦୁଇ ମାଓବାଦୀଙ୍କୁ ଜଙ୍ଗଲ ମଧ୍ୟରେ ଥିବା ଏକ ବୁଦାରେ ଲୁଚି ରହିବା ଦେଖି ସେମାନଙ୍କୁ ଯବାନମାନେ ଘେରାବନ୍ଦୀ କରି କାବୁ କରିବା ସହ ସେମାନଙ୍କ ଠାରୁ ମାଓ ସାମଗ୍ରୀ ଜବତ କରିବା ସମୟରେ ଅନ୍ୟ ମାଓବାଦୀମାନେ ସେଠାରୁ ଲୁଚି ପଳାଇ ଯିବାରେ ସଫଳ ହୋଇଥିଲେ। ଗିରଫ ହୋଇଥିବା ଦୁଇ ମାଓବାଦୀ ହେଲେ ଏସିଏମ କେଶା କାୱାସୀ, ଅନ୍ୟ ଜଣେ ହେଲେ ଏଓବି ମିଲେଟେରୀ ପ୍ଲାଟୁନ ସେକ୍ସନ-୧ର ରାକେଶଅ ସନୁ କୁଞ୍ଜାମ । ସେମାନଙ୍କ ଠାରୁ ଗୋଟିଏ ପିସ୍ତଲ, ୬ରାଉଣ୍ଡ ଗୁଳି, ୧୦ଟି ଇଲେକଟ୍ରିକ ଡିଟୋନେଟର, କୋଡେକ୍ସ ୱାଇର ୧୦ମିଟର ଗନପାଉଡ଼ର ୫୦ଗ୍ରାମ, ଦୁଇଟି ଷ୍ଟିଲ କଣ୍ଟେନର, ରେଡ଼ିଓ, ମୋଟରଲା ୱାକିଟକି, ଟର୍ଚ୍ଚ ଲାଇଟ, ଚାକୁ, କଳା ପଲିଥିନ, ମାଓ ସାହିତ୍ୟ ଏବଂ ଅନ୍ୟ ମାଓ ସାମଗ୍ରୀ ଡିଭିଏଫ ଯବାନମାନେ ଜବତ କରିଥିଲେ।

# ସିଏସ୍‌ଓ କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ଧାରଣ

କୋରାପୁଟ (ଭାସ୍କର ନ୍ୟୁଜ୍): ୩ରୁ ୪ଦିନ ହେବ ଟାଙ୍କୁଆ ଓ ଡଙ୍ଗର ଛିଞ୍ଚି ଲ୍ୟାମ୍ପସରେ ପଡି ରହିଛି ଧାନ । ଉଭୟ ମଣ୍ଡିରୁ କେଜିଏ ବି ଧାନ ଉଠାଇନଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ଚାଷୀ । ସିଏସଓ କାର୍ଯ୍ୟାଳୟ ଆଗରେ ଧାରଣାରେ ବସି ରହି ତୁରନ୍ତ ଧାନ ଉଠାଇବାକୁ ଦାବି କରିଛନ୍ତି ଚାଷୀ । ଆର୍ଦ୍ରତା ଠିକ୍ ନଥିବା ଦର୍ଶାଇ ମିଲର୍ସ କ୍ୱିଣ୍ଟାଲ ପିଛା ୫ରୁ ୧୦କେଜି ଧାନ କାଟୁଛନ୍ତି । ଏଫଏକ୍ୟୁ ମାନର ଧାନରେ କଟ୍‌ନି ଛଟ୍‌ନିକୁ ଚାଷୀ ବିରୋଧ କଲେ ମିଲର୍ସ ଧାନ ଉଠାଉନାହାନ୍ତି । ଟାଙ୍କୁଆ ଓ ଡଙ୍ଗର ଛିଞ୍ଚି ମଣ୍ଡିର ଧାନ କ୍ରୟ କରାଯାଇନି । ଡଙ୍ଗରଛିଞ୍ଚି ଲ୍ୟାମ୍ପସରେ ଲାଗିଥିବା ତାଲିକା ଅନୁଯାୟୀ ଚାଷୀ ମଣ୍ଡିକୁ ଧାନ ଆଣିଥିଲେ। କିନ୍ତୁ ମିଲର୍ସଙ୍କ ଦେଖାମିଳିନଥିଲା । ଫଳରେ ଟାଙ୍କୁଆ ଓ ଡଙ୍ଗରଛିଞ୍ଚି ପଂଚାୟତର ଚାଷୀ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇ ଖୁବଶୀଘ୍ର ମଣ୍ଡିରୁ ଧାନ ଉଠାଇବାକୁ ଦାବି କରିଥିଲେ । ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା ଉପସ୍ଥିତ ନଥିବା ଯୋଗୁଁ ଚାଷୀମାନେ ଫୋନ ମାଧ୍ୟମରେ ନିଜ ଦାବି ସମ୍ପର୍କରେ ଅବଗତ କରିଥିଲେ। ଆର୍ଦ୍ରତା ଠିକ୍ ଥିଲେ ମିଲର୍ସମାନେ ଅତିକମ୍‌ରେ କ୍ୱିଣ୍ଟାଲ ପିଛା ୫କେଜି ଓ ଆର୍ଦ୍ରତା ଠିକ୍ ନଥିଲେ ୧୦କେଜି କାଟିବାକୁ ଜିଦ୍ ଧରୁଛନ୍ତି । ମଣ୍ଡିରେ କଟନି ଛଟ୍‌ନି ହେଲେ ଧାନ ବିକ୍ରି କରିବାକୁ ଚାଷୀ ମନା କରିଦେଇଛନ୍ତି । ଡଙ୍ଗରଛିଂଚି ମଣ୍ଡିକୁ ଆରଏମ୍‌ସି କର୍ମଚାରୀ ଓ ଲ୍ୟାମ୍ପସ କର୍ମଚାରୀ ଯାଇଥିଲେ ମଧ୍ୟ ମିଲର୍ସଙ୍କ ଦେଖା ମିଳିନଥିଲା । ଚାଷୀଙ୍କ କହିବା କଥା ହେଲେ ମିଲର୍ସ ବିଭିନ୍ନ ବାହାନା କରି ଦିନ ଗଡାଉଛନ୍ତି । ମଣ୍ଡିକୁ ଆସୁନାହାନ୍ତି । ବର୍ଷା ଲାଗି ରହିଥିବାରୁ ଧାନ ନଷ୍ଟ ହେବାକୁ ବସିଲାଣି । ବର୍ତ୍ତମାନ ଡଙ୍ଗରଛିଂଚି ମଣ୍ଡିରେ ୨ହଜାର କ୍ୱିଣ୍ଟାଲ ଧାନ ପଡି ରହିଛି । ଧାନ ବିକ୍ରି ବିଳମ୍ବ ହେଉଥିବାରୁ ୪୦ରୁ ଉର୍ଦ୍ଧ୍ୱ ଚାଷୀ ଚିନ୍ତିତ ହୋଇ ପଡିଛନ୍ତି । ପ୍ରଶାସନ ଖୁବଶୀଘ୍ର ସମସ୍ୟାର ସମାଧାନ କରିବାକୁ ଚାଷୀ ଦାବି କରିଛନ୍ତି । ଡଙ୍ଗରଛିଂଚି ଲ୍ୟାମ୍ପସ ଏମ୍‌ଡି ସନ୍ତୋଷ ପାତ୍ରଙ୍କ ସୂଚନା ଅନୁଯାଇ, ଡଙ୍ଗରଛିଂଚି ମଣ୍ଡି ନିମନ୍ତେ ୬୦ ଏବଂ ଟାଙ୍କୁଆ ମଣ୍ଡି ନିମନ୍ତେ ମଧ୍ୟ ୬୦ ଚାଷୀଙ୍କୁ ଟୋକେନ ପ୍ରଦାନ କରାଯାଇଥିଲା । ମଣ୍ଡିରୁ ପ୍ରତିଦିନ ୫ହଜାର କ୍ୱିଣ୍ଟାଲ ଧାନ ଉଠାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଗତ ଗୁରୁବାରୁ ମିଲର୍ସଙ୍କୁ ଧାନ ଉଠାଇବା ପାଇଁ କୁହାଯାଉଛି । କିନ୍ତୁ କୌଣସି ମିଲର୍ସଙ୍କ ଦେଖା ମିଳୁନି । ଫଳରେ ଚାଷୀ ଟାଙ୍କୁଆ, ଡଙ୍ଗରଛିଂଚି ମଣ୍ଡିରେ ଧାନ ମହଜୁଦ କରି ରଖିଛନ୍ତି । ଯୋଗାଣ ବିଭାଗ ଅଧିକାରୀ ପ୍ରଦୀପ କୁମାର ପଣ୍ଡା କହିଛନ୍ତି , ବଲାଙ୍ଗିର ମିଲର୍ସ ଧାନ ଉଠାଇବେ । କଳାହାଣ୍ଡି ମିଲର୍ସ ଧାନ ଉଠାଇବାକୁ ମନା କରିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି। ଶନିବାର ଠାରୁ ସମସ୍ୟା ରହିବ ନାହିଁ । ଜିଲ୍ଲାପାଳ ମଧ୍ୟପ୍ରଦେଶ, ଛତିଶଗଡ ଗାଡି ଗୁଡିକୁ ଧାନ ଉଠାଇବାକୁ ଅନୁମତି ଦେଇଛନ୍ତି । ତେଣୁ ସୁରୁଖୁରରେ ଧାନ ଉଠିବ ବୋଲି ଶ୍ରୀ ପଣ୍ଡା କହିଛନ୍ତି । ଧାରଣାରେ ଚାଷୀ ସିଏଚ ହରିଶ, ଗୁରୁ ହରିଜନ, ଦୈତାରି ଗାଦବା, ଶ୍ୟାମ ଗାଦବା, ଆକାଶ ପାଢ଼ି, ରାମ ଲିଙ୍ଗେଶ୍ୱର ରାଓ, ରମେଶ ଚୌଧୁରିଙ୍କ ସମେତ ଅନ୍ୟଚାଷୀ ସାମିଲ ହୋଇଥିଲେ ।



ଓଡ଼ିଶା ଭାସ୍କର
ମହାନଗର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶନିବାର ଥିଲା ବିଶ୍ୱ ରକ୍ତଦାତା ଦିବସ । ଅମୁଲ୍ୟ ମାନବ ଜୀବନ ରକ୍ଷା କରିବା ପାଇଁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାର ସଙ୍କଳ୍ପ ନେବାକୁ ଆହ୍ୱାନ ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ । ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ, ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଶୁଭକାମନା। ଆସନ୍ତୁ ଅମୁଲ୍ୟ ମାନବ ଜୀବନ ରକ୍ଷା କରିବା ପାଇଁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାର ସଙ୍କଳ୍ପ ନେବା। ରକ୍ତ ଦାତା, ଜୀବନ ଦାତା । ବିଶ୍ୱ ରକ୍ତଦାତା ଦିବସ ଅବସରରେ ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ହୃଦୟରୁ ଅଶେଷ ଧନ୍ୟବାଦ ଜଣାଉଛି। ଆମ ରାଜ୍ୟରେ ରକ୍ତର ବହୁତ ଆବଶ୍ୟକତା ରହିଛି। ଏହାକୁ ପୂରଣ କରିବା ପାଇଁ ଆମ ସମସ୍ତଙ୍କୁ ପ୍ରୟାସ ଜାରି ରଖିବାକୁ ହେବ। ରକ୍ତଦାତା ଦିବସ ଅବସରରେ ଆସନ୍ତୁ ରକ୍ତଦାନ ପାଇଁ ଅନ୍ୟମାନଙ୍କୁ ଉତ୍ସାହିତ କରିବା ସହ ଜନ ସଚେତନତା ସୃଷ୍ଟି କରିବା।



## ପହିଲି ରଜର ମଉଜ

### ଟ୍ୱିନ୍‌ସିଟି ଉତ୍ସବ ମୁଖର

# ଦୋଳି ସାଙ୍ଗକୁ ରଜପାନ ମନ ମୋହିଲା

ଭୁବନେଶ୍ୱର/କଟକ (ଭାସ୍କର ନ୍ୟୁଜ୍): ପହିଲି ରଜରେ ଗାଁଠୁ ସହର ସବୁଠି ଉତ୍ସବର ପରିବେଶ । ରଜରେ ଝିଅମାନେ ସଜବାଜ ହୋଇ ଦୋଳି ଖେଳି, ପୋଡ ପିଠା ଖାଇ, ପାଦରେ ଅଳତା ଲଗାଇ ପାଳନ କରିଥାନ୍ତି । ରଜରେ ପୋଡପିଠା ଓ ରଜପାନର ମଜା ନିଆରା । ଆଜି ସକାଳୁ ସକାଳୁ ଗାଁ ଠୁ ସହର ପିଠା ଓ ମିଠାରେ ମହକୁଛି । ତିନି ଦିନ ଧରି ରଜ ପର୍ବ ପାଳନ ହେବାକୁ ଥିବା ବେଳେ ସହରରେ ଜମିଲାଣି ରଜ ଆସର । ଓଡ଼ିଆ ପରମ୍ପରା ଅନୁଯାୟୀ ରଜର ପ୍ରଥମ ଦିନକୁ ପହିଲି ରଜ, ଦ୍ୱିତୀୟ ଦିନକୁ ରଜ ସଂକ୍ରାନ୍ତି ଓ ତୃତୀୟ ଦିନକୁ ଭୂମି ଦହନ ବୋଲି କୁହାଯାଏ । ଚତୁର୍ଥ ଦିନରେ ବସୁମତୀ ମା'ଙ୍କୁ ସ୍ନାନ କରାଯାଇ ଶେଷ ହୋଇଥାଏ । ଟ୍ୱିନ୍‌ସିଟିରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଧୂମ୍‌ଧାମରେ ରଜପର୍ବ ପାଳନ କରାଯାଇଥିବା ବେଳେ ରଜଦୋଳିର ଆସର ପ୍ରତ୍ୟେକ ସ୍ଥାନରେ ହୋଇଥିବା ଦେଖିବାକୁ ମିଳିଛି । ଏହିସବୁ ସ୍ଥାନଗୁଡିକରେ ସହରବାସୀ ଭିଡ ଜମାଇ ରଜପାନ ଖାଇବା ସହ ପିଠାମିଠାରେ ଆପ୍ୟାୟିତ ହୋଇଛନ୍ତି । ଚଳିତବର୍ଷ ରଜପାନ ବଜାର ସରଗରମ ହୋଇଥିବା ବେଳେ ସହରର ପ୍ରତ୍ୟେକ ଗଳିକନ୍ଦିରେ ରଜପାନ ଷ୍ଟଲଗୁଡିକ ଖୋଲିଥିବା ଦେଖିବାକୁ ମିଳିଛି । ଏସବୁ ଷ୍ଟଲରେ ରଜପାନ ଖଣ୍ଡ ପିଛା ୨୦ଟଙ୍କାରୁ ଆରମ୍ଭ କରି ୧୦୦ ଟଙ୍କାରେ ବିକ୍ରି ହୋଇଥିବା ଦେଖିବାକୁ ମିଳିଛି । ତଥାପି ଗ୍ରାହକମାନେ ଦରକୁ ଖାତିର ନକରି ଏହାକୁ ସଂଗ୍ରହ କରିବାରେ ଲାଗି ପଡ଼ିଛନ୍ତି । ରାଜଧାନୀର ପାନ୍ଥନିବାସରେ ରଜ ଉତ୍ସବ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ବିଭିନ୍ନ ସପିଂମଲ୍‌ଗୁଡିକରେ ମଧ୍ୟ ରଜ ଉତ୍ସବ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଗଣପର୍ବ ରଜରେ ପ୍ରତ୍ୟେକ ପରିବାରରେ ପିଠାମିଠାରେ ସମସ୍ତେ ଆପ୍ୟାୟିତ ହେବା ସହ ସନ୍ଧ୍ୟା ହେଲେ ସପରିବାର ବିଭିନ୍ନ ସ୍ଥାନରେ ଆୟୋଜିତ ହୋଇଥିବା ରଜ ଉତ୍ସବରେ ଅଂଶଗ୍ରହଣ କରିଥିବା ଦେଖିବାକୁ ମିଳିଛି ।





ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ବିଶ୍ୱବିଦିତ । ଏଠାରେ ବାର ମାସରେ ତେର ପର୍ବ । ସେଥି ମଧ୍ୟରୁ ଗଣପର୍ବ ରଜ ଅନ୍ୟତମ । ରଜ ପର୍ବ ଆସିଲେ କୁଆଁରୀଙ୍କ ମନରେ ଅସୁମାରୀ ଆନନ୍ଦ ଖେଳିଯାଇଥାଏ । ରଜ ତିନିଦିନ ପାଳିବାକୁ ସେମାନେ ପୂର୍ବ ପ୍ରସ୍ତୁତି ଆରମ୍ଭ କରିଥାନ୍ତି । ତିନିଦିନରେ କିଭଳି କେଉଁ ଢଙ୍ଗରେ ପାଳିବେ ସେଥିପାଇଁ ନିଜସ୍ତରରେ ମନସ୍ଥ କରିଥାନ୍ତି । ଏହି ପର୍ବ ଆସିଲେ କୁମାରୀଙ୍କ ମନରେ ରଜଦୋଳି କଥା ମନେ ପଡ଼ିବା ସହ ରଜପାନ, ପୋଡ଼ପିଠା, ନବବସ୍ତ୍ର ପିନ୍ଧିବାର ମଉକା ମିଳିଥାଏ । ପହିଲି ରଜରେ କୁମାରୀମାନେ ପୁଚି ଖେଳଠାରୁ ଆରମ୍ଭକରି ମେହେନ୍ଦି, ଅଳତା ଆଦି ପରିଧାନ କରିବା ସହ ନବବସ୍ତ୍ର ପରିଧାନ କରି ରଜପାନରେ ଆପ୍ୟାୟିତ ହୋଇଥାନ୍ତି । ରାଜଧାନୀରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରଜ ଉତ୍ସବ ପାଳନ କରାଯାଉଥିବା ଦେଖିବାକୁ ମିଳିଥିବା ବେଳେ ଐତିହ୍ୟସମ୍ପନ୍ନ କଟକ ସହରରେ ମଧ୍ୟ ଏହି ପର୍ବକୁ ନିଆରା ଢଙ୍ଗରେ ପାଳିଛନ୍ତି । ରଜପର୍ବରେ ଦୋଳି ଖେଳର ମଜା ସାଙ୍ଗକୁ ରଜପାନ ସମସ୍ତଙ୍କ ମନ ମୋହିଛି ।

## ମହାନଦୀ ବିହାରରେ ରଜ ମହୋତ୍ସବ

କଟକ(ଭାସ୍କର ନ୍ୟୁଜ୍): ମହାନଦୀ ବିହାର ଡେଭଲପମେଣ୍ଟ ଆସୋସିଏସନ୍ ପକ୍ଷରୁ ସଭାପତି ସୟ କୁମାର ଜେନାଙ୍କ ଆବାହକତ୍ୱରେ ୧୧ଟି ସ୍ୱଂୟ ସହାୟକ ଗୋଷ୍ଠୀର ସଂଯୋଜନା କରୁଥିବା ଲେଲିନ ପ୍ରଭା ଓ ନିରୁପମା ପତିଙ୍କ ତତ୍ତ୍ୱାବଧାନରେ ଏବଂ ମହାନଦୀ ବିହାର ସାଂସ୍କୃତିକ ବିଭାଗର ଆବାହକ ସୁଶାନ୍ତ ଘୋଷ ଓ ହରିପ୍ରୀୟା ଧଳଙ୍କ ଦ୍ୱାରା ରଜ ମହୋତ୍ସବ ପାଳନ କରାଯାଇଛି। ଆସୋସିଏସନ୍ ପକ୍ଷରୁ ଶ୍ରେଷ୍ଠ ଓଡ଼ିଆଣୀ ସମ୍ମାନ ପ୍ରତିଯୋଗିତା କହୋଇଥିଲା। ଶ୍ରେଷ୍ଠ ଓଡ଼ିଆଣୀ ଭାବରେ କଲ୍ୟାଣୀ ଦଳେଇ ଙ୍କୁ ସମ୍ମାନିତ କରାଯାଇଥିଲା। ପିଠା, ମୁରଜ ଓ ରଜ ରଚନା ଇତ୍ୟାଦି ଅନ୍ୟାନ୍ୟ ସମୂହ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କ ସହିତ ୧୧ଟି ସ୍ୱଂୟ ସହାୟକ ଗୋଷ୍ଠୀକୁ ପ୍ରଯୋଜକ ସାଇ ୱାର୍ଲ୍ଡ ପକ୍ଷରୁ ସ୍ୱତନ୍ତ୍ର ଉପହାର ପ୍ରଦାନ କରାଯାଇଛି। ଏଥିରେ ମିଖ୍ୟ ଅତିଥି ଭାବେ ଚୌଦ୍ୱାର-କଟକବିଧାୟକ ସୌଭିକ ବିଶ୍ୱାଳ, ଓରମାସର ମୁଖ୍ୟ ବିପିନ ବିହାରୀ ରାଉତ, ରୁଚି ମସଲା ନିର୍ଦ୍ଦେଶକ ରଶ୍ମି ସାହୁ, ଥାନା ଅଧିକାରୀ ଚିଣ୍ଟେଶ୍ୱର ମୁଣ୍ଡା, କର୍ପୋରେଟର ଇଂ ସୁବ୍ରତ ଘଡେଇ, କଟକ କ୍ଲବ ସମ୍ପାଦକ ଶୁଭେନ୍ଦୁ ପଟନାୟକ ପ୍ରମୁଖ ଯୋଗ ଦେଇଥିଲେ।



## ସହରରୁ ଆସି ଗାଁରେ ପାଳିଲେ ରଜ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବନସ୍ତେ ଡାକିଲା ରଜ... ବରଷକେ ଥରେ ଆସିଛି ରଜ ଗୀତରେ ଆଜି ଝୁମିଛି ପୂରପଲ୍ଲୀ। ସୁସ୍ୱାଦୁ ପିଠା ମିଠା ରଜ ପାନର ଆସର ମଧ୍ୟରେ ଦୋଳି ଝୁଲି ଗାଁର ଝିଅ ବୋହୁ ମାନେ ଖୁବ ମଜା କରିଛନ୍ତି। ଏଥିରୁ ପୁଅ ମାନେ ବି ବାଦୟ ପଡ଼ି ନାହାନ୍ତି। ଏଭଳି ଏକ ରଜ ମଉଜ ଆୟୋଜିତ ହୋଇଯାଇଛି ବାଲିଅନ୍ତା ବ୍ଲକ ଅନ୍ତର୍ଗତ ବେଣୁପୁର ଗ୍ରାମର ମହାଜନ ସାହିରେ। ସାହି ଭିତରେ ଥିବା ଏକ ଆମ୍ବତୋଟାରେ ଦୋଳି ବନ୍ଧା ଯାଇଥିଲା। ସ୍ୱତନ୍ତ୍ର ବେଲୁନ ତୋରଣ କରି ରଜ ସ୍ମୃତିକୁ ମନେରଖିବା ପାଇଁ ସେଲ୍ଫି ପଏଣ୍ଟ ବି ହୋଇଥିଲା। ଚାକିରୀ, ବ୍ୟବସାୟ ପାଇଁ ସହରକୁ ବାଛିଥିବା ବ୍ୟକ୍ତିବିଶେଷ ବ୍ୟସ୍ତ ବହୁଳ ଜୀବନରୁ କିଛି ସମୟ ବାହାର କରି ଗାଁକୁ ଆସିଥିଲେ ରଜ ପାଳିବାକୁ। ସେମାନଙ୍କ କହିବା ଅନୁସାରେ ବର୍ଷର ଏହି ଗୋଟିଏ ଦିନକୁ ସେମାନେ ଅପେକ୍ଷା କରିଥାନ୍ତି କେମିତି ରଜ ବାହାନାରେ ଗାଁକୁ ଯାଇ ମଜା ମସ୍ତି କରିବେ, ଆଉ ଗାଁର ପ୍ରାକୃତିକ ପରିବେଶକୁ ମନଭରି ଉପଭୋଗ କରିବେ। ମହିଳାମାନେ ନିଜ ନିଜ ଘରୁ କିଏ ପୋଡ଼ ପିଠା, ଆରିସା ପିଠା, ଇଟିଲି, ବରା, ବିଭିନ୍ନ ପ୍ରକାର ମିଠା ସହ ରଜ ପାନ ଆଣି ରଜର ମଜାକୁ ଦ୍ୱିଗୁଣିତ କରିଥିଲେ। କେବଳ ସେତିକି ନୁହଁ ଟିକେ ସହରୀ ଢାଞ୍ଚାରେ କେକ୍ କାଟି ରଜ ସେଲିବ୍ରେସନ କରାଯାଇଛି। ଛୋଟ ପିଲା ମାନେ ମ୍ୟୁଜିକ ଚେୟାର, ନାଚ, ଗୀତ ସହିତ ଦୋଳି ଖେଳି ଖୁବ ଖୁସି ହୋଇଛନ୍ତି। ପରିଶେଷରେ ଭୋଜି ଖାଇ ପୁରୁଣା ଦିନର ସ୍ମୃତିକୁ ମନେପକାଇଥିଲେ ସମସ୍ତେ।

## ପୋଡପିଠା, ପୁଚି, ହୁଳହୁଳି ଓ ଅଳତା ପିନ୍ଧା ପ୍ରତିଯୋଗିତା

କଟକ(ଭାସ୍କର ନ୍ୟୁଜ୍): ସାମାଜିକ ଅନୁଷ୍ଠାନ 'ସୁନାଦୂବ' ପକ୍ଷରୁ ୩ ଦିନ ଧରି ପାଳନ କରାଯିବାକୁ ଥିବା ସଂସ୍କୃତି ଓ ପରମ୍ପରାର ପର୍ବ ରଜପର୍ବ ଭଗତପୁର, ବଗଲା ଲେନ୍‌ସ୍ଥିତ ଶାରଦା ଶିକ୍ଷା ନିକେତନ ପ୍ରାଙ୍ଗଣରେ ଉଦ୍‌ଘାଟିତ ହୋଇଯାଇଅଛି। ଏହି ଅବସରରେ ପ୍ରଥମ ଦିବସରେ ଅନୁଷ୍ଠାନ ତରଫରୁ ସହରର ଝିଅ ଓ ବୋହୁମାନଙ୍କ ମଧ୍ୟରେ ପାରମ୍ପରିକ ପୋଡପିଠା, ପୁଚି, ହୁଳହୁଳି ଓ ଅଳତା ପିନ୍ଧା ପ୍ରଭୃତି ପ୍ରତିଯୋଗିତା କରାଯାଇଥିଲା । ଅନୁଷ୍ଠାନର ଉପଦେଷ୍ଟା ବିଶ୍ୱଜିତ୍ ସୂର୍ଯ୍ୟବଂଶୀଙ୍କ ଅଧକ୍ଷତାରେଉତ୍ସବରେ ଦାସ୍ ହସ୍‌ପିଟାଲ୍‌ର ପରିଚାଳନା ନିର୍ଦ୍ଦେଶକ ହେମନ୍ତ ଭରଦ୍ୱାଜ ଉଦଘାଟକ ଭାବେ ଯୋଗ ଦେଇଥିବା ବେଳେ ରୋଟାରିଆନ୍ ଦେବେନ୍ଦ୍ରନାଥ ପାଢୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରଜ ଉତ୍ସବ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ବିବରଣୀ ପ୍ରଦାନ କରିବା ସହ ପାଶ୍ଚାତ୍ୟ ସଭ୍ୟତା ଚାପରେ ଏବଂ ଆଧୁନିକତା ଆଗରେ ପ୍ରାଚୀନ ପରମ୍ପରା ବୁଡିଯିବାକୁ ବସିଥିବା ବେଳେ ଅନୁଷ୍ଠାନ ପକ୍ଷରୁ ଏହି ପରମ୍ପରାକୁ ବଜାୟ ରଖିବା ପ୍ରଚେଷ୍ଟାକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ । ପ୍ରତିଯୋଗିତାକୁ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ସଂଘମିତ୍ରା ପ୍ରହରାଜ ଏବଂ ଶୁଭ୍ରାଂଶୁ ମିଶ୍ର ପ୍ରମୁଖ ପରିଚାଳନା କରିଥିବା ବେଳେ ମଞ୍ଜୁଲତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## କମ୍ୟୁନିଷ୍ଟ ନେତା ସୁରେଶ ବାରିକଙ୍କ ବିୟୋଗରେ ଶୋକ

କଟକ(ଭାସ୍କର ନ୍ୟୁଜ୍): ବରିଷ୍ଠ କମ୍ୟୁନିଷ୍ଟ ନେତା ସୁରେଶ ଚନ୍ଦ୍ର ବାରିକଙ୍କ ଆଜି ପୂର୍ବାହ୍ନରେ ଶଙ୍କରପୁରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପତ୍ନୀ, କନ୍ୟା, ପୁତ୍ର ଓ ପୁତ୍ରବଧୂ, ଜାମାତା ଏବଂ ଭ୍ରାତୃବର୍ଗମାନେ ଉପସ୍ଥିତ ଥିଲେ। ତାଙ୍କ ପରଲୋକ ଖର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ବାରିକ ଦୀର୍ଘ ୨୦ ବର୍ଷ ଧରି ସିପିଆଇର କଟକ ନଗର କମିଟି ସମ୍ପାଦକ ଏବଂ ୧୫ ବର୍ଷ କଟକ ଜିଲ୍ଲା କମିଟି ସମ୍ପାଦକ ଥିଲେ। ଏହାଛଡ଼ା ଇସ୍‌କଫର କର୍ମକର୍ତ୍ତା ଓ ବହୁ ଜନଆନ୍ଦୋଳନର ଅଗ୍ରଣୀ ନେତା ଥିଲେ। ଶଙ୍କରପୁର ସାହି ଅଧିକାରୀ, ବାଦାମବାଡ଼ି-ଶଙ୍କରପୁର ପୂଜା କମିଟି, ଶଙ୍କରପୁର ମଧ୍ୟଇଂରାଜୀ ବିଦ୍ୟାଳୟ ଓ ଛତ୍ରବଜାର ହାଇସ୍କୁଲ ପରିଚାଳନା କମିଟିର ସଭାପତି ଥିଲେ। ପୂର୍ବତନ ବିଧାୟକ ଡଃ ପ୍ରଭାତ ରଂଜନ ବିଶ୍ୱାଳ, ମେୟର ସୁବାସ ସିଂ, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ବରିଷ୍ଠ କମ୍ୟୁନିଷ୍ଟ ନେତା ଜୟନ୍ତ ଦାସ, ପୂର୍ବତନ ବିଧାୟକ ଏନ. ନାରାୟଣ ରେଡି,ଏଆଇଟିୟୁସି ସମ୍ପାଦକ କିଶୋର ଜେନା, ସିପିଆଇ କଟକ ଜିଲ୍ଲା ସମ୍ପାଦକ ବିନୋଦ ବେହେରା,ନଗର ସମ୍ପାଦକ ପ୍ରସନ୍ନ ମହାପାତ୍ର, ପ୍ରଣବ କିଶୋର ରାଉତରାୟ, ମିହିର ବିଶ୍ୱାଳ, କ୍ଷୀରୋଦ ବିଶ୍ୱାଳ, ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ଅମରେନ୍ଦ୍ର ମହାନ୍ତି, ବିଜେପି ନେତା ନୟନ କିଶୋର ମହାନ୍ତି ଦେବେନ୍ଦ୍ର ସାହୁ, ଭିକାରୀ ଦାସ, ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧା ନିବେଦନ କରିଥିଲେ। ସିପିଆଇ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା, ଆଡଭୋକେଟ୍ ସୁବୀର ପାଲିତ, ସିପିଆଇ (ଏମ୍) ରବୀନାରାୟଣ ମଲ୍ଲିକ, ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଡଃ ପ୍ରଶାନ୍ତ ମିଶ୍ର, ଇସ୍‌କଫ୍‌ର ସାଧାରଣ ସମ୍ପାଦକ ବିଜୟ ପଡ଼ିହାରୀ, ଇପ୍‌ଟାର ସାଧାରଣ ସମ୍ପାଦକ ସୁଷାନ୍ତ ମହାପାତ୍ର, କଂଗ୍ରେସ ନେତା ଓ କର୍ପୋରେଟର ସନ୍ତୋଷ କୁମାର ଭୋଳ ପ୍ରମୁଖ ଶୋକ ପ୍ରକାଶ କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ଡକାୟତି ଯୋଜନା ପଣ୍ଡ, ୬ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନନ୍ଦନକାନନ ଥାନା କଲ୍ୟାଣପୁର ଅଞ୍ଚଳରେ ଡକାୟତି ଯୋଜନା ପଣ୍ଡ ହୋଇଛି । ଡକାୟତି କରିବାକୁ ଯୋଜନା କରୁଥିବା ବେଳେ ୬ ଜଣ ଡକାୟତଙ୍କୁ ଗିରଫ କରିଛି ନନ୍ଦନକାନନ ଥାନା ପୋଲିସ। ସେମାନଙ୍କ ନିକଟରୁ ପୋଲିସ ଗୋଟିଏ ବନ୍ଧୁକ, ୬ଟି ଗୁଳି, ଲୁହା ରଡ଼, ଖଣ୍ଡା ସହ ସ୍କୋର୍ପିଓ ଗାଡି ଓ ଦୁଇଟି ବାଇକ ଜବତ ହୋଇଛି। ଗିରଫ ଡକାୟତ ମାନେ ହେଲେ ସୁଶୀଲ କୁମାର ସାହୁ, ସନ୍ତୋଷ ବେହେରା, ଜିତେନ୍ଦ୍ର ସ୍ୱାଇଁ, ମନୋଜ ସ୍ୱାଇଁ, ପ୍ରତାପ ସ୍ୱାଇଁ ଏବଂ ଗଣେଶ ଜେନା। ଗିରଫ ଅଭିଯୁକ୍ତ ମାନଙ୍କ ନାଁରେ କମିସନରେଟ ପୋଲିସର ବିଭିନ୍ନ ଥାନାରେ ମାମଲା ରହିଥିବା ତଦନ୍ତରୁ ଜଣାପଡିଛି। ବନ୍ଧୁକ କେଉଁଠୁ ଆଣିଲେ ସେନେଇ ଖୋଳତାଡ ଚାଲିଛି ବୋଲି କହିଛନ୍ତି ଜୋନ-୬ ଏସିପି ସୋନାଲି ପରମର।

## ସମସ୍ତ ଏୟାରପୋର୍ଟରେ ହେବ ଫୁଲ୍‌ସ୍କେଲ୍ ରିହାର୍ସଲ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅହମଦାବାଦ ପ୍ଲେନ କ୍ରାସ ପରେ ସବୁ ବିମାନ ବନ୍ଦରରେ ହେବ ଫୁଲସ୍କେଲ ରିହାର୍ସଲ ବା ମକ ଡ୍ରିଲ । ଏଥିପାଇଁ ନିର୍ଦେଶ ଦେଇଛି ଡିଜିସିଏ । ଆସନ୍ତା ଜୁନ ୩୦ରେ ହେବ ଏହି ରିହର୍ସଲ । ଏଥିରେ ସିଭିଲ ଏଭିଏସନର କର୍ମଚାରୀଙ୍କ ସହ ପୋଲିସ, ମେଡିକାଲ ଓ ଅଗ୍ନିଶମ ବି ଉପସ୍ଥିତ ରହିବେ । ଏ ନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ବିମାନ ବନ୍ଦର କର୍ତ୍ତୃପକ୍ଷ ପ୍ରସନ୍ନ ମହାନ୍ତି । ଅକସ୍ମାତ କୌଣସି ବିମାନ ଦୁର୍ଘଟଣା ଘଟିଲେ କେମିତି ପ୍ରଥମେ ରେସପନ୍ସ କରାଯିବ, ଆହତଙ୍କୁ କିପରି ପ୍ରାଥମିକତା ଦେଇ ଚିକିତ୍ସା ପାଇଁ ବାହାର କରାଯିବ, ପ୍ଲେନରେ ଥିବା ଯାତ୍ରୀଙ୍କ ସମ୍ପର୍କୀୟ ବିମାନ ବନ୍ଦରକୁ ଆସିଲେ ତାଙ୍କୁ କିପରି ମ୍ୟାନେଜ କରାଯିବ ଓ ଗଣମାଧ୍ୟମ ପାଇଁ ସ୍ୱତନ୍ତ୍ର ରୁମ କରାଯାଇ କିପରି ସବିଶେଷ ବିବରଣୀ ଠିକ ସମୟରେ ଦିଆଯିବ ସେ ନେଇ ମକ ଡ୍ରିଲ ହେବ ।

## ଉଚ୍ଛେଦ ହେବ ରନୱେ ନିକଟରେ ଥିବା ଲମ୍ବା ଗଛ


ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିମାନ ଟେକ ଅଫ ବେଳେ କାଳ ସାଜିପାରେ ଉଚ୍ଚ ଅଟ୍ଟାଳିକା କିମ୍ବା ଲମ୍ବା ଗଛ । କ୍ରାସ କରି ପାରେ ପ୍ଲେନ । ଭୁବନେଶ୍ୱର ବିମାନ ବନ୍ଦର ରନୱେ ନିକଟରେ ରହିଛି ଲମ୍ବା ଗଛ । ବିମାନକୁ ସୁରକ୍ଷିତ ରଖିବା ପାଇଁ ଏୟାରପୋର୍ଟ ଚାରିଆଡେ ସର୍ଭେ କରୁଛି ବିମାନ ବନ୍ଦରର ସ୍ୱତନ୍ତ୍ର ଟିମ ।

## ରାଜଧାନୀରେ ସିରିଜ୍ ଦୁର୍ଘଟଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ବାଣୀବିହାର ଓଭରବ୍ରିଜ ଉପରେ ସିରିଜ ଦୁର୍ଘଟଣା ଘଟିଛି। ଓଭରବ୍ରିଜ ଉପରେ ଅଟୋ କାର ବାଇକ ମଧ୍ୟରେ ଧକ୍କା ହେବାରୁ ଦୁର୍ଘଟଣା ଘଟିଛି। ଏଥିରେ ଅଟୋରେ ବସିଥିବା ଯାତ୍ରୀ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଛୋଟ ଶିଶୁ ଅଛନ୍ତି। ଘଟଣାସ୍ଥଳରେ ସହିଦନଗର ଥାନା ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛି।

## ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କ ପାଇଁ ମହମବତୀ ଯାତ୍ରା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ ରାମମନ୍ଦିର ଠାରେ ଶନିବାର ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀମାନଙ୍କର ଆତ୍ମାର ସଦ୍‌ଗତି ପାଇଁ ସମୂହ ପ୍ରାର୍ଥନା କରାଯିବା ସହ ସେଠାରେ ଯୁବ କଂଗ୍ରେସ କର୍ମୀମାନେ ମହମବତୀ ପ୍ରଜ୍ୱଳନ କରିଥିଲେ। ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ଅଧକ୍ଷତାରେ ଯୁବ କଂଗ୍ରେସ କର୍ମୀମାନେ ଏକ ଶୋଭାଯାତ୍ରାରେ କେନ୍ଦ୍ରୀୟ ବିଦ୍ୟାଳୟ ଠାରୁ ବାହାରି ରାମମନ୍ଦିର ପର୍ଯ୍ୟନ୍ତ ଯାଇ ସେଠାରେ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ରଞ୍ଜିବ ବିଶ୍ୱାଳ, ମହମ୍ମଦ ଇମ୍‌ଦାଦ, ଉଦିତ ପ୍ରଧାନ, ସୁଦିପ ସାମଲ, ନିହାର ରଞ୍ଜନ ବେହେରା, ସ୍ୱାଗତ କର, ସନ୍ଦିପ ସାମନ୍ତରାୟ, ମହମ୍ମଦ ପରଭେଜ, ସୁନିଲ ସାହୁ, ସୁରଜ ରାଉତ, ବିରଞ୍ଚି ବାରିକ ଓ କାର୍ତ୍ତିକେଶ୍ୱର କାଣ୍ଡି ପ୍ରମୁଖ ଯୁବ କଂଗ୍ରେସ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



କଟକ କଳାବିକାଶ କେନ୍ଦ୍ରଠାରେ ସୁର ମନ୍ଦିର ପକ୍ଷରୁ ରଜ ମହୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ

## 'ନିଶା ନୁହେଁ ଜୀବନ' ଶୀର୍ଷକ କର୍ମଶାଳା

 କଟକ(ଭାସ୍କର ନ୍ୟୁଜ୍): ରିଖ ବିଭିନ୍ନ ମାଦକ ଦ୍ରବ୍ୟ ବ୍ୟବହାରର କୁପରିଣାମ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ତଥା ବିଶେଷକରି ଯୁବପିଢୀଙ୍କୁ ନିଶା କବଳରୁ ମୁକ୍ତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ଉପରେ ଆଜି ଆମ ସଂକଳ୍ପ: ନିଶା ନୁହେଁ ଜୀବନ ଶୀର୍ଷକ ଆଲୋଚନାଚକ୍ରରେ ବିଶିଷ୍ଟ ବକ୍ତାମାନେ ମତପ୍ରକାଶ କରିଛନ୍ତି। ଶନିବାର ବାଲିଯାତ୍ରା ତଳ ପଡିଆରେ ଚାଲିଥିବା ବିକାଶ ମେଳା ଅବସରରେ ଅନୁଷ୍ଠିତ ଆଲୋଚନଚକ୍ରରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କଟକ ଜିଲ୍ଲାରେ ଅପମିଶ୍ରିତ, ବିଷାକ୍ତ ଓ ଚୋରା ମଦ କାରବାର ରୋକିବା ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ବିଷୟରେ ସୂଚନା ପ୍ରଦାନ କରିଛନ୍ତି। ଆଗକୁ ମହାବିଦ୍ୟାଳୟ ସ୍ତରରେ ନିଶାର କୁପ୍ରଭାବ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ନିଶାମୁକ୍ତି ଅଭିଯାନରେ ଗାନ୍ଧିଜୀଙ୍କ ଉକ୍ତିକୁ ଉଦ୍ଧାର କରି ନିଶା କବଳରୁ ଯୁବପିଢୀଙ୍କୁ ଦୁରେଇ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟ ବକ୍ତା ଡାକ୍ତର ପ୍ରଶାନ୍ତ ମହାପାତ୍ର ନିଶା ସେବନର କୁପରିଣାମ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଅବକାରୀ ଅଧିକ୍ଷକ ଶ୍ରୀ ତିୱାରୀ, ଅବକାରୀ ଅଧିକ୍ଷକ ଖୋର୍ଦ୍ଧା, ସୁମତି ତ୍ରିପାଠୀ, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ, ଅବକାରୀ ଉପ ଅଧିକ୍ଷକ, ଆଠଗଡ଼ ସିଏଚ ତିରୁପତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ନିଶା କବଳରୁ ମୁକ୍ତ ହୋଇ ନୂତନ ଜୀବନ ପାଇଥିବା ଅଶୋକ ରଞ୍ଜନ ସାମଲ, କମଳାକାନ୍ତ ସାମଲ, ସୁନୀଲ ସାମଲ, ଦୀପକ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପରେ ପରେ ନିଶା ନୁହେଁ ଜୀବନ ଶୀର୍ଷକ ଏକ ନାଟକ ମଞ୍ଚସ୍ଥ ହୋଇଥିଲା। ଦ୍ୱିତୀୟ ଅଧିବେଶରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଆଲୋଚନଚକ୍ର ଅନୁଷ୍ଠିତ ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।





"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ ।"

- ମହାତ୍ମା ଗାନ୍ଧୀ



"ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତଥାପି ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ୍ ।"

-ବି.ଆର୍ ଆମ୍ବେଦକର



# ମାଧବୀ ଲତା ଏବଂ ଚେନାବ୍ ପୋଲ କଥା



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

ପୃଥିବୀପୃଷ୍ଠରେ ଯଦି ସ୍ୱର୍ଗ କେଉଁଠି ଥାଏ ତାହା ଜାମ୍ମୁକାଶ୍ମୀର। ଅନୁପମ ସୌନ୍ଦର୍ଯ୍ୟର ଗନ୍ତାଘର କେନ୍ଦ୍ରଶାସିତ ଅଞ୍ଚଳ ଜାମ୍ମୁ-କାଶ୍ମୀରରେ ରେଳ ସଂଯୋଗ କେବଳ ଜାମ୍ମୁ ପର୍ଯ୍ୟନ୍ତ ଥିଲା। ଅଫୁରନ୍ତ ସୁଷମାମୟୀ କାଶ୍ମୀର ଉପତ୍ୟକା ଏବଂ ଏହାର କେନ୍ଦ୍ରରେ ଅବସ୍ଥିତ ସୁନ୍ଦର ସହର ଶ୍ରୀନଗରକୁ ରେଳସଂଯୋଗ ନଥିବାରୁ ଏହା ସମଗ୍ରଦେଶ ଠାରୁ ବିଚ୍ଛିନ୍ନ ହୋଇ ରହୁଥିଲା। ବର୍ଷର ଅଧାସମୟ ଅତିଶୟ ଥଣ୍ଡା ଓ ବରଫାବୃତ ରହିବା କାରଣରୁ ବସ୍ ବା ଟ୍ୟାକ୍ସି ନହେଲେ ବିମାନ ଦ୍ୱାରା ଯାତ୍ରା ସମ୍ଭବ ନଥିଲା। ଦୀର୍ଘସମୟର ଅପେକ୍ଷା ପରେ କାର୍ଯ୍ୟକ୍ଷମ ହୋଇଛି ସମଗ୍ର କାଶ୍ମୀରଉପତ୍ୟକାକୁ ଦେଶ ସହିତ ସଂଯୋଗ ପାଇଁ ନିର୍ମିତ ପୃଥିବୀର ସର୍ବୋଚ୍ଚ 'ଚେନାବ୍ ପୋଲ'। ଏହା ଫଳରେ ଭାରତୀୟ ରେଳ କନ୍ୟାକୁମାରୀ ଠାରୁ କାଶ୍ମୀର ପର୍ଯ୍ୟନ୍ତ ନିଜର ପଦପାତ କରିବାରେ ସଫଳ ହୋଇପାରିଛି। ଜାମ୍ମୁକାଶ୍ମୀରର ରିୟାସୀଜିଲ୍ଲାରେ ଚେନାବ୍ ନଦୀର ଉଭୟପାର୍ଶ୍ୱରେ ଅବସ୍ଥିତ ଦୁଇ ଗାଁ - ବକ୍କଲ୍ ଓ କୌରୀକୁ ଯୋଡୁଥିବା ୧୪୮୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ୪୬୭ ମିଟର ଦୀର୍ଘ ସିମେଣ୍ଟ୍ କଂକ୍ରିଟ୍ର ଏହି ପୋଲ ଦୁନିଆର ସର୍ବୋଚ୍ଚ ଧନୁଷାକାର ପୋଲ। ଭୂପୃଷ୍ଠର ୩୫୯ ମିଟର ଉଚ୍ଚତାରେ ଥିବା ଏହି ଧନୁଷାକାର ପୋଲ ଏକ 'ଯାନ୍ତ୍ରିକ ବିସ୍ମୟ'।

ରିୟାସୀଜିଲ୍ଲାର ଦୁଇପାହାଡ଼ ମଝିରେ ଅତି ତଳେ ଗଭୀରଖାଇରେ ଚେନାବ୍ ନଦୀ ପ୍ରବାହିତ। ୨୭୨ କିଲୋମିଟର ବିଶିଷ୍ଟ ଉଧାମ୍ପୁର ଓ ବାରମୂଲାକୁ ଯୋଡୁଥିବା ରେଳପ୍ରକଳ୍ପର ୧୩୧୫ ମିଟରର ଏହି ପୋଲର ସବୁଠାରୁ କଠିନ ଅଂଶ ଚେନାବ୍ ନଦୀର ପୋଲ ଥିଲା। ସଂଗଲଦାନ୍ ଏବଂ ରିୟାସୀ- ଏହି ଦୁଇ ଷ୍ଟେସନ୍କୁ ଯୋଡୁଥିବା ଏହି ରେଳପୋଲ ଦ୍ୱାରା କଟରାରୁ ଶ୍ରୀନଗର ୬/୭ ଘଣ୍ଟାର ଯାତ୍ରା ଅଧାସମୟରେ ଶେଷ ହେବ। ଘଣ୍ଟାକୁ ୨୬୬ କିଲୋମିଟର ବେଗର ପବନ ଓ ଆଠ ରିଚର୍ ସ୍କେଲ୍ର ଭୂମିକମ୍ପ ପ୍ରତିରୋଧ କରିବା ସହ ଚାଳିଶ ଟନ୍ ଟି.ଏନ୍.ଟି.ର ବିସ୍ଫୋରଣ ସହ୍ୟ କରିବା ପରି ଶକ୍ତି ପ୍ରଦାନ କରାଯାଇଛି। ୧୨୦ରୁ ୧୨୫ ବର୍ଷ ଆୟୁର ଏହି ପୋଲରେ ଏକ ସ୍ୱତନ୍ତ୍ର ରଙ୍ଗ ଲଗା ଯାଇଛି ଯାହା ଏହାକୁ ୨୦ ବର୍ଷ ପର୍ଯ୍ୟନ୍ତ କଳଙ୍କି ଧରିବାରୁ ରକ୍ଷା କରିବ। ନଦୀକୁ କୌଣସି କ୍ଷତି ନପହଞ୍ଚାଇ ଦୀର୍ଘ ୨୨ ବର୍ଷର କଠିନ ପରିଶ୍ରମ ପରେ ଗୋଟିଏ ପାହାଡ଼ରୁ ଅନ୍ୟ ପାହାଡ଼କୁ ନିର୍ମିତ ଏହି ବିରାଟ ପୋଲ ଉପରେ ବନ୍ଦେ ଭାରତ ବେଗଗାମୀ ରେଳଗାଡ଼ି କଟ୍ରା ଠାରୁ ଶ୍ରୀନଗର ଯାତ୍ରା କରିଛି।

୧୯୭୦ ଦଶକରୁ ଏହି ପୋଲ ନିର୍ମାଣ ଯୋଜନାର ପ୍ରସ୍ତାବ ଆରମ୍ଭ ହୋଇଥିଲା। ୧୯୮୩ ମସିହାରେ ଏହାର ଆଧାରଶୀଳା ରଖା ଯାଇଥିଲେ ହେଁ ୧୯୯୦ ଦଶକର ମଧ୍ୟଭାଗରେ ଏଥିପାଇଁ ଅର୍ଥବରାଦ କରାଗଲା। ଅପେକ୍ଷାକୃତ ସହଜ ଥିବା ଜାମ୍ମୁ-ଉଧାମ୍ପୁର ପୋଲ ୨୦୦୫ ମସିହା ସୁଦ୍ଧା ଶେଷ ହୋଇ କାର୍ଯ୍ୟକ୍ଷମ ହୋଇ ଯାଇଥିଲା। ଏହାପରେ ୨୦୦୮ ମସିହାରୁ ୨୦୧୩ ମସିହା ଭିତରେ ନିର୍ମାଣ ହୋଇଥିଲା ବାରମୂଲା ଏବଂ ବନିହାଲ୍ ରାସ୍ତା। ୨୦୧୪ ମସିହା ସୁଦ୍ଧା ଉଧାମ୍ପୁରରୁ କଟରା ରାସ୍ତା ନିର୍ମାଣ ଶେଷ ହୋଇ ଗମନାଗମନ ଆରମ୍ଭ ହୋଇଥିଲା। ବାକି ରହିଥିଲା ସବୁଠାରୁ କଷ୍ଟକର ଉଧାମ୍ପୁର-ଶ୍ରୀନଗର ରାସ୍ତା। ହିମାଳୟର ପୀରପାଞ୍ଜାଲ୍ ଶୃଙ୍ଖଳା ଦେଇ ନିର୍ମାଣ ହେବାକୁ ଥିବା ଉଧାମ୍ପୁର-ଶ୍ରୀନଗର ରାସ୍ତା ନିର୍ମାଣ ପାଇଁ ୧୯୯୭ ମସିହାରେ ସର୍ଭେ ଆରମ୍ଭ ହେଲା। ଏହିଖଣ୍ଡର ସବୁଠାରୁ ଆହ୍ୱାନପୂର୍ଣ୍ଣ ଥିଲା ବକ୍କାଲ୍ ଏବଂ କୌରୀ ମଧ୍ୟରେ ୨୩ କିଲୋମିଟରର ସୁଉଚ୍ଚପୋଲ ନିର୍ମାଣ। ସେଥିପାଇଁ ହିମାଳୟର ଭଙ୍ଗୁର ଭୂଗର୍ଭ ଖୋଲି ଅନେକ ସୁଡ଼ଙ୍ଗ ଏବଂ ଛୋଟଛୋଟ ପୋଲ ନିର୍ମାଣର ଆବଶ୍ୟକତା ଥିଲା। ଏହା ସହିତ ଯୋଡ଼ି ହୋଇଥିଲା ଚେନାବ୍ ନଦୀର ଅତ୍ୟନ୍ତ ଗଭୀର ଅଣଓସାରିଆ ଖାଇ।

ଏହି ପ୍ରକଳ୍ପ ୨୦୦୯ ମସିହା ସୁଦ୍ଧା ସମାପ୍ତ ହେବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର ପୋଲର ସୁରକ୍ଷା ଏବଂ ସ୍ଥାୟିତ୍ୱ ନେଇ ଆଶଙ୍କା ସୃଷ୍ଟି ହେବାରୁ ୨୦୦୮ ମସିହାରେ ଏହାର ନିର୍ମାଣ କାର୍ଯ୍ୟ ସ୍ଥଗିତ ରଖା ଯାଇଥିଲା। ମୂଳ ପୋଲର ଡିଜାଇନ୍ରେ ଅନେକ ପରିବର୍ତ୍ତନ କରାଯିବା ପରେ ୨୦୧୦ ମସିହାରୁ ପୁଣି ଥରେ ନିର୍ମାଣକାର୍ଯ୍ୟ ଆରମ୍ଭ ହେଲା। ଆହ୍ୱାନପୂର୍ଣ୍ଣ ଏହି ପୋଲର ଆଧାରର ଖମ୍ବ ନିର୍ମାଣକାର୍ଯ୍ୟରେ ନିୟୋଜିତ ଲୋକଙ୍କର ସାମର୍ଥ୍ୟ, ଧୈର୍ଯ୍ୟ, ତଲ୍ଲୀନତା ଏବଂ ଅନନ୍ୟ ଦେଶପ୍ରୀତିର ଫଳ ସ୍ୱରୂପ ୨୦୧୭ ମସିହାରେ ଶେଷ ହେଲା। ପୋଲର ଧନୁଆକାରର ଆଧାର ୨୦୨୨ ମସିହା ଅଗଷ୍ଟ ମାସରେ ସମାପନ ହେଲା। ଏହି ପ୍ରକଳ୍ପର ନିର୍ମାଣକାର୍ଯ୍ୟରେ ଦେଶବିଦେଶର ଅନେକ ସଂସ୍ଥା ନିୟୋଜିତ ହୋଇଥିଲେ। ୟୁରୋପୀୟ କଂସଲ୍ଟାନ୍ସି ସଂସ୍ଥା ଆଇ.ଟି.ଏ.ଏସ୍.ସି.ଏ. ଏବଂ ଭାରତୀୟ ପ୍ରୌଦ୍ୟୋଗିକ ଅନୁଷ୍ଠାନ, ଦିଲ୍ଲୀ ଏହାର ସ୍ଥାୟିତ୍ୱର ଉପଦେଷ୍ଟା ଥିବା ବେଳେ ଭୂକମ୍ପବାବଦୀୟ ଉପଦେଷ୍ଟା ଥିଲେ ଭାରତୀୟ ପ୍ରୌଦ୍ୟୋଗିକ ଅନୁଷ୍ଠାନ, ଦିଲ୍ଲୀ ଏବଂ ଭାରତୀୟ ପ୍ରୌଦ୍ୟୋଗିକ ଅନୁଷ୍ଠାନ, ରୁର୍କୀ। ଏହାର ନିର୍ମାଣକାର୍ଯ୍ୟ ଆଫ୍ କନ୍ସ୍ଇନ୍ଫ୍ରାଷ୍ଟ୍ରକ୍ଚର ଭିଏସ୍ଏଲ୍ ଇଣ୍ଡିଆ ଏବଂ ଦକ୍ଷିଣ କୋରିଆ କମ୍ପାନୀ ଅଲଟ୍ରା କନ୍ଷ୍ଟ୍ରକସନ୍କୁ ନେଇ ଗଠିତ ଚେନାବ୍ ବ୍ରିଜ୍ ପ୍ରୋଜେକ୍ଟ ଅଣ୍ଡରଟେକିଙ୍ଗ୍ ନାମକ ସଂସ୍ଥାକୁ ପ୍ରଦାନ କରାଯାଇଥିଲା।

## ମୁଦ୍ରା କାହାଣୀ

୨୦୨୨ ମସିହାରେ ସଂପୂର୍ଣ୍ଣ ହୋଇଥିବା ଏହି ପୋଲ ଉପରେ ରେଳଲାଇନ୍ ବିଛେଇବା କାମ ୨୦୨୩ ମସିହା ଫେବୃଆରୀ ମାସରେ ଆରମ୍ଭ ହେଲା। କଙ୍କଣ ରେଲୱେ ଏବଂ ଭାରତୀୟ ବିଜ୍ଞାନ ସଂସ୍ଥାନ, ବାଙ୍ଗାଲୁର ଦ୍ୱାରା ନିର୍ମିତ ଏହି ଏକଧାରଣାବିଶିଷ୍ଟ ରେଳରସ୍ତାରେ ୨୦୨୪ ମସିହା ଜୁନ୍ ମାସରେ ପରୀକ୍ଷାମୂଳକ ଭାବେ ରେଳ ଚଳାଚଳ ଆରମ୍ଭହେଲା। ଶେଷରେ ଅନେକଦିନର ପ୍ରତୀକ୍ଷା ପରେ ୨୦୨୫ ମସିହା ଜୁନ୍ ମାସ ଛ' ତାରିଖରେ ଏହି ପୋଲ ଦେଶ ଉଦ୍ଦେଶ୍ୟରେ ସମର୍ପିତ ହେଲା। ଭାରତୀୟ ବୈଷୟିକ ଜ୍ଞାନକୌଶଳର ଜୟଯାତ୍ରାରେ ଏହା ଏକ ଐତିହାସିକ ଦିନ।

ପ୍ରତ୍ୟେକ ବୃହତ ଏବଂ ମହତ କାର୍ଯ୍ୟ ପଛରେ ରହିଥାଏ କାହାରି ନ କାହାରି ଧୈର୍ଯ୍ୟ, କର୍ତ୍ତବ୍ୟପରାୟଣତା ଏବଂ ତ୍ୟାଗ। ପୃଥିବୀର ସର୍ବୋଚ୍ଚ ରେଳପୋଲର ନିର୍ମାଣରେ ନିଜର ଯୋଗଦାନ କରିଥିବା ଶତାଧିକ ଲୋକଙ୍କ ଭିତରେ ଯିଏ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛନ୍ତି ସେ ହେଉଛନ୍ତି ମହିଳା ଇଞ୍ଜିନିୟରିଂ ପ୍ରାଧାପିକା ଡ. ଜି ମାଧବୀ ଲତା। ଏହି ବିଶାଳପୋଲ ନିର୍ମାଣରେ ମାଧବୀ କେବଳ ନିଜବିଦ୍ୟାର ସୁଉପଯୋଗ କରିନାହାନ୍ତି ବରଂ ନିଜର ଅଦ୍ୱିତୀୟ ଦେଶପ୍ରୀତିର ପରିଚୟ ଦେଇଛନ୍ତି। ୨୦୦୫ରୁ ୨୦୨୨ - ଦୀର୍ଘ ସତରବର୍ଷ ଧରି ଚରମ ଶୀତଳ ଜଳବାୟୁ ଭିତରେ ପାହାଡ଼ିଆ ଅଞ୍ଚଳରେ ନିଜ ପରିବାର ଠାରୁ ଦୂରରେ ରହି ଭୂବୈଷୟିକ ଆହ୍ୱାନ, ନିତିନିତି ଉପୁଜୁଥିବା ନୂଆନୂଆ ସମସ୍ୟାର ଆଶୁସମାଧାନର ନୈପୁଣ୍ୟ ଏବଂ ତାତ୍କାଳିକ ସର୍ବେକ୍ଷଣ ଦକ୍ଷତାବଳରେ ସେ ପ୍ରମାଣ କରିଛନ୍ତି ଯେ ମହିଳା କେବଳ ପୁରୁଷଙ୍କର ସମକକ୍ଷ ନୁହେଁ, ଆବଶ୍ୟକସ୍ଥଳେ ସେ ନିଜକୁ ଆହୁରି ଉପରେ ସ୍ଥାନିତ କରିପାରେ। ନିଜର ବୁଦ୍ଧିମତ୍ତା ଏବଂ ଅନନ୍ୟ କର୍ତ୍ତବ୍ୟପରାୟଣତା ବଳରେ ସେ ଯାନ୍ତ୍ରିକ ଏବଂ ଭିତ୍ତିଭୂମି ବିକାଶରେ ଭାରତର ଶ୍ରେଷ୍ଠ ମହିଳାଙ୍କ ଭିତରେ ସ୍ଥାନ ଅଧିକାର କରିପାରିଛନ୍ତି।

ଛାତ୍ର ଜୀବନରୁ ଅତ୍ୟନ୍ତ ମେଧାବୀ ଡ. ମାଧବୀ ସିଭିଲ୍ ଇଞ୍ଜିନିୟରିଂରେ ପ୍ରଥମଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲାବେଳେ ଭୂବୈଷୟିକ ଇଞ୍ଜିନିୟରିଂରେ ଜାତୀୟ ବୈଷୟିକ ସଂସ୍ଥା, ଓ୍ୱରାଙ୍ଗଲ୍ରେ ସ୍ୱର୍ଣ୍ଣପଦକ ବିଜୟିନୀ ହୋଇଥିଲେ। ଭାରତୀୟ ପ୍ରୌଦ୍ୟୋଗିକ ସଂସ୍ଥା, ମାଡ୍ରାସ୍ରୁ ଭୂବୈଷୟିକ ଇଞ୍ଜିନିୟରିଂରେ ପିଏଚ୍.ଡି ଏବଂ ବେଙ୍ଗାଲୁରୁସ୍ଥିତ ଭାରତୀୟ ବିଜ୍ଞାନ ସଂସ୍ଥାନରୁ ପୋଷ୍ଟ୍ ଡକ୍ଟରାଲ୍ ଡିଗ୍ରୀ ଲାଭ କରି ସେହିଠାରେ ପ୍ରଧାପିକା ଭାବରେ କାର୍ଯ୍ୟରତ। ତାଙ୍କର ଅସାଧାରଣ ଅବଦାନ ପାଇଁ ସାରାଦେଶର ପ୍ରଶଂସାର କେନ୍ଦ୍ରବିନ୍ଦୁ ସାଜିଥିବା ଅତ୍ୟନ୍ତବିନମ୍ର ମାଧବୀ କିନ୍ତୁ ଦେଶକୁ ବାର୍ତ୍ତା ଦେଇ ତାଙ୍କୁ ସମସ୍ତ ଶ୍ରେୟ ନଦେବାକୁ ଅନୁରୋଧ କରି ଏହି 'ଇଞ୍ଜିନିୟରିଙ୍ଗ୍ ମାର୍ଭେଲ୍' ପାଇଁ ଭାରତୀୟ ରେଳ ତଥା ନିର୍ମାଣକାର୍ଯ୍ୟରେ ଯୋଗଦାନ କରିଥିବା ସମସ୍ତଲୋକ ଶ୍ରେୟର ଅଧିକାରୀ ବୋଲି କହିଛନ୍ତି।

ମାଧବୀଙ୍କ ସୂଚନା କହେ ପୋଲ ନିର୍ମାଣ ଅଞ୍ଚଳ ସେହି ସୀମାରେ ଅବସ୍ଥିତ ଯେଉଁଠାରୁ ହିମାଳୟ ଆରମ୍ଭ ହୋଇଛି। ପୃଥିବୀର ସର୍ବକନିଷ୍ଠ ପର୍ବତମାଳା ହିମାଳୟ କ୍ରମାଗତ ବଢୁଥିବାରୁ ସ୍ୱାଭାବିକ ଭାବେ ଉଭୟ ଭୂପୃଷ୍ଠ ଏବଂ ଭୁଗର୍ଭରେ ଅନେକ ଯୋଡ଼ ଏବଂ ବିଯୋଡ଼ ରହିଛି। ଏଠାର ମାଟି ଶକ୍ତ ନହୋଇ ଭୁରୁଭୁରିଆ। ତେଣୁ ଭୂବୈଷୟିକ ଦୃଷ୍ଟିରୁ ଏଠାରେ ଗାତ ଖୋଳି ଓଜନିଆ ଉଚ୍ଚଖମ୍ବ ପୋତିବା ସବୁଠାରୁ ବଡ଼ ଆହ୍ୱାନ ଥିଲା। ପ୍ରତିଟି ଗଡ଼ାଣିଆ ଅଂଶ ମାଧ୍ୟାକର୍ଷଣ ଶକ୍ତିର ବିପକ୍ଷରେ ଥିବାରୁ ନିର୍ମିତ ଆଧାର ଖସିଯିବାର ସମ୍ଭାବନା ଅଧିକ ଯାହା ଯେ କୌଣସି ନିର୍ମାଣର ସ୍ଥାୟିତ୍ୱ ପ୍ରତି ବିପଦ। ଏହାଛଡ଼ା ପୋଲ ହିମାଳୟର ଅତ୍ୟନ୍ତ ଭୂକମ୍ପପ୍ରବଣ ଅଞ୍ଚଳ ଜୋନ୍-୫ରେ ନିର୍ମାଣ କରାଯାଉଥିଲା। ଏହିସବୁ ଅତ୍ୟନ୍ତ କଷ୍ଟ ଓ ସମ୍ବେଦନଶୀଳ କାରଣ ଯୋଗୁ ପୋଲର ଆଧାରନିର୍ମାଣ ଅତ୍ୟନ୍ତ କଷ୍ଟକର ଥିଲା। ସାମାନ୍ୟ ତ୍ରୁଟି ସଂପୂର୍ଣ୍ଣପୋଲର ସ୍ଥାୟିତ୍ୱ ପ୍ରତି ବିପଦ ସୃଷ୍ଟି କରିବାର ସମ୍ଭାବନା ରହୁଥିଲା।

ଭୂକମ୍ପପ୍ରତିରୋଧକ ବିରାଟ ପୋଲ ନିର୍ମାଣ ପାଇଁ ପ୍ରଥମେ ସେହି ଅଞ୍ଚଳକୁ ସମତୁଲ କରିବାରେ ବାଧକ ସାଜିଥିବା ଗଡାଣିଆ ଯୋଡ଼ସବୁକୁ ସମାନ କରିବାର ଆବଶ୍ୟକତା ଥିଲା। ଏହି କଷ୍ଟକର କାମର ମାର୍ଗଦର୍ଶନ ଏବଂ ତଦାରଖ ମାଧବୀଙ୍କ ଉପରେ ନ୍ୟସ୍ତ ଥିଲା। ଅନେକଦିନ ସେ ଚବିଶଘଣ୍ଟା କାମ କରିଛନ୍ତି। ଏତେଉଚ୍ଚ ସ୍ଥାନ ଏବଂ ତା' ଭିତରେ ଅତି ଗଭୀରଖାଇକୁ ଜିନିଷପତ୍ର, ବିରାଟ ଆକାରର ମେସିନ ଏବଂ ମଣିଷ ଯିବା ଦୁରୂହ ବ୍ୟାପାର ଥିଲା। ସେସବୁ ସତ୍ତ୍ୱେ ପୋଲ ନିର୍ମାଣ ହୋଇ ବିଶ୍ୱରେ କିର୍ତ୍ତୀମାନ ସ୍ଥାପନ ହେଲା। ସତର ବର୍ଷ ପରେ ମାଧବୀ ନିଜ ପିଲାମାନଙ୍କୁ ନିଜ ହାତରେ ଗଢିଥିବା ସେ ଯାନ୍ତ୍ରିକବିସ୍ମୟକୁ ଦେଖେଇବାକୁ ନେଇଥିଲେ। ତାଙ୍କ ଭାଷାରେ - 'ଇମେଜ୍ କ୍ୟାନ୍ନଟ୍ ଡୁ ଜଷ୍ଟିସ୍। ଦି ମାଗ୍ନିଟ୍ୟୁଡ୍ ଅଫ୍ ଦି ବ୍ରିଜ୍ ହିଟ୍ସ୍ ହ୍ୱେନ୍ ୱାନ୍ ସିଜ୍ ଇଟ୍ ଇନ୍ ରିଅଲ୍'। ମାଧବୀଙ୍କ ପାଖରେ ଏ ଦେଶ ଚିରଦିନ କୃତଜ୍ଞ ରହିବ। ଭାରତ ମାତାର ଜୟ, ନାରୀ ଶକ୍ତିର ଜୟ।


# ଓଡ଼ିଆ ଭାଷା ସାହିତ୍ୟର ବିନ୍ଧାଣି ଫକୀରମୋହନ



ଚିତ୍ତରଞ୍ଜନ ପୃଷ୍ଟି
ନିମାପଡ଼ା, ପୁରୀ
ମୋ: ୯୭୭୮୧୭୭୫୦୧

ଓଡ଼ିଆ ଗଳ୍ପ ସାହିତ୍ୟର ଜନକ ତଥା କଥାସମ୍ରାଟ ଭାବେ ପରିଚିତ ବ୍ୟାସକବି ଫକୀରମୋହନ ସେନାପତି ୧୮୪୩ ମସିହା ଜାନୁଆରୀ ୧୩ ତାରିଖ ମକର ସଂକ୍ରାନ୍ତି ଦିନ ବାଲେଶ୍ୱର ଜିଲ୍ଲା ମଲିକାଶପୁର ଠାରେ ଭୂମିଷ୍ଠ ହୋଇଥିଲେ। ଓଡ଼ିଆ ଜାତୀୟ ସ୍ୱାଭିମାନର ଦିଗ୍‌ଦର୍ଶକ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପିତା ଥିଲେ ଲକ୍ଷ୍ମଣ ଚରଣ ସେନାପତି ଓ ମାତା ତୁଳସୀ ଦେଈ। ମାତ୍ର ଦେଢ଼ ବର୍ଷ ହୋଇଥିବା ବେଳେ ତାଙ୍କ ପିତାଙ୍କ ମୃତ୍ୟୁ ହୋଇଥିଲା। ଆଉ ପିତାଙ୍କ ମୃତ୍ୟୁର ମାତ୍ର ୧୪ ମାସ ପରେ ମା' ଇହଲୀଳା ସମ୍ବରଣ କରିଥିଲେ। ଅନାଥ ଫକୀରମୋହନ ନିଜ ଜେଜେମା କୋଚିଲାଦେଈଙ୍କ ଦ୍ୱାରା ପାଳିତ ହୋଇଥିଲେ। ବାଲ୍ୟାବସ୍ଥାରେ ବିଭିନ୍ନ ରୋଗମାନ ସର୍ବଦା ପୀଡା ଦେବାରୁ ତାଙ୍କ ଜେଜେମା ମହରମ୍ ସମୟରେ ତାଙ୍କୁ ଆଠ ଦିନ ପାଇଁ ଫକୀର କରି ଦେଇଥିଲେ। ଏଣୁ ତାଙ୍କ ନାମ 'ବ୍ରଜ ମୋହନ'ରୁ ବଦଳି 'ଫକୀରମୋହନ' ହୋଇଗଲା।

ଓଡ଼ିଆ ଭାଷା ଓ ଜାତି ଘୋର ସଙ୍କଟ ଦେଇ ଗତି କରୁଥିବା ସମୟରେ ଏହି ମହାନ ଯୁଗପୁରୁଷଙ୍କ ଆର୍ବିଭାବ ହୋଇଥିଲା। ଇଂରେଜଙ୍କ ସମେତ କିଛି ପଡ଼ୋଶୀ ରାଜ୍ୟ ଓଡ଼ିଆ ଭାଷା ସାହିତ୍ୟକୁ ଲୋପ କରିବାକୁ ଚେଷ୍ଟା କରୁଥିଲେ। ସେତେବେଳେ ବ୍ୟାସକବି ଫକୀର ମୋହନ ସେନାପତି ତ୍ରାଣକର୍ତ୍ତା ସାଜିଥିଲେ। ଉତ୍କଳଭାରତୀଙ୍କର ଅଦୃଶ୍ୟ ଆଶିଷ ତାଙ୍କ ମସୀ ମଧ୍ୟରେ ସଞ୍ଚରିତ ହୋଇଉଠିଲା। ତତ୍କାଳୀନ ଓଡ଼ିଶାର ସାମାଜିକ, ଶିକ୍ଷାଗତ, ସାଂସ୍କୃତିକ, ଅର୍ଥନୈତିକ ଓ ରାଜନୈତିକ ପରିସ୍ଥିତିର ବିଶ୍ୱସ୍ତ ଚିତ୍ରଣ ସହିତ ସେ ଓଡ଼ିଆ ସାହିତ୍ୟ ଜଗତରେ ଯୋଡ଼ି ଚାଲିଲେ ଐତିହାସିକ ଫର୍ଦ୍ଦମାନ। ଓଡ଼ିଆ ଭାଷା ସାହିତ୍ୟର ପ୍ରଚାରପ୍ରସାର ପାଇଁ ଅଣ୍ଟା ଭିଡ଼ିଥିଲେ। ଜାତୀୟ ଶିକ୍ଷାନୀତିରେ କେନ୍ଦ୍ର ସରକାର ଏବେ ଆଞ୍ଚଳିକ ଭାଷାକୁ ଗୁରୁତ୍ୱ ଦେଉଥିବା ବେଳେ ଫକୀର ମୋହନ ସେତେବେଳେ ସେ କଥା ଚିନ୍ତା କରିଥିଲେ । ଓଡ଼ିଆ ସାହିତ୍ୟକୁ ତାଙ୍କର ଥିଲା ଅନନ୍ୟ ଦାନ। ନିଜ ଲେଖନୀ ମୁନରେ ସିଏ ଓଡ଼ିଆ ଭାଷାକୁ ଜୀବନ୍ତ କରି ଗଢି ତୋଳିଥିଲେ।



ଯେତେବେଳେ ଓଡ଼ିଆ ଜାତି ପଦ୍ୟ ସାହିତ୍ୟରେ ଉତ୍କର୍ଷ ଲାଭ କରିଥିଲା, କିନ୍ତୁ ଗଦ୍ୟ ସାହିତ୍ୟ ଦୃଷ୍ଟିରୁ ଅତି ପଛରେ ଥିଲା ସେତେବେଳେ ଫକୀରମୋହନ କ୍ଷୁଦ୍ର ଗଳ୍ପ ଓ ଉପନ୍ୟାସ ରଚନା କରି ଓଡ଼ିଆ ଗଦ୍ୟ ସାହିତ୍ୟକୁ ନୂତନ ଦିଗ୍‌ଦର୍ଶନ ଦେଇଥିଲେ। ଏହି ଦୃଷ୍ଟିରୁ ତାଙ୍କୁ ଓଡ଼ିଆ ସାହିତ୍ୟର ଯୁଗସ୍ରଷ୍ଟା କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧିରେ ତାଙ୍କର ଅବଦାନ ଏ ଜାତି ପାଇଁ ସର୍ବଦା ଅବିସ୍ମରଣୀୟ ହୋଇ ରହିଛି। ସଂକ୍ରାନ୍ତି ପୁରୁଷ ଫକୀରମୋହନ ସେନାପତିଙ୍କ ବହୁମୁଖୀ ପ୍ରତିଭା ଏବଂ ସେତେବେଳର ସାମାଜିକ ବିକାଶ କ୍ଷେତ୍ରରେ ବଳିଷ୍ଠ ଅବଦାନ ଥିଲା। ଗମ୍ଭୀର ଶବ୍ଦମାଳାକୁ ଗୁନ୍ଥି ଓଡ଼ିଆ ସାହିତ୍ୟକୁ ଅନେକ କାଳଜୟୀ ରଚନା ଭେଟି ଦେଇଛନ୍ତି ଫକୀରମୋହନ ସେନାପତି। ତାଙ୍କ ରଚନାବଳୀ ଯେତେ ସୁନ୍ଦର, ସେତେ ଜଟିଳ ଏଣୁ ବ୍ୟାସକବି ଉପାଧିରେ ଭୂଷିତ ହୋଇଥିଲେ ଓଡ଼ିଶା ମାଟିର ବରପୁତ୍ର। ସାହିତ୍ୟ ଜଗତରେ ଲେଖକ, ଗାଳ୍ପିକ, କବି ଭାବରେ ଏବଂ ସମାଜ ପାଇଁ ଦାର୍ଶନିକ ଓ ସମାଜ ସଂସ୍କାରକ ଭାବେ ବ୍ୟାସକବିଙ୍କର ବଳିଷ୍ଠ ଅବଦାନ ରହିଛି। ସେ ଓଡ଼ିଆ ସାହିତ୍ୟ ଇତିହାସରେ ଜଣେ ଯୁଗସ୍ରଷ୍ଟା ସାରସ୍ୱତ ସାଧକ ରୂପେ ପରିଚିତ।

ଗଳ୍ପ, ଉପନ୍ୟାସ, କବିତା, ପ୍ରବନ୍ଧ, ଆତ୍ମଚରିତ ରଚନା କରି ସ୍ୱକୀୟ ମହିମାରେ ଉଦ୍ଭାସିତ ତଥା ନିଜର ସୃଷ୍ଟି ମର୍ଯ୍ୟାଦାକୁ ବହୁଗୁଣିତ କରାଇ ସଂକ୍ରାନ୍ତି ପୁରୁଷ ଫକୀରମୋହନ ସେନାପତି ବନିଯାଇଥିଲେ ଓଡ଼ିଆ ସାହିତ୍ୟ ଜଗତର କଥାସମ୍ରାଟ।

ଛ'ମାଣ ଆଠ ଗୁଣ୍ଠ, ମାମୁଁ ଓ ପ୍ରାୟଶ୍ଚିତ ଭଳି କାଳଜୟୀ ରଚନା ସାମାଜିକ ଜୀବନର ବାସ୍ତବଧର୍ମୀ ବ୍ୟବସ୍ଥାର ଛବି ଦେଖାଏ। ଛ' ମାଣ ଆଠ ଗୁଣ୍ଠ, ଭୂମିହୀନ ଚାଷୀର ଶୋଷଣ ଚିତ୍ରକୁ ଗଳ୍ପର ରୂପ ଦେବାରେ ପ୍ରଥମ ଭାରତୀୟ ଉପନ୍ୟାସ। ପେଟେଣ୍ଟ ମେଡ଼ିସିନ, ଡାକମୁନିସୀ ଭଳି ଗଳ୍ପ ଆଜି ମଧ୍ୟ ପାଠକର ହୃଦୟ ବାନ୍ଧି ରଖୁଛି।

୧୮୯୮ରେ ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶିତ 'ରେବତୀ' ପ୍ରଥମ କ୍ଷୁଦ୍ର ଗଳ୍ପ ଭାବେ ସମାଜରେ ଝିଅର ଶିକ୍ଷାକୁ ନେଇ ପ୍ରଚଳିତ କୁପ୍ରଥାର ଦାରୁଣ ଚିତ୍ର ବଖାଣିଥାଏ। ଫକୀରମୋହନଙ୍କ ଦ୍ୱାରା ରଚିତ 'ଆତ୍ମ ଜୀବନ ଚରିତ' ହେଉଛି ଓଡ଼ିଶାର ପ୍ରଥମ ଆତ୍ମକାହାଣୀ। କ୍ଷୁଦ୍ର ଗଳ୍ପ ଲେଖନୀର ସ୍ରଷ୍ଟା ଫକୀରମୋହନଙ୍କର ରାଣ୍ଡିପୁଅ ଅନନ୍ତା, ସଭ୍ୟ ଜମିଦାର, ସୁନାବୋହୂ, ଅଜାନାତିକଥା, ବଗଲାବଗୁଲି, ଧୂଳିଆବାବା ଓ ପାଠୋଇ ବୋହୂ ଭଳି ଆହୁରି ବିଭିନ୍ନ ଗଳ୍ପ ରହିଛି ଯାହା ସମାଜର ବାସ୍ତବତାର ଦୃଶ୍ୟ ଆଙ୍କିଥାଏ। ଫକୀରମୋହନଙ୍କର ସାହିତ୍ୟ ପ୍ରତି ଥିବା ଉଲ୍ଲେଖନୀୟ ଅବଦାନ ଦେଖି ମାୟାଧର ମାନସିଂହ ତାଙ୍କୁ ଓଡ଼ିଶାର ଥୋମାସ ହାର୍ଡ଼ି ବୋଲି ବର୍ଣ୍ଣନା କରିଥିଲେ। ଓଡିଆ ଭାଷା ପ୍ରତି ଅଭୂତପୂର୍ବ ଅବଦାନ ହେତୁ ବାମଣ୍ଡା ରାଜଦରବାର ତରଫରୁ ତାଙ୍କ ଜୀବନକାଳ ମଧ୍ୟରେ ୧୯୧୬ ମସିହାରେ ତାଙ୍କୁ 'ସରସ୍ୱତୀ' ଉପାଧିରେ ଭୂଷିତ କରା ଯାଇଥିଲା। ନିଜସ୍ୱ ଉଦ୍ୟମରେ ଏକା ସମଗ୍ର ରାମାୟଣ ଓ ମହାଭାରତର ଓଡ଼ିଆ ଅନୁବାଦ କରିଥିବା ହେତୁ ଶ୍ରଦ୍ଧାରେ ଲୋକେ ତାଙ୍କୁ 'ବ୍ୟାସକବି' ଉପାଧି ମଧ୍ୟ ଦେଲେ । ତାଙ୍କ ରଚିତ ଲେଖା ମାନ ହୋଇଛି କାଳସ୍ପର୍ଶୀ ଓ କାଳଜୟୀ। ତାଙ୍କ ରଚନା ସମଗ୍ର ଭାରତରେ ଏକ ଅନବଦ୍ୟ ସୃଷ୍ଟି।

ସଂକ୍ରାନ୍ତି ପୁରୁଷ ଫକୀରମୋହନ ସେନାପତି ସୃଷ୍ଟି କରିଥିବା ଏହି ସାରସ୍ୱତ ସମ୍ଭାର ସଂଜୀବନି ସାଜି ମୁମୂର୍ଷୁ ଓଡ଼ିଆ ଭାଷାର ପ୍ରାଣକୁ ଦେଲା ନୂତନ ଜୀବନ। ଯେବେ ଓଡ଼ିଆ ଜାତି ନିଜ ଭାଷା ଓ ପରିଚୟ ପାଇଁ ସଂଘର୍ଷରେ ଯୁଦ୍ଧ କରୁଥିଲା, ସେବେ ନିଜ ଲେଖନୀ ଅସ୍ତ୍ରରେ ସଂଗ୍ରାମକରି ଦୃଢ଼ ନେତୃତ୍ୱ ନେଇ ଓଡ଼ିଆ ଜାତିର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ଫକୀରମୋହନ। ସେ କହିଛନ୍ତି ମାତୃଭାଷାକୁ ହରାଇ କୌଣସି ରାଷ୍ଟ୍ର ଅଗ୍ରଗତି କରିପାରିବ ନାହିଁ। ସାମାଜିକ ଜୀବନରେ ଭୀରୁତା, ଅଶିକ୍ଷା ଓ କୁସଂସ୍କାର ବିରୁଦ୍ଧରେ ତାଙ୍କର ଅଙ୍ଗୀକାରବଦ୍ଧ ସଂଗ୍ରାମ ଓଡ଼ିଆ ଜାତିକୁ ଏକ ନୂତନ ଦିଗ ଦେଖାଇଥିଲା। ଫକୀର ମୋହନ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଆସନ୍ନ ବିପଦ ସମୟରେ ଏବଂ ଏହାର ସୁରକ୍ଷା ନିମିତ୍ତ ଜଣେ ଜାଗ୍ରତ ସେନାପତି ଭାବେ ଚିରସ୍ମରଣୀୟ ଓ ବନ୍ଦନୀୟ।

୧୯୧୮ ମସିହା ଜୁନ ମାସ ୧୪ ତାରିଖରେ ରଜ ସଂକ୍ରାନ୍ତି ଅବସରରେ ସେ ଇହଧାମ ତ୍ୟାଗ କରିଥିଲେ। ପବିତ୍ର ମକର ସଂକ୍ରାନ୍ତିରେ ଧରାବତରଣ ଏବଂ ରଜ ସଂକ୍ରାନ୍ତିରେ ଦେହତ୍ୟାଗ କରିଥିବା ଫକୀରମୋହନ ଓଡ଼ିଆଙ୍କ ପାଇଁ ଥିଲେ ସଂକ୍ରାନ୍ତି ପୁରୁଷ। ଓଡ଼ିଆ ଗଦ୍ୟସାହିତ୍ୟର ସେଥିଲେ ଅପ୍ରତିଦ୍ୱନ୍ଦୀ ସମ୍ରାଟ। ଓଡ଼ିଆ ଭାଷା ସାହିତ୍ୟର ସେ ଥିଲେ ନିଖୁଣ ବିନ୍ଧାଣି। ଜାତିର କର୍ଣ୍ଣଧାର ଓ ପରମ ନମସ୍ୟ ଏହି ମହାପୁରୁଷଙ୍କ ମହାପ୍ରୟାଣ ତିଥିରେ ମୋର ଗଭୀର ଶ୍ରଦ୍ଧାଞ୍ଜଳି।

# ମାତୃଶକ୍ତି ଉପାସନାର ଅନନ୍ୟ ପରମ୍ପରା : ରଜ



ଲଳିତ ମୋହନ ମିଶ୍ର
କୁରାଳ, ନୟାଗଡ଼
ମୋ: ୯୪୩୭୯୮୫୮୬୬

ଭାରତୀୟ ସଭ୍ୟତା ଓ ସଂସ୍କୃତି ସର୍ବଦା ନାରୀକୁ ସମ୍ମାନ ଦେଇଆସିଛି। ଭାରତୀୟ ସଂସ୍କୃତି ଓ ସଭ୍ୟତାର ଉଷାକାଳ କୁହାଯାଉଥିବା ପ୍ରାକ୍ ଐତିହାସିକ ଯୁଗରୁ ଆରମ୍ଭ କରି ଆଧୁନିକ ଯୁଗ ପର୍ଯ୍ୟନ୍ତ ନାରୀମାନେ ସମ୍ମାନୀତ। ଭୀଷ୍ମ ପିତାମହ କହିଥିଲେ, ଯେଉଁ ଘରେ ନାରୀକୁ ସମ୍ମାନ, ଆଦର କରାଯାଏ ସେହି ଘରେ ଲକ୍ଷ୍ମୀ ବାସ କରନ୍ତି। କିନ୍ତୁ ଯେଉଁ ଘରେ ନାରୀକୁ ଅସମ୍ମାନ କରାଯାଏ ସେଠି ଦେବତାମାନେ ମଧ୍ୟ ଫେରି ଯାଆନ୍ତି। ସେହି ଘରେ ସର୍ବଦା ଦୁଃଖ ଓ ବିବାଦର ସ୍ଥିତି ଲାଗି ରୁହେ।

ଋକ୍ ବେଦରେ କୁହାଯାଇଛି - "ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ଦେବତାଃ"। ଅର୍ଥାତ୍ - ଯେଉଁଠି ନାରୀମାନଙ୍କୁ ପୂଜା କରାଯାଏ ସେଠାରେ ଦେବତାମାନେ ବିଚରଣ କରନ୍ତି। ପୁରାଣ ବର୍ଣ୍ଣିତ କଥାକୁ ଦେଖିଲେ ଜଗନ୍ନାଥଙ୍କ ପତ୍ନୀ ହେଉଛନ୍ତି ମହାଲକ୍ଷ୍ମୀ ଯିଏ କି ଅମାପ ଧନର ଅଧିକାରିଣୀ ତଥା ସମଗ୍ର ଜୀବଜଗତ ପ୍ରାଚୁର୍ଯ୍ୟର ଦେବୀ, ନାରୀମାନଙ୍କୁ ପୁରୁଷ ସହ ସମକକ୍ଷ କରିବାକୁ ଯାଇ ସଂହାର କର୍ତ୍ତା। ମହେଶ୍ୱରଙ୍କ ଅର୍ଦ୍ଧ ନାରେଶ୍ୱର ରୂପ ବି ନାରୀଙ୍କ ପ୍ରତି ଉଚ୍ଚାସନର ଆଉ ଏକ ନିଦର୍ଶନ। ଶକ୍ତିର ପ୍ରତୀକ ସ୍ୱରୂପ ମା' ଦୁର୍ଗା, ଜ୍ଞାନର ଦେବୀ ଭାବେ ମା' ସରସ୍ୱତୀ, ପାପନାଶିନୀ ମା' କାଳୀ ଏବଂ ସର୍ବୋପରି ଭାରତୀୟ ନାରୀ ଯଥା- ଗଙ୍ଗା, ଯମୁନା, ସରସ୍ୱତୀ, ନର୍ମଦା, କାବେରୀ ଭାବେ ନାମକରଣ କରିବା ସହ ନଦୀମାନଙ୍କୁ ମା'ର ଆଖ୍ୟା ମଧ୍ୟ ଦିଆଯାଇଛି। ଭାରତୀୟ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ସ୍ନାନ କଲାବେଳେ ମଧ୍ୟ କୁହାଯାଏ- 'ଗଙ୍ଗେଚ ଯମୁନେ ଶ୍ଚୈବ ଗୋଦାବରୀ ସରସ୍ୱତୀ, ନର୍ମଦେ ସିନ୍ଧୁ କାବେରୀ ଜଳେସ୍ମିନ୍ ସନ୍ନିଧିଂ କୁରୁ'।

ନାରୀ ବିନା ଏ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି ଅସମ୍ଭବ। ପ୍ରକୃତିର ଦୁଇଟି ସୃଷ୍ଟି ହେଉଛି ପୁରୁଷ ଓ ନାରୀ। ନାରୀ ବିନା ପୁରୁଷ ଅଧା। ଶୁଭକାର୍ଯ୍ୟ ଯଥା ଗୃହ ପ୍ରତିଷ୍ଠା, ଶ୍ରାଦ୍ଧ ଆଦି ପୂଜା ପର୍ବାଣ କାର୍ଯ୍ୟରେ ବିନା ସ୍ତ୍ରୀରେ ଏସବୁ କାର୍ଯ୍ୟ ସମ୍ପାଦନା ହୁଏନାହିଁ। ଏ ସମାଜ ନାରୀର ଭିନ୍ନ ଭିନ୍ନ ନାମକରଣ କରିଥିବାରୁ 'ଭାର୍ଯ୍ୟା', ପୁରୁଷ ସହ ରହୁଥିବାରୁ 'ସହଧର୍ମୀଣୀ', ପୁରୁଷ ସହ ମିଶି କାର୍ଯ୍ୟ ସମ୍ପାଦନା କରୁଥିବାରୁ 'ଅର୍ଦ୍ଧାଙ୍ଗିନୀ', ବହନ କରୁଥିବା ଯୋଗ୍ୟ କାରଣରୁ 'ବଧୂ', ପୁରୁଷର ସ୍ନେହକୁ ବହନ କରୁଥିବାରୁ 'ଭୋମା' ଏବଂ ଋକ୍ ବେଦ ଅନୁସାରେ ପରିବାରର ସୂତ୍ରଧାର ଓ ସନ୍ତାନ ସନ୍ତତି ଜନ୍ମ ହେଉଥିବାରୁ ତାକୁ 'ଜନ୍ମଦାତ୍ରୀ' ବୋଲି ମଧ୍ୟ କୁହନ୍ତି। ସେମାନେ ସଂସାରର କାହାରି ଠାରୁ ତୁଳନାତ୍ମକ ଭାବେ କୌଣସି ଗୁଣରେ କମ୍ ନୁହଁନ୍ତି । ସେ ଅବଳା ନୁହେଁ କି ଦୁର୍ବଳତା ନୁହେଁ। 'ଭାରତୀୟ ସଭ୍ୟତା ଓ ସଂସ୍କୃତିର ଆଉ ମହନୀୟତା ହେଉଛି,ଏକତ୍ର ପୁରୁଷ ଓ ନାରୀର କାର୍ଯ୍ୟ ସମ୍ପାଦିତ ସମୟରେ ନାରୀର ନାମ ଉଚ୍ଚାରଣ ହୁଏ ଯଥା - ଉମାମହେଶ୍ୱର, ରାଧେଶ୍ୟାମ, ସୀତାରାମ, ଲକ୍ଷ୍ମୀନାରାୟଣ, ଲକ୍ଷ୍ମୀ ନୃସିଂହ। ଯଦିଓ ଶାରୀରିକ ବିଶିଷ୍ଟତା କାରଣରୁ ପୁରୁଷ ଓ ନାରୀ ଦୁଇଟି ଅଲଗା କିନ୍ତୁ ପୁରୁଷ ଓ ନାରୀଙ୍କ ମିଳନରେ ପ୍ରକୃତି ସୃଷ୍ଟି ହୁଏ। ଶାସ୍ତ୍ରରେ ନାରୀମାନଙ୍କୁ ସପ୍ତ ସଦ୍‌ଗୁଣର ଅଧିକାରିଣୀ ବୋଲି କୁହାଯାଇଛି। ସତ୍ୟ, ପ୍ରେମ, ଧର୍ମ, ଶାନ୍ତି, ସହନ, ଆନନ୍ଦ ଓ ସହନଶୀଳତା।

କୁମାରୀମାନଙ୍କ ପାଇଁ ରଜପର୍ବ ହେଉଛି ଏକ ଶିକ୍ଷା ପ୍ରଦାୟିନୀ ପର୍ବ। ବଡ଼ି ଭୋରରୁ ଉଠି ଏମାନେ ପାଦରେ ଅଳତା, ମଥାରେ କୁଙ୍କୁମ ଓ ହାତରେ ମେହେନ୍ଦୀ ଆଦି ବିଭିନ୍ନ ଚିତ୍ର କରି ନୂତନ ବସ୍ତ୍ରରେ ସଜବାଜ ହୁଅନ୍ତି ଓ ରଜ ଦୋଳି ଖେଳନ୍ତି। କୁମାରୀମାନେ ରଜପର୍ବର ମଉଜ ଭିତରେ ଜଣେ ନାରୀର ଚଳଣି, ଆଚାର ସଂହିତାକୁ ବିଧିଭାବରେ ପାଳନ କରନ୍ତି। ଭବିଷ୍ୟତରେ ଯେତେବେଳେ ଝିଅଟିଏ ନାରୀ ଭୂମିକାରେ ଅବତୀର୍ଣ୍ଣ ହୋଇ କର୍ତ୍ତବ୍ୟ ସମ୍ପାଦନ କରେ, ଏହି ଆଚାରସଂହିତା ତାକୁ ସହାୟ ହୋଇଥାଏ। ରଜ ତିନିଦିନ ଧରି ରଜସ୍ୱଳା ନାରୀଭାବେ ଧରଣୀମାତାକୁ କଷ୍ଟ ନ ଦେଇ ଭୂମି କର୍ଷଣ ନକରି ବିଶ୍ରାମ ଦେଲାଭଳି କଟା, ବଟା ଆଦି ଗୃହକର୍ମ ନକରି କୁମାରୀମାନେ ବିଶ୍ରାମ କରନ୍ତି। ଏହି ପର୍ବ ପାଳନ ବେଳରେ ଘରର ଘରଣୀ ମାନେ ସାଧାରଣତଃ କାମରୁ ଛୁଟି ନେଇ ନାନାଦି ଖେଳ ଖେଳନ୍ତି। ଅଭିଆଡ଼ି ଝିଅ ମାନେ ଶାଢ଼ୀ ପିନ୍ଧି ଦୋଳି ଖେଳ, ପୁଚି ଖେଳ ଆଦିରେ ସମୟ ଅତିବାହିତ କରିଥାଆନ୍ତି। ଦୋଳି ଖେଳ ସମୟରେ ସେମାନେ ଗୋଟିଏ ଗୀତ ଗାଉଥାଆନ୍ତି। ସେହି ଗୀତଟି - 'ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ, ଆସିଛି ରଜ ଲୋ, ଘେନି ନୂଆ ସଜବାଜ'।

ରଜ ଓଡ଼ିଶାର ଏକ ପାରମ୍ପାରିକ ଗଣପର୍ବ। ରଜପର୍ବ ମୁଖ୍ୟତଃ ତିନିଦିନ ଧରି ପାଳନ ହେଉଥିଲେ ମଧ୍ୟ ପ୍ରାୟ ଏହାର ପ୍ରଭାବ ଚାରିଦିନ ଧରି ରହିଥାଏ। ରଜର ପୂର୍ବ ଦିନକୁ ସଜବାଜ ଓ ପ୍ରଥମ ଦିନକୁ 'ପହିଲି ରଜ', ମଝି ଦିନକୁ ରଜ ସଂକ୍ରାନ୍ତି ଓ ଶେଷ ଦିନକୁ ବାସିରଜ କୁହାଯାଏ। ଏହାର ଦ୍ୱିତୀୟ ଦିନରେ ମିଥୁନ ମାସର ଆରମ୍ଭ ଓ ଏହା ପରେ ବର୍ଷା ଋତୁର ଆରମ୍ଭ ହୁଏ। ରଜର ଆକ୍ଷରିକ ଅର୍ଥ ରଜବତୀ ହେବା, ଯାହା ପୃଥିବୀକୁ ମାତା ଭାବରେ ବିବେଚନା କରି ବର୍ଷାର ଆଗମନରେ ସେ ରାଜସ୍ୱଳା ହେବାର ଓ ନୂଆ ଶସ୍ୟ ଜନ୍ମ ହେବାର ସାଂକେତିକ ଭାବ ବହନ କରିଥାଏ।

ରଜ ତିନିଦିନ ନାରୀମାନଙ୍କୁ ଖାଲି ପାଦରେ ଭୂମିକୁ ସ୍ପର୍ଶ କରିବା ପାଇଁ ମନା କ'ଣ ପାଇଁ କରାଯାଇଛି ? ଲୋକ କଥାରୁ ଜଣାଯାଏ ଯେ ଚାରିଦିନ କୌଣସି ନାରୀ ଧରିତ୍ରୀ ମାତାଙ୍କୁ ଖାଲି ପାଦରେ ସ୍ପର୍ଶ କରନ୍ତି ନାହିଁ କିମ୍ବା ଭୂମି ଉପରେ ଖାଲି ଶୁଅନ୍ତି ନାହିଁ। ରୋଦ୍ରତାପରେ ଦଗ୍ଧ ହେଉଥିବା ଧରିତ୍ରୀ ମା' ପ୍ରାକ୍ ମୌସୁମୀର ପହିଲି ସ୍ପର୍ଶରେ ଲଜ୍ଜାଶୀଳ ବା ରଜସ୍ୱଳା ହୁଏ। ରଜସ୍ୱଳା ନାରୀ ଚାରି ଦିନ ଅଛୁଆଁ ରହିଲା ପରି ମାଟି ମା' ବହୁଧା ମାତାକୁ ଅକ୍ଷତ ଓ ଅସ୍ପୃଶ୍ୟ ରଖାଯାଏ। ସେଥିପାଇଁ ଏହି ଚାରିଦିନରେ କୌଣସି କୃଷି କାର୍ଯ୍ୟ ବା ହଳ ଲଙ୍ଗଳ କାମ ହୁଏନାହିଁ କିମ୍ବା ଧରିତ୍ରୀ ମାତାଙ୍କୁ ଖାଲି ପାଦରେ ସ୍ପର୍ଶ କରାଯାଏ ନାହିଁ। ଧରିତ୍ରୀ ମାତାଙ୍କୁ ରଜସ୍ୱଳା ସ୍ତ୍ରୀ ସହିତ ତୁଳନା କରାଯାଏ ?

ଧରିତ୍ରୀ ମାତା ପହିଲି ବର୍ଷାର ପହିଲି ସ୍ପର୍ଶରେ ରଜସାବ୍ରିତ ହୋଇ ନିଜ ସନ୍ତାନ ପାଇଁ ଶସ୍ୟ ଉତ୍ପାଦନ କ୍ଷମତା ପ୍ରାପ୍ତ ହୁଏ। ଏହି କାରଣରୁ ଧରିତ୍ରୀ ମାତାକୁ ରଜସ୍ୱଳା ସ୍ତ୍ରୀ ସହିତ ତୁଳନା କରାଯାଏ। ସମାଜର ମୁଖ୍ୟ ଅର୍ଥନୀତି କୃଷି ହୋଇଥିବାରୁ ଚାଷ କାର୍ଯ୍ୟ ଭଲ ଓ ଫସଲ ଅତ୍ୟଧିକ ଅମଳ ହେବା ଲକ୍ଷ୍ୟରେ ପ୍ରତ୍ୟେକ ଚାଷୀ ଧରିତ୍ରୀ ମା'ଙ୍କୁ ପୂଜା କରିଥାଆନ୍ତି । ଏହି ମାସକୁ ଦାମ୍ପତ୍ୟ ଜୀବନର ସର୍ବଶ୍ରେଷ୍ଠ ସମ୍ଭୋଗର ମାସ ବୋଲି କୁହାଯାଏ। ମା'ଟିଏ ଯେମିତି ପ୍ରଜନନ ପୂର୍ବରୁ ବିଶ୍ରାମ ଆବଶ୍ୟକ କରେ, ସେମିତି ପ୍ରଜନନକ୍ଷମ ହେବାକୁ ଯାଉଥିବା ମାଟି ମା'କୁ ରଜ ଚାରିଦିନ ବିଶ୍ରାମ ଦିଆଯାଏ ବୋଲି ବିଶ୍ୱାସ କରାଯାଏ। ଏହି ପର୍ବ ମାତୃଶକ୍ତି ଉପାସନା ପାଇଁ ଉଦ୍ଦିଷ୍ଟ। ଓଡ଼ିଶାର ବିଭିନ୍ନ ଶକ୍ତିପୀଠରେ ପୂଜାର୍ଚ୍ଚନା କରି ଦେବୀ ଆରାଧନା କରାଯାଏ।

# ପାନ : ଜିଣି ନିଏ ମନ



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ
ମୋ: ୯୪୩୭୭୨୯୩୮୪

ପାନ ସହ ଓଡ଼ିଶାବାସୀ ବେଶ୍ ପରିଚିତ। ପାନକୁ ତାମ୍ବୁଳ, ଭୃଜଗଲତା, ସପ୍ତଲତା, ନାଗବଲ୍ଲୀ କୁହାଯାଏ। ଓଡ଼ିଶାବାସୀଙ୍କର ପ୍ରାଣ ହେଉଛନ୍ତି ଶ୍ରୀଜଗନ୍ନାଥ। ମହାପ୍ରଭୁ ବି ପାନପ୍ରିୟ। ବିଡିଆ ପାନରେ ତାଙ୍କର ଭାରି ଶରଧା। ଶ୍ରୀମନ୍ଦିର ସେବା ପୂଜାରେ ତାମ୍ବୁଳ ସେବା ରହିଛି। ଶାସ୍ତ୍ର, ପୁରାଣରେ ପାନ ସମ୍ପର୍କରେ ଅନେକ ବର୍ଣ୍ଣନା ରହିଛି। ବିବାହ, ବ୍ରତ, ପୂଜାପାର୍ବଣରେ ପାନର ଉପଯୋଗ କରାଯାଏ। ଏଥିରେ ଭଗବାନଙ୍କ କୃପା ମିଳିଥାଏ। ପୂଜା କାର୍ଯ୍ୟରେ ପାନପତ୍ର ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ପ୍ରତିନିଧିତ୍ୱ କରେ। ମାଉଥ୍ ଫ୍ରେଶନର ଭାବରେ ପାନକୁ କେତେକ ଲୋକ ବ୍ୟବହାର କରନ୍ତି। କଟୁ, ତିକ୍ତାୟ, ରୁଷ୍ଟ, ମଧୁର, କ୍ଷାର, କଷା ସହ ୧୩ଟି ଉପକାରୀ ଗୁଣ ଶରୀର ପକ୍ଷେ ଅତ୍ୟନ୍ତ ଉପଯୋଗୀ ଯାହା ପାନରେ ଥାଏ।

ପାନ ପତ୍ର ତା'ର ଗୁଣ ଓ ସୁଗନ୍ଧ ପାଇଁ ପ୍ରସିଦ୍ଧ । ଓଡ଼ିଶାର ବାଲେଶ୍ୱର, କଟକ, ଜଗତସିଂପୁର, ପୁରୀ, ଗଞ୍ଜାମ ଜିଲ୍ଲାରେ ବହୁଳ ଭାବରେ ପାନ ଚାଷ ହୁଏ। ପୁରୀ ଜିଲ୍ଲାର କାକଟପୁର, କଟକ ଜିଲ୍ଲାର ନିଆଳି, ଅଡଶପୁର, ବାଲେଶ୍ୱର ଜିଲ୍ଲାର ବାଲିଆପାଳ ଓ ଭୋଗରାଇ, ଜଗତସିଂପୁର ଜିଲ୍ଲାର ପାରାଦୀପ, କୁଜଙ୍ଗରେ ପାନ ବରଜ ପୁରୁଷ ପୁରୁଷ ଧରି ଚାଷ ହୋଇ ଆସୁଛି। ଗ୍ରୀଷ୍ମ ଓ ଶୀତ ଋତୁ ଅପେକ୍ଷା ବର୍ଷା ଋତୁରେ ପାନ ଦର କମ୍ ଥାଏ। ଗ୍ରୀଷ୍ମ ଋତୁରେ ଖରା ପ୍ରକୋପରେ ଅଧିକ ପାନ ପତ୍ର ନଷ୍ଟ ହେଉଥିବାରୁ ଅମଳ କମ୍ ହୋଇଥାଏ। ଶୀତ ଋତୁରେ ଶୀତ ପ୍ରକୋପରେ ପାନ ପତ୍ର ବେଶୀ ହୁଏ ନାହିଁ। ତେଣୁ ଦର ସବୁଠାରୁ ଉଚ୍ଚା ରହିଥାଏ। ବର୍ଷା ଋତୁରେ ପାନପତ୍ର ଅଧିକ ଅମଳ ହେଉଥିବା ବେଳେ ବାହାର ଅଞ୍ଚଳକୁ ବେଶୀ ରପ୍ତାନୀ ହୋଇପାରି ନଥାଏ ତେଣୁ ପାନ ଦର ହ୍ରାସ ପାଇଥାଏ।

ପାନ ଏକ ଲତା ଜାତୀୟ ଉଦ୍ଭିଦ । କମ୍ ଖର୍ଚ୍ଚରେ ଅଧିକ ଲାଭ ପ୍ରଦାନ କରିବା ଭଳି ଫସଲ ହେଉଛି ପାନ। ବିଶ୍ୱରେ ୯୦ ପ୍ରକାର ପାନ ରହିଛି। ସେଥି ମଧ୍ୟରୁ ଭାରତରେ ୪୫ ପ୍ରକାର ପାନ ଚାଷ କରାଯାଏ। ଏଥିମଧ୍ୟରୁ ୩୦ ପ୍ରକାର ପାନ ପଶ୍ଚିମବଙ୍ଗ ଓ ଓଡ଼ିଶାରେ ଚାଷ କରାଯାଏ। ଓଡ଼ିଶାରେ ସାଧାରଣତଃ ଛାଡି, ମେଳକ, ଉତ୍କଳ ସୁଦାମା, ସାଞ୍ଚି, ନାଉଆ, ଦଣ୍ଡାବାଳୁଙ୍ଗା, ଜଗନ୍ନାଥିଆ, ବାଲିପାନ, ଚନ୍ଦ୍ରକଣା, ଗୋଡିବଙ୍ଗଳା, ନୋଭକଟକ, ବିରକୁଳି କିସମର ପାନ ହୋଇଥାଏ। ପାନ ଚାଷ ପାଇଁ ଥଣ୍ଡା, ଛାଇ ଜଳବାୟୁ ସହ ସବୁବେଳେ ଓଦା ରହୁଥିବା ମାଟି ଆବଶ୍ୟକ। ଦୋରସା ମାଟିରେ ଯାହାର ଅମ୍ଳତା ୬୫ରୁ ୭୫ ମଧ୍ୟରେ ଥାଏ ସେଠାରେ ଉନ୍ନତ ପ୍ରଣାଳୀରେ ପାନ ଚାଷ ହୋଇଥାଏ। ବାଉଁଶରୁ ପ୍ରସ୍ତୁତ ଅତି ସରୁ ବତା, ଫିରିଙ୍ଗା ଛଣ, ସୁଆଁଳ, ନଡା, ଇଙ୍କଡ ବ୍ୟବହାର କରି ପାନ ବରଜ ଗୃହ କରାଯାଏ। ଅକ୍ଟୋବର ମାସରେ ସେଥିରେ ସିଆର କରି ଧାଡି ଧାଡି ପାନ ଚାରା ରୋପଣ କରାଯାଏ। ଏଥିରେ ସୋରିଷ ପିଡିଆକୁ ସାର ଭାବରେ ବ୍ୟବହାର କରାଯାଏ। ପାନ ଗଛ ଉପରକୁ ଉଠିବା ପାଇଁ ବରଜ ଗୃହ ମଧ୍ୟରେ ବାଉଁଶ କାଠି ପୋତାଯାଏ। ଚାରା ରୋପଣର ଦୁଇ ମାସ ମଧ୍ୟରେ ପାନ ପତ୍ର ଅମଳକ୍ଷମ ହୋଇଥାଏ। ପ୍ରତି ପନ୍ଦର ଦିନରେ ଥରେ ପାନ ତୋଳାଯାଏ। ଏକରରୁ ୨୦ରୁ ୩୦ ଲକ୍ଷ ପର୍ଯ୍ୟନ୍ତ ପତ୍ର ମିଳିଥାଏ। ଓଦା ଅଖା, କଦଳୀ ପାଟୁକା, ଓଦା କୁଡା, ନଡା କିମ୍ବା ଇଙ୍କଡ ପତ୍ରରେ ଘୋଡେଇ ଝୁଡିରେ ଦୂର ସ୍ଥାନକୁ ପଠାଇବାର ବ୍ୟବସ୍ଥା କରାଯାଏ। ତେବେ ପାନର ବ୍ୟବହାର ଏବେ କମି ଯାଇଛି। ପାନର ବିକ୍ରି ହ୍ରାସର ମୂଳ କାରଣ ହେଉଛି ନିଷେଧାଦେଶ ସତ୍ତ୍ୱେ ଗୁଟ୍‌ଖା ବା ଟବାକୋର ବିକ୍ରୟ ବୃଦ୍ଧି। ସାଧାରଣତଃ ୭୫ ପ୍ରତିଶତ ଲୋକ ଗୁଟ୍‌ଖା ଖାଉଥିବାରୁ ପାନର ଚାହିଦା କମିଯାଇଛି।

ଓଡ଼ିଆଙ୍କ ମହାନ ପର୍ବ ରଜରେ ଦୋଳି, ପୋଡ଼ ପିଠା ଓ ପାନର ବାସନା ବାରି ହୋଇପଡ଼େ। ରଜ ପର୍ବରେ ପାନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ରଜ ଆସିଲେ ଲୋକମାନେ ପୋଡ଼ପିଠା ଖାଇ ଖଣ୍ଡେ ଖିଲିପାନ ପାଟିରେ ଜାକି ସାହିପଡିଶା ବୁଲି ବାହାରନ୍ତି । ଗୋଟା ପାନ ପତ୍ରରେ ଗୁଆ ସହିତ ଚଉଷଠି ପ୍ରକାରର ମସଲା ପକାଇ ଏହି ପାନକୁ ପ୍ରସ୍ତୁତ କରାଯାଇଥାଏ। ପାନକୁ ବିଶେଷ ଆକର୍ଷଣ କରିବା ପାଇଁ ତ୍ରିଭୁଜାକାର, ଲମ୍ବାକାର କରାଯାଇ ସେଥିରେ ଗୋଟିଏ ଲବଙ୍ଗ ମରାଯାଇଥାଏ। ପ୍ରତ୍ୟେକ ବର୍ଷ ରଜରେ ଆସିଥାଏ ନୂଆ କିସମର ପାନ। ଚଳିତ ବର୍ଷ ରଜରେ ସୋନାଚାନ୍ଦି ପାନର ଚାହିଦା ରହିଛି। ଯାହାର ମୂଲ୍ୟ ରହିଛି ୫୦୦ ଟଙ୍କା। ରଜ ପର୍ବରେ ଲୋକମାନଙ୍କ ପସନ୍ଦକୁ ଦେଖି ଦୋକାନୀମାନେ ବିଭିନ୍ନ ଶୈଳୀରେ ଓ ବିଭିନ୍ନ ନାମ ଦେଇ ସୁଆଦିଆ ପାନ ତିଆରି କରୁଛନ୍ତି। ଯେପରିକି ଡାକି ଚକୋଲେଟ ପାନ, ଗୁପ୍‌ଚୁପ୍ ପାନ, ହ୍ୱାଇଟ ଚକୋଲେଟ ପାନ, ମ୍ୟାଙ୍ଗୋ ପାନ, ଆର୍ଯୁବେଦିକ ପାନ, ପାଇନ ଆପଲ ପାନ, ଫାୟାର ପାନ, ମହାରାଜା ପାନ। ଏପରିକି ଛୋଟ ପିଲାମାନଙ୍କ ପାଇଁ କିଟ୍‌କାଟ୍ ପାନ, ଡାଇରି ମିଲ୍କ ପାନ, ଚକୋଲେଟ ପାନ ରହିଛି। ରଜ ସମୟରେ ଲୋକମାନେ ଭାତ ଅପେକ୍ଷା ବିଭିନ୍ନ ପିଠା ଓ ମିଠା ଖାଇଥାନ୍ତି। ତେଣୁ କୋଷ୍ଠକାଠିନ୍ୟ ଓ ପେଟରେ ଅମ୍ଳ ହୋବାର ସମ୍ଭାବନା ଥାଏ। ପାନରେ ରହିଥିବା ଆଣ୍ଟି ଅକ୍ସିଡାଇଡାଣ୍ଟ ଶରୀରକୁ ଅମ୍ଳମୁକ୍ତ କରିବା ସହ ପେଟ ସମସ୍ୟାକୁ ଦୂର କରିଥାଏ। ପାନକୁ ବିଭିନ୍ନ ଦେବଦେବୀଙ୍କ ନିବାସ ବୋଲି ଧରାଯାଏ। ତେଣୁ ପ୍ରତ୍ୟେକ ପୂଜା ପାର୍ବଣ ଓ ଶୁଭକାର୍ଯ୍ୟରେ ପାନ ବ୍ୟବହାର କରାଯାଏ। ଶାସ୍ତ୍ର କହେ ପାନ ପତ୍ର ମାନସମ୍ମାନର ପ୍ରତୀକ। ନବରାତ୍ରୀ ପୂଜାରେ ଦେବୀ ଦୁର୍ଗାଙ୍କୁ ପାନ ଓ ଗୁଆ ଅର୍ପଣ କରାଯାଏ। ପାନକୁ ବିଜୟର ପ୍ରତୀକ ଭାବେ ଗ୍ରହଣ କରାଯିବା ସହ ଦଶହରାରେ ଏହାକୁ ଖାଇବା ସତ୍‌ପଥରେ ଚାଲିବାର ସଂକଳ୍ପ କରାଏ। ଦଶହରା ଦିନ ରାବଣପୋଡି ପରେ ପାନ ଖାଇ ଲୋକେ ଅସତ୍ୟ ଉପରେ ସତ୍ୟର ବିଜୟ ପାଇଁ ଉତ୍ସାହିତ ହୋଇଥାନ୍ତି। ପଶ୍ଚିମ ଓଡ଼ିଶାରେ ବୟୋଜ୍ୟେଷ୍ଠମାନଙ୍କୁ ପାନ ଦେଇ ଜୁହାର ହେବାର ପରମ୍ପରା ରହିଛି।



ରଘୁନାଥପୁର, (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଗୋକୁଳପୁର ଗ୍ରାମର ଗୋପୀନାଥ ମହିଳା ଏସଏଚଜି ଜିଲ୍ଲାସ୍ତରୀୟ ସୁଭଦ୍ରାଶକ୍ତି ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ରାଜ୍ୟସ୍ତରୀକୁ ମନୋନୀତ ହୋଇଛି। ଶୁକ୍ରବାର ଜଗତସିଂହପୁର ଠାରେ ଆୟୋଜିତ ଉତ୍ସବରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଥମ ହୋଇଥିବା ଗୋପୀନାଥ ମହିଳା ଏସଏଚଜିକୁ ମାନପତ୍ର ସହ ୧୦ହଜାର ଟଙ୍କାର ଚେକ ପ୍ରଦାନ କରିଛନ୍ତି। ଏହି ଏସଏଚଜି ବ୍ଲକସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ହୋଇ ଜିଲାସ୍ତରକୁ ମନୋନୀତ ହୋଇଥିଲେ। ରଘୁନାଥପୁର ବ୍ଲକ ମିଶନଶକ୍ତି ବିଭାଗ ବିପିସି ଶଶାଙ୍କ ଶେଖର ସ୍ୱାଇଁଙ୍କ ନେତୃତ୍ୱରେ ତାରପୁର ଜିପିଏଲଏଫ ସଭାନେତ୍ରୀ ସ୍ୱାତିସୂଚରିତା ମହାନ୍ତି, ମହିଳା ଗୃପ ପକ୍ଷରୁ ରାଜଲକ୍ଷ୍ମୀ ସିଂହ, ଆଲେସ୍କା ଆଞ୍ଜୋଲିନା ଓ କଳ୍ପନା ସିଂହ ପୁରସ୍କାର ଗ୍ରହଣ କରିଥିଲେ। ଆୟୋଜିତ ଉତ୍ସବରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ରବିନାରାୟଣ ଜେଠି ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



## ପାରାଦୀପରେ ଗଡିଲା ବିକାଶ ରଥ



ପାରାଦୀପ, (ଭାସ୍କର ନ୍ୟୁଜ୍): ରାଜ୍ୟସରକାରଙ୍କ ଏକବର୍ଷ ପୂର୍ତ୍ତି ଅବସରରେ ପାରାଦୀପ ପୌର ପାଳିକାର ୧୫ ନମ୍ବର ୱାର୍ଡ ଅନ୍ତର୍ଗତ ବଡ଼ପଡ଼ିଆ ସ୍ଥିତ ଦୁର୍ଗା ମନ୍ଦିର ପରିସରରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉପଲବ୍ଧି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପାରିଷଦ ତଥା ବିଜେପି ନେତା ସୁବ୍ରତ ପ୍ରଧାନ ପ୍ରମୁଖ ଉପସ୍ଥିତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୋର୍ଟ ବଣିକ ସଂଘ ସଭାପତି କ୍ଷୀରୋଦ କୁମାର ସ୍ୱାଇଁ, ସମ୍ପାଦକ ଅମୀୟ ପାଣି ଏବଂ ଅନ୍ୟମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଦୁର୍ଗାମଣ୍ଡପ ଠାରେ ସରକାରଙ୍କ ବିକାଶ ରଥର ଶୁଭ ଉଦ୍‌ଘାଟନ କରାଯାଇଥିଲା।

## ମାହାଙ୍ଗା ମହୋତ୍ସବର ସୁବର୍ଣ୍ଣଜୟନ୍ତୀ ସମାରୋହ ସରିଲା

ମାହାଙ୍ଗା, (ଭାସ୍କର ନ୍ୟୁଜ୍): କେନ୍ଦ୍ରୀୟ ସାଂସ୍କୃତିକ ସଂସଦ ଗୋକନ ଆନୁକୂଲ୍ୟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ, ରଜ ଉତ୍ସବ ଓ ମାହାଙ୍ଗା ମହୋତ୍ସବର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦଯାପନ ପର୍ବ ଗୋକନ ଭଞ୍ଜ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଜାତୀୟ ମାନବାଧିକାର ଆୟୋଗର ମାନବ୍ୟର ସଦସ୍ୟ ଡକ୍ଟର ନ୍ୟାୟମୂର୍ତ୍ତୀ ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ପ୍ରାକ୍ତନ ମନ୍ତ୍ରୀ ସେକ୍ ମତଲୁବ ଅଲିଙ୍କୁ ଜଣେ ମାନବବାଦୀ ଜନନେତାରେ ଅଭିହିତ କରିଥିଲେ। ମୁଖ୍ୟ ଅତିଥି ନ୍ୟାୟମୂର୍ତ୍ତୀ ଷଡଙ୍ଗୀଙ୍କୁ ଅନୁଷ୍ଠାନ ତରଫରୁ "ନ୍ୟାୟଶ୍ରୀ ସମ୍ମାନ"ରେ ସମ୍ମାନିତ କରାଯାଇଥିଲା। ସମ୍ମାନିତ ଅତିଥିଭାବେ ଡକ୍ଟର କୃଷ୍ଣ କେଶବ ଷଡଙ୍ଗୀଙ୍କୁ ଅନୁଷ୍ଠାନ ତରଫରୁ ଚଳିତ ବର୍ଷର ମର୍ଯ୍ୟାଦା ଜନକ "କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ" ପ୍ରଦାନ କରାଯାଇ ଥିଲା। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଉତ୍କଳ ଗଣକବି ବୈଷ୍ଣବ ପାଣି ସ୍ମୃତି ସଂସଦ ଉପସଭାପତି ପ୍ରଫେସର କାର୍ତ୍ତିକ ଚନ୍ଦ୍ର ବରାଳ, ମୁଖ୍ୟବକ୍ତାଭାବେ ବିଶିଷ୍ଟ ସାମ୍ବାଦିକ ଓ ସାହିତ୍ୟିକ ମୁରଲୀଧର ସାମଲ, ବରେଣ୍ୟ ଅତିଥିଭାବେ ଆଗାମୀ ଶତାବ୍ଦୀ ପତ୍ରିକା ସମ୍ପାଦକ ମସୁଦ ଅଲି ପ୍ରମୁଖ ଯୋଗଦେଇ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ରଜ ଉତ୍ସବ ଓ ମାହାଙ୍ଗା ମହୋତ୍ସବର ମହତ୍ୱ ଗ୍ରାମାଞ୍ଚଳରେ ପୁଲକିତ କରିଛି ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ତଥା କଟକ କଳାବିକାଶ କେନ୍ଦ୍ରର ସଭାପତି ଡକ୍ଟର ବିଜୟାନନ୍ଦ ସିଂହ ସଭାପତିତ୍ୱ କରିଥିଲେ। ଚଳିତ ମାଟ୍ରିକ ଓ ଯୁକ୍ତ ମାଧ୍ୟମିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀମାନଙ୍କୁ "ମାହାଙ୍ଗା ମେଧା ଶ୍ରେଷ୍ଠ ସମ୍ମାନ"ରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ରଜ ଦୋଳି ଗୀତ, ଭଜନ ସଂଗୀତ, ଭଜନ ପ୍ରତିଦ୍ୱନ୍ଦ୍ୱୀ ଅଙ୍କନ, ପୁଟ, ହୁଳହୁଳି ଓ ଶଙ୍ଖ ବାଦନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଡକ୍ଟର ନ୍ୟାୟମୂର୍ତ୍ତୀ ଷଡଙ୍ଗୀ ସମ୍ମାନିତ କରିଥିଲେ। ଶେଷରେ ସଂସଦର ଉପସଭାପତି କ୍ଷୀରୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ମହୋତ୍ସବରେ ଡ. ଏକାଦଶୀ ପ୍ରଧାନ, ମହେଶ୍ୱର ସ୍ୱାଇଁ, ରାଜକିଶୋର ଜେନା, ଯୁବନେତା ସୌକତ ଅଲି ପ୍ରମୁଖ କବିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉକ୍ତ ଉତ୍ସବକୁ ଶିକ୍ଷାବିତ ପ୍ରଦ୍ୟୁମ୍ନ ବାରିକ, ପୁର୍ଣ୍ଣଚନ୍ଦ୍ର ସେଠୀ, ସେକ ଜାବୀର ପ୍ରମୁଖ ଉପସ୍ଥିତ ରହି ସହଯୋଗ ଥିଲେଫ ଏହି ଅବସରରେ ଆନନ୍ଦ ଡ୍ୟାନ୍ସ ଗ୍ରୁପ ଗୌଡଗୋପ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।

## ନୂଆ କରି ନିର୍ମାଣ ହେବ ଧାମନଗର-ଫଳପୁର ରାସ୍ତା

ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗର-ଫଳପୁର ରାସ୍ତାର ସୁଦୃଢ଼ୀକରଣ ଓ ପ୍ରଶସ୍ତିକରଣ ପାଇଁ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ୨୯ କୋଟି ଟଙ୍କା ମଞ୍ଜୁର ହୋଇଛି। ରାସ୍ତା ନିର୍ମାଣ ଲାଗି ବିଭାଗ ପକ୍ଷରୁ ନକ୍ସା ପ୍ରସ୍ତୁତ ହୋଇ ସାରିଥିବାବେଳେ ଏବେ ବିସ୍ତୃତ ପ୍ରକଳ୍ପ ବିବରଣୀ ପ୍ରସ୍ତୁତ ହେଉଛି। ଡିପିଆର ତିଆରି ହୋଇଗଲା ପରେ ଟେଣ୍ଡର ପ୍ରକ୍ରିୟାକୁ ଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଏହି ରାସ୍ତା ନିର୍ମାଣର ମୂଳ ଲକ୍ଷ୍ୟ ହେଲା ବନ୍ୟା ସମୟରେ ଜାହାଙ୍ଗୀର-ଫଳପୁର ଅଞ୍ଚଳ ଧାମନଗର ସହ ଯୋଗାଯୋଗ ବିଚ୍ଛିନ୍ନ ହେବ ନାହିଁ ବୋଲି ପୂର୍ତ୍ତ ବିଭାଗ ବରିଷ୍ଠ ଅଧିକାରୀ କହିଛନ୍ତି। ଧାମନଗର-ଫଳପୁର ରାସ୍ତାଟି ଦୀର୍ଘ ବର୍ଷ ହେବ ବିପର୍ଯ୍ୟସ୍ତ ହୋଇ ପଡ଼ି ରହିଥିଲା। ପୂର୍ବରୁ ୨୦୦୭ରେ ଏହାକୁ ପକ୍କା ସଡ଼କ କରାଯାଇଥିଲା। ହେଲେ ପ୍ରତିବର୍ଷ ବନ୍ୟା ଓ ଭାରି ଯାନ ଚଳାଚଳ ଯୋଗୁଁ ଏହା ନଷ୍ଟ ହୋଇ ଯାଇଥିଲା। ବନ୍ୟା ପରେପରେ ପାଣି ଜମି ରହିବା ସହ ବଡ଼ ଗାଡ଼ି ଚାଲିବାରୁ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ



ହୋଇଥିଲା। ମାତ୍ର ୭ କିଲୋମିଟର ଲମ୍ବର ରାସ୍ତା ପାର ହେବାକୁ ବାଇକରେ ଘଣ୍ଟାଏ ଲାଗିଯାଉଥିଲା। ଆବଶ୍ୟକ ସମୟରେ ଦମକଳ କି ଆମ୍ବୁଲାନ୍ସ ଚଳାଚଳ କରିବା ସମ୍ଭବ ହେଉନଥିଲା। କରଦା, ପଧାନି, ଦଳାଙ୍ଗ, ଅର୍ଜ୍ଜୁନପୁର, ଭଙ୍ଗସାହି ଓ ନଦୀଗାଁ ପଞ୍ଚାୟତର ପ୍ରାୟ ୩୦ହଜାରରୁ ଅଧିକ ଲୋକ ଏହା ଉପରେ ନିର୍ଭର କରନ୍ତି। ରାସ୍ତା ଖରାପ କାରଣରୁ ବହୁ ଲୋକ ହଇରାଣ ମଧ୍ୟ ହୁଅନ୍ତି। ଏ ରାସ୍ତା ସମସ୍ୟା ନେଇ ଦିବଂଗତ ବିଧାୟକ ବିଷ୍ଣୁ ଚରଣ ସେଠୀ ୨୦୨୦ ଫେବୃଆରୀରେ ବିଧାନସଭାର ବଜେଟ ଅଧିବେଶନରେ ଉଠାଇଥିଲେ। ରାସ୍ତା ନିର୍ମାଣ ଲାଗି ଦାବି କରିଥିଲେ। ହେଲେ ତତ୍କାଳୀନ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂହ ଉତ୍ତର ଦେଇଥିଲେ ଯେ, ରାସ୍ତା ମରାମତି ପାଇଁ ୧ କୋଟି ଟଙ୍କା ମଞ୍ଜୁର ହୋଇଛି। ସେହି ରାସ୍ତା ନିର୍ମାଣ ନିମ୍ନମାନର ହେବାରୁ ବର୍ଷକ ମଧ୍ୟରେ ତାହା ନଷ୍ଟ ହୋଇଯାଇଥିଲା। ସେବେଠାରୁ ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡ଼ି ରହିଥିଲା। ବିଷ୍ଣୁଙ୍କ ପରେ ତାଙ୍କ ପୁଅ ଶ୍ରୀମାନ ସୂର୍ଯ୍ୟବଂଶୀ ସୂରଜ ବିଧାୟକ ହୋଇଥିଲେ। ଏହି ରାସ୍ତା ସମ୍ପର୍କରେ ସେ ମଧ୍ୟ ୨୦୨୩ ଫେବୃଆରୀରେ ହୋଇଥିବା ବଜେଟ ଅଧିବେଶନରେ ଉଠାଇଥିଲେ। ତତ୍କାଳୀନ ମନ୍ତ୍ରୀ ପ୍ରତିଶ୍ରୁତିରେ ଯେ ଏହି ରାସ୍ତାର ପୁନଃ ନିର୍ମାଣ କରାଯିବ ବୋଲି କହିଥିଲେ। ହେଲେ ୨୦୨୪ ନିର୍ବାଚନ ସରିବା ଯାଏଁ କିଛି ପଦକ୍ଷେପ ନିଆଯାଇ ନଥିଲା। ପରେ ଧାମନଗରକୁ ନିର୍ବାଚିତ ହୋଇ ଉଚ୍ଚଶିକ୍ଷା ମନ୍ତ୍ରୀ ହୋଇଥିଲେ। ବାପାଙ୍କ ଅଧୁରା ସ୍ୱପ୍ନକୁ ପୂରା କରିବା ଲାଗି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରଥମେ ଏ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଇଥିଲେ। ତା'ପରେ ସମ୍ପୂର୍ଣ୍ଣ ଭାବେ ନୂଆକରି ନିର୍ମାଣ କରିବା ଲାଗି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ପ୍ରସ୍ତାବ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ତ୍ତ ବିଭାଗ ଏନେଇ ପ୍ରସ୍ତାବ ରଖିବା ପରେ ପ୍ରାୟ ୨୯ କୋଟି ଟଙ୍କାରେ ରାସ୍ତା ନିର୍ମାଣ କରିବା ଲାଗି ପ୍ରାଶାସନିକ ଅନୁମୋଦନ ମିଳିଥିଲେ। ରାସ୍ତାରେ ୪ଟି ବକ୍ସେଲ କଲଭର୍ଟ ସହ ନୂଆ କରି ନିର୍ମାଣ କରିବା ଲାଗି ଅନୁମୋଦନ ମିଳିଛି ବୋଲି ପୂର୍ତ୍ତ ବିଭାଗ ଅଧିକାରୀ କହିଛନ୍ତି।

## ଡାଇରିଆ ସ୍ଥିତି ପରଖିଲେ କ୍ୟାପଟେନ୍ ରାଜ ନାରାୟଣ

ବଡ଼ଚଣା, (ଭାସ୍କର ନ୍ୟୁଜ୍): ବଡ଼ଚଣାର ବିଭିନ୍ନ ଅଞ୍ଚଳରେ ବ୍ୟାପିବାରେ ଲାଗିଲାଣି ଡାଇରିଆ ରୋଗ ଝାଡ଼ାବାନ୍ତିରେ ବଡ଼ଚଣା ନିର୍ବାଚନ ମଣ୍ଡଳୀରୁ ଦୁଇଜଣଙ୍କ ଜୀବନ ମଧ୍ୟ ଗଲାଣି। ବଡ଼ଚଣା ବିଜେଡି ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର କଲେରା ରୋଗରେ ମୃତ୍ୟୁବରଣ କରିଥିବା ଶାଳପଡ଼ା ପଞ୍ଚାୟତ ତିଳପଦା ଗ୍ରାମର ବିରଞ୍ଚି ମଲିକଙ୍କ ପାରିବାରକୁ ଭେଟିବା ସହିତ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ରୋଗୀମାନଙ୍କ ସହ ଆଲୋଚନା କରି ମୁଖ୍ୟ ଚିକିତ୍ସାଧିକାରୀ ଶ୍ରୀକାନ୍ତ ଜେନା, ଉପ-ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ, ତହସିଲଦାର ମାନସ କୁମାର ତ୍ରିପାଠୀଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାପରିଷଦ ଉପାଧକ୍ଷ ଗଣେଶ୍ୱର ବରାଳ, ବ୍ଲକ ବିଜେଡ଼ି ସଭାପତି ତାପସ ଚନ୍ଦ୍ର ରାୟ, ବିଜୟ ପ୍ରଧାନ, ନିରଞ୍ଜନ ବିଶ୍ୱାଳ, ଧୁଳେଶ୍ୱର ଦାସ, ପ୍ରଦୀପ୍ତ କୁମାର ମହାନ୍ତି, ସଞ୍ଜୀବ ସାମଲ, ସତ୍ୟବ୍ରତ ସାମଲ, ଦିଲ୍ଲିପ କୁମାର ବେହେରା, ମହମ୍ମଦ ଇମ୍ରାନ, ପ୍ରଭୁଦତ୍ତ ଜେନା, ମାନସ ପଣ୍ଡାଙ୍କ ସମେତ ଅନେକ ବିଜୁ ଜନତା ଦଳର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଭିନ୍ନକ୍ଷମ ଯୁବତୀଙ୍କୁ ଦୁଷ୍କର୍ମ, ଅଭିଯୁକ୍ତ ବୃଦ୍ଧ ଗିରଫ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ବ୍ଲକ୍ ବଳଙ୍ଗା ଥାନା ଅଞ୍ଚଳରେ ଏକ ଲଜ୍ଜ୍ୟାକର ଘଟଣା ଘଟିଯାଇଛି। ଜଣେ ୬୬ ବର୍ଷର ବୃଦ୍ଧ ୨୪ ବର୍ଷୀୟା ମସ୍ତିଷ୍କ ବିକୃତ ଭିନ୍ନକ୍ଷମ ଯୁବତୀଙ୍କୁ ଏକୁଟିଆ ପାଇ ଦୁଷ୍କର୍ମ କରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଦୁଷ୍କର୍ମମାମଲା ରୁଜୁ କରି ସମ୍ପୃକ୍ତ ରସିକିଆ ବୃଦ୍ଧକୁ ପୋଲିସ ଗିରଫ କରିଛି। ଏହି ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ପୋଲିସ ଡାକ୍ତରୀ ମାଇନା ପାଇଁ ଭିନ୍ନକ୍ଷମ ପୀଡ଼ିତାଙ୍କୁ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ ମଧ୍ୟ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପୀଡ଼ିତାଙ୍କୁ ବିଭିନ୍ନ ବାହାନା ଦେଖାଇ ଦିନ ଦୁଇଟାରୁ ସନ୍ଧ୍ୟା ଛଅଟା ପର୍ଯ୍ୟନ୍ତ ବସାଇ ଫେରାଇ ଦେଇଥିବା ଘଟଣାରେ ଡାକ୍ତରମାନଙ୍କର କାର୍ଯ୍ୟଦକ୍ଷତା ବାରି ହୋଇପଡୁଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରମାନେ ମନଇଚ୍ଛା କାର୍ଯ୍ୟ କରୁଥିବା ଏହି ଘଟଣାରୁ ବାରି ହୋଇ ପଡୁଥିବା ବେଳେ କ'ଣ ପାଇଁ ନିମାପଡ଼ା ଭଳି ସ୍ୱାସ୍ଥ୍ୟକେନ୍ଦ୍ରରେ



ଏପରି ଘଟୁଛି ବୋଲି ପୀଡ଼ିତାଙ୍କ ପରିବାର ପ୍ରଶାସନକୁ ପ୍ରଶ୍ନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଏକ ଗ୍ରାମର ପରିବାର ସ୍ଥାନୀୟ ସାଲେଶ୍ୱର ମହାଦେବଙ୍କ ମନ୍ଦିରରେ ବିବାହ ଉତ୍ସବରେ ଯୋଗ ଦେବା ପାଇଁ ରଜ ସଜଡ଼ା ଦିନ ଯାଇଥିବା ବେଳେ ଘରେ ୨୪ ବର୍ଷୀୟା ମସ୍ତିଷ୍କ ବିକୃତ ଭିନ୍ନକ୍ଷମ ଯୁବତୀ ରହିଥିଲେ। ଏହାର ସୁଯୋଗ ନେଇ ଭାଣପୁର ଗ୍ରାମର ପୀଡ଼ିତାଙ୍କ ସମ୍ପର୍କୀୟ ଜେଜେ ରବି ତ୍ରିପାଠୀ (୬୬) ପୀଡ଼ିତାଙ୍କୁ ଏକୁଟିଆ ଘରେ ପାଇ ତାଙ୍କ ପ୍ରତି ଅମାନୁଷିକ କାର୍ଯ୍ୟ କରିବା ସହ ଦୁଷ୍କର୍ମ କରିଥିଲା। ପରିବାର ଲୋକେ ଫେରିବା ପରେ ପୀଡ଼ିତା ଯନ୍ତ୍ରଣାରେ ଛଟପଟ ହୋଇ ପରିବାର ଆଗରେ ଏକଥା ଜଣାଇବା ପରେ ପୀଡ଼ିତାଙ୍କ ମା' ଏସମ୍ପର୍କରେ ବଳଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଦୁଷ୍କର୍ମ ମାମଲା ରୁଜୁ କରି ସମ୍ପୃକ୍ତ ଅଭିଯୁକ୍ତ ରବି ତ୍ରିପାଠୀକୁ ପୋଲିସ ଗରିଫ କରିବା ସହ ଶନିବାର ଦିନ ଦୁଇଟାରୁ ଡ଼ାକ୍ତରୁ ମାଇନା ପାଇଁ ଭିନ୍ନକ୍ଷମ ପୀଡ଼ିତାଙ୍କୁ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ଏଠାରେ ଡାକ୍ତରୀମାଇନା କିଟ୍ ନାହିଁ କହିବା ସହ ପୁରୀରୁ କିଟ୍ ଆଣିଲେ ଡାକ୍ତରୀମାଇନା କରାଯିବ ବୋଲି କହିବା ପରେ ପୋଲିସ ସହାୟତାରେ ପୀଡ଼ିତାଙ୍କ ବାପା ପୁରୀରୁ କିଟ୍ ଆଣି ଆସିବା ପରେ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ମାଇନା କରିବୁ ନାହିଁ ବୋଲି ମନା କରିଦେଇଥିଲେ। ପୀଡ଼ିତା ଭୋକ ଉପାସରେ ବସି ରହିଥିଲେ ମଧ୍ୟ ସେଥିପ୍ରତି ଡାକ୍ତରଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନଥିଲା। ବଳଙ୍ଗା ଥାନା ପୋଲିସ ପୀଡ଼ିତାଙ୍କୁ ପୁରୀ ଡାକ୍ତରୀ ମାଇନା ପାଇଁ ନେଇଥିବା ଜଣାପଡ଼ିଛି। ନିମାପଡ଼ା ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତରଙ୍କର ଏ କିପରି ବ୍ୟବହାର ତାହାକୁ ନେଇ ଡାକ୍ତରଙ୍କ କାର୍ଯ୍ୟଦକ୍ଷତା ପ୍ରତି ଅନେକ ବ୍ୟକ୍ତି ନାପସନ୍ଦ କରିଛନ୍ତି। ଦୁଷ୍କର୍ମକାରୀ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି।

## ବାଲି ଘାଟ ଉପରେ ଚଢ଼ାଉ

ଆସିକା, (ଭାସ୍କର ନ୍ୟୁଜ୍): ଆସିକା ସହର ଦେଇ ଋଷିକୁଲ୍ୟା ନଦୀ ଓ ବଡ଼ ନଦୀ ପ୍ରବାହିତ ହେଉଛି। ଆସିକା ବ୍ଲକର ବରଗାଁ ବାଲି ଘାଟ ଓ ନଳ ବଣ୍ଟା ପଞ୍ଚାୟତର ପାଟଳି ଗୁଡ଼ା ଗ୍ରାମବାସୀ ଚୋରା ବାଲି ଉତ୍ତୋଳନକୁ ନେଇ ରୀତିମତ ଅଭିଯୋଗ କରୁଛନ୍ତି। ଖଣି ଓ ରାଜସ୍ୱ ପୋଲିସକୁ ଧରି ଉକ୍ତ ଦୁଇ ଘାଟ ଉପରେ ଚଢ଼ାଉ କରି ଦିନରେ ଗାଡ଼ି ଜବତ କରୁଛନ୍ତି। ସଞ୍ଜ ନଇଁଲେ କୁଆଡ଼େ ଚାପ ପଡିଲେ ଜବତ ଗାଡ଼ିକୁ ଯାଞ୍ଚ କରାଗଲା ସବୁ ଠିକଠାକ ଅଛି ଦର୍ଶାଇ ଛଡାଯାଉଛି। ଏହି ଦୁଇଟି ବେଆଇନ ବାଲି ଘାଟରେ ଦୈନିକ ଶହଶହ ଗାଡ଼ି ଚୋରା ବାଲି ଲୁଟ୍ ହେଉଛି। ଏହି ଘାଟକୁ ନେଇ ନଳବଣ୍ଟା ଗ୍ରାମବାସୀ ବାଲି ମାଫିଆଙ୍କ ସହ ମୁହାଁମୁହିଁ ପରିସ୍ଥିତି ବି ଉପୁଜିବାର ନଜିର ରହିଛି। ଚୋରା ବାଲି ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କୁ ଅଭିଯୋଗ କଲେ ପୂର୍ବ ସୂଚନା ଦେଇ ଚଢ଼ାଉ କରୁଥିବା ଅଭିଯୋଗ ବି ହେଉଛି। ଆସିକା ରାଜସ୍ୱ ବିଭାଗ ପକ୍ଷରୁ ନାଲିବାନା ବେଆଇନ ଘଟରେ ନାମକୁ ମାତ୍ର ପୋତାଯାଉଛି। ସଞ୍ଜ ନଇଁଲେ ପୁଣି ସେ ଘାଟରୁ ଗଛିତ ଥିବା ବାଲି ଉଭାନ ହେଇଯାଉଛି।

## ପୂର୍ବତନ ପୋଷ୍ଟାଲ ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟଙ୍କ ପରଲୋକ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଦୌଲତପୁର ପଞ୍ଚାୟତ ଅଧୀନ ଅର୍ଜୁନବିନ୍ଧା ଗ୍ରାମର ଗଙ୍ଗାଧର ବିଶ୍ୱାଳ (୮୪)ଙ୍କର ଶୁକ୍ରବାର ସକାଳେ ପରଲୋକ ହୋଇଯାଇଛି। ସେ ଗତ କିଛିଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପିଡ଼ିତ ଥିଲେ। ସେ ପ୍ରଥମେ ପୀରହାଟ ସବ୍‌ପୋଷ୍ଟ ଅଫିସ୍‌ରେ ହେଡ୍ ପୋଷ୍ଟମାଷ୍ଟର ଭାବେ କାର୍ଯ୍ୟ କରି ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ପୋଷ୍ଟ ଅଫିସ୍‌ର ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ସୁଦର୍ଶନ ବିଶ୍ୱାଳ, ସୁରେଶ ବିଶ୍ୱାଳ, ସୁବାସ ବିଶ୍ୱାଳ, ଜ୍ୱାଇଁ ଜିତେନ୍ଦ୍ର ନାୟକ, ଅମୂଲ୍ୟ ରାଉତ, ବୋହୂ ପ୍ରଭାତୀ ବଳ, ମିନାକ୍ଷୀ ବିଶ୍ୱାଳ, ମିଲୁରାଣୀ ବିଶ୍ୱାଳ, ଝରଣା ବିଶ୍ୱାଳ ପ୍ରମୁଖଙ୍କ ସମେତ ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇଁ ପଞ୍ଚାୟତର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜନେତାମାନେ ତାଙ୍କ ବାସଭବନକୁ ଯାଇ ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

## ଲୁଟେରା ସକ୍ରିୟ, ପୋଲିସ ନିଷ୍କ୍ରିୟ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ଗତ କିଛି ଦିନ ହେଲା ସମଗ୍ର ନିଶ୍ଚିନ୍ତକୋଇଲି ଥାନା ଅଂଚଳରେ ଲୁଟେରାମାନେ ବେଶ ସକ୍ରିୟ ହୋଇ ଉଠିଥିଲା ବେଳେ ପୋଲିସ ନିଷ୍କ୍ରିୟତାକୁ ନେଇ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଲୁଟେରା ମାନେ ପୋଲିସକୁ ଖୋଲା ଚ୍ୟାଲେଂଚ ଦେଇ ଗୋଟିକ ପରେ ଗୋଟିଏ ଲୁଟ କରି ଚାଲିଛନ୍ତି। ଯାହାକୁ ନେଇ ପୋଲିସ ପ୍ରଶାସନ ଉପରୁ ସାଧାରଣ ଲୋକଙ୍କ ଆସ୍ଥା ବିଶ୍ୱାସ ତୁଟି ଯିବାକୁ ବସିଲାଣି। ଗତ କିଛି ଦିନ ତଳେ ନିଶ୍ଚିନ୍ତକୋଇଲି ଥାନା ବଡଖିର ଗ୍ରାମ ପଞ୍ଚାୟତ ଗୋପପୁର ଗ୍ରାମର ପବିତ୍ର ନାୟକଙ୍କ ଘରର ଗ୍ରୀଲ ଭାଙ୍ଗି ଦୁର୍ବୃତ୍ତମାନେ ତାଙ୍କ ଘରୁ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର ଲୁଟି ନେଇଥିଲେ। ଏହି ଘଟଣାରେ ପୋଲିସ ଏପର୍ଯ୍ୟନ୍ତ କୌଣସି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରିପାରିନାହିଁ। ଅପରପକ୍ଷରେ ଏହି ଥାନା କେଣ୍ଡାଳୋ ଗ୍ରାମପଞ୍ଚାୟତ କୁଳବଡଖିର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସୁଧାକର ପଣ୍ଡାଙ୍କ ପରିବାର ଘରେ ନଥିବାର ସୁଯୋଗ ନେଇ ଲୁଟେରାମାନେ ତାଙ୍କ ଘରର ଗ୍ରୀଲ ଓ କବାଟ ତାଡି ଘରେ ପ୍ରବେଶ କରିଥିଲେ। ଦୁର୍ବୃତ୍ତମାନେ ଘରେ ଥିବା ୨୦ଗ୍ରାମର ସ୍ୱର୍ଣ୍ଣ ଅଳଙ୍କାର, ନଗଦ ୪୦ ହଜାର ଟଙ୍କା,ଦାମୀ ହାତଘଂଟା ସମେତ ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ଲୁଟି ନେଇଥିଲେ। ସେହିପରି ଭାବେ ଏହି ଗ୍ରାମର ଅଜୟ ପଣ୍ଡାଙ୍କ ପରିବାର ଘରେ ନଥିବାର ସୁଯୋଗ ନେଇ ଲୁଟେରାମାନେ ତାଙ୍କ ଘରର କବାଟ ଭାଙ୍ଗି ଘରେ ଥିବା ନଗଦ ଟଙ୍କା ଓ ସ୍ୱର୍ଣ୍ଣଅଳଙ୍କାର ଲୁଟି ନେଇଥିବାର ଅଭିଯୋଗ ହୋଇଥିଲା। ନିଶ୍ଚିନ୍ତକୋଇଲି ଥାନାରେ ଏସମ୍ପର୍କରେ ପୃଥକ ପୃଥକଭାବେ ଅଭିଯୋଗ ହେବା ପରେ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରିଥିଲେ ମଧ୍ୟ କୌଣସି ଲୁଟେରାଙ୍କୁ ଗିରଫ କରିବରେ ସକ୍ଷମ ହୋଇନାହିଁ। ତେବେ ଏହି ଥାନା ଅଂଚଳରେ ଦିନକୁ ଦିନ ଲୁଟେରା ମାନେ ପୋଲିସକୁ ଖୋଲାଖୋଲି ଭାବେ ଚ୍ୟାଲେଂଚ ଦେଇ ଗୋଟିକ ପରେ ଗୋଟିଏ ଘରୁ ଲୁଟ କରି ଚାଲିଛନ୍ତି। ପୋଲିସ ଏହି ଲୁଟେରା ଗ୍ୟାଙ୍ଗକୁ ଠାବ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଅପରପକ୍ଷରେ ସ୍ଥାନୀୟ ଅଂଚଳରେ ଦିନକୁ ଦିନ ଅବାଧରେ ବିଭିନ୍ନ ସ୍ଥାନରେ ମାଦକ ଦ୍ରବ୍ୟର ବ୍ୟବହାର ବଢି ଚାଲିଥିବା କାରଣରୁ ଅପରାଧ ବୃଦ୍ଧି ପାଇବାରେ ଲାଗିଥିବାର ଜଣାଯାଇଛି। ତେବେ ପୋଲିସ ଚାନ୍ଦା ଗୋଟାଇବାରେ ବ୍ୟସ୍ତ ଥିଲା ବେଳେ ଆଇନ ଶୃଙ୍ଖଳା ପ୍ରତି ଆଖି ବୁଜିଦେବା ଘଟଣାକୁ ନେଇ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଭାବେ ଦିନକୁ ଦିନ ଏହି ଥାନା ଅଂଚଳ ଅପରାଧ ପ୍ରବଣ ହୋଇପଡୁଥିବା କାରଣରୁ ଲୋକେ ପୋଲିସ ଉପରୁ ଭରଷା ତୁଟାଇ ସାରିଲେଣି। ତେବେ ସରକାର ଏଥି ପ୍ରତି ଦୃଷ୍ଟି ଦେଇ ଏହି ଥାନା ଅଂଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା ପାଇଁ ସାଧାରଣରେ ଦୃଢ ଦାବି ହୋଇଛି।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଶନିବାର ବିଶ୍ୱ ରକ୍ତଦାତା ଦିବସ ଅବସରରେ ରୋଟାରୀ କ୍ଲବ ଜଳେଶ୍ୱର ଶାଖା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ମୁରଲୀ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବର ପୂର୍ବତନ ସଭାପତି ରାଜେଶ ଖଟୁଆଙ୍କ ଶୁଭ ଜନ୍ମଦିନ ଅବସରରେ କ୍ଲବ ପକ୍ଷରୁ ଆୟୋଜିତ ଏହି ଶିବିରକୁ ଜଳେଶ୍ୱର ଆଇଆଇସି ଜୟନ୍ତ କୁମାର ବେହେରା ଅତିଥି ଭାବେ ଉପସ୍ଥିତ ହୋଇ ଉଦ୍‌ଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏସ୍.ଆଇ ରାଜଲକ୍ଷ୍ମୀ ବାସ, ବରିଷ୍ଠ ଯାତ୍ରା କଳାକାର ଗୌର ଦାସ, ରୋଟାରୀ କ୍ଲବର ପୂର୍ବତନ ସଭାପତି ସୁବ୍ରତ ରଣା, ରାଜେଶ ଖଟୁଆ, ମଣିଭଦ୍ର ଜେନା, ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ସାଧାରଣ ସଂପାଦକ ଇଂ ଡ. ହୃଷିକେଶ ସାହୁ, ଜଳେଶ୍ୱର ମହିଳା ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ କମଳାକାନ୍ତ ଚନ୍ଦ, ରକ୍ତଦାତା ସଂଘ ଜଳେଶ୍ୱର ସଭାପତି ଡକ୍ଟର ଅଜିତ କୁମାର ମହାନ୍ତି, ସୁମିତ ସାହୁ, ସେକ ହସିରୁଦ୍ଦିନ ବକ୍ସ ପ୍ରମୁଖ ଯୋଗଦେଇ



ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଜଳେଶ୍ୱର ଜିକେ ଉଚ୍ଚର ଡାକ୍ତର ଦିଲ୍ଲିପ କୁମାର ପାତ୍ର, ବାଲେଶ୍ୱର ରକ୍ତଭଣ୍ଡାରର ଟେକନିସିଆନ ବିଜୟ କୁମାର ପଟ୍ଟନାୟକ, ବସନ୍ତ କୁମାର ଜେନା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରରେ ମୋଟ ୬୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ଅବସରରେ ରକ୍ତଦାତା ସଂଘର ଜଳେଶ୍ୱର ଶାଖା ସଭାପତି ଡକ୍ଟର ଅଜିତ କୁମାର ମହାନ୍ତିଙ୍କ ଅଧକ୍ଷତାରେ ବିଶ୍ୱ ରକ୍ତଦାତା ଦିବସ ପାଳନ କରାଯାଇଥିଲା। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ରକ୍ତଦାତା ସଂଘର ସଭାପତି ଜମଳ ଚକ୍ରବର୍ତ୍ତୀ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଜିଲ୍ଲା ସଂପାଦକ ଡ. ଇଂ ହୃଶିକେଶ ସାହୁ, ଅନ୍ୟତମ ଅତିଥି ଭାବେ ବିଜେପି ନେତା ବ୍ରଜ ମୋହନ ପ୍ରଧାନ, ବାଲେଶ୍ୱର ରୋଟାରୀୟାନ ଯଶୋଦା ନନ୍ଦନ ଆଶ, ରୋଟାରୀ ସଭାପତି ଭାସ୍କର ଚନ୍ଦ୍ର ସ୍ୱାଇଁ, ଯାତ୍ରା କଳାକାର ଗୌର ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ସୁବ୍ରତ ରଣା ଧନ୍ୟବାଦ ଦେଇଥିଲେ। ଏହି ରକ୍ତଦାନ ଶିବିରକୁ ଶ୍ରୀ ଜଗନ୍ନାଥ ମାନବ ସେବା ପରିବାରର ପ୍ରତିଷ୍ଠାତା ତୁଫାନ ଆଚାର୍ଯ୍ୟ, ସହ ପ୍ରତିଷ୍ଠାତା କ୍ଷିତିଶ ଚନ୍ଦ୍ର ବ୍ରହ୍ମ, ମିଡିଆ କୋର୍ଡିନେଟର ରାଜେନ୍ଦ୍ର କୁମାର ସେନ ପ୍ରମୁଖ ୩୨ ଜଣ ସଦସ୍ୟ ପରିଚାଳନା କରିଥିଲେ।

## କଳାହାଣ୍ଡି ଏବଂ ରାୟଗଡ଼ା ଜିଲ୍ଲାରେ ଲାଗିବ ୧ ଲକ୍ଷରୁ ଅଧିକ ଗଛ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ବିଶ୍ୱ ପରିବେଶ ଦିବସ ୨୦୨୫ ଅବସରରେ ଓଡ଼ିଶାର କଳାହାଣ୍ଡି ଏବଂ ରାୟଗଡା ଜିଲ୍ଲାରେ 'ମୋ ଗଛ ମୋ ପରିବାର' ନାମକ ଏକ ମେଗା ବୃକ୍ଷ ରୋପଣ ଅଭିଯାନ ଆରମ୍ଭ କରିଛି। ଏହି ଅଭିଯାନରେ ଦୁଇ ଜିଲ୍ଲାରେ ୧,୦୦,୦୦୦ରୁ ଅଧିକ ଫଳଗଛ ଚାରା ରୋପଣର ଲକ୍ଷ୍ୟ ରହିଛି, ଯାହା ଓଡ଼ିଶାର ୩୦,୦୦୦ରୁ ଅଧିକ ଗ୍ରାମୀଣ ପରିବାରକୁ ସକାରାତ୍ମକ ଭାବରେ ପ୍ରଭାବିତ କରିବ। ଆମ୍ବ, ଗୁଆ, ପଣସ ଏବଂ ସଜନା ଭଳି ଲୋକପ୍ରିୟ ପ୍ରଜାତିଗୁଡ଼ିକୁ ସେମାନଙ୍କର ପରିବେଶଗତ, ପୁଷ୍ଟିକର ଏବଂ ଆର୍ଥିକ ମୂଲ୍ୟ ପାଇଁ ଚୟନ କରାଯାଇଛି। ବଳଭଦ୍ରପୁର ଗ୍ରାମ ଏବଂ ବେଦାନ୍ତର ପ୍ଲାଣ୍ଟ ପରିସରରେ ଏକ ସମ୍ପ୍ରଦାୟ ନେତୃତ୍ୱରେ ଏକ ରୋପଣ ଅଭିଯାନ ମାଧ୍ୟମରେ ଏହି ପଦକ୍ଷେପ ଆରମ୍ଭ ହୋଇଥିଲା, ଯେଉଁଥିରେ କର୍ମଚାରୀ, ବରିଷ୍ଠ ନେତୃତ୍ୱ, ସ୍କୁଲ ପିଲା, ସରକାରୀ ଅଧିକାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟଙ୍କ ସମେତ ୬୦୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। ପରିବାରର ସଦସ୍ୟ ଭାବରେ ପ୍ରତ୍ୟେକ ଗଛକୁ ପାଳନ କରିବା ପାଇଁ ଏହା ଏକ ପ୍ରତିଜ୍ଞା। ଏହି ଅଭିଯାନ ମୃତ୍ତିକାକୁ ସୁରକ୍ଷିତ ସହିତ ଗଛଗୁଡ଼ିକର ଜୀବନକାଳ ମଧ୍ୟରେ ପ୍ରାୟ ୧.୫ ଲକ୍ଷ ଟନ୍ କାର୍ବନ ନିର୍ଗମନକୁ ପ୍ରତିହତ କରିବ ବୋଲି ଆଶା କରାଯାଉଛି। ଏହି ପ୍ରୟାସ ବିଷୟରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି: "ବେଦାନ୍ତ ଲାଞ୍ଜିଗଡ଼ରେ, ସ୍ଥାୟୀତ୍ୱ କେବଳ ଏକ ଦାୟିତ୍ୱ ନୁହେଁ-ଏହା ଜୀବନର ଏକ ଉପାୟ। 'ମୋ ଗଛ ମୋ ପରିବାର' ମାଧ୍ୟମରେ ଆମେ ଆଶା, ଏକତା ଏବଂ ସମୃଦ୍ଧିର ବୀଜ ବୁଣୁଛୁ। ଆମେ ଏକ ସବୁଜ ଏବଂ ସ୍ଥିର ଭବିଷ୍ୟତ ଆଡ଼କୁ ସମ୍ପ୍ରଦାୟ ସହିତ ହାତ ମିଳାଇ ଚାଲୁଥିବାରୁ ଗର୍ବିତ।" ଏହି ଅଭିଯାନ ଆଗାମୀ ବର୍ଷ ଗୁଡ଼ିକରେ ରାଜ୍ୟ ଏବଂ ଜାତୀୟ ସ୍ତରରେ ଅଭିଯାନକୁ ବୃଦ୍ଧି କରିବା ସହିତ ଭାରତର ଜଳବାୟୁ ଲକ୍ଷ୍ୟରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବାରେ ବେଦାନ୍ତର ବ୍ୟାପକ ମିଶନ ସହିତ ମଧ୍ୟ ହାତ ମିଶାଇବ।

## ରଜ ଉତ୍ସବ ପାଳିତ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ବ୍ଲକ୍ ଭିଲ୍ଲିଗ୍ରାମ ପଂଚାୟତରେ ପୂର୍ବ ପରମ୍ପରା ଅନୁଯାୟୀ ରଜପର୍ବ ମହା ସମାରୋହରେ ପାଳନ କରାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିବା ବେଳେ ରଜ ପାଳୁଥିବା ଯୁବତୀମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଦୀର୍ଘ ୮ ବର୍ଷ ଧରି ପାଳନ ହୋଇ ଆସୁଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଭିଲ୍ଲିଗ୍ରାମ ପଂଚାୟତ ବିଷ୍ଣୁପୁର ଗ୍ରାମରେ ୮ମ ରଜ ମହୋତ୍ସବ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବିଜେପି ମୁଖପାତ୍ର ସମୀର ରଂଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେବା ସହିତ ସମ୍ମାନୀୟ ଅତିଥି ଭାବେ ବରଗଡ଼ ଧନୁଯାତ୍ରା କଂସ ମହାରାଜା, ମିସ୍ ଇଣ୍ଡିଆ ୨୦୨୪ ବିଜେତା ସଂଚିତା ଦାସ, ସମାଜସେବୀ ଲେଖିକା ତଥା ଶିକ୍ଷାବିତ୍ ସଂଗୀତା ଦାଶ, ଯୁବନେତା ବାଳକୃଷ୍ଣ ଓଝା, ସରପଂଚ ଅରବିନ୍ଦ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।



ଚଳିତ ବର୍ଷ ରଜ ମହୋତ୍ସବ ମହାସମାରୋହରେ ପାଳନ କରାଯାଇଥିବା ବେଳେ ରଜ ପାଳୁଥିବା ଯୁବତୀମାନଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ନାଚ, ଗୀତ ଅନୁଷ୍ଠିତ ହୋଇଥିଲା। ରଜ ପାଳୁଥିବା ଯୁବତୀମାନେ ମିଠା ଓ ପାନ ବଂଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରଜ ପୋଡ଼ପିଠା ପ୍ରତିଯୋଗୀତା କରାଯାଇଥିଲା। ବିଷ୍ଣୁପୁର ଗ୍ରାମରେ ୮ବର୍ଷ ଧରି ଓଡ଼ିଆମାନଙ୍କର ପର୍ବ ରଜପର୍ବ ପାଳନ ହୋଇ ଆସୁଛି। ରଜପର୍ବର ମୁଖ୍ୟ କାରଣ ହେଉଛି ବସୁଧା ମାତା ୩ ଦିନ ରଜସ୍ୱଳା ହେବାରୁ କୃଷିଭିତ୍ତିକ କାର୍ଯ୍ୟ କରାନଯାଇ ଚାଷୀ ପୁଅମାନେ ଏହି ପର୍ବକୁ ମହାଆଡ଼ମ୍ବର ସହକାରେ ପାଳନ କରିଥାନ୍ତି। ପ୍ରତ୍ୟେକ ଗ୍ରାମ ଗହଳି ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ରଜପର୍ବ ଏକ ଭିନ୍ନ ପରମ୍ପରା।

## ରଜରେ ଦୋଳି ଓ ପାନରେ ମସଗୁଲ ସାରା ସହର

ଆସିକା, (ଭାସ୍କର ନ୍ୟୁଜ୍): ଶନିବାର ଠାରୁ ତିନି ଦିନ ବ୍ୟାପି ପାଳନ ହେବାକୁ ଯାଉଛି ଓଡ଼ିଶାର ଗଣପର୍ବ ରଜପର୍ବ। ଏହାକୁ ନେଇ ଗାଁ ଠାରୁ ସହର ସବୁଠି ଚଳଚଞ୍ଚଳ ପରିବେଶ। ଏହାକୁ ଭିତ୍ତିକରି ଆସିକାର ସବୁଆଡେ ପହିଲି ରଜରେ ଦୋଳି ଓ ପାନରେ ମସଗୁଲ କୁଆଁରୀ ଠାରୁ ଆରମ୍ଭ କରି ପୁରୁଷ ମହିଳାମାନେ। ସାରା ରାଜ୍ୟରେ ଧୁମଧାମରେ ପାଳନ ହେଉଛି ରଜ ପର୍ବ। ଘରମାନଙ୍କରେ ପିଠାପଣାର ଆସର ଜମୁଛି। ଘରର ମହିଳାମାନେ ସକାଳୁସକାଳୁ ହଳଦୀରେ ଘର ଲିପାପୋଛା କରନ୍ତି। ପାଦରେ ଅଳତା ହାତରେ ମେହେନ୍ଦି ଲଗାଇ ରଜ ପାଇଁ ସଜବାଜ ହୋଇଥାନ୍ତି। କେଉଁ ଗାଁ'ର ବରଗଛରେ ଦୋଳି ତ ଆଉ କାହାର ଘରେ ଖେଳୁଛନ୍ତି ଦୋଳି। ପିଲା ଠାରୁ ବଡ଼ ସମସ୍ତେ ରଜ ନିମନ୍ତେ ମଜା ମସ୍ତି କରିବାକୁ ଆଗେଇ ଆସିଛନ୍ତି। ଆଉ କେତେକ ରଜପାନରେ ପାଟିକୁ ଲାଲା କରନ୍ତି। ଏହାକୁ ଭିତ୍ତି କରି ପତଞ୍ଜଳି ଯୋଗ ଶିବିର ଓ ମାନବ ସେବା ସମିତି ପକ୍ଷରୁ ଆସିକା ସହରରେ ପ୍ରଥମ କରି ଗଣେଶ୍ୱର ରଥ, ଦିଲ୍ଲିପ କୁମାର ପାଣିଗ୍ରାହୀ, ଅନିଲ କୁମାର ପାଣିଗ୍ରାହୀ, ଏମ. ତାରିଣୀ ସେନାପତି, ବାବୁଲି ଗୌଡ଼, ସୁରେସ ଚନ୍ଦ୍ର ବିଷୋୟୀ, କାମେଶ୍ୱର ଆଚାରୀ, ଏମ ରଶ୍ମିତା ସେନାପତି, ପ୍ରତିମା ବିଷୋୟୀ, ଜୟନ୍ତୀ ଗୌଡ଼ଙ୍କ ସମେତ ବହୁ ପୁରୁଷ ଓ ମହିଳା ଆସିକା ଟାଉନ ହଲ୍ ପଡିଆ ଠାରେ ବହୁ ଆଡମ୍ବର ସହିତ ରଜ ପର୍ବ ପାଳିତ ହୋଇଯାଇଛି।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ



ମାହାଙ୍ଗା, (ଭାସ୍କର ନ୍ୟୁଜ୍): ମାହାଙ୍ଗା ଥାନା ଅଧିନ ଉଷୁମା ପଂଚାୟତ ରଘୁନାଥନଗରର ହିତିକ ରୋଶନ ସାହୁଙ୍କ ଗତ ବୁଧବାର ଦିନ ସାଲେପୁର-ଛତିଆ ପୂର୍ତରାସ୍ତାର ଅଳିଯୋଡା ତେଲ ଟାଙ୍କି ନିକଟରେ ଦୁର୍ଘଟଣା ହୋଇଥିଲା। ସେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଗତକାଲି ରାତିରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଂଚଳରେ ଶୋକର ଛାୟାର ଖେଳିଯାଇଛି।



ଚିଲିକା (ଭାସ୍କର ନ୍ୟୁଜ୍): ବିଜେପି ସରକାର ଏକ ବର୍ଷ ପୂର୍ତ୍ତି ଅବସରରେ ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକରେ ବିକାଶ ବାହାନ ରଥ ଶୁଭାରମ୍ଭ କରାଯାଇଛି । ଚିଲିକା ବ୍ଲକ ପରିସରରେ ରଥକୁ ପୂଜାର୍ଚ୍ଚନା ଓ ବନ୍ଦାପନା କରାଯାଇଥିଲା। ଏହି ରଥ ଚଣ୍ଡେଶ୍ୱର ଗ୍ରାମ ପଞ୍ଚାୟତ ପହଞ୍ଚିବା ପରେ ଚଣ୍ଡେଶ୍ୱର ସରପଞ୍ଚ ଲିପାଲିନି ମହାପାତ୍ରଙ୍କ ସମେତ ମହିଳାମାନେ ରଥକୁ ସ୍ୱାଗତ କରିଥିଲେ। ଏକ ବର୍ଷ ମଧ୍ୟରେ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚି ପାରିଛି ବୋଲି ଲୋକଙ୍କୁ ବୁଝାଇବା ସହିତ ଯେଉଁ ହିତାଧିକାରୀମାନେ ସରକାରଙ୍କ ଯୋଜନାରୁ ବଞ୍ଚିତ ଥିଲେ ଆଜି ସେମାନଙ୍କୁ ସମସ୍ତ ସୁବିଧା ମିଳିପାରିଛି। ଚିଲିକା ବିଡ଼ିଓ ପୁନମ ମହାପାତ୍ର ତତ୍ତ୍ୱାବଧାନରେ ଚଣ୍ଡେଶ୍ୱର ଗ୍ରାମ ପଞ୍ଚାୟତରେ ରଥ ପରିକ୍ରମା କରିବା ପରେ ଉପସ୍ଥିତ ଥିବା ସରପଞ୍ଚ ଲିପାଲିନି ମହାପାତ୍ର, ପୂର୍ବତନ ସରପଞ୍ଚ ସୁଧାକର ରଣା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଅଞ୍ଜଳିବାଳା ମଲ୍ଲିକ, ଏପିଓ ରୋଜାଲିନୀ ଶ୍ରୀଚନ୍ଦନ, ବିପିଏମ୍ ବିଜୟ ସାହୁ, ଖୋର୍ଦ୍ଧା ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଜୀବନ୍ତ କୁମାର ଆଚାର୍ଯ୍ୟ, ସହକାରୀ ମତ୍ସ୍ୟ ଅଧିକାରୀ ଆଲୋକ ସେଠି, ବ୍ଲକ କୃଷି ଅଧିକାରୀ ସୋମ୍ୟ ରଞ୍ଜନ ସାହୁ, ଉଦ୍ୟାନ କୃଷି ବିଭାଗ କୃଷ୍ଣଚନ୍ଦ୍ର ପ୍ରଧାନ, ପଞ୍ଚାୟତ ଏଡିଇଓ ସୁଭ୍ରାନ୍ତ ଖଟାଇ, ରାଜସ୍ୱ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ବେହେରା ଓ ସମସ୍ତ ମହିଳା ମା'ମାନେ ଆଶା କର୍ମୀ, ଅଙ୍ଗନୱାଡ଼ି ୱାର୍କରମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।



# ଜିଲ୍ଲାସ୍ତରୀୟ ବିକାଶ ମେଳାର ଦ୍ୱିତୀୟ ଦିବସ

କନ୍ଧମାଳ (ଭାସ୍କର ନ୍ୟୁଜ୍): ସ୍ଥାନୀୟ କରୋନେସନ୍ ପଡ଼ିଆ, ଫୁଲବାଣୀ ଠାରେ ବିକାଶ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଜିଲ୍ଲାସ୍ତରୀୟ ବିକାଶ ମେଳା-୨୦୨୫ର ଦ୍ୱିତୀୟ ଦିବସରେ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ, ଅବକାରୀ ଅଧିକ୍ଷକ ସୁଶାନ୍ତ କୁମାର ପାଢ଼ୀ ଯୋଗଦେଇ କହିଥିଲେ ଯେ ବିକଶିତ ଓଡ଼ିଶା ଓ ବିକଶିତ କନ୍ଧମାଳ ଲକ୍ଷ୍ୟ ହାସଲ କରିବାରେ ନିଶା ବାଧକ, ଏଥିପାଇଁ ସରକାର ଆମ ସଂକଳ୍ପ ନିଶା ନୁହେଁ ଜୀବନ ସଚେତନତା ଅଭିଯାନ ଆରମ୍ଭ କରିଛନ୍ତି। ଏହା ଜନସାଧାରଣଙ୍କୁ ସଚେତନ କରି ବିକାଶର ମୁଖ୍ୟ ସ୍ରୋତରେ ସାମିଲ କରିବ। ଏହି ଅବସରରେ କନ୍ଧମାଳ ଓ ଓଡ଼ିଶାର ବିଭିନ୍ନ ଲୋକପ୍ରିୟ କଳାକାର ଓ ସାଂସ୍କୃତିକ ଦଳମାନେ ନିଜର କଳା ପ୍ରଦର୍ଶନ ଦ୍ୱାରା ଉପସ୍ଥିତ ଲୋକମାନଙ୍କର ମନୋରଞ୍ଜନ କରିଥିଲେ। ଓରମାସ୍‌ର ଡେପୁଟି ସି.ଇ.ଓ ଦୁର୍ଗା ପ୍ରସାଦ ଭୁୟାଁ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୋମ୍ୟରଞ୍ଜନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ କାର୍ଯ୍ୟ ନିର୍ବାହ ଅଧିକାରୀ, ଜିଲ୍ଲା ପରିଷଦ, କନ୍ଧମାଳ ଶ୍ରୀ ବିଦୁର କୁମାର ସ୍ୱାଇଁ, ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅକ୍ଷୟ କୁମାର ସେଠୀ, ଡି.ପି.ସି, ମିଶନ ଶକ୍ତି ଶ୍ରୀ ରାମା ତାଣ୍ଡି, ବିଭିନ୍ନ ସାଂସ୍କୃତିକ ଦଳ, କଳାକାର, ଜନସାଧାରଣ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ।

# ରାସ୍ତା ଉନ୍ନତିକରଣ ନାମରେ ହରିଲୁଟ୍ ଅଭିଯୋଗ

## ଶ୍ରମିକ ବଦଳରେ ମେସିନ କରୁଛି କାମ

ବୌଦ୍ଧ (ଭାସ୍କର ନ୍ୟୁଜ୍): କେନ୍ଦ୍ର ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ରାସ୍ତା ଉନ୍ନତିକରଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଯେଉଁଳି ଭାବରେ ରାସ୍ତାର ଉନ୍ନତିକରଣ କରାଯାଇଛି ତାହା ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ବୁଟୁପାଲି ବଘିଆପଡା ରାସ୍ତାରୁ ନୂଆପାଲି ଠାରୁ ଗୌଡ଼ଦେଇ ହରିଜନ ସାହି ରାସ୍ତାର ଉନ୍ନତିକରଣରେ। ସୂଚନାଯୋଗ୍ୟ ୨୦୨୧-୨୨ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ୯ ଲକ୍ଷ ୩୧ ହଜାର ଟଙ୍କା ବ୍ୟୟରେ ଏହି ରାସ୍ତାର ଉନ୍ନତିକରଣ କରାଯାଇଛି। ତେବେ ସୂଚନା ଫଳକରେ ୦ କିମିରୁ ୧୦୦୦ କିମି ରାସ୍ତାର ଗ୍ରେଡ୍ ୱାନ ମେଟାଲିଂ ପାଇଁ ଏହି ଅର୍ଥ ମଞ୍ଜୁରୀ ହୋଇ ଥିବା ସ୍ପଷ୍ଟ ଲେଖା ହୋଇଥିବା ବେଳେ ମାତ୍ର ୫୦୦ ମିଟର ରାସ୍ତା ନିର୍ମାଣ କରି ଏବଂ ଅଟକଳ ମୁତାବକ କମ୍ ମେଟାଲ ଦେଇ ସମ୍ପୂର୍ଣ୍ଣ ବିଲ୍ କରାଯାଇଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଶ୍ରମିକ ବଦଳରେ ଜେସିବି ମେସିନରେ କାମ କରିଥିବା ସ୍ଥାନୀୟ ଲୋକ କହିଛନ୍ତି। ସେହିପରି ବଘିଆପଡା ପଞ୍ଚାୟତର ଖୁଣ୍ଟିଆପଡା, ଏରେଡା, ନୂଆପାଲି ପୋଖରୀ ଖନନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସୂଚନାମତେ ୨୦୨୨-୨୩ ଆର୍ଥିକ ବର୍ଷରେ ଖୁଣ୍ଟିଆପଡା ପୋଖରୀର ଉନ୍ନତିକରଣ ପାଇଁ ୯ ଲକ୍ଷ, ଏରେଡା ତେନ୍ତୁଳି ବନ୍ଧ ପୋଖରୀ ଉନ୍ନତିକରଣ ପାଇଁ ୯ ଲକ୍ଷ, ନୂଆପାଲି ପୋଖରୀର ଉନ୍ନତିକରଣ ପାଇଁ ୯ ଲକ୍ଷ ଟଙ୍କା ଲେଖାଏଁ ପଞ୍ଚାୟତ ପକ୍ଷରୁ ଅର୍ଥ ମଞ୍ଜୁରୀ ହୋଇଥିଲା। ତେବେ ଏହାକୁ ଶ୍ରମିକ ଦ୍ୱାରା ଖୋଳିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଥିବାବେଳେ ଏଥିରେ ଜେସିବି ଓ ଟ୍ରାକ୍ଟର ଲଗାଇ କାମ କରାଯାଇଥିବା ପିଇଓ ହିମାଂଶୁ ପ୍ରଧାନ ସ୍ୱୀକାର କରିଥିଲେ। ତେବେ ଏନେଇ ତାଙ୍କର ପ୍ରତିକ୍ରିୟା ନେବାରୁ ଜିଆର୍‌ଏସ୍ ସହିତ ଯୋଗାଯୋଗ କରିବାକୁ କହିଥିଲେ। ଗ୍ରାମରେ ଶ୍ରମିକ ଶ୍ରେଣୀର ଲୋକ ଥିଲେ ମଧ୍ୟ ଠିକାଦାର ନିଜ ସୁହାଇଲା ଭଳି ଶ୍ରମିକଙ୍କ ଜବକାର୍ଡ ନେଇ ତାଙ୍କ ବ୍ୟାଙ୍କଖାତାରେ ଟଙ୍କା ପକାଇଛନ୍ତି ବୋଲି ଅଭିଯୋଗ ହେଉଛି। କାର୍ଡ ପିଛା ୨୦୦ ରୁ ୩୦୦ ଟଙ୍କା ଦେଇ ବାକି ଟଙ୍କା ଠିକାଦାର ନେଉଥିବା ବେଳେ ରାସ୍ତାରେ ଶ୍ରମିକ ବଦଳରେ ଜେସିବି ମେସିନରେ ବନ୍ଧରୁ ମାଟି କାଢ଼ି ଟ୍ରାକ୍ଟର ଯୋଗେ ମାଟି ବୋହିଥିବା ଅଭିଯୋଗ ହୋଇଛି। ରାସ୍ତାର ଉନ୍ନତିକରଣ ନାଁରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ ହୋଇ ଥିବା ସାଧାରଣରେ ଅଭିଯୋଗ ହେଉଛି। ରାସ୍ତାରେ ଲାଗିଥିବା ସୂଚନା ଫଳକରେ ଅସମ୍ପୂର୍ଣ୍ଣ ସୂଚନା ଲାଗିଥିବାରୁ ଲୋକ ପ୍ରକୃତ ତଥ୍ୟ ଜାଣି ପାରୁନଥିବା ଦେଖିବାକୁ ମିଳିଛି। କିନ୍ତୁ ଏବେ ବନ୍ଧରୁ ୬୦ରୁ ୭୦ ଟ୍ରିପ ମାଟି କାଢ଼ି ଏହି ମାଟି ରାସ୍ତାରେ ପକାଯାଇଛି। ତେବେ କାର୍ଯ୍ୟାଦେଶ ବିଭାଗୀୟ ଅଧିକାରୀଙ୍କ ନାମରେ ଥିଲେ ମଧ୍ୟ ଏଥିରେ ଠିକାଦାର ନିଯୁକ୍ତି ଦିଆଯାଉଛି। ତେବେ ଦୁର୍ନୀତିକୁ ଚପେଇବାକୁ ୧୦/୧୨ଜଣ ଶ୍ରମିକଙ୍କୁ ଠିଆ କରାଇ ଫଟୋ ଉଠେଇ ଏମ୍‌ଏମ୍‌ଏସ୍ କରାଯାଉଛି। ଶ୍ରମିକମାନଙ୍କୁ ୧୦୦ ଦିନର କାମ ସରକାର ଯୋଗାଇ ଦେଇଥିବା ବେଳେ ଅଳ୍ପ କିଛି ଶ୍ରମିକମାନଙ୍କୁ ଠିକାଦାର କାମ ଦେଉଥିବାରୁ ବାକି ଶ୍ରମିକ ମାନେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଥିବା ଅଭିଯୋଗ ହେଉଛି। ସେହିପରି ଏହି ପଞ୍ଚାୟତ ଅନ୍ତର୍ଗତ ଆମଠାପଡା, ଗୋଛାପଡା, ରେଙ୍ଗାଲି ପୋଖରୀ ଉନ୍ନତିକରଣରେ ବି ମେସିନ ସାହାଯ୍ୟରେ କାମ ହୋଇଥିବା ଅଭିଯୋଗ ହୋଇଛି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଶ୍ରମିକମାନେ ଦାବି କରିଛନ୍ତି।



# ଜିଲ୍ଲାସ୍ତରୀୟ 'ବିକଶିତ ଓଡ଼ିଶା ପାଇଁ ବିକଶିତ ଜିଲ୍ଲା ପରାମର୍ଶ କର୍ମଶାଳା'



ବ୍ରହ୍ମପୁର(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲାସ୍ତରୀୟ ବିକଶିତ ଓଡିଶା ପାଇଁ ବିକଶିତ ଜିଲ୍ଲା ପରାମର୍ଶ କର୍ମଶାଳା ଗୋପାଳପୁର ସ୍ଥିତ ପ୍ରମୋଦ ଲାଣ୍ଡ ଆଣ୍ଡ ରିଶୋର୍ଟ ଠାରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ପରାମର୍ଶ କର୍ମଶାଳାରେ ରାଜ୍ୟ ସରକାରଙ୍କ ଆଇନ ଓ ଅବକାରୀ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇ ଆଗାମୀ ଦିନରେ ଜିଲ୍ଲାର ଉନ୍ନତିକରଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏଭଳି କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ। ଏହି କର୍ମଶାଳାରେ ଆସିକା ସାଂସଦ ଅନିତା ଶୁଭ ଦର୍ଶନୀ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ପାଇଁ, ଗଞ୍ଜାମ ଜିଲ୍ଲା ପରିଷଦର ଉପାଧକ୍ଷ ଏସ. ରାଜେଶ୍ୱରୀ ଦ୍ୱାରା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରୁ ବହୁ ଜିଲ୍ଲାସ୍ତରୀୟ ଅଧିକାରୀ, ଏନଜିଓ, ବିଭିନ୍ନ ସଂସ୍ଥାର ମୁଖ୍ୟ ଓ ଅଧକ୍ଷମାନେ ସାମିଲ ହୋଇ ବିକଶିତ ଜିଲ୍ଲା ପାଇଁ ନିଜ ନିଜ ମତପ୍ରକାଶ କରିଥିଲେ। ପ୍ରାରମ୍ଭରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସ୍ୱାଗତ ଭାଷଣ ପ୍ରଦାନ କରି ଜିଲ୍ଲାର ବିକାଶ ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଓଡ଼ିଶା ଭିଜନ ୨୦୩୬ -୨୦୪୭ ସକାଶେ ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ। ଯାହା ଲୋକଙ୍କ ପାଇଁ, ଲୋକମାନଙ୍କ ଦ୍ୱାରା ପ୍ରସ୍ତୁତ ଏକ ଭିଜନ ଡକ୍ୟୁମେଣ୍ଟ ସମସ୍ତଙ୍କ ଭାଗିଦାରୀରେ ପ୍ରସ୍ତୁତ ଲକ୍ଷ୍ୟ ରଖା ଯାଇଛି ବୋଲି ମତବ୍ୟକ୍ତ କରିଥିଲେ।

## ■ ଜିଲ୍ଲାସ୍ତରୀୟ ବାର୍ଷିକ ଲୋକକଳା ମହୋତ୍ସବ

# ସଂରକ୍ଷଣ ହେବ ପାରମ୍ପରିକ କଳା, ଏକତ୍ରିତ ହେଲେ ଶତାଧିକ ଦେଶିଆ ନାଟଗୁରୁ



ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲ୍ୟବନ୍ତ ଦେଶିଆ ନାଟଗୁରୁ ସଂସ୍କୃତିକ ସଂଗଠନ ପକ୍ଷରୁ ଜିଲ୍ଲାସ୍ତରୀୟ ବାର୍ଷିକ ଲୋକ କଳା ମହୋତ୍ସବ ଆଡ଼ମ୍ବର ପୂର୍ଣ୍ଣ ସହ ପାଳିତ ହୋଇଯାଇଛି। ଏହି ଅବସରେ ଜିଲ୍ଲାର ଶତାଧିକ ନାଟଗୁରୁ ଯୋଗ ଦେଇ ନିଜ ନିଜର ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ। କଳାକାରଙ୍କ ଆର୍ଥିକ, ସାମାଜିକ ଏବଂ କଳା ନୈପୁଣ୍ୟତାର ବିକାଶ ପାଇଁ ଆଗାମୀ ଦିନରେ କାର୍ଯ୍ୟ କରାଯିବ। ପାରମ୍ପରିକ କଳାକୁ ସଂରକ୍ଷଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ। ଲୋକ କଳାର ସମୃଦ୍ଧି ପାଇଁ ପ୍ରତିମାସରେ ପ୍ରଶିକ୍ଷଣ ଦିଆଯିବ। ନିୟମିତ ବୈଠକ ଆୟୋଜନ କରି ଏହାକୁ ପ୍ରୟୋଗଶାଳାରେ ପରିଣତ କରାଯିବ ବୋଲି ମାଥିଲି ବ୍ଲକ୍ ଶିରାଗୁଡ଼ା ଗ୍ରାମ ଆମ୍ବତୋଟା ଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ ଲୋକ କଳା ଦିବସ ଓ ବାର୍ଷିକ ଲୋକ କଳା ମହୋତ୍ସବରେ ମଞ୍ଚାସିନ ଅତିଥି ଓ ନାଟଗୁରୁ ମାନେ ଏହା କହି ସୁଚିନ୍ତିତ ମତ ଉପସ୍ଥାପନା କରିଛନ୍ତି। ମାଲ୍ୟବନ୍ତ ଦେଶିଆ ନାଟଗୁରୁ ସଂସ୍କୃତିକ ସଂଗଠନ ସଭାପତି ବିଶିଷ୍ଟ ନାଟଗୁରୁ ଅନାଦି କୋଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମି, ମୁଖ୍ୟବକ୍ତା ଭାବେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁଖିଲ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା, ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ପ୍ରମିଳା ମାଝୀ, ମାଲ୍ୟବନ୍ତ ଦେଶିଆ ନାଟଗୁରୁ ସାଂସ୍କୃତିକ ସଂଗଠନ ଉପଦେଷ୍ଟା ତଥା ବନବାସୀ ଗବେଷକ ରତ୍ନାକର ଦାଶ ଏବଂ ଅନ୍ୟତମ ଅତିଥି ଭାବେ ଜିଲ୍ଲା କଳା ସଂସ୍କୃତି ସଂଘର ଉପ ସଭାପତି ଘେନୁ ମୁଦୁଲି, ଧନୁର୍ଯ୍ୟ ହନ୍ତାଳ, ପାଙ୍ଗମ୍ ସରପଞ୍ଚ ଇନ୍ଦ୍ର ନାୟ, ସୂର୍ଯ୍ୟ ରଣା, ଭୀମ କୁଡୁପୁଡିଆ, ସନଲି ପଡିଆମୀ, ତୁଳଶା ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ମାଥିଲି ବ୍ଲକ୍ କଳା ସଂସ୍କୃତି ସଂଘ ଉପସଭାପତି ପୋଲିସରାମ ମାଣ୍ଡି କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋକପାତ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ସଂଗଠନର ସମ୍ପାଦକ ଧନଫୁଲ ବାରିକ ବାର୍ଷିକ ବିବରଣୀ ପାଠ କରି ନାଟଗୁରୁମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସାତଟି ଯାକ ବ୍ଲକ୍ କଳା ସଂସ୍କୃତି ସଂଘର ଉପ ସଭାପତି, ସମସ୍ତ ଲୋକ କଳା ସାଂସ୍କୃତିକ ସଂଗଠନ ମୁଖ୍ୟ ଓ ଶତାଧିକ ଲୋକ କଳାକାର ଯୋଗ ଦେଇଥିଲେ। ପାରମ୍ପରିକ ଢେମ୍ସା ଓ ଦୁରୁଆ ଲୋକ ନୃତ୍ୟ ତାଳେ ତାଳେ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା। କଳାକାର ମାନେ ପାରମ୍ପରିକ ଲୋକ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ରାତ୍ରିରେ ପାରମ୍ପରିକ ଦେଶିଆ ନାଟ ମଧ ପରିବେଷଣ କରାଯାଇଛି।

# ଆଦ୍ୱିକା-କିଶୋରୀ ରଜ ଉତ୍ସବ ପାଳିତ



ଗୁଣପୁର(ଭାସ୍କର ନ୍ୟୁଜ୍): ଗୁଣପୁର ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ପରିସରରେ ଆଦ୍ୱିକା-କିଶୋରୀ ରଜ ଉତ୍ସବ ପାଳିତ ହୋଇ ଯାଇଛି । ସୁଭଦ୍ରା ଯୋଜନା ମଧ୍ୟମରେ ଶିଶୁ ମାନଙ୍କ ମାନସିକ, ବୌଦ୍ଧିକ, ଖେଳ, ନୃତ୍ୟ, ସଂଗୀତ, ପୋଷଣ ଉନ୍ନତି ନିମନ୍ତେ ସଚେତନତା ତଥା ପ୍ରସାର ନିମନ୍ତେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁଣପୁର ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ସୁଷମା ପ୍ରସାଦଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୁଣପୁର ଉପ ଜିଲ୍ଲାପାଳ କିରନ ଦୀପ କୌର ସହୋତା ମୁଖ୍ୟ ଅତିଥି, ଉପଖଣ୍ଡ କାର୍ଯ୍ୟକ୍ରମ ଅଧିକାରୀ କଳ୍ପନା ମହାକୁଡ଼, ପଦ୍ମପୁର ଶିଶୁ ବିକାଶ ଯୋଜନା ଅଧିକାରୀ ଅନିତା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉପ ଜିଲ୍ଲାପାଳ ରଜ ଦୋଳିରେ ନିଜେ ଝୁଲି ଶୁଭାରମ୍ଭ କରିବା ସହ ରଜ ସୁନ୍ଦରୀମାନଙ୍କୁ ମୁକୁଟ ପିନ୍ଧାଇବା ସହ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କିଶୋରୀମାନଙ୍କୁ ଉତ୍ସାହିତ କରିଥିଲେ। ମାଝୀଗୌରୀ ସମ୍ପାଦିକା ପିଙ୍କି ମହାପାତ୍ର, ଜଳତାର ଉଚ୍ଚ ବିଦ୍ୟାଳୟ ପିଇଟି ନନ୍ଦିତା ପଣ୍ଡା ପ୍ରମୁଖ ମଞ୍ଚସିନ ଥିଲେ। ଶିଶୁ ମାନଙ୍କ ଭିତରେ ଚିତ୍ରାଙ୍କନ, ନୃତ୍ୟ, ଖୋଖୋ ଖେଳ, ରଜ ସୁନ୍ଦରୀ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଶିଶୁ ବିକାଶ ସୁପରଭାଇଜର, ଅଙ୍ଗନବାଡି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରବାସରେ ନିଖୋଜ ଓଡ଼ିଆ ଶ୍ରମିକଙ୍କ ସନ୍ଧାନ ପାଇଁ ଭଉଣୀଙ୍କ ନିବେଦନ

ଆଳି (ଭାସ୍କର ନ୍ୟୁଜ୍) : ବିଦେଶରେ ନିଖୋଜ ଓଡ଼ିଆ ଶ୍ରମିକ। ନିଜର ପରିବାର ପ୍ରତିପୋଷଣ କରିବା ପାଇଁ ବିଦେଶ ଚାଲିଯାଇଥିବା ଓଡ଼ିଆ ଶ୍ରମିକଙ୍କର ଦୀର୍ଘ ୧୯ବର୍ଷ ହେବ ପତ୍ତା ମିଳୁନାହିଁ। ପୂର୍ବରୁ ବାପା ସ୍ୱର୍ଗବାସୀ ହୋଇଯାଇଥିବା ବେଳେ ପୁଅର ଫେରିବା ବାଟକୁ ଚାହିଁ ଚାହିଁ ୧୪ବର୍ଷ ହେବ ମା' ବି ସ୍ୱର୍ଗବାସୀ ହୋଇଗଲେ। ଏବେ ବି ଭାଇର ଫେରିବା ବାଟକୁ ଚାହିଁ ବସିଛନ୍ତି ବଡ଼ ଭଉଣୀ। ଏତଲା ଅନୁଯାୟୀ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଗୋପୀନାଥପୁର ଶାସନ ଗ୍ରାମର ପଦ୍ୟୁମ୍ନ ଷଡ଼ଙ୍ଗୀ, ପିତା ସ୍ୱର୍ଗତ ପଦ୍ମନାଭ ଷଡ଼ଙ୍ଗୀ ୨୫ ମଇ ୨୦୦୬ରେ ବିଦେଶକୁ କାମ କରିବା ନିମନ୍ତେ ଯାଇଥିଲେ। କତରର ଦୋହା ସ୍ଥାନରେ ଏକ ଘରୋଇ କମ୍ପାନୀରେ ୪ ମାସ କାମ କରିବା ପରେ ସେ ସେଠାରୁ ଯାଇ ଅନ୍ୟତ୍ର କାମ କରିବାକୁ ଯାଇଥିବା ନେଇ ଘର ଲୋକଙ୍କୁ ଶେଷ ସୂଚନା ଦେଇଥିଲେ। ଉକ୍ତ କମ୍ପାନୀ ଛାଡି ଚାଲି ଆସିବା ପରେ ତାଙ୍କର କୌଣସି ଖବର କି ସୂଚନା ମିଳି ପାରି ନାହିଁ। ଏହା ମଧ୍ୟରେ ଦୀର୍ଘ ୧୯ବର୍ଷ ବିତିଯାଇଥିଲେ ପୁଅର ଫେରିବା ବାଟକୁ ଚାହିଁ ରହି ତାଙ୍କ ମା' ସୁଲୋଚନା ଷଡ଼ଙ୍ଗୀଙ୍କର ୬ ଡିସେମ୍ବର ୨୦୧୨ ଦେହାନ୍ତ ହୋଇଯାଇଛି। ଏ ନେଇ ୨୦୧୨ ମସିହା ଅକ୍ଟୋବର ୧୫ ତାରିଖରେ ବୈଦେଶିକ ମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଜଣାଇଥିଲେ ମଧ୍ୟ ଆଜି ଯାଏ ଭାଇର ବାଟକୁ ଚାହିଁ ବସିଛନ୍ତି ପଦ୍ୟୁମ୍ନ ଷଡ଼ଙ୍ଗୀଙ୍କ ବଡ଼ ଭଉଣୀ ଅନୁପମା ପଣ୍ଡା। ଏ ନେଇ ମଧ ଭଉଣୀ ଅନୁପମା ପଣ୍ଡା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ପତ୍ର ଦ୍ୱାରା ତାଙ୍କ ଭାଇକୁ ଫେରାଇ ଆଣିବା ପାଇଁ ଅନୁରୋଧ କରିଛନ୍ତି।

# ଯାତ୍ରୀଙ୍କ ପାଇଁ ମାଗଣା ବସ୍ ସେବା

କୋରାପୁଟ (ଭାସ୍କର ନ୍ୟୁଜ୍): କୋରାପୁଟରୁ ସୁକୁ ମଧ୍ୟରେ ରେଳ ଲାଇନର ଦୋହରୀକରଣ କାମ ଚାଲିଥିବାରୁ ଜୁନ ୧୯ ତାରିଖ ପର୍ଯ୍ୟନ୍ତ କୋରାପୁଟ ଷ୍ଟେସନରେ ଟ୍ରେନ ପ୍ରବେଶ କରିବ ନାହିଁ। କୋରାପୁଟ ଷ୍ଟେସନରେ ରହଣି କରିବାକୁ ଥିବା ସମସ୍ତ ଟ୍ରେନ କୋରାପୁଟ ବଦଳରେ ମନବର ଷ୍ଟେସନରେ ରହଣି କରିବ । ଏନେଇ ରେଳ ବିଭାଗ ନିଷ୍ପତି ନେଇଛି। କିନ୍ତୁ କୋରାପୁଟ ଷ୍ଟେସନରୁ ମନବର ଷ୍ଟେସନ ପ୍ରାୟ ୫କିମି ଦୂର ହୋଇଥିବାରୁ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ରେଳ ବିଭାଗ ପକ୍ଷରୁ ମାଗଣା ବସ୍ ସେବା ବ୍ୟବସ୍ଥା କରାଯାଇଛି । କେବଳ ସଂରକ୍ଷଣ ଟିକେଟ କରିଥିବା ଯାତ୍ରୀମାନଙ୍କୁ ମାଗଣା ବସ୍ ସୁବିଧା ମିଳିପାରିବ। ଯେଉଁ ଯାତ୍ରୀମାନଙ୍କ ଟିକେଟ ଥିବ ସେହି ଯାତ୍ରୀମାନଙ୍କୁ ହିଁ ମନବର ଷ୍ଟେସନ ପର୍ଯ୍ୟନ୍ତ ମାଗଣା ବସ୍ ସେବା ମିଳିପାରିବ। ଟିକେଟ ନଥିବା ଯାତ୍ରୀଙ୍କୁ ବସ୍‌ରେ ଚଢ଼ିବାକୁ ସୁଯୋଗ ମିଳିବ ନାହିଁ ବୋଲି ରେଳ ଷ୍ଟେସନ କର୍ତ୍ତୁପକ୍ଷ ସୂଚନା ଦେଇଛନ୍ତି । କୋରାପୁଟ ଷ୍ଟେସନରୁ ଟ୍ରେନ ଚଳାଚଳ କରିବା ପର୍ଯ୍ୟନ୍ତ ଯାତ୍ରୀଙ୍କୁ ଏହି ସୁବିଧା ମିଳିବ। ସଂରକ୍ଷଣ ଟିକେଟ କରିଥିବା ସମସ୍ତ ରେଳଯାତ୍ରୀ ଏହି ମାଗଣା ବସ୍ ସେବାର ସୁବିଧା ନେବା ପାଇଁ ବିଭାଗ ପକ୍ଷରୁ ନିବେଦନ କରାଯାଇଛି।

# ଗଛରୁ ପଡି ଜଣେ ବ୍ୟକ୍ତି ମୃତ

କୋରୁକୋଣ୍ଡା(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ପୁରୁଣା ଚିମଟାପାଲ୍ଲୀ ପଞ୍ଚାୟତ ଅଧିନସ୍ତ ଚିମଟାପାଲୀ ଗ୍ରାମରେ ରହୁଥିବା ସ୍ୱର୍ଗତ ଲାକା ମାଡକାମୀଙ୍କ ପୁଅ ପଦିଆ ମାଡ଼କାମୀ-(୪୯) ଗତ ୧୧ ତରିଖ ବୁଧବାର ଦିନ ପଦିଆ ନିଜ ବାରିରେ ଥିବା ଏକ ଆମ୍ବ ଗଛରେ ଚଢ଼ି ଆମ୍ବ ତୋଳୁଥିବା ବେଳେ କୌଣସି ପ୍ରକାରେ ସେ ଭାରସାମ୍ୟ ହରାଇ ଗଛରୁ ତଳକୁ ଖସି ପଡ଼ିଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକେ ଏବଂ ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏଠାରେ ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା କରିଥିଲେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ତାଙ୍କୁ ଉଚ୍ଚ ଚିକିତ୍ସା ନିମନ୍ତେ ଡାକ୍ତର ତାଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରିଥିଲେ। ଜିଲ୍ଲା ଚିକିତ୍ସାଳୟରେ ସେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ସମୟରେ ଗତକାଲି ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ ଟା ସମୟରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ଡାକ୍ତର ଘୋଷଣା କରିଥିଲେ। ଏ ନେଇ ମୃତ ପଦିଆଙ୍କ ଭାଇ ଦେବେନ୍ଦ୍ର ମାଡ଼କାମୀ ଓର୍କେଲ ଥାନାରେ ଏକ ଲିଖିତ ଏତଲା ପ୍ରଦାନ କରିଥିଲେ। ଉକ୍ତ ଏତଲାକୁ ଭିତ୍ତିକରି ଥାନାରେ କେସ୍ ନମ୍ବର ୧୫/୨୦୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍‌ଆଇ ସୁରେଶ ଚନ୍ଦ୍ର ବିସି ମାଝୀଙ୍କ ନେତୃତ୍ୱରେ ପୋଲିସର ଏକ ଟିମ୍ ମାଲକାନଗିରି ମେଡିକାଲରେ ପହଞ୍ଚି ପଦିଆଙ୍କ ମୃତଦେହକୁ ଜବତ କରିବା ସହ ସେଠାରେ ଶବ ବ୍ୟବଚ୍ଛେଦ କରାଇଥିଲେ। ଏହା ପରେ ପଦିଆଙ୍କ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ପୋଲିସ ପକ୍ଷରୁ ହସ୍ତାନ୍ତର କରାଯାଇଥିବା ଏଏସ୍‌ଆଇ ଶ୍ରୀ ମାଝୀ ସୂଚନା ଦେଇଛନ୍ତି।

# ରୋଗଗ୍ରସ୍ତ ସୁରେଶଙ୍କୁ ସହାୟତାର ହାତ ବଢ଼େଇଲେ ପୌରାଧକ୍ଷ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ସହର ବଣ୍ଡାବାକୁଲି ସାହି ନିବାସୀ ସୁରେଶ ଚନ୍ଦ୍ର ନାୟକ ଖାଦ୍ୟ ନଳୀ ରୋଗରେ ଆକ୍ରାନ୍ତ ହୋଇ ଦୀର୍ଘଦିନ ଧରି ବ୍ରହ୍ମପୁର ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଏହି ଖବର ପାଇ ମାଲକାନଗିରି ପୌର ପରିଷଦ ଅଧକ୍ଷ ଶ୍ରୀ ମନୋଜ କୁମାର ବାରିକ ଏବଂ କାଉନସିଲର ରାଜୁ ସୀସାଙ୍କ ସହ ରୋଗରେ ପୀଡିତ ସୁରେଶ ଚନ୍ଦ୍ର ନାୟକଙ୍କ ମାତା ପିତା ପାଖରେ ପହଞ୍ଚି ସହାୟତାର ହାତ ବଢ଼ାଇବା ସହ ସୁରେଶଙ୍କ ଉତ୍ତମ ଚିକିତ୍ସା ନିମନ୍ତେ ୧୫ ହଜାର ଟଙ୍କା ଅର୍ଥ ରାଶି ସୁରେଶଙ୍କ ମାତାପିତାଙ୍କୁ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ପ୍ରଶାନ୍ତିଲତ ବିଶୋଇ, ବିଜେଡି ମାଲକାନଗିରି ବ୍ଲକ ସଭାପତି ସର୍ବ ବିଶୋଇ, ଦେବେନ୍ଦ୍ର କୁମାର ନାୟକ ଏବଂ ଝାନ୍ସି ରାଣୀ ନାୟକଙ୍କ ଉପସ୍ଥିତିରେ ପ୍ରଦାନ କରିଛନ୍ତି। ଏଥିରେ ରୋଗରେ ପୀଡିତ ସୁରେଶ ଚନ୍ଦ୍ର ନାୟକଙ୍କ ମାତା ପିତା ପୌର ଅଧକ୍ଷଙ୍କୁ ସାଧୁବାଦ ଜଣାଇବା ସହ ଆମ ପାଇଁ ଆପଣ ଭଗବାନ ସଦୃଶ ହୋଇ ଠିଆ ହେଲେ। ସୁରେଶ ଚନ୍ଦ୍ର ନାୟକ ଖାଦ୍ୟ ନଳୀ ରୋଗରେ ଆକ୍ରାନ୍ତ ହୋଇଥିବାରୁ ତାହାର ଅସ୍ତ୍ରୋପଚାର ପାଇଁ ବହୁତ ଅର୍ଥ ଦରକାର ପଡୁଥିବାରୁ ସୁରେଶଙ୍କ ମାତା ପିତା ମାଲକାନଗିରି ଜନସାଧାରଣଙ୍କୁ କିଛି ଅର୍ଥ ରାଶି ସାହାଯ୍ୟ ନିମନ୍ତେ ଅନୁରୋଧ କରିଛନ୍ତି।

# ଯୁବକଙ୍କ ଆତ୍ମହତ୍ୟାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା, ପୋଲିସ ମୁତୟନ

କଲ୍ୟାଣସିଂହପୁର (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ଓ ବିଷମକଟକ ସୀମାନ୍ତ ବୃନ୍ଦାବାଡି ରେଳ ଲାଇନରେ ଜଣେ ଯୁବକଙ୍କ ମୃତଦେହ ଠାବ ହୋଇଛି। ଆଜି ରେଳବାଇ ବିଭାଗ ପକ୍ଷରୁ ଲାଇନ ସଫେଇ କରୁଥିବା ବେଳେ କିଛି ଲୋକ ଦେଖି ରେଳବିଭାଗ ପୁଲିସକୁ ସୂଚନା ଦେଇଥିଲେ। ଉକ୍ତ ଖବର ପାଇ ମୁନିଗୁଡା ରେଳ ବିଭାଗର ଆର୍‌ପିଏଫ୍‌ର ଏସ୍‌ଆଇ ଟି ଏସ ଭଞ୍ଜ ଏକ ଦଳ ସହ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦର ପ୍ରକ୍ରିୟା ଜାରି ରହିଛି। ପରିବାର କହିବା ଅନୁଯାୟୀ ଗତ କାଲି ଅପରାହ୍ନ ୫ଟା ସମୟରେ ଭାଲେରି ଗ୍ରାମର ପୂର୍ଣ୍ଣ ବାଗକୁ ନେଇ ସମ୍ପର୍କୀୟ ସଞ୍ଜୟ ବିଡ଼ିକା (୨୩) ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। କାରଣ ତାଙ୍କ କାନରେ ଏକ ପୋକ ପଶିଯାଇଥିଲା। ସେତେବେଳେ ସ୍ୱାସ୍ଥ୍ୟକେନ୍ଦ୍ରର ଆଉଟଡୋର ବନ୍ଦ ହୋଇଥିଲା। ଡାକ୍ତର ହୀରାଞ୍ଜଳ ପଟ୍ଟନାୟକଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଖବର ସଞ୍ଜୟ ବିଡ଼ିକା ଜାଣି ଟେନସନ ହୋଇ ବିଷମକଟକ ବ୍ଲକ ବୃନ୍ଦାବାଡି ରେଳଧାରଣରେ ମୁଣ୍ଡ ଦେଇ ଆତ୍ମହତ୍ୟା କରିଛି ବୋଲି ଜଣାପଡିଛି। ଏହା ହତ୍ୟା ନା ଆତ୍ମହତ୍ୟା କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ଏହାର ତଦନ୍ତ କରୁଛି, ଏହାକୁ ନେଇ ଗ୍ରାମବାସୀ ଓ ଦଳିତ ଲୋକମାନେ ଏକତ୍ରିତ ହୋଇ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଘେରାଉ କରିଥିଲେ। ଉକ୍ତ ଖବର ପାଇ ଥାନା ଅଧିକାରୀ ନୀଳକଣ୍ଠ ବେହେରା, ଚାନ୍ଦିଲି ଥାନା ଅଧିକାରୀ ଉତ୍ତମ କୁମାର ସାହୁ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସମସ୍ୟା ସମାଧାନ କରିବାକୁ ଚେଷ୍ଟା କରିଥିଲେ। ସମସ୍ୟା ସମାଧାନ ହୋଇନଥିବାରୁ ଅତିରିକ୍ତ ଜିଲ୍ଲା ଅଧିକ୍ଷକ ଅମୂଲ୍ୟ କର ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷକୁ ଥାନାକୁ ଡକାଇ ତଦନ୍ତ ଚଳାଇଛନ୍ତି। ଆଜି ସକାଳେ ଶବକୁ ଆଣି ଥାନା ସାମ୍ନାରେ ପରିବାର ଏବଂ ଦଳିତ ସମାଜ ଶବକୁ ରଖି ଧାରଣାରେ ବସିଛନ୍ତି, ଯେତେବେଳ ପର୍ଯ୍ୟନ୍ତ ଏହାର ସମାଧାନ ହେବ ନାହିଁ ସେତେବେଳେ ପର୍ଯ୍ୟନ୍ତ ଧାରଣାରେ ବସିବୁ ବୋଲି ଚେତାବନୀ ଦେଇଛନ୍ତି।

# ଡେଙ୍ଗୁ, ଡାଇରିଆ ଓ ମେଲେରିଆ ନିରାକରଣ ପ୍ରସ୍ତୁତି ନେଇ ଜିଲ୍ଲାପାଳଙ୍କ ସମୀକ୍ଷା



ରାୟଗଡ (ଭାସ୍କର ନ୍ୟୁଜ୍): ଜିଲ୍ଲାରେ ଡେଙ୍ଗୁ, ଡାଇରିଆ ଓ ମେଲେରିଆ ବୃଦ୍ଧିକୁ ଆଶଙ୍କା କରି ଏହାର ନିରାକରଣ ନିମନ୍ତେ ପ୍ରସ୍ତୁତି ଉପରେ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱରୀ ଆଜି ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଆବାସୀ ମାଧ୍ୟମରେ ବ୍ଲକସ୍ତରୀୟ ଅଧିକାରୀଙ୍କୁ ନେଇ ସମୀକ୍ଷା ବୈଠକ କରିଥିଲେ। ବିଶେଷ କରି ଜୁନ ମାସର ୧୫ ତାରିଖ ପରେ ବର୍ଷା ଯୋଗୁଁ ଝାଡାବାନ୍ତି, ଡେଙ୍ଗୁ ଓ ମେଲେରିଆର ପ୍ରାଦୁର୍ଭାବ ହେବା ସମ୍ଭବନା ଅଧିକ ଆଶଙ୍କା କରି ଜିଲ୍ଲାପାଳ ସମୀକ୍ଷା କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ରାୟଗଡ଼, ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ରମେଶ କୁମାର ଜେନା, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ରାୟଗଡ଼ ଚନ୍ଦ୍ର କାନ୍ତ ମାଝୀ, ଗ୍ରାମୀୟ ଜଳ ଯୋଗାଣ ସଂସ୍ଥାର ନିର୍ବାହୀ ଯନ୍ତ୍ରୀ ଗୋପାଳ ନାୟକ, ସିଡିଏମଓ ପ୍ରଫୁଲ କୁମାର ପାଢ଼ୀ, ଅତିରକ୍ତ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ମମତା ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ମିନତି ଦେଓ, ଜିଲ୍ଲା ମଙ୍ଗଳ ଅଧିକାରୀ ଅସିମା ରାଓ, ଜିଲ୍ଲା ଶିକ୍ଷା ଅଧିକାରୀ ରାମ ନାହାକ, ରାୟଗଡ଼ ପୌର ନିର୍ବାହୀ ଅଧିକାରୀ କୁଳଦୀପ କୁମାର, ଖାଦ୍ୟ ନିରୀକ୍ଷଣ ଅଧିକାରୀ, ଆବାସି ମାଧ୍ୟମରେ ଯୋଗଦେଉଥିବା ସମସ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗଦେଇଥିଲେ। ଆସନ୍ତା ୨୦ଜୁନରେ ବିଦ୍ୟାଳୟ ଖୋଲୁଥିବାରୁ ତାହା ପୂର୍ବରୁ ସ୍କୁଲ ହଷ୍ଟେଲ ଓ ଶ୍ରେଣୀ ଗୃହ ଗୁଡିକର ମରାମତି ଓ ବିଶୁଦ୍ଧ କରିବ ସହିତ ଦୈନିକ ରିପୋର୍ଟ ଦେବା ପାଇଁ ପିଏ ଆଇଟିଡିଏ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ନାଳ ନର୍ଦ୍ଦମାଗୁଡିକ ଶତପ୍ରତିଶତ ବିଶୋଧନ ଓ ସଫା ସୁତୁରା ରଖିବାକୁ ବିଡିଓ ଓ ପୌର ନିର୍ବାହୀ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ଏଏନଏମ ଓ ଅଙ୍ଗନବାଡି କେନ୍ଦ୍ରରେ, ଆଶାମାନଙ୍କ ପାଖରେ ଯଥେଷ୍ଟ ପରିମାଣ ଓଆର୍‌ଏସ୍ ଏବଂ ଔଷଧ ମହଜୁଦ ରଖିବା, ଜଳ ନମୁନା ସଂଗ୍ରହ କରି ତାହାର ପରୀକ୍ଷା କରି ୨ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଘରକୁ ଘର ଯାଇ ଲୋକଙ୍କୁ ସଚେତନତା କରିବେ। ପ୍ରତ୍ୟେକ ଗ୍ରାମର ଲୋକମାନେ ଯେପରି ସଚେତନ ହେବେ ସେଥି ପାଇଁ ଡାକବାଜି ଯନ୍ତ୍ର ମାଧ୍ୟମରେ ଗାଁ ଗାଁ ବୁଲି ସଚେତନ କରାଯିବ। ଝାଡାବାନ୍ତି ଓ ମେଲେରିଆ ଆକ୍ରାନ୍ତ ରୋଗୀଙ୍କ ଉପଯୁକ୍ତ ଚିକିତ୍ସା ଯୋଗାଇବାକୁ ଜିଲ୍ଲାପାଳ କହିଥିଲେ। ମଶାରୀ ଯେପରି ଶତପ୍ରତିଶତ ବ୍ୟବହାର କରିବେ ସେଥିପାଇଁ ଘରକୁ ଘର ଯାଇ ବୁଝାଇବାକୁ ଜିଲ୍ଲାପାଳ କହିଥିଲେ। ସେହିପରି ବିଦ୍ୟାଳୟ ଅନ୍ତେବାସୀ ମଧ ସମସ୍ତେ ବ୍ୟବହାର କରିବେ ସେଥିପାଇଁ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀମାନେ ସୁନିଶ୍ଚିତ କରିବେ। ଚଳିତ ବର୍ଷ ଜଣେ ମଧ ଛୁଆ ଯେପରି ମେଲରିଆ, ଝାଡାବାନ୍ତିରେ ମୃତ୍ୟୁବରଣ ନକରନ୍ତି ସେଥିପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ମଙ୍ଗଳ ଅଧିକାରୀ, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ମଙ୍ଗଳ ସଂପ୍ରସାରଣ ଅଧିକାରୀଙ୍କୁ ସତର୍କ ରହିବାକୁ କହିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀମାନେ ଗାଁ କଲ୍ୟାଣ ସମିତି ପାଣ୍ଠି ବ୍ୟବହାର କରି ସଚେତନତା କାର୍ଯ୍ୟ କରିବେ। ହଷ୍ଟେଲ ପାଣିଟାଙ୍କି, ଝରକାରେ ମଶାରୀ ଦେବା, ପାଇଖାନା ମରାମତି ଓ ବିଶୋଧନ କାମ ବିଦ୍ୟାଳୟ ଖୋଲିବା ପୂର୍ବରୁ ସାରିବାକୁ ପିଏ ଆଇଟିଡିଏ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟ ଖୋଲିଲେ ଛାତ୍ରଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବାକୁ ସମ୍ପୃକ୍ତ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ କହିଥିଲେ। ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ଏଏନଏମ ଦ୍ୱାରା ପରୀକ୍ଷା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ହାଲୁକା ଭାବରେ ନନେଇ ଧ୍ୟାନ ଦେବାକୁ କହିଥିଲେ। ଜୀବଜନ୍ତୁଙ୍କ ମଲା ମାଂସ ବହୁତ ଦିନ ରଖି ନଖାଇବାକୁ ଲୋକଙ୍କୁ ସଚେତନତା କରିବାକୁ କହିଥିଲେ।



କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦୀପ ଗଡ ଗ୍ରାମ ପଞ୍ଚାୟତ ଦ୍ୱାରା ଆୟୋଜିତ ୪ର୍ଥ ବାର୍ଷିକ ରଜ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ସାଂସ୍କୃତିକ ସଭାରେ ରଜ ମହୋତ୍ସବ କମିଟିର ସଭାପତି ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା, ମୁଖ୍ୟ ବକ୍ତା ଭାବେ କୁଜଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ଦୀପକ ପ୍ରସାଦ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସସ୍ମିତା ବେହେରା, ଶିଳ୍ପପତି ପ୍ରହ୍ଲାଦ ବେହେରା ଓ ଚନ୍ଦ୍ରଶେଖର ଚୌଧୁରୀ ପ୍ରମୁଖ ଯୋଗଦେଇ ରଜ ପର୍ବର ମହତ୍ ଓ ପରମ୍ପରା ସଂପର୍କରେ ବକ୍ତବ୍ୟ ରଖିଥିଲେ। ସରପଞ୍ଚ ସସ୍ମିତା ବେହେରାଙ୍କ ଏପରି ଉଚ୍ଚ ମାନର କାର୍ଯ୍ୟକ୍ରମକୁ ଅତିଥିମାନେ ପ୍ରଶଂସା କରିଥିଲେ। ଶ୍ରାବଣୀ କଳା ନିକେତନ, ମୟୂରୀ କଳା ପରିଷଦ, ପାରାଦୀପ ଓ ସରସ୍ୱତୀ କଳା କେନ୍ଦ୍ର, ତିର୍ତ୍ତୋଲର କଳାକାରଙ୍କ ଦ୍ୱାରା ଆୟୋଜିତ ନାଚ ଗୀତରେ ମଞ୍ଚ କମ୍ପି ଉଠିଥିଲା। ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଚନ୍ଦ୍ରଶେଖର ଚୌଧୁରୀ, ଦେବ ଦୁର୍ଲ୍ଲଭ କର, ଜୟନ୍ତ ସେନାପତି, ମନୋଜ ରାଉତ, ସଂଗ୍ରାମ ବେହେରା, ନିରଞ୍ଜନ ପରିଡ଼ା, ରାଜେନ୍ଦ୍ର ବେହେରା, ସତ୍ୟନାରାୟଣ ମହାପାତ୍ର, ଅଲେଖ ମହରଥା, ରମେଶ ବେହେରା, ଚନ୍ଦ୍ରକାନ୍ତ ସ୍ୱାଇଁ, ଅନନ୍ତ ବିଶ୍ୱାଳ, ବିଚିତ୍ର ପ୍ରଧାନ, ଶାରଦା ପ୍ରସନ୍ନ ସ୍ୱାଇଁ, କଳ୍ପନା ମହାପାତ୍ର, ଦୀପକ ପଣ୍ଡା, ସୁବାସ ସେନାପତି, ଉଲ୍ଲାସ ମହାରଥା ଓ ଶୁଭସ୍ମିତା ମଙ୍ଗରାଜ ପ୍ରମୁଖ ପରିଚାଳନା କରିଥିଲେ।

### ଠିକାଦାରଙ୍କ ମନମାନୀ ପାଇଁ ଲୋକେ ହୀନସ୍ତା

# କେନ୍ଦ୍ରାପଡ଼ା କଲେଜ ଛକରୁ ଡେରାବିଶ ବ୍ଲକ ରାସ୍ତା ମରଣଯନ୍ତା

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା କଲେଜଛକରୁ ବାହାରିଥିବା କେନ୍ଦ୍ରାପଡ଼ା - ଗୋଲରାହାଟ ରାସ୍ତାର ଉଦୟନଗର ଠାରେ ରହିଥିବା ପାଟନାଳୀ ଉପରେ ଆର୍ ଆଣ୍ଡ ବି ବିଭାଗ ପକ୍ଷରୁ ନିର୍ମାଣ ଏକ ପୋଲ ନିର୍ମାଣ ଚାଲିଛି। ତେବେ ଠିକାଦାର ଜଣକ ମନମାନୀ ଯୋଗୁ ଦୀର୍ଘ ୬ ମାସ ହେବ ଲୋକମାନେ ନାହିଁନଥିବା ହୀନସ୍ତା ଭୋଗୁଛନ୍ତି। କେନ୍ଦ୍ରାପଡ଼ା ଗୋଲରାହାଟ ରାସ୍ତାଟି ଏକ ବ୍ୟସ୍ତବହୁଳ ରାସ୍ତା ହୋଇଥିବା ବେଳେ ଡେରାବିଶ ବ୍ଲକ କାର୍ଯ୍ୟାଳୟ, ଡେରାବିଶ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ଡେରାବିଶ କୃଷି ବିଭାଗ କାର୍ଯ୍ୟାଳୟ, ଡେରାବିଶ ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା ଜିଲ୍ଲା ଉଦ୍ୟାନ ବିଭାଗ କାର୍ଯ୍ୟାଳୟ, ସୁଦର୍ଶନ ହାଇସ୍କୁଲ, କେନ୍ଦ୍ରାପଡ଼ା କଲେଜ, କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟକୁ ଦୈନିକ ହଜାର ହଜାର ଲୋକ ଏହି ରାସ୍ତା ଦେଇ କାରବାର ହୋଇଥାନ୍ତି। ଠିକାଦାର ଜଣକ ଉଦୟନଗର ଠାରେ ରହିଥିବା ଏହି ପାଟନାଳୀ ପୋଲଟିକୁ ଭାଙ୍ଗି ନୂତନ ଭାବେ ନିର୍ମାଣ କରୁଛି। ନିର୍ମାଣ ଆରମ୍ଭ ସମୟରେ ଏହି ବ୍ୟସ୍ତବହୁ ରାସ୍ତାରେ ଲୋକମାନଙ୍କ ଯାତାୟତ ପାଇଁ ସଠିକ ଭାବରେ ଏକ ଆପ୍ରୋଚ ରୋଡ୍ ନିର୍ମାଣ ନକରି ଖୁବ୍ ଅଣଓସାରିଆ ଓ ତାଖି ଭାବେ ଏକ ଆପ୍ରୋଚ ରୋଡ୍ ନିର୍ମାଣ କରିଥିଲେ।



ସେଥିପାଇଁ ଏହି ବିପଦସଙ୍କୁଳ ଓ ତାଖି ଭାବେ ନିର୍ମିତ ଆପ୍ରୋଚ ରୋଡ୍‌ରେ ସେତେବେଳେ ବହୁ ସାଇକେଲ୍ ଓ ବାଇକ୍ ଆରୋହୀ ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ। ଏବେ ପୋଲ ନିର୍ମାଣ କାର୍ଯ୍ୟ ସରିଯାଇଥିଲେ ମଧ ପୋଲକୁ ସଂଯୋଗୀକର ରାସ୍ତା ନିର୍ମାଣ ହୋଇନାହିଁ। ଗତ ତିନିଦିନ ହେବ ଲାଗି ରହିଥିବା କାଳବୈଶାଖୀ ବର୍ଷାରେ ଏହି ଆପ୍ରୋଚ ରୋଡ୍‌ଟି ଏତେ ମାତ୍ରାରେ ବିପଦସଙ୍କୁଳ ପାଲଟିଛି ଯେ, ଯଦି କୌଣସି ସାଇକେଲ୍ କିମ୍ବା ବାଇକ୍ ଆରୋହୀ ଏହି ଆପ୍ରୋଚ୍ ରୋଡ୍ ବାଟଦେଇ ଯାଏ ତେବେ ସେ ନିଶ୍ଚିତ ଭାବରେ ଅଣାୟତ ହୋଇ ଗୋବରୀ ନଦୀକୁ ଖସିପଡ଼ିବ। ସ୍ଥାନୀୟ ଅଞ୍ଚଳବାସୀଙ୍କ କହିବା କଥା ଏଠାରେ ପ୍ରତ୍ୟେକ ଦିନ ଲୋକମାନେ ଦୁର୍ଘଟଣା ଗ୍ରସ୍ତ ହେଉଥିବାରୁ ଆମେ ଠିକାଦାରଙ୍କୁ ଏହି ଆପ୍ରୋଚ ରୋଡ୍‌କୁ ସଠିକ୍ ଢ଼ଙ୍ଗରେ ନିର୍ମାଣ କରିବା ପାଇଁ ଯେତେ କହିଲେ ମଧ ଠିକାଦାର ଏଥିପ୍ରତି କର୍ଣ୍ଣପାତ କରୁନାହାଁନ୍ତି। ଏଥିସହିତ ଏହି ନୂତନ ନିର୍ମିତ ପୋଲର ସଂଯୋଗୀକରଣ ରାସ୍ତା ହୋଇ ନଥିବାରୁ ଏହାର ଦୁଇପଟରେ ସୁରକ୍ଷାବାଡ଼ ମଧ ନିର୍ମାଣ କରାଯାଇ ନାହିଁ। ଫଳରେ ରାତିରେ ଯଦି କୌଣସି ବାଇକ୍ ଆରୋହି ଏହି ରାସ୍ତାଦେଇ ଯାଆନ୍ତି ତେବେ ସୁନିଶ୍ଚିତ ଦୁର୍ଘଟଣାର ସମ୍ମୁଖିନ ହେବେ। ଏଥିପାଇଁ ଠିକାଦାର ଦାୟୀ ରହିବେ ବୋଲି ସ୍ଥାନୀୟ ଲୋକମାନେ ପ୍ରକାଶ କରଛନ୍ତି। ତୁରନ୍ତ ଏହି ପୋଲର ସଂଯୋଗୀକରଣ ରାସ୍ତା ନିର୍ମାଣ କରି ଲୋକମାନଙ୍କ ଚଳାଚଳର ସୁବିଧା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବାତ୍ୟା ଆଶ୍ରୟସ୍ଥଳୀ ମରାମତି କାର୍ଯ୍ୟକୁ ନେଇ ଗୋଷ୍ଠୀ ସଂଘର୍ଷ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ବାତ୍ୟା ଆଶ୍ରୟସ୍ଥଳୀରେ ମରାମତିକୁ କେନ୍ଦ୍ରକରି ଗୋଷ୍ଠୀ ସଙ୍ଘର୍ଷ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଆଳସାହି ପଞ୍ଚାୟତ ଅସନ ବାତ୍ୟାଆଶ୍ରୟସ୍ଥଳୀରେ ମରାମତି କାର୍ଯ୍ୟକୁ କେନ୍ଦ୍ର କରି ୨ଗୋଷ୍ଠୀ ମଧ୍ୟରେ ମରଣାନ୍ତକ ଆକ୍ରମଣ ସହ ସ୍ଥାନୀୟ ଅଞ୍ଚଳରେ କିଛି ସମୟ ପାଇଁ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ମୁତାବକ ଆପତ୍ତିକାଳୀନ ବିପର୍ଯ୍ୟୟ ପାଣ୍ଠିରୁ ୬ଲକ୍ଷ ଟଙ୍କା ବ୍ୟୟରେ ଅସନ ବାତ୍ୟା ଆଶ୍ରୟସ୍ଥଳୀକୁ ମରାମତି କରିବାକୁ ବ୍ଲକ ପ୍ରଶାସନ ସ୍ଥାନୀୟ ଅଞ୍ଚଳର ଠିକାଦାରଙ୍କୁ ଦେଇଥିଲେ। କିନ୍ତୁ ବାତ୍ୟାଆଶ୍ରୟସ୍ଥଳୀର ସ୍ଥାନୀୟ କମିଟି ସଭାପତି ଆଳସାହି ସରପଞ୍ଚ ଶ୍ରୀୟା ବରାଳ ସେଠାରେ ଥିବା ୱାର୍ଡ ସଭ୍ୟାକୁ ଦାୟିତ୍ୱ ଦେଇଥିଲେ। ଯାହା ଫଳରେ କି ମରାମତି କାର୍ଯ୍ୟକୁ ନେଇ କିଛି ଦିନ ପୂର୍ବେ ଉଭୟ ଗୋଷ୍ଠୀ ମଧ୍ୟରେ ତୀବ୍ର ଗଣ୍ଡଗୋଳ ହେବା ସହ ଅସ୍ତରଙ୍ଗ ଥାନାରେ ମାମଲା ରୁଜୁ ହୋଇଥିଲା। କିନ୍ତୁ ସରପଞ୍ଚ ଦେଇଥିବା ୱାର୍ଡ ସଭ୍ୟା କିଛି ବ୍ୟକ୍ତି ବିଶେଷଙ୍କୁ ନେଇ ଶନିବାର ଦିନ ମରାମତି କାର୍ଯ୍ୟ କରୁଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ବିରୋଧ କରିବା ସହ ତୀବ୍ର ଗଣ୍ଡଗୋଳ ହୋଇଥିଲା। ଉଭୟ ଗୋଷ୍ଠୀ ମଧ୍ୟରେ ରାଜନୈତିକ ଛକାପଞ୍ଝା ଯୋଗୁଁ ବାରମ୍ବାର ମରାମତିକୁ ନେଇ ଗଣ୍ଡଗୋଳ ହେଉଥିବା ବେଳେ ପୂର୍ବରୁ ଅସ୍ତରଙ୍ଗ ଥାନାରେ ମଧ ଅଭିଯୋଗ ହୋଇଥିଲା। କିନ୍ତୁ ପୋଲିସ ପ୍ରଶାସନ ଉଭୟ ଗୋଷ୍ଠୀ ଘଟଣାକୁ ମାମଲା ରୁଜୁ କରି ଚୁପ ବସିଥିବାବେଳେ ଓ ପ୍ରଶାସନର ନିଷ୍କ୍ରିୟତା ଯୋଗୁଁ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଗଣ୍ଡଗୋଳ ହୋଇ ଉଗ୍ରରୂପ ନେଇଛି। ଯାହା ଫଳରେ କି ଶନିବାର ଦିନ ବାତ୍ୟା ଆଶ୍ରୟସ୍ଥଳୀରେ ସରପଞ୍ଚ ଦେଇଥିବା ଏକ ଗୋଷ୍ଠୀ ରଙ୍ଗ ମାରୁଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀ ମଧ୍ୟରେ ବାକଯୁଦ୍ଧ ପରେ ମୁଖ୍ୟ ରାସ୍ତାରେ ଠେଙ୍ଗା ବାଡ଼ି ଶହ ମାରଣାସ୍ତ୍ରରେ ପରସ୍ପର ମଧ୍ୟରେ ଆକ୍ରମଣ ହୋଇଥିଲେ। ଆକ୍ରମଣ ଶିକାର ହୋଇ ଶନିବାର ମଧ୍ୟାହ୍ନ ସମୟରେ କ୍ଷତାକ୍ତ ହୋଇ ଅସନ



ଗ୍ରାମର ମିଟୁ ଦାସ (୩୫), ବିଦୁ ଦାସ (୪୫), ବାବୁରାମ ମଲ୍ଲିକ (୩୯), କୁଞ୍ଜବିହାରୀ ଦାସ (୪୫), ଅନନ୍ତ ଦାସ (୧୮), ଜଟାଧାରୀ ଦାସ (୩୭), ପାଟସୁନ୍ଦରପୁର ଗ୍ରାମର ମଣ୍ଟୁ ବେହେରା (୪୮), ମୁନା ଦଳାଇ (୪୫)ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇ ଚିକିତ୍ସା ହୋଇଥିଲେ। ଅସନ ଗ୍ରାମର ୫ଜଣ ଗୁରୁତର ଥିବାରୁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। କିନ୍ତୁ ଅସ୍ତରଙ୍ଗ ବିଡ଼ିଓ ସୁଶ୍ରୀ ସସ୍ମିତା ବେହେରା ଉକ୍ତ ବାତ୍ୟା ଆଶ୍ରୟସ୍ଥଳୀରେ ପୂର୍ବରୁ ଥିବା ସେକ୍ରେଟାରୀଙ୍କୁ ଚିଠି ମାଧ୍ୟମରେ ଦର୍ଶାଇଛନ୍ତି ବାତ୍ୟା ଆଶ୍ରୟସ୍ଥଳୀ ଚାବି ହସ୍ତାନ୍ତର କରିବାକୁ। ସ୍ଥାନୀୟ ପ୍ରଶାସନର କିଛି ମାତ୍ରାରେ ଅବହେଳା ଯୋଗୁଁ ବାତ୍ୟା ଆଶ୍ରୟସ୍ଥଳୀ ମରାମତିକୁ ନେଇ ବାରମ୍ବାର ଏଭଳି ଘଟଣା ସାମ୍ନାକୁ ଆସୁଛି। ଶନିବାର ଦିନ ଘଟଣା ଘଟିବା ପରେ ଅସ୍ତରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚାପା ଉତ୍ତେଜନାକୁ ବନ୍ଦ କରିଛି। ରାଜନୈତିକ ଶତ୍ରୁତା ହେତୁ ଏଭଳି ସଂଘର୍ଷ ଦେଖିବାକୁ ମିଳୁଛି।

# ଥଇଥାନ ଦାବିରେ ଜରଡାବାସୀଙ୍କ ଆନ୍ଦୋଳନ, ପ୍ରତିଶ୍ରୁତି ପରେ ସ୍ଥଗିତ

କଣିହାଁ (ଭାସ୍କର ନ୍ୟୁଜ୍) : ପ୍ରସ୍ତାବିତ ପଥରମୁଣ୍ଡା ପୁନର୍ବସତି ସ୍ଥାନରେ ଥଇଥାନ କରିବା ପାଇଁ କୋଇଲା ଖଣି ଦ୍ୱାରା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଜରଡା ଗ୍ରାମବାସୀ ଶୁକ୍ରବାର ଠାରୁ ପୁଣି ଖଣି ବନ୍ଦ ଆନ୍ଦୋଳନ କରିଛନ୍ତି। ପ୍ରଶାସନ ଓ ଏମସିଏଲ ସମସ୍ୟା ସମାଧାନ ନିମିତ୍ତ ପ୍ରତିଶୃତି ଦେଇ କାର୍ଯ୍ୟକାରୀ କରୁନଥିବାରୁ ଗ୍ରାମର ମହିଳାମାନେ ସାମ୍ନାକୁ ଆସି ଧାରଣାରେ ସାମିଲ ହୋଇଛନ୍ତି। ଫଳରେ କଣିହାଁ କୋଇଲା ଖଣିରୁ କୋଇଲା ପରିବହନ ଓ ଉତ୍ପାଦନ ବନ୍ଦ ରହିଛି। ପରେ ସନ୍ଧ୍ୟାରେ କଣିହାଁ ତହସିଲଦାରଙ୍କ କାର୍ଯ୍ୟାଳୟର ତାଳଚରେ ଉପଜିଲ୍ଲାପାଳ ସମୀର କୁମାର ଜେନା



ଅଧକ୍ଷତାରେ କଣିହାଁ ଅତିରିକ୍ତ ତହସିଲଦାର, ପାଳଲହଡା ଏସ୍‌ଡିପିଓ, କଣିହାଁ ଆଇଆଇସି, ଏମସିଏଲ ମ୍ୟାନେଜମେଣ୍ଟ, ଆନ୍ଦୋଳନକାରୀଙ୍କ ପ୍ରତିନିଧିଙ୍କୁ ନେଇ ଏକ ବୈଠକ ବସିଥିଲା। ଆଲୋଚନାରେ ୧୫ଦିନ ମଧ୍ୟରେ ପ୍ରସ୍ତାବିତ ପଥରମୁଣ୍ଡା ଜାଗାରେ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ କରାଯାଇ ଲୋକମାନଙ୍କୁ ପ୍ଲଟ ହସ୍ତାନ୍ତର ପ୍ରକ୍ରିୟା କରାଯିବ ବୋଲି ନିଷ୍ପତ୍ତି ହୋଇ ପ୍ରତିଶୃତି ମିଳିବା ପରେ ସନ୍ଧ୍ୟା ପ୍ରାୟ ସାଢ଼େ ୮ଘଟିକା ସମୟରେ ଆନ୍ଦୋଳନ ସ୍ଥଗିତ ରହିଛି। ସୂଚନାଯୋଗ୍ୟ ଯେ, ପ୍ରସ୍ତାବିତ ପଥରମୁଣ୍ଡା ବିସ୍ଥାପନ ସ୍ଥାନରେ ଥଇଥାନ ଦାବିରେ ଜରଡା ଗ୍ରାମବାସୀ କଣିହାଁ କୋଇଲାଖଣି ମେନ୍ ଗେଟ୍ ସମ୍ମୁଖରେ ବସି ରହି ଗାନ୍ଧୀଙ୍କ ଫୋଟୋ ଧାରଣା ଦେଇଥିଲେ।

# ୧୬ରେ କୋଲାବିରାରେ ଜନ ଅଭିଯୋଗ ଶୁଣାଣି

ବ୍ରଜରାଜନଗର/ବେଲପାହାଡ଼ (ଭାସ୍କର ନ୍ୟୁଜ୍) : ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଆସନ୍ତା ୧୬ତାରିଖ ଦିବା ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଜନସାଧାରଣ ଉଲ୍ଲିଖିତ ସମୟାନୁସାରେ ବ୍ଲକ କାର୍ଯ୍ୟାଳୟଠାରେ ଉପସ୍ଥିତ ରହି ନିଜ ନିଜର ଆପତ୍ତି ଅଭିଯୋଗ ଦାଖଲ କରିପାରିବେ। ପୂର୍ବରୁ ସକାଳୁଆ ଅଫିସ କାର୍ଯ୍ୟ ପାଇଁ ସକାଳ ୭ଟାରୁ ଦିବା ୧୦ଟା ପର୍ଯ୍ୟନ୍ତ ଜନ ଅଭିଯୋଗ ଶିବିର ଅନୁଷ୍ଠିତ ହେଉଥିବା ବେଳେ ଏଣିକି ପ୍ରତି ସୋମବାର ଧାର୍ଯ୍ୟ ତାରିଖମାନଙ୍କରେ ବିଭିନ୍ନ ବ୍ଲକ କାର୍ଯ୍ୟାଳୟଠାରେ ଦିବା ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଶିବିର ଅନୁଷ୍ଠିତ ହେବ। ଏ ସମ୍ପର୍କରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଅଧିକାରୀମାନଙ୍କୁ ସମ୍ପୃକ୍ତ ଅଞ୍ଚଳରେ ପ୍ରଚାର ପ୍ରସାର ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚିତ କରାଯାଇଛି।

# ବଜ୍ରପାତରେ ମୃତ ଛାତ୍ରଙ୍କ ପରିବାରକୁ ଅନୁକମ୍ପା ସହାୟତା

କଣିହାଁ (ଭାସ୍କର ନ୍ୟୁଜ୍) : ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ହନୁମାନ ପୁରର ଦଶମ ଶ୍ରେଣୀ ଛାତ୍ର ଶିବରାମ ନାୟକ(୧୪ ବର୍ଷ)ଙ୍କ ବଜ୍ରପାତରେ ତା-୦୪-୦୬-୨୦୨୫ ରିଖ ଦିନ ଦେହାନ୍ତ ହୋଇଥିଲା। ଦିବଂଗତ ଛାତ୍ରଙ୍କ ବାପା ଶୁକ୍ରୁ ନାୟକଙ୍କୁ ତାଙ୍କ ଗ୍ରାମ ଗୁଣ୍ଡରୀ ଠାରେ ଆଜି ଛାତ୍ର, ଶିକ୍ଷକ ଓ କଲ୍ୟାଣ ପରିଷଦର ସଦସ୍ୟ ୫୦୦୦/-(ପାଞ୍ଚ ହଜାର) ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋଲଖ ବିହାରୀ ସାହୁ, ପରିଷଦର ସଭାପତି କନ୍ତାରୁ ଚରଣ ସାହୁ, ପରିଷଦର ସକ୍ରିୟ ସଦସ୍ୟ ଦାଶରଥି ଜେନା (ପ୍ରାକ୍ତନ ପ୍ରଧାନଶିକ୍ଷକ, ପବିତ୍ର ମୋହନ, ସରକାରୀ ଉଚ୍ଚ ବିଦ୍ୟାଳୟ, କଣିହାଁ), ମନ୍ଦର ସେଠୀ (ପ୍ରାକ୍ତନ ପ୍ରଧାନ ଶିକ୍ଷକପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସୁଶୁବା), ରାଜେଶ୍ କୁମାର ଦାସ (ପ୍ରଧାନଶିକ୍ଷକ ଡାକେଶ୍ୱରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବଡଗୁଣ୍ଡୁରୀ), ଶ୍ରୀକାନ୍ତ କୁମାର ମିଶ୍ର, ରୋହିତ କୁମାର ପ୍ରଧାନ, ପଙ୍କଜ ଲୋଚନ ସାହୁ, ପ୍ରତାପ କୁମାର ସାହୁ, ଚକ୍ରଧର ସାହୁ, ଦୁର୍ଯ୍ୟୋଧନ ପ୍ରଧାନ, ଭୀମସେନ ସାମଲ, ବସନ୍ତ କୁମାର ସାହୁ, କ୍ଷମାନିଧି ବିଶ୍ୱାଳ, କୁଳମଣି ସାହୁ ପ୍ରମୁଖ ଉପସ୍ଥିତ ରହି ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ସିପିଆଇର ୧୯ତମ ଚମାଖଣ୍ଡି ଆଞ୍ଚଳିକ ସମ୍ମିଳନୀ




ଛତ୍ରପୁର (ଭାସ୍କର ନ୍ୟୁଜ୍) : ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୧୯ତମ ଚମାଖଣ୍ଡି ଆଞ୍ଚଳିକ ସମ୍ମିଳନୀ ମଲିକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସିଏଚ ସତ୍ୟନାରାୟଣ ରେଡ଼ି, ଏନ. ଭାନୁମତି ରେଡ଼ି ଓ ଦୁର୍ଯ୍ୟୋଧନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚମାଖଣ୍ଡି ଆଞ୍ଚଳିକ ସମ୍ପାଦକ ସିଏଚ୍ ଜନାର୍ଦ୍ଦନ ରେଡ଼ି ରାଜନୈତିକ ଚିଠା ଉପସ୍ଥାପନ କରିଥିବାବେଳେ ସହସମ୍ପାଦକ ଏନ. ଗିରିଜାପ୍ରସାଦ ରେଡ଼ି ସାଙ୍ଗଠନିକ ରିପୋର୍ଟ ଉପସ୍ଥାପନ କରିଥିଲେ। ଏହି ଅବସରରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ସାଥୀ ଜୟନ୍ତ ଦାସ, ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ଼ି, ଜିଲ୍ଲା ସମ୍ପାଦକ ପ୍ରକାଶ ପାତ୍ର, ଜିଲ୍ଲା ସହସମ୍ପାଦକ ପ୍ରଦୀପ ସେଠି, ନୀଳକଣ୍ଠ ଦାସ, ଛତ୍ରପୁର ଆଞ୍ଚଳିକ ସମ୍ପାଦକ ଡି. ଆଦିନାରାୟଣ ରେଡ଼ି ପ୍ରମୁଖ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନ ମାରଣ ନୀତିକୁ କଡା ସମାଲୋଚନ କରିଥିଲେ। ଏହା ସହ କୃଷି ଓ କୃଷକର ସମସ୍ୟା, ଯୁବକ ବେକାରୀ ସମସ୍ୟା, ଶ୍ରମିକ ସମସ୍ୟା, ନିତ୍ୟ ବ୍ୟବହାର ଜିନିଷର ଦରଦାମ ସମସ୍ୟା ଓ ଅନ୍ୟାନ୍ୟ ସମସ୍ୟାଗୁଡିକ ଉପରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଦଳୀୟ ସଙ୍ଗଠନକୁ କିପରି ମଜବୁତ କରାଯିବ ତାହା ଉପରେ ମଧ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରାରମ୍ଭରେ ବର୍ଷିୟାନ କମ୍ୟୁନିଷ୍ଟ ନେତା ସୀମାଞ୍ଚଳ ସାହୁ ଦଳୀୟ ପତାକା ଉତ୍ତୋଳନ କରିଥିଲେ। ଶେଷରେ ସର୍ବସମ୍ମତି କ୍ରମେ ଚମାଖଣ୍ଡି ଆଞ୍ଚଳିକ ପରିଷଦର ସମ୍ପାଦକ ଭାବେ ଏନ. ଗିରିଜା ପ୍ରସାଦ ରେଡ଼ି, ସହସମ୍ପାଦକ ଭାବେ ଗୁରୁନାଥ ପ୍ରଧାନ ଓ ମାଗୁଣି ବିଷୋୟୀ ଏବଂ କୋଷାଧକ୍ଷ ଭାବେ ସରସ୍ୱତୀ ପ୍ରଧାନଙ୍କୁ ଚୟନ କରାଯାଇଥିଲା।

# ସାମାନ୍ୟ ବଚସାରୁ ସାଙ୍ଗଙ୍କୁ ଜଘନ୍ୟ ହତ୍ୟା

ବେଲପାହାଡ଼ (ଭାସ୍କର ନ୍ୟୁଜ୍) : ଝାରସୁଗୁଡ଼ା ଜିଲ୍ଲା ଲଖନପୁର ଥାନା କୁଡ଼ାଲୋଇ ପାଖ ମାକରଚଟା ପିକ୍‌ନିକ୍ ସ୍ପଟ ଠାରେ ଶୁକ୍ରବାର ଦିନ ଏକ ହତ୍ୟାକାଣ୍ଡ ସଂଘଟିତ ହୋଇଛି। ବ୍ରଜରାଜନଗର ଓରିଏଣ୍ଟ ଥାନା ମହାବୀରନଗର ଅଞ୍ଚଳର ମହମ୍ମଦ ସମୀର (୩୪)ଙ୍କୁ ତାଙ୍କ ସାଙ୍ଗ ଅଭିଯୁକ୍ତ ଗୁମାଡେରା ଝଣ୍ଡାପଡ଼ାର ମହମ୍ମଦ କମାଲ ଓରଫ ଗୁଲୁ (୨୯) ହତ୍ୟା କରିଥିବା ଜଣାପଡ଼ିଛି। ଅଭିଯୁକ୍ତ ମହମ୍ମଦ କମାଲକୁ ଅଟକ ରଖି ଲଖନପୁର ପୋଲିସ୍ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ମୃତକଙ୍କ ଶବ ବ୍ୟବଚ୍ଛେଦ କରେଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତକ ଏବଂ ଅଭିଯୁକ୍ତ ଦୁହେଁ ଏମ୍‌ସିଏଲ୍‌ର ଲଖନପୁର କ୍ଷେତ୍ରରେ ଥିବା ଠିକା ସଂସ୍ଥା ମହାଲକ୍ଷ୍ମୀ ସାକାର (ଜେରି) କମ୍ପାନୀରେ କାର୍ଯ୍ୟ କରନ୍ତି। ମୃତକ ସମୀର ସୁପରଭାଇଜର ଥିବାବେଳେ ଅଭିଯୁକ୍ତ କମାଲ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ଅନ୍ୟ ଦିନ ଭଳି ସମୀର ଶୁକ୍ରବାର ସକାଳ ୮ଟାରେ ଡ୍ୟୁଟି ଯାଇଥିଲେ। ଅପରାହ୍ନ ପ୍ରାୟ ୨ଟାରେ କୁଡ଼ାଲୋଇ ଠାରେ ରହୁଥିବା ମୃତକଙ୍କ ସମ୍ପର୍କୀୟ ଅସରଫ ଖାନ ସେହି କୁଡ଼ାଲୋଇ ଗ୍ରାମରେ ରହୁଥିବା ନାସିର ଖାନଙ୍କ ଠାରୁ ଖବର ପାଇଥିଲେ ଯେ ସମୀର ଏବଂ କମାଲ ମାକରଚଟା ଠାରେ ନିଶାଶକ୍ତ ଅବସ୍ଥାରେ ମାରପିଟ୍ ହୋଇ ଗୁରୁତର ଆହତ ହୋଇଛନ୍ତି। କମାଲଙ୍କ ହାତରେ ଆଘାତ ଲାଗିଥିବାରୁ ସେ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବାର ସୂଚନା ପାଇଥିଲେ। ସମୀର ମଧ ଆହତ ହୋଇଥାଇ ପାରନ୍ତି ବୋଲି ସେ ସନ୍ଦେହ କରୁଥିବା ନାସିର କହିଥିଲେ। ଏହି ଖବର ପାଇବା ପରେ ଅସରଫ ଘଟଣାସ୍ଥଳକୁ ଯାଇ ଦେଖିବା ବେଳକୁ ସମୀର ଏକ ଗଛ ମୂଳେ ମୃତ ଅବସ୍ଥାରେ ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିଲେ। ସାଙ୍ଗେ ସାଙ୍ଗେ ସେ ନିଜ ଭାଇ ଏବଂ ଅନ୍ୟମାନଙ୍କୁ ସୂଚନା ଦେବା ପରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ପୋଲିସ୍‌କୁ ସୂଚିତ କରିବାରୁ ଲଖନପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଥିଲା। ତେବେ ଦିନ ୧୧ଟାରୁ ଅପରାହ୍ନ ଗୋଟାଏ ମଧ୍ୟରେ ହତ୍ୟାକାଣ୍ଡ ସଂଘଟିତ ହୋଇଥିବା ସନ୍ଦେହ କରଯାଉଛି। ଦୁଇ ସାଙ୍ଗ ଲିଲାରି ନାଳା ପାର୍ଶ୍ୱରେ ଥିବା ମାକରଚଟା ଠାରେ ପହଞ୍ଚିବା ସହ ସେଠାରେ ବସି ଏକାଠି ମଦ୍ୟପାନ କରିଥିଲେ। ନିଶାସକ୍ତ ଅବସ୍ଥାରେ ଦୁହିଁଙ୍କ ମଧ୍ୟରେ ବଚସା ହେବାରୁ ପରସ୍ପରକୁ ଆକ୍ରମଣ କରିଥିଲେ। ସମୀରଙ୍କ ମୁଣ୍ଡକୁ ଏକ ପଥରରେ ଛେଚି ଦେବା ସହ କାଚ ବୋତଲରେ ଆକ୍ରମଣ କରି କମାଲ ହତ୍ୟା କରିଥିଲା ବୋଲି ପ୍ରାଥମିକ ତଦନ୍ତରୁ ପୋଲିସ ଅନୁମାନ କରୁଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ବିନୋଦ କେ ରାଓ କହିଛନ୍ତି।

# ଝାଡ଼ାବାନ୍ତିରେ ଦିନକରେ ୨୦ ଆକ୍ରାନ୍ତ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଝାଡାବାନ୍ତି ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଶନିବାର ଦିନ ମଧ୍ୟାହ୍ନରେ କାର୍ଯ୍ୟରତ ଡକ୍ଟର ବିଶ୍ୱଭାରତ ମହାଲିକ କହିବା ଅନୁଯାୟୀ ୨୪ଘଣ୍ଟା ମଧ୍ୟରେ ୨୦ରୁ ଉର୍ଦ୍ଧ ଝାଡାବାନ୍ତି ରୋଗୀ ଚିକିତ୍ସା ହୋଇସାରିଲେଣି। ଡରାଇଲାଣି ଡ଼ାଇରିଆ, ହସ୍ପିଟାଲରେ ଝାଡାବାନ୍ତି ରୋଗୀ ହାଉଯାଉ। କିଏ ଛଟପଟ ହେଉଛି ତ, ଆଉ କିଏ ବାନ୍ତି କରି ହାଲିଆ ହେଲାଣି। ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ବେଡ଼ରେ ଯନ୍ତ୍ରଣାରେ ଏଭଳି କିଛି ଛଟପଟ ହେଉଛନ୍ତି ରୋଗୀ। ସମସ୍ତଙ୍କ ହାତରେ ଲାଗିଛି ସାଲାଇନି। ଅନ୍ୟ ପଟେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଝାଡାବାନ୍ତି ଆକ୍ରାନ୍ତ ରୋଗୀଙ୍କ ଲାଗିଛି




ଲମ୍ୱାଲାଇନି। ୨୪ଘଣ୍ଟାରେ ୨୦ରୁ ଉର୍ଦ୍ଧ ଚିକିତ୍ସା ହୋଇଥିବା ଜଣାପଡିଛି। ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମରେ ଆକ୍ରାନ୍ତ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଛି। ନୂଆଗଡ ଗ୍ରାମର ପ୍ରମୋଦ ମହାନ୍ତି (୬୨), ଅସନ କଳ୍ପନା ନାୟକ (୨୪) ସମେତ ୨୦ଜଣ ଚିକିତ୍ସା ହୋଇଛନ୍ତି। ଆକ୍ରାନ୍ତ ମଧ୍ୟରେ ଶିଶୁ, ମହିଳା ଓ ବୟସ୍କ ଅଛନ୍ତି। ଝାଡାବାନ୍ତି ବିଭିନ୍ନ ଗ୍ରାମାଞ୍ଚଳ ରେ ବୃଦ୍ଧି ପାଇବାରେ ଲାଗିଛି। ଏହାର ପ୍ରକୃତ କାରଣ ଖୋଜା ଚାଲିଛି। ଅନ୍ୟ ପଟେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଡକ୍ଟର ବିଶ୍ୱଭାରତ ମହାଲିକ କହିଛନ୍ତି ଖାଦ୍ୟ ବିଷକ୍ରିୟା କିମ୍ବା ଦୂଷିତ ଜଳ ଯୋଗୁଁ ରୋଗ ବ୍ୟାପୁଥିବା ଜଣାପଡୁଛି ନଚେତ ହଠାତ ପାଗ ପରିବର୍ତ୍ତନ ଯୋଗୁଁ ଏପରି ହୋଇଥାଇ ପାରେ ବୋଲି ପ୍ରକାଶ କରିଛନ୍ତି। ଏହା ଶହ ଲୋକଙ୍କୁ ସଚେତନ ରହିବା ଶହ ଭୋଜି ଭାତରେ ପରିଷ୍କାର ପରିଛନ୍ନତା ରହୁନଥିବାରୁ ଭୋଜିଖାଦ୍ୟ ନ ଖାଇବାକୁ ବାରଣ କରିଛନ୍ତି।

# 'ରଜ ମଉଜ'ର ପ୍ରଥମ ସନ୍ଧ୍ୟା

ବାରିପଦା (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଅମ୍ବିକା ସାହି ସ୍ଥିତ ଶିଶୁ ଉଦ୍ୟାନ ପରିସରରେ ୩ ଦିନିଆ ୧୩ତମ 'ରଜ ମଉଜ' ଉତ୍ସବର ୧ମ ସନ୍ଧ୍ୟାରେ ବିଭିନ୍ନ ବର୍ଗର ପିଲାମାନଙ୍କ ମଧ୍ୟରେ ନୃତ୍ୟଗୀତ, ମ୍ୟୁଜିକ ଚେୟାର, ସ୍କିପିଙ୍ଗ ଓ ପୁଚି ଖେଳ ଅନୁଷ୍ଠିତ ହୋଇଥିଲା। ଅଭିଭାବକଙ୍କ ସମେତ ବହୁ ସଂଖ୍ୟାରେ କୁନିକୁନି ପ୍ରତିଭା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବେଶ ଉପଭୋଗ କରିଥିଲେ। ଗୁରୁକୁଳ ଡ୍ୟାନ୍ସ ଏଣ୍ଡ ଭିଜୁଆଲ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବର ୧ମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଯୋଗ ଦେଇ ବାରିପଦା ସହରରେ ଏଭଳି ନିଆରା ଢଙ୍ଗରେ ରଜ ଉତ୍ସବ ପାଳନ କରାଯାଉଥିବାରୁ ଆୟୋଜକଙ୍କୁ ବେଶ ପ୍ରଶଂସା କରିଥିଲେ। ପୂର୍ବତନ ଉପ ନଗରପାଳ




ତଥା ବିଶିଷ୍ଟ ସମାଜସେବୀ ଜୀତେନ୍ଦ୍ର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ କଳିଙ୍ଗ କେଶରୀ ଜେନା, ଏମ୍‌ପିସି ମହାବିଦ୍ୟାଳୟର ପୂର୍ବତନ ସଭାପତି ତଥା ସାମ୍ବାଦିକ ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ ବାଙ୍ଗିରିପୋଷି ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷା ଡ. ପୁଷ୍ପା ପାତ୍ର ଓ ବରିଷ୍ଠ ସଦସ୍ୟ ଆଇନଜୀବୀ ସତ୍ୟ ସ୍ୱରୂପ ଦାଶ ପ୍ରମୁଖ ଉପସ୍ଥିତ ରହି କୁନିକୁନି ପ୍ରତିଭା ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ କମିଟି ତରଫରୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଆୟୋଜକ ତଥା ନିର୍ଦ୍ଦେଶକ ଲିଟନ ପଟ୍ଟନାୟକଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କୁଜଙ୍ଗରେ ଗଡିଲା ବିକାଶ ବାହନ

କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ କୁଜଙ୍ଗ ପଂଚାୟତ ପକ୍ଷରୁ ବିକାଶ ବାହାନ ଯାତ୍ରାର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ କାର୍ଯ୍ୟାଳୟ ପରିସରରେ ପଂଚାୟତ ସମିତି ଅଧକ୍ଷା ନୀନାରାଣି ସାହୁ, ମଣ୍ଡଳ ଉନ୍ନୟନ ଅଧିକାରୀ ଦୀପକ ପ୍ରସାଦ ସ୍ୱାଇଁ, କୁଜଙ୍ଗ ପଂଚାୟତ ସରପଞ୍ଚ ତଥା ନାରୀନେତ୍ରୀ ବନ୍ଦିତା ଦାସ ପ୍ରମୁଖ ଯୋଗଦେଇ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଯାତ୍ରାର ଶୁଭାରମ୍ଭ କରିଥିଲେ। ଭାରତୀୟ ଜନତା ପାର୍ଟି ସରକାର ଗୋଟିଏ ବର୍ଷ ପୂର୍ଣ୍ଣ କରିଥିବାର ଏହି ସମୟ ମଧ୍ୟରେ ସରକାରଙ୍କର ବିଭିନ୍ନ ଯୋଜନାର ସଫଳ ରୂପାୟନ, ସରକାରଙ୍କର ସଫଳତାକୁ ଲୋକ ମାନଙ୍କ ନିକଟରେ ପହଂଚାଇବାକୁ କୁଜଙ୍ଗ ବ୍ଲକର ୨୮ ପଂଚାୟତରେ ଏହି ରଥ ପରିକ୍ରମା



କରିବ। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସାସ୍ଥ୍ୟ ଓ ଶିକ୍ଷା ସମ୍ପର୍କରେ ସମସ୍ତ ଜନ ସାଧାରଣଙ୍କୁ ଅବଗତ କରାଇବାର ଏହି ଯାତ୍ରାର ଅସଲ ଉଦ୍ଦେଶ୍ୟ ବୋଲି ବିଡିଓ ଶ୍ରୀ ସ୍ୱାଇଁ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ଦିଲିପ କୁମାର ବେହେରା, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ଜେନା, କୁଜଙ୍ଗ ଗୋଷ୍ଠି ସାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଅଧୁକାରୀ ଡାକ୍ତର ଚେତନା ପୁରୋହିତ, ଯୋଗାଣ ନିରୀକ୍ଷକ ଦୀପକ ପାତ୍ର, ଭାଜପା ଜିଲ୍ଲା ସଂପାଦକ ତପନ କୁମାର ତ୍ରିପାଠୀ, ଗୋପିଆକୁଦ ସରପଂଚ ଶ୍ରୀନିବାସ ସାଇଁ, ପଙ୍କପାଳ ସରପଂଚ ସରୋଜ ସେଠୀ, ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର କୁମାର ରାଉତ, କୁଜଙ୍ଗ ମଣ୍ଡଳ ସଭାପତି ରଞ୍ଜନ ବାରିକ, ବିପିଏମ୍ ମନୋଜ କୁମାର ନାୟକ, ପଂଚାୟତ କାର୍ଯ୍ୟନିର୍ବାହୀ ଅଧୁକାରୀ ଦୁଃଶାସନ ରାଉତ, ବ୍ଲକ୍ ସଂଯୋଜକ ଜିତେନ୍ଦ୍ରୀୟ ରାଉତ ପ୍ରମୁଖଙ୍କ ସମେତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ରାଶିଫଳ

ରବିବାର, ୧୫ ଜୁନ୍ ୨୦୨୫



ମେଷ: ଆଜି ଆପଣ ନିଜ ଘରେ ଏବଂ କାର୍ଯ୍ୟକ୍ଷେତ୍ରରେ ଏକ ଉତ୍ତମ ପରିବେଶରେ ବାସ କରି ବହୁତ ଖୁସି ହେବେ। ସ୍ୱାସ୍ଥ୍ୟ ଭଲ ହେବ। ଚାକିରିରେ ପଦୋନ୍ନତିର ସମ୍ଭାବନା ରହିଛି। କାର୍ଯ୍ୟାଳୟର ଉଚ୍ଚ ପଦାଧିକାରୀମାନେ ଆପଣଙ୍କ କାର୍ଯ୍ୟକୁ ପ୍ରଶଂସା କରିବେ। ପରିବାରରେ ଆନନ୍ଦର ବାତାବରଣ ରହିବ।




**ବୃଷ:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଅନେକ ଥକ୍କା ଏବଂ ଅଳସୁଆ ଅନୁଭବ କରିବେ। ଯେଉଁଥିପାଇଁ ଉତ୍ସାହର ଅଭାବ ରହିବ। ଏହାର ପ୍ରଭାବ ବାଣିଜ୍ୟିକ କ୍ଷେତ୍ରରେ ଦେଖାଯିବ ଏବଂ ଏହା ସମସ୍ୟା ସୃଷ୍ଟି କରିପାରେ। ଉଚ୍ଚ ପଦାଧିକାରୀଙ୍କ ଆଚରଣ ଆପଣଙ୍କ ପ୍ରତି ନକାରାତ୍ମକ ହେବ।



**ମିଥୁନ:** ଆଜି ଆପଣଙ୍କୁ କୌଣସି ନୂତନ କାର୍ଯ୍ୟ ଆରମ୍ଭ ନ କରିବାକୁ ଏବଂ ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ପ୍ରତିକ୍ରିୟାଶୀଳ ହେବାକୁ ପରାମର୍ଶ ଦିଆଯାଇଛି। କଫ ଏବଂ ପେଟ ସମ୍ବନ୍ଧୀୟ ରୋଗ ଆପଣଙ୍କୁ କଷ୍ଟ ଦେଇପାରେ। ଖର୍ଚ୍ଚ ବୃଦ୍ଧି ପାଇବ।



**କର୍କଟ:** ଆଜି ଦୈନନ୍ଦିନ କାର୍ଯ୍ୟ ସହିତ ଆପଣ ମନୋରଞ୍ଜନ ଏବଂ ସଭାରେ ସମୟ ବିତାଇବେ। ଆପଣ ସ୍ୱାଦିଷ୍ଟ ଖାଦ୍ୟ ପାଇବେ ଏବଂ ସାଙ୍ଗମାନଙ୍କ ସହିତ ବୁଲିବାକୁ ଯିବେ। ଶକ୍ତିଶାଳୀ ଧନ ହେଉଛି ଲାଭର ପରିମାଣ। ଆପଣଙ୍କର ବ୍ୟବସାୟ ବଢ଼ିବ। ବାଣିଜ୍ୟ ଅଂଶଗ୍ରହଣ ଲାଭବାନ ହେବ। କାର୍ଯ୍ୟରେ ସଫଳତା ସହିତ ସ୍ୱାସ୍ଥ୍ୟ ମଧ ଭଲ ରହିବ।



**ସିଂହ:** କାର୍ଯ୍ୟରେ ସଫଳତା ପାଇବା ପାଇଁ ଆଜି ସର୍ବୋତ୍ତମ ଦିନ। ଆପଣ କରିଥିବା କାର୍ଯ୍ୟ ଦ୍ୱାରା ଆପଣ ଖ୍ୟାତି ପାଇବେ। ପରିବାରରେ ଏକ ଆନ୍ତରିକ ପରିବେଶ ରହିବ। ଶରୀର ଏବଂ ମନ ସହିତ ତୁମେ ସତେଜତା ଏବଂ ଆନନ୍ଦ ଅନୁଭବ କରିବ।




**କନ୍ୟା:** ଆଜି ଆପଣଙ୍କର କଳ୍ପନା ଶକ୍ତି ପୁରା ଭଲ ରହିବ। ସାହିତ୍ୟ ସୃଷ୍ଟି ପାଇଁ ଆଜି ଏକ ଭଲ ଦିନ। ଛାତ୍ରମାନେ ଶିକ୍ଷଣରେ ଭଲ ପ୍ରଦର୍ଶନ କରିବାକୁ ସମର୍ଥ ହେବେ। ଭାବପ୍ରବଣତା ଏବଂ ଯୌନତା ଆପଣଙ୍କ ପ୍ରକୃତିରେ ଅଧିକ ରହିବ। ପେଟ ଯନ୍ତ୍ରଣା ହେବାର ସମ୍ଭାବନା ଅଛି। ମନରେ ଭୟ ରହିବ। ମାନସିକ ସନ୍ତୁଳନ ବଜାୟ ରଖନ୍ତୁ।



**ତୁଳା:** ଆଜି ଆପଣଙ୍କର ବହୁତ ଭାବନା ରହିବ। ଯେଉଁ କାରଣରୁ କାହାର ଶବ୍ଦ କିମ୍ବା ଆଚରଣ ଦ୍ୱାରା ଆଘାତ ପାଇପାରନ୍ତି। ମାତାଙ୍କ ସ୍ୱାସ୍ଥ୍ୟ ଖରାପ ହେତୁ ବହୁତ ବିବ୍ରତ ହେବେ। ଆପଣଙ୍କର ଆତ୍ମ ସମ୍ମାନ ଆଘାତ ପାଇପାରେ। ଦୋଷତ୍ରୁଟି ଅନୁଭବ କରିବେ।



**ବିଛା :** ଆଜି ଆପଣ ଆପଣଙ୍କର ଚିନ୍ତାରୁ ବହୁତ ଆରାମ ପାଇବେ। ଆଜି ବହୁତ ଭାବପ୍ରବଣ ଏବଂ ସମ୍ବେଦନଶୀଳ ହେବ, ଯେଉଁଥିପାଇଁ ତୁମର କଳ୍ପନା ଏବଂ ସୃଜନଶୀଳତା ଉତ୍ପନ୍ନ ହେବ। ଆପଣ ଆଜି ସାହିତ୍ୟ ଲେଖା ଏବଂ କଳା କ୍ଷେତ୍ରରେ ସହଯୋଗ କରିବାକୁ ସମର୍ଥ ହେବେ। ପରିବାର ସଦସ୍ୟ ବିଶେଷ କରି ମା ସହିତ ସମ୍ପର୍କ ବୃଦ୍ଧି ପାଇବ।



**ଧନୁ:** ଆଜି ପ୍ରାରମ୍ଭରେ ଅସୁବିଧା ହୋଇପାରେ। ଆପଣଙ୍କର ନିର୍ଦ୍ଧାରିତ କାର୍ଯ୍ୟ ସମାପ୍ତ ହେବ ଏବଂ ଯାହା ବହୁତ ଖୁସି କରିବ। ଆର୍ଥିକ ଯୋଜନା ହେତୁ ଆପଣଙ୍କର ଅନେକ ଅସୁବିଧା କମିବା ଆରମ୍ଭ କରିବ। ଚାକିରି ବ୍ୟବସାୟରେ ଆପଣଙ୍କର ସହକର୍ମୀମାନେ ସମର୍ଥିତ ହେବେ। ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ସାକ୍ଷାତ କରିବା ଆପଣଙ୍କ ଖୁସି ବଢ଼ାଇବ।




**ମକର:** ଆଜି ଆପଣଙ୍କର ବନ୍ଧୁ, ପରିବାର ସହିତ ଆପଣଙ୍କ ଦିନ ବହୁତ ଭଲ ହେବ। ସେମାନଙ୍କଠାରୁ ଉପହାର ଆପଣଙ୍କ ଖୁସିକୁ ଦ୍ୱିଗୁଣିତ କରିବ। ଭ୍ରମଣ ପାଇଁ ଏକ କାର୍ଯ୍ୟକ୍ରମ ହେବ ଏବଂ ସ୍ୱାଦିଷ୍ଟ ଖାଦ୍ୟ ପାଇବାର ସୁଯୋଗ ମିଳିବ। ଆଜି ଭଲ ଖବର ପାଇବେ ଏବଂ ଆର୍ଥିକ ଲାଭ ମଧ ଉପଲବ୍ଧ ହେବ। ନିଜ ସାଥୀଙ୍କ ସହିତ ଭଲ ସମୟ ଅତିବାହିତ କରନ୍ତୁ।



**କୁମ୍ଭ:** ଆଜି ଆପଣଙ୍କୁ କୋର୍ଟ ମାମଲା ଠାରୁ ଦୂରରେ ରହିବାକୁ ପରାମର୍ଶ ଦିଆଯାଇଛି। ମନରେ ଅସ୍ଥିର ରହିବ ଏବଂ ବିଭିନ୍ନ ଚିନ୍ତା ସୃଷ୍ଟି କରିବ। ସ୍ୱାସ୍ଥ୍ୟ ଖରାପ ହୋଇପାରେ। ବକ୍ତବ୍ୟ ଏବଂ ଆଚରଣରେ ନିଜକୁ ସଂଯମ କରିବା ଆବଶ୍ୟକ, ନଚେତ୍ କାହା ସହିତ କଳହ ହୋଇପାରେ। ଆଜି ଆପଣ ବହୁତ ଭାବପ୍ରବଣ ହେବେ। ଖର୍ଚ୍ଚ ପରିମାଣ ଅଧିକ ହେବ।



**ମୀନ:** ଆଜି ଆପଣ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଏବଂ ଲାଭ ପାଇବେ। ମା' ଲକ୍ଷ୍ମୀଙ୍କ ଆଶୀର୍ବାଦ ଆପଣଙ୍କ ଉପରେ ରହିବ। ପୁରୁଣା ସାଙ୍ଗମାନଙ୍କ ସହିତ ଆପଣ ଦିନକୁ ଉପଭୋଗ କରିବେ। ଏକ ଭ୍ରମଣ ଯାଇପାରନ୍ତି। ଆଜି ପତ୍ନୀ ଏବଂ ପିଲାମାନଙ୍କ ସହିତ ଭଲ ସମୟ କଟାନ୍ତୁ। ପ୍ରିୟ ବ୍ୟକ୍ତିଙ୍କ ସହିତ ସାକ୍ଷାତ ହେବାର ସମ୍ଭାବନା ଅଛି।



ଶ୍ରୀପତି ଗୁରୁ
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବୌଦ୍ଧ ଭାସ୍କର ନ୍ୟୁଜ୍): ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲାସ୍ତରୀୟ ଓଡିଶା ଭିଜନ @ ୨୦୩୬ ଏବଂ ୨୦୪୭ କାର୍ଯ୍ୟକ୍ରମ ଉପଲକ୍ଷେ ବିକଶିତ ଓଡିଶା ପାଇଁ ବିକଶିତ ଜିଲ୍ଲାର ଆଲୋଚନାଚକ୍ର ତଥା କର୍ମଶାଳା ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଟାଉନହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଗୃହ ନିର୍ମାଣ ତଥା ନଗର ଉନ୍ନୟନ ବିଭାଗ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନୀତ ଅତିଥି ଭାବେ ବିଧାୟକ, ବୌଦ୍ଧ ତଥା ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ, କଣ୍ଟାମାଳ କହ୍ନାଇ ଚରଣ ଡାଙ୍ଗ,ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର, ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କର୍ମଶାଳାର ଶୁଭାରମ୍ଭ କରିଥିଲେ। ବିକଶିତ ଓଡିଶା ପାଇଁ ବିକଶିତ ଜିଲ୍ଲା । ଏହି ପରିପ୍ରେକ୍ଷୀରେ ବୌଦ୍ଧ ଜିଲ୍ଲାର ବିକାଶ ପାଇଁ ଲକ୍ଷ୍ୟ ଓ ସମ୍ଭାବନା ଉପରେ ଅତିଥିବୃନ୍ଦ ଆଲୋକପାତ କରିଥିଲେ । କର୍ମଶାଳାରେ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗର ଅଧିକାରୀ, ବୁଦ୍ଧିଜୀବୀ, ସମାଜସେବୀ, ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ। ମନ୍ତ୍ରୀ ଡ଼. ମହାପାତ୍ର ବୌଦ୍ଧଗଡ଼ ବିଜ୍ଞାପିତ ଅଂଚଳ ପରିଷଦକୁ ଆଗାମୀ ଦିନରେ ମୁନିସିପାଲିଟି କରାଯିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଅତିରିକ୍ତ ଜ଼ିଲ୍ଲାପାଳ ଅନିରୁଦ୍ଧ ପଧାନ, ଜ଼ିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ବିଦ୍ୟାଧର ନାୟକ, ଡି ପିଏମ୍ୟୁ, ବୌଦ୍ଧର ଅନ୍ୟ କର୍ମଚାରୀବୃନ୍ଦ, ଜିଲ୍ଲା ପ୍ରଶାସନର ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।



# ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ

କନ୍ଧମାଳ(ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଫୁଲବାଣୀ ଦ୍ୱାରା ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ଫୁଲବାଣୀ ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ସମ୍ମିଳନୀ ଗୃହ ଠାରେ ପାଳିତ ହୋଇଯାଇଅଛି । ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ଅଧକ୍ଷ ରାମ ଶଙ୍କର ହୋତାଙ୍କ ନିର୍ଦ୍ଦେଶ କ୍ରମେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ ଉପଲକ୍ଷେ ଏକ ବକ୍ତୃତା ପ୍ରତିଯୋଗିତା ଓ ସଚେତନତା ଶିବିରର ଆୟୋଜନ କରାଯାଇଥିଲା। ବକ୍ତୃତା ପ୍ରତିଯୋଗିତା ରେ ଫୁଲବାଣୀ ପୌର ପରିଷଦରେ ଥିବା ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ। ପ୍ରଣୟ କୁମାର ନାୟକ, ଅତିରିକ୍ତ ଶିକ୍ଷା ଅଧିକାରୀ, ସ୍ନିନୀତା କୁମାରୀ ଦେବୀ, ଅତିରିକ୍ତ ଶ୍ରମ ଅଧିକାରୀ ଓ ଦୀପକ କୁମାର ସାହୁ, ମହିଳା ସଶକ୍ତିକରଣ ଜିଲ୍ଲା କେନ୍ଦ୍ରର ସଂଯୋଜକ ଜୁରୀ ମେମ୍ବର ଭାବରେ ପ୍ରତିଯୋଗିତାର ମୂଲ୍ୟାଙ୍କନ କରିଥିଲେ । ପ୍ରତିଯୋଗିତା ପରେ ଏକ ସଚେତନ ଶିବିରର ଆୟୋଜନ କରାଯାଇଥିଲା । ଏହି ଶିବିରରେ ଫୁଲବାଣୀ ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ରାମ ଶଙ୍କର ହୋତା, ଦୋଳଗୋବିନ୍ଦ ବାରିକ, ଅଧକ୍ଷ, ସ୍ଥାୟୀ ଲୋକ ଅଦାଲତ, ଫୁଲବାଣୀ, ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଶ୍ରୀଯୁକ୍ତ ରାଜେଶ ଦାଶ, ମନୋରଞ୍ଜନ ଦାଶ, ପୋକ୍ସୋ କୋର୍ଟର ବିଚାରପତି, ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ସ୍ୱାଇଁ, ଏଫଟିଏସସି କୋର୍ଟ ବିଚାରପତି, ବନାଲି ତ୍ରିପାଠୀ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି, ରମାକାନ୍ତ ମହାନ୍ତି, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ, ପ୍ରିୟରଞ୍ଜନ ଓଝା, ରେଜିଷ୍ଟ୍ରାର, ସିଭିଲ କୋର୍ଟ, ଫୁଲବାଣୀ, ସୌମ୍ୟା ସୋନାଲିକା, ଏସଡିଜେଏମ, ବଦ୍ରିନାଥ ବିଶ୍ୱାଳ, ଜେଏମ୍ଏସସି, ପୂର୍ଣ୍ଣ ଚନ୍ଦ୍ର ନାଗ, ପବ୍ଲିକ୍ ପ୍ରସିକ୍ୟୁଟର, ଅଶୋକ କୁମାର ବେହେରା, ଜି.ପି., ଆଇନଜୀବୀ ବିରେନ୍ଦ୍ର କୁମାର ସୁବୁଦ୍ଧି, ସମ୍ପାଦକ, ଫୁଲବାଣୀ ବାର ଆସୋସିଏସନ୍, ହରିଶଚନ୍ଦ୍ର ମହାରଣା, ଫୁଲବାଣୀ ବାର ଆସୋସିଏସନ୍ ର ବରିଷ୍ଠ ଆଇନଜୀବୀ, ଜୟନ୍ତୀ ପାଣିଗ୍ରାହୀ, ଚିଫ ଲିଗାଲ ଏଡ୍ ଡିଫେନ୍ସ କାଉନସେଲ୍, ନିରୋଦ ପାତ୍ର, ଡେପୁଟି ଚିଫ ଲିଗାଲ ଏଡ ଡିଫେନ୍ସ କାଉନ୍ସେଲ, ଜିଲ୍ଲା ଆଇନ ସେବା ସମ୍ମୁଖ କାର୍ଯ୍ୟାଳୟ ରିଟେନର ଅନୁପ ନାରାୟଣ ନାୟକ, ଫୁଲବାଣୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସ୍ନେହଲତା ସାହୁ, ବୈଜୟନ୍ତୀ ମଲ୍ଲିକ, ଫୁଲବାଣୀ ସିଡିପିଓ ଯୋଗ ଦେଇଥିଲେ । ଆଜିର ଶିଶୁ ଆସନ୍ତା କାଲି ର ନାଗରିକ । ଜୁନ ମାସ ର ୧୨ ତାରିଖ କୁ ପ୍ରତ୍ୟେକ ବର୍ଷ ବିଶ୍ୱ ବାଳ ଶ୍ରମିକ ନିରୋଧ ଦିବସ ରୂପେ ପାଳନ କରାଯାଏ। ବିଶ୍ୱର ଭବିଷ୍ୟତ ପାଇଁ ଶିଶୁର ବର୍ତ୍ତମାନକୁ ଶିକ୍ଷା, ସଂସ୍କାରରେ ସୁନିଶ୍ଚିତ ଏବଂ ସୁରକ୍ଷିତ କରିବା ହିଁ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନର ମହାନ ଲକ୍ଷ୍ୟ ବୋଲି ସେଠାରେ ଉପସ୍ଥିତ ଥିବା ସମସ୍ତ ଛାତ୍ର ଛାତ୍ରୀ, ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଙ୍ଗନୱାଡି କର୍ମୀଙ୍କୁ ସଚେତନ କରାଯାଇଥିଲା । ପରିଶେଷରେ ବକ୍ତୃତା ପ୍ରତିଯୋଗିତା ରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା ଓ ଅନ୍ୟାନ୍ୟ ଛାତ୍ର ଛାତ୍ରୀ ଯେଉଁମାନେ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିଥିଲେ ସେମାନଙ୍କୁ ମଧ ସାନ୍ତ୍ୱନାମୂଳକ ପୁରସ୍କାର ସହିତ ମାନପତ୍ର ପ୍ରଦାନ କରାଯିବା ସହିତ ଉପସ୍ଥିତ ଜୁରୀ ମେମ୍ବରଙ୍କୁ ସମ୍ମାନିତ କରାଯାଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ରମାକାନ୍ତ ମହାନ୍ତି କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଘାଟରୁ ବେଆଇନ ବାଲି ଉଠାଣ

## ■ ଦୈନିକ ୧୦ ହଜାରରୁ ଉର୍ଦ୍ଧ୍ୱ ରାଜସ୍ୱହାନୀ ଅଭିଯୋଗ


ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ତହସିଲ ଅନ୍ତର୍ଗତ ମହାନଦୀରୁ ବେଆଇନ ବାଲିଉଠାଣ ଯୋଗୁଁ ଦୈନିକ ୧୦ ହଜାର ଟଙ୍କାରୁ ଅଧିକ ରାଜସ୍ୱହାନୀ ହେଉଥିବା ଅଭିଯୋଗ ହେଉଛି। ତେଲିବନ୍ଧ ରାଜସ୍ୱ ସର୍କଲ ଅନ୍ତର୍ଗତ ସୁବର୍ଣ୍ଣପୁର ଓ ଖୁଣ୍ଟବନ୍ଧ ରାଜସ୍ୱ ସର୍କଲ ଜଗତି ମହାନଦୀ ଘାଟରୁ ଦୈନିକ ୧୦ ରୁ ଉର୍ଦ୍ଧ୍ୱ ଟ୍ରାକ୍ଟର ସ୍ଥାନୀୟ ରାଜସ୍ୱ କର୍ମଚାରୀଙ୍କ ସହାୟତାରେ ଶହ ଶହ ଟ୍ରିପ୍ ବାଲି ବେଆଇନ ଭାବରେ ଉଠାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ତହସିଲଦାର ଏବଂ ଆରଆଇଙ୍କୁ ଅଭିଯୋଗ କଲେ ମଧ ରାଜସ୍ୱ କର୍ମଚାରୀ ଓ ବାଲି ମାଫିଆଙ୍କ ମଧୁଚନ୍ଦ୍ରିକା ଯୋଗୁଁ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ସହଯୋଗ କରୁଥିବା ଅଭିଯୋଗ ହେଉଛି। ସୂଚନାମତେ ଏହି ଘାଟର ବାଲି ଅନ୍ୟ ଅଞ୍ଚଳ ଅପେକ୍ଷା ଉନ୍ନତ ବୋଲି ଏହାର ଦାମ୍ ଟ୍ରାକ୍ଟର ଟ୍ରିପ୍



ପିଛା ୧୦୦୦ ରୁ ୧୨୦୦ ଟଙ୍କା ରହିଛି। ତେବେ ଏହି ଘାଟ କେବେ ନିଲାମ ହୁଏ ନାହିଁ। କାରଣ ବାଲିଘାଟକୁ କୌଣସି ସରକାରୀ ରାସ୍ତା ନଥିବାରୁ ବାଲି ଘାଟ ନିଲାମ ହୁଏ ନାହିଁ। ତେବେ ଜମି ମାଲିକଙ୍କୁ କିଛି ଟଙ୍କା ବାର୍ଷିକ ଦେୟ ଦେଇ ମନଇଚ୍ଛା ବାଲି ନିଅନ୍ତି। ଏନେଇ ସ୍ଥାନୀୟ ବାଲି ମାଫିଆ ଓ ତହସିଲ କାର୍ଯ୍ୟାଳୟର କେତେକ କର୍ମଚାରୀ ମିଳିତ ଭାବରେ ବେଆଇନ ବାଲି ଉଠାଣ କରି ଦୈନିକ ହଜାର ହଜାର ଟଙ୍କାରେ ପକେଟ ଗରମ କରୁଥିବାବେଳେ ଦୈନିକ ୧୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ରାଜସ୍ୱହାନୀ ହେଉଥିବା ଜଣାପଡ଼ିଛି। ତେବେ ଆଗକୁ ନଦୀରେ ବନ୍ୟାଜଳ ପ୍ରବାହିତ ହେବାର ସମ୍ଭାବନା ଥିବାରୁ ଟ୍ରାକ୍ଟର ମାଲିକମାନେ ଦୈନିକ ଶହ ଶହ ଟ୍ରିପ୍ ବାଲି ଉଠାଇ ସରକାରୀ ଜାଗା ତଥା ଖୋଲା ପଡ଼ିଆରେ ଗଦାକରି ରଖୁଛନ୍ତି। ଫଳରେ ଆଗକୁ ଏହା ଟ୍ରିପ୍ ପିଛା ୨୦୦୦ ରୁ ୨୨୦୦ ଟଙ୍କାରେ ବିକ୍ରି ହେବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ବାଲିର ଅହେତୁକ ମୂଲ୍ୟ ବୃଦ୍ଧି ଯୋଗୁଁ ଆବାସ ଯୋଜନା ହିତାଧିକାରୀ ଘର ସମ୍ପୂର୍ଣ୍ଣ କରି ନପାରି ଚିନ୍ତାରେ ପଡିଯାଇଛନ୍ତି। ଏନେଇ ସ୍ଥାନୀୟ ରାଜସ୍ୱ କର୍ମଚାରୀ ଅବଗତ ଥିଲେ ମଧ ମାଫିଆମାନଙ୍କୁ ତାଗିଦ କରି ପକେଟ ଗରମ କରି ଛାଡି ଦେଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଆରଆଇଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ୍ ଉଠାଇ ନ ଥିଲେ। ବୌଦ୍ଧ ତହସିଲଦାର ବାଲି ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

# ଆପାର୍ଟମେଣ୍ଟର ୩ ଫ୍ଲାଟରୁ ଚୋରି

ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ଥାନା ଗାନ୍ଧିଛକ ଫାଣ୍ଡି ସ୍ଥିତ ରିଚମଣ୍ଡ ସୋନାଟା ଆପାର୍ଟମେଣ୍ଟରେ ଗତକାଲି ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଚୋରମାନେ ତିନୋଟି ଫ୍ଲାଟ ୨-କେ, ୨-ଡ଼ି ଓ ୩-ସିର ଗ୍ରୀଲ କାଟି ନଗଦ ଟଙ୍କା ଓ ଗହଣା ଚୋରି କରି ନେଇଛନ୍ତି। ଆଜି ସକାଳୁ ଉକ୍ତ ତିନୋଟି ଫ୍ଲାଟର ଗ୍ରୀଲ କଟା ହୋଇଥିବା ଦେଖି ପଡୋଶୀ ଫ୍ଲାଟ ମାଲିକଙ୍କୁ ଖବର



ଦେଇଥିଲେ। ଫ୍ଲାଟ ୨-କେ ମାଲିକ ତରଣୀସେନ ପ୍ରଧାନଙ୍କ ଘରୁ ୩୦ ହଜାର ଟଙ୍କା ଓ ୪୦ ଗ୍ରାମ ସୁନା, ୩-ସି ଫ୍ଲାଟ ମାଲିକ ରଞ୍ଜନ କୁମାର ସିହ୍ନାଙ୍କ ଘରୁ ୪୦ ହଜାର ଟଙ୍କା ଓ ସୁନା ଅଳଙ୍କାର ଚୋରି ହୋଇଥିବା ନେଇ ପୋଲିସଙ୍କ ପାଖରେ ଲିଖିତ ଅଭିଯୋଗ ହୋଇଥିବା ବେଳେ ୨-ଡ଼ି ଫ୍ଲାଟ ମାଲିକ ଦୟାନିଧି ସାହୁଙ୍କ ଘରେ ଚୋର ପଶିଥିଲେ ହେଁ କୌଣସି ସାମାନ ନେଇ ନଥିବା ଜଣାପଡିଛି। ଖବର ପାଇ ଗାନ୍ଧିଛକ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ସେହିପରି ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ଘଟଣା ସ୍ଥଳରେ ପହଞ୍ଚି ଛାନ୍‌ବିନ୍ କରିଥିଲା। ଅନ୍ୟପକ୍ଷରେ ଉକ୍ତ ଆପାର୍ଟମେଣ୍ଟର ସୁରକ୍ଷା କର୍ମୀଙ୍କୁ ପଚରାଉଚରା ସହିତ ବିଭିନ୍ନ ସ୍ଥାନରେ ଲାଗି ଥିବା ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଥିବା ଗାନ୍ଧିଛକ ଫାଣ୍ଡି ଅଧିକାରୀ ମଦନମୋହନ ନାୟକ ସୂଚନା ଦେଇଛନ୍ତି।

# କୃଷି ଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ କର୍ମଶାଳା



ନୂଆପଡ଼ା(ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲାରେ ଚାଲିଥିବା ବିକାଶ ମେଳାର ଦ୍ୱିତୀୟ ଦିନରେ ଅପରାହ୍ନରେ କୃଷି ଏବଂ ଉଦ୍ୟାନ କୃଷି ଉପରେ ଏକ ବୈଷୟିକ ଅଧିବେଶନ ତଥା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ବନଖଣ୍ଡ ଅଧିକାରୀ ଅଜିଜ ଖାନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, କେ ଭି କେ ମୁଖ୍ୟ ଲବ ସୋରେନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅଧିବେଶନରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ ଏବଂ ଉପ ନିର୍ଦ୍ଦେଶକ ଉଦ୍ୟାନ କୃଷି ହରେକୃଷ୍ଣ ଚାନ୍ଦ ହାଁସଦା ଜିଲ୍ଲାର ଚାଷୀ ସମାଜକୁ ସଶକ୍ତ କରିବା ପାଇଁ କୃଷି ଏବଂ ଉଦ୍ୟାନ କୃଷି କ୍ଷେତ୍ରରେ ଉନ୍ନତ ପଦ୍ଧତି ପ୍ରଚଳନ, ପ୍ରଯୁକ୍ତି ବିଦ୍ୟାର ଉପଯୋଗ ଏବଂ ବିଭିନ୍ନ ସରକାରୀ ଯୋଜନା ଉପରେ କୃଷକମାନଙ୍କୁ ଅବଗତ କରାଇଥିଲେ । ବିଶେଷଜ୍ଞ ମାନଙ୍କ ଦ୍ୱାରା ମୃତ୍ତିକା ସ୍ୱାସ୍ଥ୍ୟ, ଫସଲ ବିବିଧତା, ସମନ୍ୱିତ କୀଟପତଙ୍ଗ ପରିଚାଳନା ଏବଂ ଅମଳ ପରବର୍ତ୍ତୀ କୌଶଳ ସମ୍ବନ୍ଧୀୟ ବିଭିନ୍ନ ବାର୍ତ୍ତା ପାୱାର୍ ପଏଣ୍ଟ ମାଧ୍ୟମରେ ଉପସ୍ଥାପିତ କରାଯାଇଥିଲା। କାର୍ଯ୍ୟକ୍ରମର ବିଶେଷ ଆକର୍ଷଣୀୟ ବିଷୟ ଥିଲା ଉଭୟ ବିଭାଗର ସଫଳ ଚାଷୀମାନଙ୍କୁ ସମ୍ବର୍ଦ୍ଧନା କରିବା । କୃଷି ଓ ଉଦ୍ୟାନ କୃଷି ବିଭାଗରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସଫଳ ରୂପାୟନ କରିଥିବାରୁ ବୋଡ଼େନ ବ୍ଲକର ବନମାଳୀ ମାଝୀ ଓ ଗିରିଧାରୀ ରଣା , ଖରିଆର ବ୍ଲକର ଇମ୍ରାନ୍ ମହମ୍ମଦ ଓ ରବି ଚନ୍ଦ୍ର ମାଝୀ, ସିନାପାଲି ବ୍ଲକର ବଳରାମ ମାଝୀ ଓ ତୁଳସୀରାମ କଟା, ନୂଆପଡ଼ା ବ୍ଲକର ରୋହିତ କୁମାର ସାହୁ ଓ ଧ୍ରୁବ ସାହୁ ଏବଂ କୋମନା ବ୍ଲକର ଚନ୍ଦ୍ର ସାଇ ଶବର ଓ ଗଜରାଜ ରଣାଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ କହିଲେ ଯେ ଏହି କୃତୀ ଚାଷୀମାନେ ଅଞ୍ଚଳର ଅନ୍ୟଚାଷୀ ମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରି ଛନ୍ତି । ସେମାନଙ୍କର ସଫଳତାର କାହାଣୀଗୁଡ଼ିକ କୃଷି ଉଦ୍ୟୋଗିତାରେ ଆଗ୍ରହୀ ଚାଷୀ ଏବଂ ଯୁବକମାନଙ୍କ ପାଇଁ ପ୍ରେରଣା ଦେବ। କୃଷିର ଅନେକ ସଫଳ ଉଦ୍ୟୋଗ ହେଲେ ଜିଲ୍ଲାରୁ ପ୍ରବାସୀ ଶ୍ରମିକ ପ୍ରଥାର ଅନ୍ତ ଘଟିବ। ଜିଲ୍ଲାରେ କୃଷି ଏବଂ ଉଦ୍ୟାନ କୃଷିର ନିରନ୍ତର ଅଭିବୃଦ୍ଧି ସୁନିଶ୍ଚିତ କରିବା ପାଇଁ ସେ ଉପସ୍ଥିତ ବିଭାଗୀୟ ଅଧିକାରୀ ମାନଙ୍କୁ ଆହ୍ୱାନ ଦେଇଥିଲେ। କର୍ମଶାଳାରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ଉଭୟ କୃଷି ଏବଂ ଉଦ୍ୟାନ କୃଷି ବିଭାଗର ସମସ୍ତ ଅଧିକାରୀ ଏବଂ କର୍ମଚାରୀ, ପ୍ରଗତିଶୀଳ ଚାଷୀ ଏବଂ ଆଗ୍ରହୀ କୃଷିପ୍ରେମୀ ଜନତା ପ୍ରମୁଖ ଯୋଗଦାନ କରିଥିଲେ। ସଭାକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ସଂଯୋଜନା କରିଥିଲେ। ଆଗାମୀ ୪ଠର ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ବିକାଶ ମେଳାରେ ବିଭିନ୍ନ ବିଭାଗ ସେମାନଙ୍କ ସଫଳତାର କାହାଣୀ ଉପସ୍ଥାପନ କରିବା ସହିତ ସଚେତନତା କର୍ମଶାଳା ଆୟୋଜନ କରିବେ।

# ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ଟାଉନ ହଲ୍ ଠାରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ସମ୍ମାନୀତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣ୍ଡୁଆ, ବୌଦ୍ଧ ବିଡ଼ିଓ ଯୁଧିଷ୍ଠିର ମେହେର, ସାଂସଦ ପ୍ରତିନିଧି ଯୁଗଳ କିଶୋର ସାମଲ ଯୋଗ ଦେଇଥିଲେ । ବିଭିନ୍ନ ସୁଭଦ୍ରା ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଓଡିଆର ପାରମ୍ପରିକ ଖାଦ୍ୟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଦେଇ ପୁରସ୍କୃତ କରାଯାଇଥିଲା ।




# ଚାଷୀଙ୍କ ହକ୍ ପାଇଁ ବିଜେଡି-ବିଜେପି ଦୋଷ ଲଦାଲଦି



ରାଇଘର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘରରେ ଚାଷୀଙ୍କ ଠାରୁ ଧାନନେଇ ଟଙ୍କା ନଦେବା ଘଟଣାରେ ଗତକାଲି ବିଜେଡି ପକ୍ଷରୁ ଚାଷୀଙ୍କ ପାଇଁ ୮ ଘଣ୍ଟିଆ ରାଇଘର ବନ୍ଦ ଡାକରା ଦେବା ସହ କଳା ଦିବସ ପାଳନ କରାଯାଇଥିଲା । ଏଥିରେ ଚାଷୀମାନେ ସରକାରଙ୍କୁ ନିଜର ହକ ପଇସା ପାଇଁ ଲବି କରିଥିଲେ । କିନ୍ତୁ ବନ୍ଦ ଚାଲିଥିବା ସମୟରେ ବିଜେପି ପକ୍ଷରୁ ତରବରିଆ ଭାବରେ ଏକ ସାମ୍ବାଦିକ ସମ୍ମିଳନୀ ଡ଼କାଇ କହିଥିଲେ ଯେ ରାଇଘରରେ ଚାଷୀ ମଣ୍ଡିରେ ଧାନ ଦେଇଥିଲେ କିନ୍ତୁ ସେଥିମଧ ରୁ ୩୪୪ ଚାଷୀଙ୍କ ଚାଷୀଙ୍କ ଟ୍ରାଞ୍ଜେକ୍ସନ ପାସ୍ କଟି ନଥିବାରୁ ତାଙ୍କ ପଇସା ଦିଆଯାଇ ପାରିନାହିଁ । ଏହାର ତଦନ୍ତ ଚାଲିଛି ତଦନ୍ତ ସରିଲେ ଚାଷୀଙ୍କ ପଇସା ମିଳିଯିବ । ବିଜେଡି ଏଥିରେ ରାଜନୀତି କରୁଛି। ଚାଷୀଙ୍କ ଧାନ ସରକାରଙ୍କ ପାଖରେ ନାହିଁ ମିଲ୍ ମାଲିକ ପାଖରେ ରହିଛି । ବିଜେପିର ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ଆଜି ରାଇଘର ଠାରେ ଏକ ସାମ୍ବାଦିକ ସମ୍ମିଳନୀ ରଖି ବିଜେଡି କହିଛି ଯଦି ଚାଷୀ ମଣ୍ଡିରେ ଧାନ ଦେଇଛନ୍ତି ତାହେଲେ ମଣ୍ଡି କାହାର ? ଯୋଗାଣ ବିଭାଗ କାହାର ଏବଂ ମିଲ ମାଲିକ କାହା ନିୟନ୍ତ୍ରଣ ରେ ରହିଛି । ସରକାର ନିଜ ଭୁଲ ଲୁଚାଇବାକୁ ଚାହୁଁଛନ୍ତି । ତଥା ଏପ୍ରିଲ ୨୩ ତାରିଖ ରେ ସିଏସ୍ ଓ ଲିଖିତ ଭାବରେ ଦେଇଥିଲେ କି ୭ ଦିନ ମଧ୍ୟରେ ଚାଷୀଙ୍କ ଟଙ୍କା ମିଳିଯିବ । କିନ୍ତୁ ତାହା ହେଇ ପାରିଲାନାହିଁ । ପରବର୍ତ୍ତୀ ସମୟରେ ସିଏସ୍ ଓ ଲିଖିତ ଭାବରେ ଦେଇଥିଲେ କି ଏକ ମାସ ମଧ ରେ ଚାଷୀଙ୍କ ଟଙ୍କା ମିଳିବ । କିନ୍ତୁ ତା ପରେ ବି ଟଙ୍କା ଚାଷୀମାନେ ବାଧ ହୋଇ ରାଜରାସ୍ତାକୁ ଆସିଲେ ଏବଂ ଭୁବନେଶ୍ୱର ପର୍ଯ୍ୟନ୍ତ ଯିବାକୁ ପଡ଼ିଲା । ବିଜେଡି ଚାଷୀ ଙ୍କ ସମର୍ଥନ ରେ ରହିଥିବାରୁ ବିଜେପି ସହି ପାରୁନାହିଁ । ଗୋଟିଏ ପଟ ବିଜେପି ତାର ଏକ ବର୍ଷ ପାଳନ କରୁଛି କିନ୍ତୁ ଚାଷୀଙ୍କୁ ପ୍ରତାରଣା କରିଛି । ବିଜେପି ଏପରି କରି ତାର ଅସଲ ମୁଖା ଦେଖେଇଛି। ଚାଷୀଙ୍କ ହକ୍ ନମିଳିବା ଯାଏ ଆନ୍ଦୋଳନ ଚାଲୁ ରହିବ ବୋଲି ବିଜେଡ଼ି ଚେତାବନୀ ଦେଇଛି । ଏଥି ସହ ଚାଷୀଙ୍କ ଟଙ୍କା ଶୀଘ୍ର ଦେବାକୁ ସରକାରଙ୍କୁ ଅନୁରୋଧ କରିଛି। ଏହି ସମ୍ମିଳନୀରେ ବିଜେଡିର ରାଇ ସିଂ ଗଣ୍ଡ,ଶୁକଦେବ ଗଣ୍ଡ,ଚିତ୍ତରଞ୍ଜନ ଗଣ୍ଡ,ରାମନାଥ କେଉଟ ,ଜିଲ୍ଲା ପରିଷଦ ଯତୀନ୍ଦ୍ର ଗଣ୍ଡ , ଗୁପ୍ତ ଝାଙ୍କର, ରାଇଘର ସରପଞ୍ଚ ଲମ୍ବୋଧର ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ ।

# ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଉଦ୍‌ଘାଟିତ

ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ଠାରେ ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଉଦ୍‌ଘାଟିତ ହୋଇ ଯାଇଛି । ଜିଲ୍ଲା ପୋଲିସ ପକ୍ଷରୁ ଆୟୋଜିତ ଉକ୍ତ ଶିବିରକୁ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିଲେ । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାହୁଲ୍ ଗୋୟଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମଦନ ମୋହନ ପ୍ରଧାନ ଯୋଗ ଦେଇଥିଲେ। ବୌଦ୍ଧ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଡାକ୍ତର, ଫାର୍ମାସିଷ୍ଟ ଓ ଟେକନିସିଆନ୍‌ମାନେ ଉପସ୍ଥିତ ରହି ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କ ଡାଇବେଟିସ, ରକ୍ତଚାପ ଆଦି ପରୀକ୍ଷା କରିଥିଲେ ।

# ନଦୀରେ ବୁଡି ଜଣେ ମୃତ

କୋରୁକୋଣ୍ଡା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ପୁରୁଣା ଚିମଟାପାଲୀ ପଞ୍ଚାୟତ ଅଧିନସ୍ଥ ପୁରୁଣା ଚିମଟାପାଲୀ ଗ୍ରାମ ନିକଟରେ ପ୍ରବାହିତ ହେଉଥିବା ପୋଟେରୁ ନଦୀରେ ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟା ୩୦ ମିନିଟ ସମୟରେ ନଦୀରେ ବୁଡି ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ପୁରୁଣା ଚିମଟାପାଲୀ ଗ୍ରାମରେ ରହୁଥିବା ସ୍ୱର୍ଗତ ମୁତା ମାଡ଼କାମୀଙ୍କ ପୁଅ ସନିଆ ମାଡ଼କାମୀ-(୪୦) ବୋଲି ଜଣାପଡିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ସନିଆ ଶୁକ୍ରବାର ଅପରାହ୍ନ ପ୍ରାୟ ୨ ଟା ୩୦ ମିନିଟ ସମୟରେ ଶୌଚ ହେବା ପାଇଁ ଗ୍ରାମ ନିକଟରେ ଥିବା ପୋଟେରୁ ନଦୀକୁ ଯାଇଥିଲେ। କୌଣସି କାରଣରୁ ତାଙ୍କର ଗୋଡ ଖସିଯିବାରୁ ସେ ପାଣିରେ ବୁଡି ଯାଇଥିଲେ। ନଦୀ ପାଖରେ ଥିବା କିଛି ପିଲାମାନେ ଦେଖି ଚିତ୍କାର କରିଥିଲେ। ସଙ୍ଗେ ସଙ୍ଗେ କିଛି ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ନଦୀରେ ପଶି କିଛି ସମୟ ଖୋଜାଖୋଜି କରିବା ପରେ ସନିଆଙ୍କ ମୃତ ଦେହକୁ ପାଣିରୁ ଉଦ୍ଧାର କରିଥିଲେ। ଖବର ପାଇଁ ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ମନୋହର ସାହୁଙ୍କ ନେତୃତ୍ୱରେ ପୋଲିସର ଏକ ଟିମ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହକୁ ଜବତ କରିଥିଲେ। ଏନେଇ ମୃତକଙ୍କ ପରିବାର ଲୋକେ ଥାନାରେ ଏକ ଲିଖିତ ଏତଲା ପ୍ରଦାନ କରିଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ପକ୍ଷରୁ ଥାନାରେ କେସ ନମ୍ବର ୧୪/୨୦୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତ ଦେହକୁ ଶବ ବ୍ୟବଛେଦ ନିମନ୍ତେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଶବ ବ୍ୟବଛେଦ ସରିବା ପରେ ସନିଆଙ୍କ ମୃତ ଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

# ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ନୂଆପଡ଼ା(ଭାସ୍କର ନ୍ୟୁଜ୍): ନୂଆପଡ଼ାରେ ଚାଲିଥିବା ବିକାଶ ମେଳା ଅବସରରେ ଦ୍ୱିତୀୟ ଦିନରେ ଜିଲ୍ଲା ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଗତ ଦିନମାନଙ୍କରେ ଜିଲ୍ଲାର ବିଭିନ୍ନ ବ୍ଲକରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପ୍ରଥମ ହୋଇଥିବା ୫ ଟି ମହିଳା ସ୍ୱୟଂ ସହାୟକ ଦଳ ଏଥିରେ ଅଂଶ ଗ୍ରହଣ କରିଥିଲେ। ପାରମ୍ପରିକ ଖାଦ୍ୟ ଶ୍ରେଣୀରେ ଅତ୍ୟନ୍ତ ସ୍ୱାଦିଷ୍ଟ ଭୋଜନ ସମସ୍ତେ ପ୍ରସ୍ତୁତ କରିଥିଲେ। ଏହି ସମାରୋହରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ଆମେ ପାରମ୍ପରିକ ଖାଦ୍ୟକୁ ସବୁବେଳେ ଗୁରୁତ୍ୱ ଦେଇ ସୁସ୍ଥ ଏବଂ ସୁଖରେ ରହିବା ବୋଲି କହିଥିଲେ । ପ୍ରତିଯୋଗିତାର ବିଚାରକ ଭାବେ ଜିଲ୍ଲା



ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଡଃ ସଚ୍ଚିଦାନନ୍ଦ ତ୍ରିପାଠୀ, ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ, ଅତିରିକ୍ତ ଜିଲ୍ଲା ଟ୍ରେଜେରୀ ଅଧିକାରୀ ମଧୁସ୍ମିତା ପରିଜା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଗୀତା ପାତ୍ର ଖାଦ୍ୟର ସ୍ୱାଦ ଗୁଣ ମାନ ପରୀକ୍ଷା କରିଥିଲେ। ଜିଲ୍ଲା ମିଶନ ଶକ୍ତି ଆନୁକୂଲ୍ୟରେ ଜିଲ୍ଲା ପରିଚାଳକ ସୁନୀଲ କୁମାର ମଲ୍ଲିକ ପ୍ରତିଯୋଗିତାର ଆୟୋଜନ କରିଥିଲେ। ସରକାରଙ୍କ ତରଫରୁ ପ୍ରଥମ ଦଳ ଜୟ ମା' ତୁଳସୀ, କୋମନାଙ୍କୁ ଦଶ ହଜାର, ଦ୍ୱିତୀୟ ଦଳ ନାଓମି, ନୂଆପଡ଼ାଙ୍କୁ ଆଠ ହଜାର ଏବଂ ତୃତୀୟ ଦଳ ଶ୍ରୀମା, ବୋଡ଼େନ ଙ୍କୁ ୬ହଜାର ଟଙ୍କା ପୁରସ୍କାର ମିଳିବ। ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ରାଜ୍ୟ ସ୍ତରରେ ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ।

# ସିଙ୍ଗାରିରେ ବିକାଶ ବାହନକୁ ଭବ୍ୟ ସ୍ୱାଗତ

କଲ୍ୟାଣସିଂହପୁର/ ରାୟଗଡ଼ା (ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ସିଙ୍ଗାରି ଗ୍ରାମ ପଞ୍ଚାୟତ ଠାର ବିକାଶ ବାହନ ଗାଡ଼ିକୁ ଭବ୍ୟ ସ୍ୱାଗତ କରାଯାଇଛି । ଏହି ପରିପ୍ରେକ୍ଷୀରେ ଏକ ବିଶେଷ ସଭା ଅନୁଷ୍ଠିତ ହେଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କଲ୍ୟାଣସିଂହପୁର ବ୍ଲକ୍ ଅଧକ୍ଷା ଅମ୍ରିତା କାଡ୍ରାକା ସମ୍ମାନିତ ଅତିଥି ଭାବେ ସରପଞ୍ଚ ନାଲା ପ୍ରେପାକା ଜିପିଓ ଶ୍ୱେତାମ୍ବର ପ୍ରଧାନୀ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ବିଶ୍ୱଜିତ୍ ସାମନ୍ତ ସିଂ, ନୋଡାଲ



ଅଫିସର ଭାବେ କନିଷ୍ଠ ଯନ୍ତ୍ରୀ ଶିବ ଶଙ୍କର ହେମ୍ବ୍ରମ୍ ଉପସ୍ଥିତ ରହିଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ କାମାକ୍ଷୀ ପ୍ରସାଦ ନେମାଲପୁରି ସଭା ପରିଚାଳନା କରିଥିଲେ। ଏଥିରେ ୧୫ ଜଣକୁ ଜଙ୍ଗଲ ଜମିପଟ୍ଟା ବଣ୍ଟନ କରାଯାଇଥିବା ବେଳେ ଦୁଇ ଜଣକୁ ରେସନ କାର୍ଡ, ତିନି ଜଣକୁ ୩୫୦୦ ଟଙ୍କା ଭତ୍ତା ଅନ୍ତର୍ଭୁକ୍ତ କରାଯାଇଥିଲା। ୬ ଜଣକୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ୍ କରାଯାଇଥିଲା। ବ୍ଲକ କଳା ସଂସ୍କୃତି ସଂଘର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ସହ ସରକାରଙ୍କ ବହୁମୁଖୀ ଯୋଜନା ଗୁଡିକ ବିଷୟରେ ଜନସଚେତନତା ସୃଷ୍ଟି କରାଯିବା ସହ ବୃକ୍ଷରୋପଣ ହୋଇଥିଲା। ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇ ନିଜ ନିଜ ବିଭାଗର ଜନ କଲ୍ୟାଣ ଯୋଜନା ବିଷୟରେ ବୁଝେଇ କହିଥିଲେ। ଏଡିଇଓ ରତ୍ନାକର ନାଏକ, ଯୋଗାଣ ଅଧିକାରୀ ଦାମୋଦର କୁରୁଡିଆ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ସଭା

ଗୁଣପୁର (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅନ୍ତର୍ଗତ ଖେରେଡା ଗ୍ରାମ କବିଗୋପାଳ କୃଷ୍ଣ କନିଷ୍ଠ ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସ୍ୱର୍ଗତ କଳିଙ୍ଗ ଦୀନବନ୍ଧୁ ନାୟକ ଙ୍କ ଦ୍ୱାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହଇଯାଇଛି। ମହାବିଦ୍ୟାଳୟ ର ପ୍ରତିଷ୍ଠାତା ରାମଚନ୍ଦ୍ର ଦଳେଇଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମହାବିଦ୍ୟାଳୟ ପରିଚାଳନା



କମିଟିର ସମ୍ପାଦିକା ଭାଗ୍ୟଲକ୍ଷ୍ମୀ ଦଳେଇ, ଅଧକ୍ଷା ସ୍ୱାଗତିକା ପ୍ରଧାନ ଓ କର୍ମଚାରୀ ସମେତ ଗ୍ରାମର ବୁଦ୍ଧିଜୀବୀ ରଘୁନାଥ ଦଳେଇ, କପିଳେଶ୍ୱରର ନାୟକ, ସରପଞ୍ଚ ଅଖିଳ ପାତ୍ର ତଥା ପୁତ୍ର ଉଜ୍ଜ୍ୱଳ, ପୁତ୍ରବଧୂ ତୃପ୍ତିପ୍ରଭା ଓ ଉପସ୍ଥିତ ଗ୍ରାମବାସୀ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଅମର ଆତ୍ମାର ନିରବ ପାର୍ଥନା କରିଥିଲେ। ସ୍ୱର୍ଗତ ନାୟକ ଜଣେ ସରଳ, ନିଷ୍କପଟ, ପରୋପକାରୀ ମଣିଷ ଥିଲେ। ଏହି ଅବସରରେ ସଂକୀର୍ତ୍ତନ ଓ ନାମଯଜ୍ଞ ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

# ଗୁଳି ଫୁଟାଇ ସୁନା ବ୍ୟାଗ୍ ଲୁଟିନେଲେ ଦୁର୍ବୃତ୍ତ

## ■ଦୋକାନୀ ଆହତ ■ପୋଲିସକୁ ଖୋଲା ଚ୍ୟାଲେଞ୍ଜ■ପୁଅ ପାଇଁ ବଞ୍ଚିଗଲା ଜୀବନ

ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ କୋଦଭଟା ଠାରେ ଗତ କାଲିରାତ୍ର ପ୍ରାୟ ୯ ଟା ସମୟରେ ଏକ ଡକାୟତି ଦଳ ଠେଙ୍ଗା ଗୁଳି ଫୁଟାଇ ଜଣେ ସୁନା ଦୋକାନୀଙ୍କ ଘରେ ଲୁଟ କରି ସୁନା ବ୍ୟାଗ ନେଇ ଯାଇଥିବାବେଳେ ଦୋକାନୀଙ୍କ ୧୨ବର୍ଷର ପୁଅର ସାହସିକତା ଯୋଗୁଁ ଦୋକାନୀଙ୍କ ଜୀବନ ବଞ୍ଚି ଯାଇଥିଲା। ତେବେ ଘଟଣା ସ୍ଥଳରୁ ଦୁର୍ବୃତ୍ତ ମାନେ ସୁନା ବ୍ୟାଗ ଧରି ଚମ୍ପଟ ମାରିଥିଲେ। ଅନ୍ୟ ପଟେ ସୁନା ଦୋକାନୀ ରାମ କୁମାର ଡାକୁଆ ଠେଙ୍ଗା ମାଡ଼ରେ ଆହତ ହୋଇ ରାଇଘର ମେଡିକାଲ ରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ଖବର ନେବାରେ ଜଣାଯାଇଛି ଯେ ରାତି



ପ୍ରାୟ ୯ଟା ସମୟ ରେ ରାମ କୁମାର ଡାକୁଆ ପ୍ରତ୍ୟେକ ଦିନ ଭଳି ରାତି ୮.୩୦ ରୁ ୯ ମଧ୍ୟରେ ଦୋକାନ ବନ୍ଦ କରି ସବୁ ସୁନା ଅଳଙ୍କାର ବ୍ୟାଗ ସାହାଯ୍ୟରେ ଘରକୁ ନେଇ ଯାଉଥିଲେ। ସେ ଘରେ ପହଞ୍ଚିବା ମାତ୍ରେ କିଛି ଦୁର୍ବୃତ୍ତ ଠେଙ୍ଗା ଓ ବନ୍ଧୁକ ଧରି ରାମଙ୍କୁ ଆକ୍ରମଣ କରିଥିଲେ। ରାମଙ୍କ ପତ୍ନୀ ସଂଗୀତା ଘରୁ ବାହାରି ଦେଖିବା ବେଳକୁ ଦୁର୍ବୃତ୍ତମାନେ ସୁନା ବ୍ୟାଗ ଛଡ଼ାଇବାକୁ ଯାଇ ରାମଙ୍କ ଗୋଡ଼ରେ ଗୁଳି ଚଳାଇବା ସହ ଠେଙ୍ଗାରେ ତାଙ୍କୁ ପିଟିଥିଲେ। ଏଥିରେ ସେମାନଙ୍କୁ ବାରଣ କରିବାକୁ ଯାଇ ସଂଗୀତା ମଧ ଠେଙ୍ଗା ମାଡ଼ର ଶିକାର ହୋଇଥିଲେ। ୧୨ ବର୍ଷର ପୁଅ କ୍ରିଷ୍ଣା ଦୁର୍ବୃତ୍ତ ମାନେ ବାପାଙ୍କୁ ମାଡ଼ ମାରୁଥିବା ଦେଖି ଚିତ୍କାର କରିବା ସହ ଅଗଣାରେ ପଡ଼ିଥିବା ପଥର ଗୋଟାଇ ସେମାନଙ୍କ ଉପରେ ଫୋପାଡ଼ି ଥିଲା। କ୍ରିଷ୍ଣାର ଏଭଳି ଚିତ୍କାର ଓ ପଥର ମାଡ଼ ଦେଖି ଦୁର୍ବୃତ୍ତ ମାନେସୁନା ବ୍ୟାଗ ଛଡ଼ାଇ ବାହାରକୁ ବାହାରି ଚମ୍ପଟ ମାରିଥିଲେ। ଆହତ ଅବସ୍ଥାରେ ରାମଙ୍କୁ ସ୍ଥାନୀୟ ମେଡିକାଲ ରେ ଭର୍ତ୍ତି କରାଯାଇଛି। ରାତି ମାତ୍ର ୯ ଟା ସମୟରେ ଦୁର୍ବୃତ୍ତଙ୍କ ଏଭଳି କାଣ୍ଡ ସ୍ଥାନୀୟ ପୋଲିସକୁ ଖୋଲା ଚ୍ୟାଲେଞ୍ଜ କରିଛି । ଖବର ପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚି କିଛି ଗୁଳି ଜବତ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଥାଉ କି ଗତ ଦୁଇ ବର୍ଷ ପୂର୍ବେ ମଧ ରାମ ଡାକୁଆଙ୍କ ଦୋକାନରେ ଦିନ ଦ୍ୱିପ୍ରହରରେ ଚୋରି ହୋଇଥିଲା।

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲା ମାଥିଲି ବ୍ଲକ୍ ?ର ଆଦିବାସୀ ସମ୍ପ୍ରଦାୟର ଯୁବତୀ ଏବଂ ଝିଅଙ୍କ ରଜ ପାଳନକୁ ଆଦିବାସୀ ସମାଜ ପକ୍ଷରୁ ବିରୋଧ କରାଯାଇଛି। ରଜ ଆଦିବାସୀଙ୍କ ପର୍ବ ନୁହେଁ, ଆମ ପର୍ବ ହଉଛି ଚୈତ୍ର ପର୍ବ, ଅସା ପର୍ବ, ପୁଷ୍ପ ପର୍ବ ବୋଲି ଶୁକ୍ରବାର ଆୟୋଜିତ ଏକ ବୈଠକରେ ସମାଜର ମୁଖିଆମାନେ କହିଛନ୍ତି । ଆଦିବାସୀ ନେତା ହଳଧର ପୂଜାରୀ, ନରସିଂ ନାୟକ, ହାତୀ ପୂଜାରୀ, ବଳରାମ ନାୟକ, ଧନ ନାୟକ, ଗୁପ୍ତ ନାୟକ, ରଘୁନାଥ ନାୟକ, ଚନ୍ଦ୍ର ନାୟକ, ସମନ୍ଦ ଭୂମିଆଙ୍କ ସମେତ ମାଥ୍ ?ଲି ଅଞ୍ଚଳର ଅନେକ ଆଦିବାସୀ ଏକାଠି ହୋଇ ରଜ ପାଳୁଥିବା ଆଦିବାସୀ ଯୁବତୀଙ୍କୁ ବିରୋଧ କରିଥିଲେ । ଆଦିବାସୀ ମୁଖିଆମାନେ ଏକ ଟିମ୍ ଗଠନ କରି ଗାଁ ଗାଁକୁ ଯାଇ ଯୁବତୀଙ୍କୁ ବୁଝାଇବାର ନିଷ୍ପତ୍ତି ନେଇଛନ୍ତି। ଯେଉଁ ଗାଁରେ ଯୁବତୀମାନେ ରଜ ପାଳନ କରୁଥିବେ ଉକ୍ତ ଗାଁକୁ ଟିମ୍ ସଦସ୍ୟ ଯାଇ ବୁଝାଇବା ପାଇଁ ବୈଠକରେ ସମାଜ ମୁଖିଆମାନେ ନିଷ୍ପତ୍ତି ନେଇଛନ୍ତି। ଆଦିବାସୀ ସମାଜର ଏହି ନିଷ୍ପତ୍ତିକୁ କିଛି ଲୋକେ ସମର୍ଥନ କରୁଥିବାବେଳେ କେତେଜଣ ବିରୋଧ କରୁଥିବା ଦେଖିବାକୁ ମିଳୁଛି । ଆଦିବାସୀ ଗାଁର ଯୁବତୀମାନେ ରଜ ପାଇଁ ସଜବାଜ ହୋଉଥିବା ବେଳେ ଆଦିବାସୀ ନେତାଙ୍କ ବିରୋଧକୁ ନେଇ ରଜ ପାଳିବେ ନା ନାହିଁ ସେ ନେଇ ଦ୍ୱନ୍ଦ ରେ ପଡ଼ିଯାଇଛନ୍ତି।



■ ରଥଯାତ୍ରା ସୁପରିଚାଳନା ପାଇଁ ପଦକ୍ଷେପ ■

## ଦଇତାପତି ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନର ବୈଠକ



ପୁରୀ (ଭାସ୍କର ନ୍ୟୁଜ) : ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଦଇତାପତି ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ରଥ ଉପରେ ମୋବାଇଲ ବ୍ୟବହାର ଉପରେ ସଂପୂର୍ଣ୍ଣ କଟକଣା ଜାରୀ କରାଯାଇଛି।ଛଦ୍ମବେଶ ଧାରୀ ବା ଅଣ ସେବାୟତ ଚିହ୍ନଟ ହେଲେ ସେମାନଙ୍କ ବିରୁଦ୍ଧରେ ଏତଲା ଦିଆଯିବା ସହ ଫୌଜଦାରୀ ମାମଲା ରୁଜୁ କରାଯିବ।ସେହିପରି ଗୋଟିଏ ଦିନରେ ନେତ୍ର ଉତ୍ସବ ଓ ନବଯୌବନ ଦର୍ଶନ ପଡୁଥିବାରୁ ଶୃଙ୍ଖଳିତ ନୀତି ଓ ଭକ୍ତଙ୍କ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧକ୍ଷତାରେ ଦଇତାପତି ଙ୍କ ବୈଠକ ଆଜି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଦଇତାପତି ନିଯୋଗ ସଭାପତି ଓ ସମ୍ପାଦକଙ୍କ ସହ ବାଡଗ୍ରାହୀ ଓ ଯୁବ ଦଇତାପତି ଯୋଗ ଦେଇଥିଲେ।ଚଳିତ ବର୍ଷ ଗୋଟିଏ ଦିନରେ ନବଯୌବନ ଓ ନେତ୍ରୋତ୍ସବ ଥିବାରୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ପ୍ରସାଦ ସେବନ ଉପରେ ଗୁରୁତ୍ୱ ଦିଆଯାଇଛି। ଗତବର୍ଷର ପହଣ୍ଡି ଅଘଟଣ ଏଡାଇବାକୁ ସ୍ୱତ୍ୱଲିପି ଅନୁଯାୟୀ ସେବା ସଂପୃକ୍ତ ସେବକଙ୍କୁ ନେଇ ଗଠିତ ହୋଇଛି ପହଣ୍ଡି ଟିମ୍ । ୩ ଜଣିଆ କମିଟି ର ପରାମର୍ଶ ଅନୁଯାୟୀ ହେବ ପହଣ୍ଡି କାର୍ଯ୍ୟ ହେବ।ରଥ ଉପରେ ଓ ପହଣ୍ଡି ସମୟରେ ମୋବାଇଲ୍ ସମ୍ପୁର୍ଣ୍ଣ ବାରଣ ହେବ । ନୀତି ଶୃଙ୍ଖଳା ଓ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ଦଇତାପତି ପ୍ରତିଶ୍ରୁତି ବଦ୍ଧ ବୋଲି କହିଛନ୍ତି ନିଯୋଗ ସମ୍ପାଦକ । ୪ ଟି ପହଣ୍ଡି ଦଳ ପ୍ରସ୍ତୁତ କରିସାରିଛି ଦଇତାପତି ନିଯୋଗ । ଅନ୍ୟ ନିଯୋଗର ସୂଚୀ ଆସିବା ପରେ ହେବ ପହଞ୍ଚି ପାଇଁ ଫାଇନାଲ ଲିଷ୍ଟ ପ୍ରସ୍ତୁତ ହେବ।ଉତ୍ତମ ସମନ୍ୱୟ,ଶୃଙ୍ଖଳିତ ନୀତି ,ବ୍ୟବସ୍ଥାବଳି ଅନୁପାଳନ୍ ଉପରେ ଫୋକସ୍ ଦିଆଯାଇଛି।ସେବକଙ୍କ ସହାୟକ କେବଳ ଆବଶ୍ୟକ ସମୟରେ ରଥ ଉପରକୁ ଯାଇପାରିବେ ।ଅନ୍ୟ ସମୟରେ ଗଲେ ଆକ୍ସନ ନିଆଯିବ। ରଥ ଉପରକୁ ଛଦ୍ମବେଶୀ ଚଢ଼ିଲେ ହେବ ଫୌଜଦାରି ମୋକଦ୍ଦମା ।ସ୍ନାନ ପୂର୍ଣ୍ଣିମାରେ ଭକ୍ତ ମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଛୁଇଁବା ଘଟଣା ରେ ଚାଲିଛି ତଦନ୍ତ ।ଭିଡିଓ ଫୁଟେଜ ର ଯାଞ୍ଚ୍ ପରେ ହେବ ଆକ୍ସନ ।

## ଦ୍ୱିତୀୟ ଭୂଇଁ ତିନିରଥରେ ସଂଯୋଗ



ପୁରୀ (ଭାସ୍କର ନ୍ୟୁଜ) : ତିନି ରଥରେ ଅଗ ଭୂଇଁ ବା ତୃତୀୟ ଭୂଇଁ ସ୍ଥାପନ ସହ ସ୍ଥାପିତ ହେଲା ତିନିରଥ ର ବଡଥଳ ପୋଟଳ ତିନିରଥର ମୁଖ୍ୟ ମହାରଣାଙ୍କ ଉପସ୍ଥିତିରେ ସହଯୋଗୀ ମହାରଣା ଏବଂ ଭୋଇ ସେବକ ମାନେ ମିଶି ତିନି ରଥର ତୃତୀୟ ଭୂଇଁ ବା ଅଗ ଭୂଇଁ ଉଠି ମଝି ଭୂଇଁ ଉପରେ ସଂଯୋଗ ହେବାସହ ଆଜି ତିନିରଥର ଏକ ନମ୍ବର (ବଡଥଳ/ବଡ ଧରା) ପୋଟଳ ତୃତୀୟ ଭୂଇଁ ଉପରେ ସ୍ଥାପନ କରାଯାଇଛି। ତିନିରଥ ରେ ଏକ ନମ୍ବର ପୋଟଳ ସଂଯୋଗ ହେବାପରେ ବାକି ପୋଟଳ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଜାରି ରହିଛି। ତିନି ରଥର ଏହି ପୋଟଳ ୧୩ ପରସ୍ତ ବିଶିଷ୍ଟ, ଏହା ରଥର ଶେଷ ଭୂଇଁ ଉପରୁ ନିର୍ମାଣ ହୋଇଥାଏ, ଏହାର ଗଠନ ଶୈଳୀ ଶ୍ରୀମନ୍ଦିର ଶ୍ରୀଶ ଭାଗ ଅଂଶ ପରି ଦୃଶ୍ୟମାନ ହୋଇଥାଏ । ଏଥିସହ ଆଜି ତିନିରଥ ପଛ ଆଣି ଢ଼ମକ ଚାରି ନାହାକା କୁ ଲାଗି କଣ୍ଟା ବାଡିଆ ଶେଷ ହୋଇଛି। ଏଥିସହ ଆଜି ତିନିରଥ ର ଦୁଇଟି ଲେଖାଏଁ ଆଗ ଆଣି (ସମ୍ମୁଖ ଭାଗ) ଚାର ପରିଛା ସଂଯୋଗ ହେବା ସହ କଣ୍ଟା ପଡ଼ିବା ଶେଷ ହୋଇଛି। ଏଥିସହ ଆଜି ତିନିରଥ ର ସମ୍ମୁଖ ଭାଗ ଉଭୟ ପାର୍ଶ୍ୱରେ ଗୋଟିଏ ଗୋଟିଏ କତରା ସଂଯୋଗ ଶେଷ ହୋଇଛି। ଏଥିସହ ଆଜି ତିନି ରଥର ଚାରି ନାହକା କୁ ମଜବୁତ୍ କରିବା ପାଇଁ ଚାରି ନାହାକା ର ଉଭୟ ପାର୍ଶ୍ୱରେ ମୂଳ କଇଞ୍ଚି ବାଡିଆ ଯିବ ସେଥିପାଇଁ ପାଇଁ ତିନିରଥ ର ମହାରଣା ସେବକ ମାନେ ୨୦ ଫୁଟିଆ କାଠ ପାଳିକୁ ଚଉପଟ ସହ ସେଥିରେ ମାପ ପ୍ରକାରେ କାପ କାର୍ଯ୍ୟ ଶେଷ କରିଛନ୍ତି, ଆସନ୍ତାକାଲି ରଥରେ କଇଞ୍ଚି କୁ କ୍ରସ୍ କରି ବାଡ଼ିଆଜିବ।ଏଥିସହ ଆଜି ତିନି ରଥର ଉପର ଭାଗ ଚାରି ପାର୍ଶ୍ୱରେ ତାଗ ବା ବଟନ୍ ଗାଡ଼ିଆ ଆରମ୍ଭ ହୋଇଛି। ତାଗ ବାଡିଆ ପରେ ରଥର ଚାରି ପାର୍ଶ୍ୱରେ ପଟା ବାଡିଆ ଆରମ୍ଭ ହେବ ।ଏଥିସହ ତିନି ରଥର ସମ୍ମୁଖ ଭାଗ ଚକ ଗୁଡ଼ିକର ସୁରକ୍ଷା ପାଇଁ ଉଭୟ ପାର୍ଶ୍ୱ ପଇ, ପଇ ସଂଯୋଗ ସ୍ଥାନରେ ଲୁହା ପ୍ଲେଟ ମାନ ନଟ ବୋଇଲ୍ଟ ଦେଇ ମହାରଣା ସେବକ ମାନେ ଫିଟିଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି।ରୂପକାର ସେବକ ମାନେ ତିନିରଥ ଦୁଆର ବେଢ଼ାରେ ଲାଗିବା ପାଇଁ ତିନିରଥ ସମ୍ମୁଖ ଭାଗ ର ଚାରିଟି ଲେଖାଏଁ ନାଟ ଗୋଡ଼ରେ ରାହୁରୂପ ଖୋଦେଇ ଶେଷ କରିଚନ୍ତି, ବାକି ନାଟ ଗୋଡ଼ ଗୁଡ଼ିକର ରୂପ ଖୋଦେଇ ଶେଷ ପର୍ଯ୍ୟାୟରେ ପହଁଚିଛି ।ଚିତ୍ରକାର ସେବକ ମାନେ ତିନି ରଥର ଚକ ତଥା ବାହ୍ୟ ଅଂଶ ଗୁଡ଼ିକରେ ଧଳା ପ୍ରାଇମର ଦେବାସକ ରଙ୍ଗ କାର୍ଯ୍ୟ ସହ ରଥ ପାର୍ଶ୍ୱ ଦେବ ଦେବୀ, ନର୍ତ୍ତକୀ, ଶିଖର ଡମ୍ବରୁ, ଓଲଟ ଶୁଆ ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି।ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା ସେବକ ମାନେ ତିନିରଥ ର କଇଞ୍ଚି କଣ୍ଟା ନିର୍ମାଣ ସହ ପୋଟଳ ପାଇଁ ଗୋଡ଼ି ଛାଲ କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି । ଝଦୋଳବେଦୀ ଠାରେ ପାହି ମହାରଣା ମାନେ ରଥ ଯାତ୍ରା ନିମନ୍ତେ ସେବା ପୂଜା ପାଇଁ କାଠ ବାଉଁଶ ନିର୍ମିତ ସରଞ୍ଜାମ ନିର୍ମାଣ ଜାରୀ ରଖିଛନ୍ତି ।ଦରଜୀ ସେବକ ମାନେ ତିନିରଥ ର କନା କଟିଙ୍ଗ ପରେ ବତା କନାରେ ଲେସ ପକା କାର୍ଯ୍ୟ ଜାରୀ ରଖିଛନ୍ତି।

## କେନାଲରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ

ପରଜଙ୍ଗ(ଭାସ୍କର ନ୍ୟୁଜ): ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ କୁଆଳୋ ଗାଁରେ ଘଟିଯାଇଛି ଏକ ଅଭାବନୀୟ ଘଟଣା । ପ୍ରତ୍ୟେକ ଘରେ ଘରେ ଆନନ୍ଦ ଉଲ୍ଲାସର ସହ ରଜ ପର୍ବ ପାଳନ ହେଉଥିବା ବେଳେ ଏହି ଦିନରେ କୁଆଳୋ ଗାଁରେ ଘଟିଯାଇଛି ଏକ ଦୁଃଖଦ ଘଟଣା । କୁଆଳୋ ପୁରୁଣା ଗ୍ରାମ ନିକଟ ମୁଖ୍ୟ କେନାଲକୁ କୁଆଳୋ ପୁରଣା ଗ୍ରାମର ସର୍ବେଶ୍ୱର ବେହେରା(୫୭) ଶନିବାର ଦିନ ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ ଟା ବେଳକୁ ଗାଧୋଇବାକୁ ଯାଇ ଅପରାହ୍ନ ପ୍ରାୟ ଗୋଟାଏ ପର୍ଯ୍ୟନ୍ତ ଆଉ ଘରକୁ ଫେରିନଥିଲେ । ସର୍ବେଶ୍ୱର କେନାଲ ପାଣିରେ ଗାଧୋଇବା ସମୟରେ କୌଣସି କାରଣରୁ ତଳମୁହାଁ ହୋଇ ପଡିଯିବାରୁ ଆଉ ପାଣିରୁ ଉଠିପାରିନଥିଲେ। କିଛି ସମୟ ପରେ ଗ୍ରାମର ଅନ୍ୟ ଜଣେ ସେହି କେନାଲକୁ ଗାଧୋଇବା ପାଇଁ ଯାଇଥିବା ବେଳେ ପାଣିରେ ଜଣେ ଲୋକ ତଳମୁହାଁ ହୋଇ ପଡ଼ିଥିବା ଦୃଶ୍ୟ ଦେଖି ଯାଇ ଗାଁରେ ଜଣାଇଥିଲା । ଖବର ଶୁଣିବା ମାତ୍ରେ ଗାଁ ଲୋକ ମାନେ କେନାଲକୁ ଆସି ପାଣିରେ ଭାସୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ସଙ୍ଗେ ସଙ୍ଗେ ପରଜଙ୍ଗ ଅଗ୍ନିଶମ ବିଭାଗ କେନ୍ଦ୍ରକୁ ଜଣାଇଥିଲେ । ଖବର ପାଇ ଅଗ୍ନିଶମ ବାହିନୀର କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଗଭୀର କେନାଲ ଭିତରେ ପଶି ମୃତଦେହ ଉଦ୍ଧାର କରିଥିଲେ ।ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ମେଡ଼ିକାଲକୁ ପଠାଇ ଅଧିକ ତଦନ୍ତ ଜାରି ରଖିଛି ।

## ସୁଲଭ ମୂଲ୍ୟରେ ବିଶ୍ୱମାନର ଶିକ୍ଷା ଉପଲବ୍ଧି କରାଉଛି ଭାରତ: ଧର୍ମେନ୍ଦ୍ର



ଭୁବନେଶ୍ୱର (ବ୍ୟୁରୋ): ନୂଆ ଜାତୀୟ ଶିକ୍ଷା ନୀତିର କଳ୍ପନା ଅନୁସାରେ ଶିକ୍ଷାର ଅନ୍ତର୍ଜାତୀୟକରଣ ଲକ୍ଷ୍ୟକୁ ସାକାର କରିବା ଦିଗରେ ଶିକ୍ଷା ମନ୍ତ୍ରଣାଳୟ ଏକ ପ୍ରମୁଖ ପଦକ୍ଷେପ ନେଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କ ଉପସ୍ଥିତିରେ ଶନିବାର ମୁମ୍ବାଇରେ ଅନୁଷ୍ଠିତ 'ମୁମ୍ବାଇ ରାଇଜିଂ: କ୍ରିଏଟିଂ ଆନ୍ ଇଣ୍ଟରନ୍ୟାସନାଲ ଏଜୁକେସନ ସିଟି' ଶୀର୍ଷକ ଏକ ସମାରୋହରେ ବିଶ୍ୱର ସମ୍ମାନସ୍ପଦ ୫ଟି ବିଶ୍ୱବିଦ୍ୟାଳୟକୁ ଲେଟର୍ ଅଫ୍ ଇଣ୍ଟେଣ୍ଟ(ଏଲଓଆଇ) ପତ୍ର ପ୍ରଦାନ କରାଯାଇଛି । ମୁମ୍ବାଇରେ କ୍ୟାମ୍ପସ ସ୍ଥାପନ କରିବା ପାଇଁ ୟୁନାଇଟେଡ୍ କିଙ୍ଗଡମ, ଅଷ୍ଟ୍ରେଲିଆ, ୟୁନାଇଟେଡ୍ ଷ୍ଟେଟ୍ସ ଅଫ୍ ଆମେରିକା ଏବଂ ଇଟାଲିର ଏହି ପ୍ରମୁଖ ବିଶ୍ୱବିଦ୍ୟାଳୟକୁ ଏଲଓଆଇ ପ୍ରଦାନ କରାଯାଇଛି । ୟର୍କ ବିଶ୍ୱବିଦ୍ୟାଳୟ, ଆବରଡିନ୍ ବିଶ୍ୱବିଦ୍ୟାଳୟ, ୱେଷ୍ଟର୍ଣ୍ଣ ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟ, ଇଲିନୋଇସ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଏବଂ ଇନଷ୍ଟିଚ୍ୟୁଟ ୟୁରୋପୋ ଡି ଡିଜାଇନ୍ (ଆଇଇଡି), ଇଟାଲିରର ଶାଖା କ୍ୟାମ୍ପସ ପ୍ରତିଷ୍ଠା ଭାରତର ଶିକ୍ଷା ପରିସଂସ୍ଥାନ ପ୍ରତି ଗଭୀର ଏବଂ ବର୍ଦ୍ଧିତ ବିଶ୍ୱାସକୁ ପ୍ରତିଫଳିତ କରୁଛି ଏବଂ ଜାତୀୟ ଶିକ୍ଷା ନୀତିର କାର୍ଯ୍ୟକାରୀ ଦିଗରେ ଏହା ଏକ ପ୍ରମୁଖ ମାଇଲଖୁଣ୍ଟ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତି ଭାରତକୁ ଏକ ବିଶ୍ୱସ୍ତରୀୟ ଶିକ୍ଷାର ପେଣ୍ଠସ୍ଥଳୀ ଭାବରେ କଳ୍ପନା କରେ, ଯାହା ସୁଲଭ ମୂଲ୍ୟରେ ଗୁଣବତ୍ତା ଯୁକ୍ତ ଶିକ୍ଷା ପ୍ରଦାନ କରୁଛି । ପ୍ରଧାନମନ୍ତ୍ରୀଙ୍କ ଭାରତକୁ ଏକ ବିଶ୍ୱସ୍ତରୀୟ ଜ୍ଞାନ କେନ୍ଦ୍ର ଭାବରେ ପ୍ରତିଷ୍ଠା କରିବାର ଦୃଷ୍ଟିକୋଣକୁ ସାକାର କରିବା ଆମର ଲକ୍ଷ୍ୟ ରହିଛି । ବିଶ୍ୱର ଶ୍ରେଷ୍ଠ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଭାରତରେ ପ୍ରତିଷ୍ଠା କରିବା ପାଇଁ ମୋଦୀ ସରକାର ବିହିତ ପଦକ୍ଷେପ ନେଉଛନ୍ତି । ଐତିହାସିକ ମୁମ୍ବାଇ ହେଉଛି ସ୍ୱପ୍ନର ସହର ଏବଂ ଏହାକୁ ଜ୍ଞାନୀ ଏବଂ ଉଦ୍ୟମୀଙ୍କ ସହର ଭାବେ ବିବେଚନା କରାଯାଏ । ନାଭି ମୁମ୍ବାଇକୁ ଶିକ୍ଷା କୈନ୍ଦ୍ରିକ ସହର ଭାବେ କଳ୍ପନା କରାଯାଉଛି । ଆଗାମୀ ଦିନରେ ଶିକ୍ଷା ବିପ୍ଳବର ନେତୃତ୍ୱ ମୁମ୍ବାଇ ନେବ । ମୁମ୍ବାଇ ଏବଂ ନେଭି ମୁମ୍ବାଇ ଭାରତୀୟ ଆକାଂକ୍ଷା ଏବଂ ବିଶ୍ୱସ୍ତରୀୟ ଉତ୍କର୍ଷତାକୁ ସଂଯୋଗ କରିବ। ଆମେ କେବଳ ବିଦେଶୀ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଆମନ୍ତ୍ରଣ କରୁନାହୁଁ; ଆମେ ନବସୃଜନ, ଉଦ୍ୟୋଗ ଏବଂ ଗବେଷଣାର ଇକୋସିଷ୍ଟମକୁ ସହ-ସୃଷ୍ଟି କରୁଛୁ । ୟୁଜିସି (ଭାରତରେ ବିଦେଶୀ ଉଚ୍ଚଶିକ୍ଷା ପ୍ରତିଷ୍ଠାନର କ୍ୟାମ୍ପସ ସ୍ଥାପନ ଏବଂ ପରିଚାଳନା) ନିୟମାବଳୀ, ୨୦୨୩ ଅନୁଯାୟୀ ଅଧୀନରେ ମୁମ୍ବାଇ/ ନେଭି ମୁମ୍ବାଇରେ ବିଦେଶୀ ବିଶ୍ୱବିଦ୍ୟାଳୟ ଭାବରେ ଏହାକୁ ଏଲଓଆଇ ଜାରି କରାଯାଉଛି। ଭାରତରେ ଏହି ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ପ୍ରତିଷ୍ଠା ଛାତ୍ରଛାତ୍ରୀମାନଙ୍କ ପାଇଁ ଭାରତରେ ବିଶ୍ୱସ୍ତରୀୟ ପାଠ୍ୟକ୍ରମ ଏବଂ ଅଧ୍ୟୟନ ସୁଯୋଗ ବିସ୍ତାର କରିବା ଏବଂ ଗବେଷଣା, ଜ୍ଞାନ ବିନିମୟ, ଉଦ୍ୟୋଗ ଏବଂ ନିବେଶ ପାଇଁ ଲାଭଦାୟକ ହେବ। ମୁମ୍ବାଇ/ନଭି ମୁମ୍ବାଇ/ଚେନ୍ନାଇ କ୍ୟାମ୍ପସ୍ ?ରେ ପାଠ୍ୟକ୍ରମଗୁଡ଼ିକ ବ୍ୟବସାୟ, ଅର୍ଥନୀତି, କମ୍ପ୍ୟୁଟର ବିଜ୍ଞାନ, ଜନସ୍ୱାସ୍ଥ୍ୟ, ଡାଟା ବିଜ୍ଞାନ, ଡିଜାଇନ୍ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସ୍ନାତକ ଏବଂ ସ୍ନାତକୋତ୍ତର ସ୍ତରରେ ପ୍ରଦାନ କରାଯିବ ବୋଲି କହିଛନ୍ତି। ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ଏନଏମଆଇଏମଏସର ମୁକେଶ ପଟେଲ୍ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ୍ ଆଣ୍ଡ୍ ଇଞ୍ଜିନିୟରିଂ ଆଣ୍ଡ୍ ସ୍କୁଲ ଅଫ୍ ବିଜେନସ ମ୍ୟାନେଜମେଣ୍ଟର ନୂଆ ଭବନ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ସରକାରଙ୍କ ଉଚ୍ଚ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ଚନ୍ଦ୍ରକାନ୍ତ ପାଟିଲ, ମହାରାଷ୍ଟ୍ର ସରକାରଙ୍କ ପ୍ରମୁଖ ସଚିବ ଶ୍ରୀ ଅସୀମ ଗୁପ୍ତା ଏବଂ ଉଚ୍ଚଶିକ୍ଷା ବିଭାଗ ସଚିବ ଏବଂ ୟୁଜିସି ଅଧକ୍ଷ ଡକ୍ଟର ବିନୀତ ଯୋଶୀ ଉପସ୍ଥିତ ଥିଲେ।

## ୭ ଦିନିଆ ପ୍ରଶିକ୍ଷଣ ସାରି ମାଲକାନଗିରି ଫେରିଲେ ଦୁର୍ଗାବାହିନୀ

ମାଲକାନଗିରି (ଭାସ୍କର ନ୍ୟୁଜ): ସାତ ଦିନ ପ୍ରଶିକ୍ଷଣ ପରେ ମାଲକାନଗିରି ରେ ପାଦ ଦେଇଛନ୍ତି । ଅଗାଢ଼ ପରିଶ୍ରମ ଓ ନିଷ୍ଠାପର ଭାବେ ଦିଆଯାଇଥିଲା ପ୍ରଶିକ୍ଷଣ । ଭବ୍ୟ ସ୍ୱାଗତ କରିଥିଲେ ମାଲକାନଗିରି ବିଶ୍ୱ ହିନ୍ଦୁ ପରିଷଦର କର୍ମୀ ମାଲକାନଗିରି ବସଷ୍ଟାଣ୍ଡ ରେ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ଶିବିରରେ କେବଳ ଶାରୀରିକ ନୁହେଁ ବୌଦ୍ଧିକ ବିକାଶ ର ବି ବିଭିନ୍ନ କେନ୍ଦ୍ରୀୟ ଅଧୀକାରୀ ମାନଙ୍କ ଦ୍ୱାରା ବିଭିନ୍ନ ମାର୍ଗ ଦର୍ଶନ କରିଥିଲେ । ଏହି ରାଜ୍ୟ ସ୍ତରୀୟ ପ୍ରଶିକ୍ଷଣ ବର୍ଗରେ ୧୩ ଟି ଜିଲ୍ଲାରୁ ୧୦୭ଜଣ ରହିଥ?ିବା ବେଳେ ମାଲକାନଗିରି ରୁ ୧୮ ଜଣ ଶିକ୍ଷାର୍ଥୀ ଭାଗ ନେଇଥିଲେ । ଏହା ୭ ତାରିଖ ରୁ ଆରମ୍ଭ ହୋଇ ୧୩ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ର ଧନୁପାଲି ଶିଶୁ ମନ୍ଦିରରେ ଚାଲିଥିଲା । ବର୍ଣାଲି ସରଦାର ଏହି ପ୍ରଶିକ୍ଷଣ ଶିବିର ର ନେତୃତ୍ୱ ନେଇଥିଲେ । ମାଲକାନଗିରି ଜିଲ୍ଲାର ବିଶ୍ୱହିନ୍ଦୁ ପରିଷଦର ଜିଲ୍ଲା ସଭାପତି ନୀଳମଣି ପ୍ରଧାନ ଓ ସଂଗଠକ ଶିବୁ ସରଦାର ଏହି ଦୁର୍ଗାବାହିନୀ ବର୍ଗର ସମସ୍ତ ବ୍ୟବସ୍ଥା ଓ ଦାୟିତ୍ୱ ନେଇଥିଲେ । ଏଥିରେ ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ, ପଡ଼ିଆ ବ୍ଲକ ଓ ମାଲକାନଗିରି ବ୍ଲକରୁ ବିଦ୍ୟାର୍ଥୀ ମାନେ ଯୋଗ ଦେଇଥିଲେ ।

**AFFIDAVIT**

By virtue of an affidavit sworn before the Executive Magistrate, Padampur, dated: 11.06.2025, I Harilal Naik, Address: At- Palsada, Po- Dava, Dist- Bargarh, Odisha, PIN-768042, declare that I have changed my son's name from Chitan Naik to Chaitan Naik. Henceforth, He shall be known as Chaitan Naik for all purposes.

**Sd/- Harilal Naik**

## ଦୁର୍ଘଟଣାରେ ୩ ମୃତ

ନୂଆପଡ଼ା/ବୌଦ୍ଧ (ଭାସ୍କର ନ୍ୟୁଜ): ପହିଲି ରଜରେ ରାଜ୍ୟର ଦୁଇଟି ସ୍ଥାନରେ ମର୍ମନ୍ତୁଦ ସଡକ ଦୁର୍ଘଟଣାର ଖବର ସାମ୍ନାକୁ ଆସିଛି । ନୂଆପଡ଼ା ଜିଲ୍ଲା ଦଲଦଲି ଛକରେ ବାଇକକୁ ଟ୍ରକ୍ ପିଟିଦେବାରୁ ଘଟଣା ସ୍ଥଳରେ ୨ ଜଣଙ୍କର ମୃତ୍ୟୁ ହୋଇଛି । ଶ୍ୱଶୁର ଘରେ ଥିବା ସ୍ତ୍ରୀ ଓ ନବଜାତ ପୁଅକୁ ଦେଖିବାକୁ ଯାଉଥିବା ବେଳେ ଦଲଦଲି ଛକ ନିକଟରେ ବାଇକକୁ ଟ୍ରକ୍ ପିଟିଦେବାରୁ ଘଟଣା ସ୍ଥଳରେ ଦୁଇଜଣଙ୍କର ମୃତ୍ୟୁ ହୋଇଛି । ସେପଟେ ବୌଦ୍ଧ ଖଜୁରିପଡ଼ା ନିକଟରେ ବୋଲେର ଟ୍ରକ ମୁହାଁମୁହିଁ ଧକ୍କା ହୋଇଥିଲା। ବୋଲେରୋରେ ଯାଉଥିବା ଜଣେ ଯାତ୍ରୀଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦ ଜଣ ଆହତ ହୋଇଛନ୍ତି । ୩ ଜଣ ଗୁରୁତର ଅଛନ୍ତି । ମୃତକ ହେଲେ ବରଗଡ଼ ଜିଲ୍ଲା ସରଣ୍ଡା ଗାଁର ଟୁନା ପ୍ରଧାନ । ଜଗନ୍ନାଥଙ୍କ ଦର୍ଶନ ସାରି ପୁରୀରୁ ଫେରିଥିବା ବେଳେ ଘଟିଥିଲା ଦୁର୍ଘଟଣା ।

**MCL** ମହାନଦୀ କୋଲ୍‌ଫିଲଡସ୍ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।"

R-5259

B-195

E-mail ID:cebuildings_orissa@yahoo.co.in
cebuildings@rediffmail.com
Tel. -(0674)- 2391523

OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR
INVITATIONS FOR BIDS (IFB)

File No-B-I-Tourism-07/2025 Lr. No.- 22507 Bhubaneswar, the 6th June, 2025

**Invitation for Bids**

**Bid Identification No. C.E. (B) – 11 / 2025-26**

| | | | |
|---|---|---|---|
| 1. | The Chief Engineer (Buildings-I), Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the works **"Development of Biraja Haat at Jajpur Town in District of Jajpur"** as detailed below. | | |
| 2. | Nature of work | : | Building work |
| 3. | No. of work | : | 01 No. |
| 4. | Bid Cost. | : | ₹10,000/- (each) |
| 5. | Class of Contractor | : | 'A' / Special Class |
| 6. | Availability of Bid Documents in the website | : | From dt.20.06.2025 to 17.00 Hours of dt.05.07.2025. |
| 7. | Date of Opening of Bid | : | Dt.07.07.2025 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Sd/-Chief Engineer (Buildings-I), Odisha, Bhubaneswar

OIPR 34117/11/0104/2526

OFFICE OF THE SUPERINTENDING ENGINEER
POTTERU IRRIGATION DIVISION,BALIMELA
e-mail Id : eepid78@gmail.com
A-288

**e-Procurement Notice No.- SE-PID-BML-01/ 2025-26**

1. Type of Works: System Improvement works.
2. Total No. of Works: - Thirty Six (36) Nos.
3. Estimated Cost: - Varies from Rs 7.52 Lakhs to Rs 19.95 Lakhs
4. Period of Completion: - 150 (One hundred fifty) days

| Procurement Officer | Bid Identification No. | Bid Amount (Rs. In Lakhs) | Availability & Submission of Bids- on line. |
|---|---|---|---|
| Superintending Engineer, Potteru Irrigation Division, Balimela, Malkangiri | SE-PID-BML-01(1)/2025-26 to SE-PID-BML-01(36)/2025-26 | Varies from Rs 7.52 Lakhs to Rs 19.95 Lakhs | From 18.06.2025 10.00 A.M. to 01.07.2025 5.00 P.M. |

Date of opening of the Tender / Bid: - 02.07.2025 at 11.00 A.M
Further details can be seen from the Govt. Website www.tendersorissa.gov.in

Sd/-Superintending Engineer
Potteru Irrigation Division,
Balimela

OIPR 32052/11/0015/2526

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସ୍ଥିତି ପରଖିବ...

ଖୋଲା ସ୍ଥାନରେ ମଳତ୍ୟାଗ କରିବା ବାରଣ ହୋଇଛି। ଏବେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ କେବଳ ଡାଇରିଆ ରୋଗୀ ଅଧିକ ମାତ୍ରାରେ ଚିକିତ୍ସିତ ହେଉଛନ୍ତି। ସେହିପରି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଝାଡ଼ାବାନ୍ତି ସ୍ଥିତି ନେଇ ସମୀକ୍ଷା କରିବା ସହ ନିରାକରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ଘରକୁ ଘର ସର୍ଭେ କରି ଆରମ୍ଭରୁ ରୋଗ ଚିହ୍ନଟ, ସରକାରୀ ଡାକ୍ତରଖାନାରେ ବେଡ୍ ସଂଖ୍ୟା ବୃଦ୍ଧି, ଉପଯୁକ୍ତ ଚିକିତ୍ସା, ହସ୍ପିଟାଲରେ ଆବଶ୍ୟକ ମେଡିସିନ ଓ ସାଲାଇନ ମହଜୁଦ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଅନ୍ୟପକ୍ଷରେ ସ୍ଥିତିର ଅନୁଧ୍ୟାନ ପାଇଁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ ରବିବାର ପ୍ରଥମେ ଯାଜପୁର ଜିଲ୍ଲାର ବଡ଼ଚଣା, ଧର୍ମଶାଳା ଓ ମଧୁବନ ହସ୍ପିଟାଲ ଯିବେ। ପରେ ସେ ଯାଜପୁର ମୁଖ୍ୟ ଚିକିତ୍ସାଳୟ ଯାଇ ରୋଗୀଙ୍କ ସ୍ଥିତି ଓ ଚିକିତ୍ସା ସଂପର୍କରେ ଅନୁଧ୍ୟାନ କରିବେ। ସେଠାରୁ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଯାଇ ମଧ୍ୟ ଡାଇରିଆ ସ୍ଥିତିର ଅନୁଧ୍ୟାନ କରିବେ ବୋଲି ମଧ୍ୟ ସୂଚନା ମିଳିଛି।

### କାନାଡ଼ା- ସାଇପ୍ରସ...

ଭାରତ-ମଧ୍ୟ-ପୂର୍ବ ୟୁରୋପ ଆର୍ଥିକ କରିଡରରେ ସାଇପ୍ରସକୁ ଏକ ସମ୍ଭାବିତ ଭାଗିଦାରୀରୂପେ ଦେଖାଯାଉଛି। ଏହି ଯାତ୍ରା ତୁର୍କୀକୁ ମଧ୍ୟ ଏକ କୂଟନୈତିକ ବାର୍ତ୍ତା ଦେବାର ସମ୍ଭାବନା ରହିଛି। ନିକଟରେ ଅପରେସନ ସିନ୍ଦୂର ସମୟରେ ତୁର୍କୀ ପାକିସ୍ତାନକୁ ସମର୍ଥନ ଯୋଗାଇଥିଲା। ସାଇପ୍ରସ ପରେ ମୋଦୀ କାନାଡ଼ାର ଆଲବର୍ଟା ପ୍ରଦେଶର କାନାନାସ୍କିସ୍‌ରେ ୧୬-୧୭ ଜୁନ୍‌ରେ ଆୟୋଜିତ ଜି-୭ ଶିଖର ସମ୍ମିଳନୀରେ ଯୋଗଦେବେ। କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ନିମନ୍ତ୍ରଣକ୍ରମେ ଭାରତ ଏହି ଶିଖର ସମ୍ମିଳନୀରେ ଯୋଗ ଦେଉଛି। ଫଳରେ ଏହା ଭାରତର ଲଗାତାର ଷଷ୍ଠ ଜି-୭ ଶିଖର ସମ୍ମିଳନୀ ହେବ।

### ତଦନ୍ତକାରୀ ଏଜେନ୍ସିର...

ପର୍ତ୍ତୁଗୀଜ ନାଗରିକ ଓ ଜଣେ କାନାଡ଼ା ନାଗରିକ ଯାତ୍ରା କରୁଥିଲେ। ତେବେ ବ୍ରିଟିଶ ନାଗରିକ ବିଶ୍ୱାସ କୁମାର ରମେଶ ଏଥିରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଅନ୍ୟପକ୍ଷରେ ବ୍ଲାକବକ୍ସ ମିଳିବା ପରେ ଏହାକୁ ପରୀକ୍ଷାନିରୀକ୍ଷା କରାଯାଉଛି। ବିମାନ ଦୁର୍ଘଟଣାର ପ୍ରକୃତ କାରଣ ଏହି ବ୍ଲାକବକ୍ସରୁ ମିଳିପାରିବ। ଏ ନେଇ ୩ ମାସ ମଧ୍ୟରେ ରିପୋର୍ଟ ଦେବାପାଇଁ ଡିଜିସିଏ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

### ରତ୍ନଭଣ୍ଡାର...

ଅନୁସାରେ ଉତ୍ତର ଦ୍ୱାର ଠାରେ ରାମ୍ପ ନିର୍ମାଣ, ଏ.ଏସ୍.ଆଇ. ପରାମର୍ଶ ତଥା ମାର୍ଗଦର୍ଶନରେ ଶେଷ ହୋଇଛି । ଏଏସ୍‌ଆଇର ନିର୍ଦ୍ଦେଶକ( ସଂରକ୍ଷଣ)ଙ୍କ ଅନୁଧ୍ୟାନ ପରେ ନାଟମଣ୍ଡପକୁ ବାତାନୁକୂଳିତ କରାଯିବା ନେଇ ପରିବର୍ତ୍ତିତ ଡିଜାଇନ ଦାଖଲ କରାଯିବା ସହ ଏନେଇ ଏଏସ୍‌ଆଇର ସହମତି ପ୍ରଦାନ ପାଇଁ ଅନୁରୋଧ। ଶ୍ରୀମନ୍ଦିର ଓ ବେଢାରେ ଥିବା ପାର୍ଶ୍ୱ ମନ୍ଦିର ଗୁଡିକର ସୁନ୍ଦର ଭାବେ ଆଲୋକୀକରଣ ସକାଶେ ଏ.ଏସ୍.ଆଇ ପରାମର୍ଶଦାତାଙ୍କ ସହ ଆଲୋଚନା ହୋଇଛି। ବିସ୍ତୃତ ରିପୋର୍ଟ ପାଇବା ପରେ ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ କରାଯିବ। ଶ୍ରୀମନ୍ଦିରର ଦୀର୍ଘମିଆଦି ସଂରକ୍ଷଣ ତଥା ସ୍ଥାପତ୍ୟ ସୁରକ୍ଷା ପାଇଁ ଏଏସ୍‌ଆଇର ସହଯୋଗ କାମନା କରିବା ସହ ଅନୁରୋଧ କରାଯାଇଥିବା ସମସ୍ତ କାର୍ଯ୍ୟର ଗୁରୁତ୍ୱକୁ ଉପଲବ୍ଧି କରି ଧାର୍ଯ୍ୟ ସମୟସୀମା ଭିତରେ ସାରିବାକୁ ପତ୍ରରେ ଉଲ୍ଲେଖ କରାଯାଇଛି।

## ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ନେଇ ବିକାଶ ମେଳା

ମାଲକାନଗିରି (ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଡିଏନକେ ଖେଳ ପଡିଆ ଠାରେ ବିକାଶ ମେଳାର ଶୁଭାରମ୍ଭ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଲୋକସଭା ସାଂସଦ ଇଂ ବଳଭଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ, ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ପ୍ରଦୀପ ନାୟକ,ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଓ ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ମୁଖ୍ୟ ଅତିଥି ଇଂ ମାଝୀ ବିକାଶ ବାହନର ଶୁଭାରମ୍ଭ କରିଥିଲେ। ଏହା ଜିଲ୍ଲା ମୁଖ୍ୟାଳୟରୁ ଆରମ୍ଭ କରି ପ୍ରତ୍ୟେକ ବ୍ଲକ ସମେତ ସମସ୍ତ ଗ୍ରାମ ପଞ୍ଚାୟତ ବୁଲି ସରକାରଙ୍କ ବିଭିନ୍ନ ଜନ ହିତକାରୀ ଯୋଜନା ଉପରେ ଲୋକଙ୍କୁ ସଚେତନ କରିବ । ସେହିପରି ସନ୍ଧ୍ୟାରେ ଓରମାସ ପକ୍ଷରୁ ଆୟୋଜିତ ବିକାଶ ମେଳାର ଷ୍ଟଲ ଗୁଡ଼ିକୁ ମଧ୍ୟ ଇଂ ମାଝୀ ମୁଖ୍ୟ ଅତିଥି ଭାବେ ଉଦଘାଟନ କରିଛନ୍ତି। ସମସ୍ତ ଅତିଥି ମାନେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ୫୦ ଗୋଟି ଷ୍ଟଲ ବୁଲି ଦେଖିଛନ୍ତି । ୨୫ ଗୋଟି ଷ୍ଟଲରେ ଜିଲ୍ଲା ପ୍ରଶାସନର ସ୍ୱାସ୍ଥ୍ୟ, କୃଷି, ସାମାଜିକ କଲ୍ୟାଣ, ଶିକ୍ଷା, ଉଦ୍ୟାନ କୃଷି, ଶିଳ୍ପ, ବୟନ ଶିଳ୍ପ, ଶିଶୁ ସୁରକ୍ଷା, ଗ୍ରାମ୍ୟ ଗୃହ, ମନରେଗା, ମତ୍ସ୍ୟ, ପ୍ରାଣୀ ସମ୍ପଦ, ଅବକାରୀ, ଜନଜାତି ଉନ୍ନୟନ, କେବିକେ, ଜଙ୍ଗଲ, ସାମାଜିକ ସୁରକ୍ଷା ଓ ବ୍ୟାଙ୍କିଙ୍ଗ ବିଭାଗ ପକ୍ଷରୁ ବିଭିନ୍ନ ଯୋଜନା ଉପରେ ଷ୍ଟଲ ପ୍ରଦର୍ଶନ କରାଯାଇଛି। ସେହିପରି ମିଶନ ଶକ୍ତି ମହିଳା ମାନେ ପାରମ୍ପରିକ ଖାଦ୍ୟ ଷ୍ଟଲ୍ କରିଛନ୍ତି। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଜନଜାତି ପରମ୍ପରାକୁ ନେଇ ଏକ ଜନଜାତି ଗୃହ ପ୍ରଦର୍ଶନ କରାଯାଇଛି।

## ମହିଳା ସଶକ୍ତିକରଣ ସମ୍ମିଳନୀ ଆୟୋଜିତ



ମାଲକାନଗିରି (ଭାସ୍କର ନ୍ୟୁଜ): ପ୍ରତ୍ୟେକ କ୍ଷେତ୍ରରେ ମହିଳାଙ୍କ ଭାଗିଦାରୀତାକୁ ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରୁଛନ୍ତି। ମହିଳାଙ୍କୁ ସ୍ୱାବଲମ୍ବୀ ଓ ସଶକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଜିଲ୍ଲା ସ୍ତରୀୟ ବିକାଶ ମେଳାର ଦ୍ୱିତୀୟ ଦିନରେ ମହିଳା ସଶକ୍ତିକରଣ ସମ୍ମିଳନୀ ଆୟୋଜନ କରାଯାଇଛି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି ସମ୍ମିଳନୀରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମ୍ମିଳନୀକୁ ଉଦଘାଟନ କରିଥିଲେ। ଏହି ଅବସରରେ ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ମିଶନ ଶକ୍ତି ଡିପିସି ହର୍ଷାନନ୍ଦ ପ୍ରଧାନ, କାର୍ଯ୍ୟକ୍ରମ ପରିଚାଳକ ବାଲାଜୀ ପଟ୍ଟନାୟକ ଓ ଓରମାସ ଡେପୁଟି ସିଇଓ ଗୁଣ୍ଡିଚା ବେହେରା ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ଭାରତ ସରକାରଙ୍କ ଫ୍ଲାଗସିପ୍ କାର୍ଯ୍ୟକ୍ରମ ଲକ୍ଷ୍ୟପତି ଦିଦି ଯୋଜନା ମାଧ୍ୟମରେ କିଭଳି ଅଧିକରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରାଯାଇ ପାରିବ ସେଥି ନିମନ୍ତେ ପ୍ରୋତ୍ସାହନ କରାଯାଇଥିଲା। ସୁଭଦ୍ରା ଯୋଜନା ଦ୍ୱାରା ଆଜି ଅନେକ ମହିଳା ଆର୍ଥିକ ଭାବେ ସଶକ୍ତ ହୋଇପାରିଛନ୍ତି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ବାଲ୍ୟ ବିବାହ ବିରୁଦ୍ଧରେ ଏହି ସମ୍ମିଳନୀରେ ସଚେତନତା ସୃଷ୍ଟି କରାଯାଇଅଛି। ସେହିପରି ପରିବେଶକୁ ସ୍ୱଚ୍ଛ ରଖିବା ନେଇ ସ୍ୱଚ୍ଛ ଭାରତ ମିଶନ ଓ ଯୁବ ଗୋଷ୍ଠୀଙ୍କ ମଧ୍ୟରେ ଦକ୍ଷତା ବିକାଶ ଉପରେ ଏଠାରେ ଆଲୋଚନା କରାଯାଇଛି। ଏହି ସମ୍ମିଳନୀରେ ଏମବିକେ, ସିଆରପି, ବ୍ୟାଙ୍କ ମିତ୍ର, ପ୍ରାଣୀ ମିତ୍ର, କୃଷି ମିତ୍ର, ଅଙ୍ଗନୱାଡ଼ି କର୍ମୀ, ଲକ୍ଷପତି ଦିଦି, ସୁଭଦ୍ରା ହିତାଧୀକାରୀ ଏବଂ ସମସ୍ତ ସିଡିପିଓ ମାନେ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ସମସ୍ତ ମହିଳା ମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇ ଆୟୋଜିତ ବିଷୟବସ୍ତୁ ଉପରେ ମାଆ ମାନଙ୍କୁ ସଚେତନ କରିଛନ୍ତି। ସେହିପରି ଏହି ମେଳାରେ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥକୁ ଶ୍ରୀ ଶବର ଉଦଘାଟନ କରିଛନ୍ତି।



ନୂଆଦିଲ୍ଲୀ: ଇସ୍ରାଏଲ-ଇରାନ ମଧ୍ୟରେ ଚାଲିଥିବା ଆକ୍ରମଣକୁ ନେଇ ସାଂଘାଇ ସହଯୋଗ ସଂଗଠନ(ଏସସିଓ) ଏକ ବିବୃତି ଜାରି କରିଛି। ଇସ୍ରାଏଲର ପଦକ୍ଷେପକୁ ବିବୃତିରେ ନିନ୍ଦା କରାଯାଇଛି। ଇସ୍ରାଏଲ ଇରାନର ଜନସାଧାରଣ, ଶକ୍ତି ଏବଂ ପରିବହନ ଭିତ୍ତିଭୂମିକୁ ଟାର୍ଗେଟ କରି ଆକ୍ରମଣ କରିଛି, ଯାହା ଏକ ଆକ୍ରମଣାତ୍ମକ କାର୍ଯ୍ୟାନୁଷ୍ଠାନ ବୋଲି ଏସସିଓ କହିବା ସହିତ ଏହା ଅନ୍ତର୍ଜାତୀୟ ଆଇନ ଏବଂ ଜାତିସଂଘ ଚାର୍ଟରକୁ ଉଲ୍ଲଂଘନ କରୁଛି ବୋଲି ଦର୍ଶାଇଛି। ତେବେ ଅନ୍ତର୍ଜାତୀୟ ସମୁଦାୟକୁ ଦୃଷ୍ଟିରେ ରଖି ଏସସିଓ ଜାରି କରିଥିବା ଏହି ବିବୃତି ଉପରେ ଭାରତ କୌଣସି ଆଲୋଚନା କରିବ ନାହିଁ ବୋଲି କହିଛି। ଭାରତ ଏସସିଓର ବିବୃତିରୁ ନିଜକୁ ଦୂରେଇ ରଖିଛି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତି ଜାରି କରି ଏ ସମ୍ପର୍କରେ ସ୍ପଷ୍ଟୀକରଣ ଦିଆଯାଇଛି। ଦୁଇ ଦେଶ ମଧ୍ୟରେ ଲାଗି ରହିଥିବା ଉତ୍ତେଜନା ହ୍ରାସ ଦିଗରେ ଉଭୟ ରାଷ୍ଟ୍ର କୂଟନୈତିକ ସ୍ତରରେ ଆଲୋଚନା କରି ଏହାର ସମାଧାନ କରିବାକୁ ଭାରତ ଗୁରୁତ୍ୱ ଦେଇଛି। ଅନ୍ତର୍ଜାତୀୟ ସମୁଦାୟ ଏ ଦିଗରେ ପ୍ରୟାସ କରିବା ଦରକାର ବୋଲି ଭାରତ ପକ୍ଷରୁ କୁହାଯାଇଛି।


# ୬୫୦ ଫୁଟ୍ ଉଚ୍ଚତାରେ ବିମାନରେ ସମସ୍ୟା ଥିଲା: ଏମ୍‌ସିଏ ସଚିବ



ନୂଆଦିଲ୍ଲୀ: ଅହମ୍ମଦାବାଦ ବିମାନ ଦୁର୍ଘଟଣା ଉପରେ ଶନିବାର କେନ୍ଦ୍ର ସରକାର ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ସରକାର କହିଛନ୍ତି ଯେ ବିମାନଟି ପ୍ୟାରିସ-ଦିଲ୍ଲୀ ଓ ପରେ ଦିଲ୍ଲୀରୁ ଅହମ୍ମଦାବଦ ଯାଏ ଦୁର୍ଘଟଣା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହୋଇନଥିଲା। ଜୁନ୍ ୧୨ରେ ଅପରାହ୍ଣ ପ୍ରାୟ ୨ଟା ବେଳେ ସରକାରଙ୍କୁ ଦୁର୍ଘଟଣା ବାବଦରେ ଏଟିସି ପକ୍ଷରୁ ପ୍ରଥମେ ସୂଚନା ଦିଆଯାଇଥିଲା। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କହିଛନ୍ତି, କ୍ରାସ୍ ପୂର୍ବରୁ ଏଟିସିକୁ ବିମାନର ପାଇଲଟ୍ ଅପରାହ୍ଣ ୧.୩୯ ମିନିଟରେ ମେଡେ କଲ୍ କରିଥିଲେ, ଅର୍ଥାତ୍ ପୂରା ଏମର୍ଜେନ୍ସି। ଏହାପରେ, ଯେତେବେଳେ ଏଟିସି ବିମାନ ସହ ଯୋଗାଯୋଗ ପାଇଁ ଉଦ୍ୟମ କରିଥିଲା, କିନ୍ତୁ କୌଣସି ଉତ୍ତର ମିଳିନଥିଲା। ଠିକ୍ ଗୋଟିଏ ମିନିଟ୍ ପରେ ବିମାନ ମେଘାନୀନଗରରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କେନ୍ଦ୍ରମନ୍ତ୍ରୀ ରାମ ମୋହନ ନାଇଡୁ କହିଛନ୍ତି, ଗତ ଦୁଇ ଦିନ ଅତ୍ୟନ୍ତ କଠିନ ଥିଲା। ଅହମ୍ମଦାବାଦ ଏୟାରପୋର୍ଟ ନିକଟରେ ହୋଇଥିଲା ଦୁର୍ଘଟଣା ସାରା ଦେଶକୁ ଦୋହଲାଇ ଦେଇଛି। ଏହି ଦୁର୍ଘଟଣାରେ ନିଜ ପ୍ରିୟଜନଙ୍କୁ ହରାଇଥିବା ପରିବାର ପ୍ରତି ମୋର ଗଭୀର ସମବେଦନା ରହିଛି। ମୁଁ ବ୍ୟକ୍ତିଗତ ଭାବେ ଘଟଣାସ୍ଥଳକୁ ଯାଇଥିଲା, ଫଳରେ କଣ କରାଯିବା ଦରକାର, କଣ ସହାୟତା ପ୍ରଦାନ କରାଯିବା ଦରକାର ତାହା ପରଖିଥିଲୁ। ଗୁଜରାଟ ସରକାର ବି ସମାନ ଅଭିମୁଖ୍ୟ ଦେଖାଇଥିଲେ। ଭାରତ ସରକାର ଓ ମନ୍ତ୍ରଣାଳୟ ଅନ୍ୟ ଲୋକଙ୍କ ମଧ୍ୟ ସମାନ ଆଭିମୁଖ୍ୟ ରହିଥିଲା। ଅନ୍ୟପଟେ ବିଭାଗର ସଚିବ ସମୀର କୁମାର ସିହ୍ନା କହିଛନ୍ତି, ଜୁନ୍ ୧୨ ଅପରାହ୍ଣ ୨ଟାରେ ଦୁର୍ଘଟଣା ନେଇ ଖବର ମିଳିଥିଲା। ଏଟିସି ଅହମ୍ମଦାବାଦ ଜରିଆରେ ଆମକୁ ବିସ୍ତୃତ ସୂଚନା ମିଳିଥିଲା। ବିମାନ ଅପରାହ୍ଣ ୧.୩୯ ମିନିଟରେ ଉଡାଣ ଭରିଥିଲା ଓ କିଛି ସେକେଣ୍ଡ ମଧ୍ୟରେ ପ୍ରାୟ ୬୫୦ ଫୁଟ୍ ଉଚ୍ଚରେ ପହଞ୍ଚିବା ପରେ ଖସିବା ଆରମ୍ଭ କରିଥିଲା। ଅଧିକ ସୂଚନା ଦେଇ ସେ କହିଛନ୍ତି, ଉଡାଣର ଠିକ୍ ଗୋଟିଏ ମିନିଟ ପରେ ବିମାନ ବନ୍ଦରଠାରୁ ପ୍ରାୟ ୨ କିଲୋମିଟର ଦୂରରେ ବିମାନ କ୍ରାସ୍ କରିଥିଲା। ଦୁର୍ଘଟଣା ପରେ ଅପରାହ୍ଣ ୨.୩୦ଟାରେ ରନୱେକୁ ବନ୍ଦ କରାଯାଇଥିଲା ଓ ସମସ୍ତ ପ୍ରୋଟୋକଲ ପୂରା କରିବା ପରେ ସଂଧ୍ୟା ୫ଟାରେ ସୀମିତ ଉଡାଣ ପାଇଁ ଖୋଲାଯାଇଥିଲା।

## କାୟା ମେଲାଉଛି କରୋନା

# ପଞ୍ଜାବରେ ଗାଇଡ୍‌ଲାଇନ୍ ଜାରି




ଚଣ୍ଡିଗଡ଼: କାୟା ମେଲାଉଛି କରୋନା। ବଢୁଛି ସଂକ୍ରମଣ, ବଢୁଛି ଚିନ୍ତା। ଦେଶରେ କରୋନା ସଂକ୍ରମଣ ପୁଣି ଥରେ ଭୟାବହ ପରିସ୍ଥିତି ମୁହାଁ ହେଉଥିବା ବେଳେ କରୋନାକୁ ଆଖି ଆଗରେ ରଖି ପଞ୍ଜାବ ସରକାର ଜାରି କରିଛନ୍ତି ଗାଇଡଲାଇନ୍। ପଞ୍ଜାବ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ଗାଇଡଲାଇନ୍ ଜାରି ହୋଇଥିବା ବେଳେ ବୟସ୍କ ବ୍ୟକ୍ତି, ଗର୍ଭବତୀ ମହିଳା, ଶିଶୁ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ମାସ୍କ ପରିଧାନ ଉପରେ ଗୁରୁତ୍ୱ ଦିଆଯାଇଛି। ଭିଡ ସ୍ଥାନରେ ମାସ୍କ ବାଧ୍ୟତାମୂଳକ କରାଯାଇଥିବା ବେଳେ ବ୍ୟକ୍ତିଗତ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଛି। କେମିତି ସଂକ୍ରମଣକୁ ରୋକାଯାଇପାରିବ ସେନେଇ ବ୍ୟକ୍ତିଗତ ସ୍ତରରେ ଲୋକେ ଚେଷ୍ଟା କରିବାକୁ ଅନୁରୋଧ କରିଛନ୍ତି ପଞ୍ଜାବ ସରକାର। ଯଦିଓ ପଞ୍ଜାବରେ ଲକଡାଉନ ସଟଡାଉନ ଭଳି କୌଣସି ପରିସ୍ଥିତି ଉପୁଜିନି ତଥାପି ସଂକ୍ରମଣ ଯଦି ବଢେ ତାହାଲେ ଆଗାମୀ ଦିନରେ ଏପରି ପଦକ୍ଷେପ ନିଆଯାଇପାରେ ବୋଲି ସରକାର କହିଛନ୍ତି। ସେପଟେ ଦେଶରେ ୭୪୦୦ କରୋନା ସକ୍ରିୟ ମାମଲା ଥିବା ବେଳେ ଗୁଜୁରାଟରେ ସବୁଠାରୁ ଅଧିକ ସଂକ୍ରମିତ ଅଛନ୍ତି। ଗୁଜୁଟାରରେ ୧୪୩୭ ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

# ମୃତକଙ୍କ ପରିବାରକୁ ୨୫ ଲକ୍ଷ ଦେବ ଏୟାର ଇଣ୍ଡିଆ

ନୂଆଦିଲ୍ଲୀ: ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଲେଖାଏ ଦେବ ଏୟାର ଇଣ୍ଡିଆ କମ୍ପାନୀ। ଏ ନେଇ ଶନିବାର କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଟାଟା ଗ୍ରୁପ ଦ୍ୱାରା ଏହି କମ୍ପାନୀ ପରିଚାଳିତ ହେଉଥିବା ବେଳେ ସିଙ୍ଗାପୁର ଏୟାରଲାଇନ୍ସ କମ୍ପାନୀର ୨୫ ପ୍ରତିଶତ ଅଂଶଧନ ରହିଛି। ପୂର୍ବରୁ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ଘୋଷଣା କରିଥିଲା। ଏହା ସହିତ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହୋଇଥିବା ମେଡିକାଲ କଲେଜ ହଷ୍ଟେଲ କୋଠାର ପୁନଃନିର୍ମାଣ ଏବଂ କ୍ଷତିଗ୍ରସ୍ତ ଅଞ୍ଚଳର ବିକାଶ କରିବା ଲାଗି ଟାଟା ଗ୍ରୁପ ପକ୍ଷରୁ ଘୋଷଣା ହୋଇଥିଲା। ସୂଚନାଯୋଗ୍ୟ, ଗତ ୧୨ ତାରିଖରେ ଘଟିଥିବା ଏହି ବିମାନ ଦୁର୍ଘଟଣାରେ ୨୪୧ ଯାତ୍ରୀ ଏବଂ ୨୪ ଜଣ ଡାକ୍ତର ପ୍ରାଣ ହରାଇଥିଲେ। ଜଣେ ମାତ୍ର ଯାତ୍ରୀ ସୌଭାଗ୍ୟବଶତଃ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ।

# ଭାରତକୁ କ୍ଷମା ମାଗିଲା ଇସ୍ରାଏଲ ପ୍ରତିରକ୍ଷା ବାହିନୀ




ନୂଆଦିଲ୍ଲୀ: ଇରାନ ସହିତ ଯୁଦ୍ଧ ମଧ୍ୟରେ ଇସ୍ରାଏଲ ତାର ବନ୍ଧୁ ଭାରତକୁ କ୍ଷମା ମାଗିଛି। ଇସ୍ରାଏଲୀ ପ୍ରତିରକ୍ଷା ବାହିନୀ ଏକ ବଡ଼ ଭୁଲ କରିଛି। ଏହାର ସୋସିଆଲ ମିଡିଆ ପ୍ଲାଟଫର୍ମରେ ଇରାନର ବିପଦକୁ ଦର୍ଶାଉଥିବା ଏକ ମାନଚିତ୍ର ଉପସ୍ଥାପନ କରିଥିଲା। ଇସ୍ରାଏଲୀ ସେନାର ସରକାରୀ ହ୍ୟାଣ୍ଡେଲରୁ କରାଯାଇଥିବା ଏହି ପୋଷ୍ଟରେ ଭାରତର ଜମ୍ମୁ ଏବଂ କାଶ୍ମୀରକୁ ପାକିସ୍ତାନର ଅଂଶ ଭାବରେ ଦର୍ଶାଯାଇଥିଲା। ଏପରିକି ଅରୁଣାଚଳ ପ୍ରଦେଶକୁ ଚୀନର ଅଂଶ ଭାବରେ ଦର୍ଶାଯାଇଥିଲା। ଏହି ପୋଷ୍ଟ ପ୍ରକାଶ ପାଇବା ମାତ୍ରେ ସୋସିଆଲ ମିଡିଆରେ ତୀବ୍ର ସମାଲୋଚନା କରାଯାଇଥିଲା। ଭାରତୀୟମାନେ ମାନଚିତ୍ରରେ ଏହି ଭୁଲକୁ ଧରିଥିଲେ। ଏଥିପାଇଁ ଓଉରକୁ ଟାର୍ଗେଟ କରିବା ଆରମ୍ଭ କରିଥିଲେ। କିଛି ଭାରତୀୟ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ମଧ୍ୟ ଟ୍ୟାଗ୍ କରିଥିଲେ ଏବଂ ପୋଷ୍ଟକୁ ହଟାଇ ସଠିକ୍ ମାନଚିତ୍ର ସହିତ ପୁନଃ ପୋଷ୍ଟ କରିବାକୁ ଦାବି କରିଥିଲେ। ପୋଷ୍ଟର ଉତ୍ତର ଦେଇ ଜଣେ ୟୁଜର୍ସ ଲେଖିଛନ୍ତି, 'ଏହା ସତ୍ୟଠାରୁ ବହୁତ ଦୂରରେ। ଏହି ଦୁଃଖଦ ଟିପ୍ପଣୀ ପୋଷ୍ଟ କରିବା ପରିବର୍ତ୍ତେ, କାହିଁକି ଏହାକୁ ପରିବର୍ତ୍ତନ କରିବେ ନାହିଁ? ଆପଣଙ୍କୁ ଭାରତର ଭାବନା ଏବଂ ଆମର ସମ୍ପର୍କକୁ ବୁଝିବାକୁ ପଡିବ। ଦୟାକରି ଯଥାଶୀଘ୍ର ଏହାକୁ ପରିବର୍ତ୍ତନ କରନ୍ତୁ। ବଢୁଥିବା ସମାଲୋଚନା ମଧ୍ୟରେ, ନୂଆଦିଲ୍ଲୀରେ ଇସ୍ରାଏଲୀ ରାଷ୍ଟ୍ରଦୂତ ରୁଭେନ୍ ଆଜାର ଉରେ କହିଛନ୍ତି ଯେ ଏହା ଏକ ଅନିଚ୍ଛାକୃତ ଭୁଲ ଥିଲା ଏବଂ ଏହାକୁ ସଂଶୋଧନ କରିବାକୁ କୁହାଯାଇଛି। ଶେଷରେ ସାର୍ବଜନୀନ ଭାବରେ କ୍ଷମା ମାଗିଛି। ପୋଷ୍ଟର ଉତ୍ତର ଦେଇ, ଆଇଡିଏଫ୍ ଲେଖିଛି, ଏହି ପୋଷ୍ଟ କ୍ଷେତ୍ରର ଚିତ୍ରଣ। ଏହି ମାନଚିତ୍ର ସୀମାକୁ ସଠିକ୍ ଭାବରେ ଦେଖାଇବାରେ ବିଫଳ ହୋଇଛି। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ କ୍ଷମା ପ୍ରାର୍ଥନା କରୁଛୁ।

# 'ତେହରାନ ଜଳିବ, ନିଆଁର ଜବାବ ନିଆଁରେ ଦେବୁ': ଇସ୍ରାଏଲ୍

ନୂଆଦିଲ୍ଲୀ: ତେହରାନ ଜଳିବ। ନିଆଁର ଜବାବ ନିଆଁରେ ଦିଆଯିବ। ଶନିବାର ଇରାନକୁ ଏପରି ଧମକ ଦେଇଛି ଇସ୍ରାଏଲ। ଇରାନ ଯଦି ଜେରୁଜେଲମ ଉପରେ କ୍ଷେପଣାସ୍ତ୍ର ମାଡ଼ କରିବା ବନ୍ଦ ନ କରେ ତେବେ ତା'ର ରାଜଧାନୀ ତେହରାନ ଜଳିବ ବୋଲି କହିଛନ୍ତି ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଜ୍। ଇସ୍ରାଏଲ ଆକ୍ରମଣର ପାଲଟା ଜବାବ ଦେଇ ଇରାନ ଶୁକ୍ରବାର ବିଳମ୍ବିତ ରାତିରେ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲା। ଏକାଧିକ କ୍ଷେପଣାସ୍ତ୍ର ମାଡ଼ ଯୋଗୁ ଇସ୍ରାଏଲର ବହୁ କ୍ଷତି ଘଟିଛି। ଲୋକଙ୍କୁ ଆଶ୍ରୟ ସ୍ଥଳରେ ଆଶ୍ରୟ ନେବାକୁ ପଡ଼ିଛି। ତେବେ ଅନେକ କ୍ଷେପଣାସ୍ତ୍ରକୁ ଇସ୍ରାଏଲ ଆକାଶରେ ନଷ୍ଟ କରିଦେଇଥିବା ଦାବି କରିଛି।

# ବିଲ୍ଡିଂରେ ଭୟଙ୍କର ଅଗ୍ନିକାଣ୍ଡ

ନୂଆଦିଲ୍ଲୀ: ଦିଲ୍ଲୀରେ ଥିବା ଏକ ବିଲ୍ଡିଂରେ ଭୟଙ୍କର ଅଗ୍ନିକାଣ୍ଡ। ନୂଆଦିଲ୍ଲୀର ଜନପଥ ରୋଡ ସ୍ଥିତ ସିସିଏସ୍ ବିଲଡିଂର ପ୍ରଥମ ମହଲାରେ ଥିବା ଫର୍ଣ୍ଣିଚରରେ ଅଗ୍ନିକାଣ୍ଡ ଘଟିଛି। ନିଆଁ ଲିଭାଇବାକୁ ପ୍ରାୟ ୧୩ଟି ଦମକଳ ଗାଡ଼ି ଘଟଣା ସ୍ଥଳରେ ନିୟୋଜିତ ହୋଇଛନ୍ତି। ଦିଲ୍ଲୀ ଅଗ୍ନିଶମ ସେବା ଅନୁଯାୟୀ, ଆଜି ପୂର୍ବାହ୍ନ ପ୍ରାୟ ୧୧:୫୪ ସମୟରେ ଅଗ୍ନିକାଣ୍ଡ ସମ୍ପର୍କରେ ଏକ ଫୋନ୍ ଆସିଥିଲା। ୧୨:୨୦ରେ ନିଆଁ ଆୟତ୍ତ ହୋଇଥିଲା। ଏହି ଘଟଣାରେ କୌଣସି ଜୀବନହାନୀ କିମ୍ବା ସମ୍ପତ୍ତିର କ୍ଷତି ସ୍ପଷ୍ଟ ହୋଇନାହିଁ। ପ୍ରକାଶଥାଉ କି ଏହା ପୂର୍ବରୁ ଜୁନ୍ ୧୦ରେ ରାଜଧାନୀ ଦିଲ୍ଲୀରେ ଏକ ବଡ଼ ଦୁର୍ଘଟଣା ଘଟିଥିଲା। ଦ୍ୱାରକା ସେକ୍ଟରରେ ଏକ କୋଠାର ୭ମ ମହଲାରେ ଅଗ୍ନିକାଣ୍ଡ ଘଟିଥିଲା। କିଛି ସମୟ ମଧ୍ୟରେ ନିଆଁ ସମଗ୍ର କୋଠାରେ ବ୍ୟାପି ଯାଇଥିଲା। ସେଠାରେ ଏକ ପରିବାର ଫସି ରହିଥିଲା। ଜୀବନ ବଞ୍ଚାଇବା ପାଇଁ ପରିବାରର ସଦସ୍ୟମାନେ ୭ମ ମହଲାରୁ ଡେଇଁ ପଡ଼ିଥିଲେ। ଏହି ଦୁର୍ଘଟଣାରେ ପୁଅ, ଝିଅ ସମେତ ବାପାଙ୍କର ମୃତ୍ୟୁ ହୋଇଥିଲା।

# ଇରାନରେ ରହୁଥିବା ଭାରତୀୟଙ୍କ ପାଇଁ ହେଲ୍ପଲାଇନ୍ ନଂ ଜାରି

ନୂଆଦିଲ୍ଲୀ: ଭାରତୀୟ ଦୂତାବାସ ପକ୍ଷରୁ ଇରାନରେ ରହୁଥିବା ଭାରତୀୟଙ୍କ ଲାଗି ହେଲପଲାଇନ ନମ୍ବର ଜାରି କରାଯାଇଛି। ଦୁଇଟି ହେଲପଲାଇନ ନମ୍ବର ଜାରି ହୋଇଛି। ଭାରତୀୟ ଦୂତାବାସ ପକ୍ଷରୁ ଏକ ପରାମର୍ଶ ଜାରି କରି କୁହାଯାଇଛି ଯେ ଇରାନ ଏବଂ ଇସ୍ରାଏଲରେ ଉତ୍ତେଜନା ତୀବ୍ର ହୋଇଛି। ଇରାନରେ ଥିବା ଭାରତୀୟ ଦୂତାବାସ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ ଲେଖି ହେଲପଲାଇନ ନମ୍ବର ୯୧୨୮୧୦୯୧୧୫ ଏବଂ ୯୧୨୮୧୦୯୧୦୯ ରେ ଯୋଗା ଯୋଗ କରିବାକୁ କୁହାଯାଇଛି। ଜରୁରୀକାଳୀନ ପରିସ୍ଥିତିରେ ଯୋଗାଯୋଗ କରିପାରିବେ। ଭାରତୀୟମାନଙ୍କୁ ଦୂତାବାସର ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗରେ ରହିବାକୁ ମଧ୍ୟ କୁହାଯାଇଛି।

# ରକ୍ଷା, ଅନ୍ତରୀକ୍ଷ ଶିଳ୍ପ ନିବେଶ ପାଇଁ ଛତିଶଗଡ଼ ହେବ ନୂଆ କେନ୍ଦ୍ର: ବିଷ୍ଣୁଦେବ



ରାୟପୁର: ଛତିଶଗଡ଼ କେବଳ ଖଣିଜ ସମ୍ପଦରେ ପରିପୂର୍ଣ୍ଣ ନୁହେଁ କିମ୍ବା କୃଷିପ୍ରଧାନ ରାଜ୍ୟ ନୁହେଁ। ଏହା ନୂତନ ବୈଷୟିକ ଜ୍ଞାନକୌଶଳରେ ଶିଳ୍ପ ନିର୍ମାଣ ପାଇଁ ଏକ ନୂତନ ବାର୍ତ୍ତା ବହନ କରୁଛି। ଏହି ଅବସରରେ ଶ୍ରୀ ସାଏ ଛତିଶଗଡ଼ରେ ଏହାର ଭିତ୍ତିଭୂମି ପାଇଁ ଶିଳାନ୍ୟାସ କରିଛନ୍ତି। ଏହାଫଳରେ ପ୍ରତିରକ୍ଷା, ମହାକାଶ କ୍ଷେତ୍ରରେ ଛତିଶଗଡ଼ ଏକ ପ୍ରମୁଖ ରାଜ୍ୟ ପାଲଟିବ ବୋଲି ଶ୍ରୀ ସାଏ କହିଥିଲେ। ଶ୍ରୀ ସାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମନ୍ତ୍ରିପରିଷଦ ବୈଠକରେ ଏହିସବୁ ଶିଳ୍ପ ପାଇଁ ପ୍ରୋତ୍ସାହନ ଯୋଗାଇବାକୁ ନୂତନ ପ୍ୟାକେଜ୍ ଘୋଷଣା କରାଯାଇଛି। ଏହା ଶିଳ୍ପପତିମାନଙ୍କୁ ଆକୃଷ୍ଟ କରିବା ସହ ରାଜ୍ୟର ଯୁବବର୍ଗଙ୍କୁ ନିଯୁକ୍ତି ଯୋଗାଇଦେବ ବୋଲି ଶ୍ରୀ ସାଏ କହିଛନ୍ତି। ସେ ଆହୁରି କହିଥିଲେ ଯେ, ଛତିଶଗଡ଼ ସରକାର ତାଙ୍କ ଶିଳ୍ପବିକାଶ ନୀତି ୨୦୨୪-୩୦ ଅନ୍ତର୍ଗତ ପ୍ରସ୍ତୁତ କାର୍ଯ୍ୟକ୍ରମରେ ଅତ୍ୟାଧୁନିକ ଶିଳ୍ପ ସ୍ଥାପନ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଯୋଗାଇ ଦିଆଯିବ। ସେ କହିଥିଲେ ଏ କ୍ଷେତ୍ରରେ ଶିଳ୍ପପତିମାନଙ୍କୁ ରାଜ୍ୟ ଜିଏସ୍‌ଟି ସମ୍ପୂର୍ଣ୍ଣ ରୂପେ ଛାଡ଼ କରାଯିବା ସହ ପୁଞ୍ଜିନିବେଶ ସୁବିଧା ଯୋଗାଇ ଦିଆଯିବ। ୫୦ରୁ ୫୦୦ କୋଟି ପର୍ଯ୍ୟନ୍ତ ନିବେଶ କରୁଥିବା ଶିଳ୍ପ ପ୍ରତିଷ୍ଠା କରୁଥିବା ଶିଳ୍ପପତିଙ୍କୁ ୩୫ ପ୍ରତିଶତ ସବ୍‌ସିଡି ଯୋଗାଇ ଦିଆଯିବ। ଏହାଛଡ଼ା ବିଦ୍ୟୁତ୍ ଶୁଳ୍କ, ଷ୍ଟାମ୍ପ ଏବଂ ପଞ୍ଜିକୃତ ଶୁଳ୍କ, ଭୂମି ଉପଯୋଗ ପରିବର୍ତ୍ତନ ଶୁଳ୍କ ଇତ୍ୟାଦିରେ ମଧ୍ୟ ରିହାତି ଦିଆଯିବ। ସେ କହିଥିଲେ ଏହିସବୁ ଶିଳ୍ପ ଲାଗୁହେଲେ ସ୍ଥାନୀୟ ଯୁବକଙ୍କୁ ପ୍ରଥମେ ନିଯୁକ୍ତି ସୁଯୋଗ ଯୋଗାଇ ଦିଆଯିବ। ସେ ଆହୁରି କହିଥିଲେ ଛତିଶଗଡ଼ରେ ନିବେଶ କରିବା ପାଇଁ ଅନୁକୂଳ ସ୍ଥିତି ରହିଛି। ରୋଜଗାର, ବୈଷୟିକ ଶିକ୍ଷା, ଅନୁସନ୍ଧାନ କ୍ଷେତ୍ରରେ ମଧ୍ୟ ଛତିଶଗଡ଼ ଆଗୁଆ ରହିଛି। ତେଣୁ ଏଠାରେ ଶିଳ୍ପ ପ୍ରତିଷ୍ଠା କରାଗଲେ ଏହା ଛତିଶଗଡ଼ବାସୀଙ୍କ ପାଇଁ ବରଦାନ ସଦୃଶ୍ୟ ହେବ ବୋଲି ସେ କହିଥିଲେ।

# ବାଣିଜ୍ୟ



ନୂଆଦିଲ୍ଲୀ: ମର୍ସିଡିଜ-ବେଞ୍ଜ ଭାରତୀୟ କାର ବଜାରରେ ଏହାର ସୁପର ଲଗଜରୀ ଏସୟୁଭି ଏଏମଜି ଜି ୬୩ର ଏକ ନୂତନ କଲେକ୍ଟର ସଂସ୍କରଣ ଲଞ୍ଚ କରିଛି। ବିଶେଷ କଥା ହେଉଛି ଏହି ନୂତନ ସଂସ୍କରଣର କେବଳ ୩୦ ୟୁନିଟ୍ ବିକ୍ରୟ ପାଇଁ ଉପଲବ୍ଧ ହେବ। ଏହି କାରକୁ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଛି। ନୂତନ ଏଏମଜି ଜି ୬୩କୁ ମର୍ସିଡିଜ-ବେଞ୍ଜ ସ୍ୱତନ୍ତ୍ର ସଂସ୍କରଣର ମୂଲ୍ୟ ୪.୩୦ କୋଟି ଟଙ୍କା (ଏକ୍ସ-ସୋରୁମ୍) ରୁ ଆରମ୍ଭ ହୁଏ। ଏହି କାରର ଆକର୍ଷଣୀୟ ଡିଜାଇନ୍ ଏବଂ ଏହାର ଇଞ୍ଜିନ୍ ସବୁଠାରୁ ସ୍ୱତନ୍ତ୍ର। କେବଳ ୩୦ ଜଣ ଗ୍ରାହକ ଏହି ନୂତନ ସଂସ୍କରଣ କିଣିପାରିବେ। କମ୍ପାନୀ ଅନୁଯାୟୀ, ପ୍ରତ୍ୟେକ ୟୁନିଟ୍ ବହୁତ ସ୍ୱତନ୍ତ୍ର କାରଣ ଏହାକୁ କିଣୁଥିବା ଗାଡ଼ି ପାଇଁ କଷ୍ଟମାଇଜ୍ କରାଯାଇଛି। ଏହା କମ୍ପାନୀର ଏକ କାର ଯାହା ବିଶେଷ ଭାବରେ ଭାରତୀୟ ଗ୍ରାହକଙ୍କ ପାଇଁ ଡିଜାଇନ୍ କରାଯାଇଛି। ଏଏମଜି ଜି ୬୩ର କଲେକ୍ଟର ସଂସ୍କରଣର ବୁକିଂ ଆରମ୍ଭ ହୋଇଛି। ଏହି ନୂତନ ସଂସ୍କରଣର ମୂଲ୍ୟ ନିୟମିତ ଜି୬୩ ମଡେଲ ଅପେକ୍ଷା ୬୬ ଲକ୍ଷ ଟଙ୍କା ଅଧିକ। କମ୍ପାନୀ ୨୦୨୫ର ଚତୁର୍ଥ ତ୍ରୟମାସରେ ଏହି କାରର ଡେଲିଭରି ଆରମ୍ଭ କରିବ।

# ଆରଏସ୍‌ପିର ସିଣ୍ଟରିଂ ପ୍ଲାଣ୍ଟ-୨ ବିଭାଗରେ ଡଷ୍ଟ୍ ସପ୍ରେସନ୍ ବ୍ୟବସ୍ଥାରେ ଉନ୍ନତି



ରାଉରକେଲା(ଭାସ୍କର ନ୍ୟୁଜ୍): ପରିବେଶ ନିୟନ୍ତ୍ରଣ ଏବଂ କାର୍ଯ୍ୟକ୍ଷମ ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ସେଲ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସିଣ୍ଟର ପ୍ଲାଣ୍ଟ-୨ (ଏସପି-୨) ବିଭାଗ ଏହାର ଡିସପ୍ୟାଚ୍ ବେଲ୍ଟ ସିରିଜରେ ନିଜସ୍ୱ ସମ୍ବଳ ରେ ବିକଶିତ ଡଷ୍ଟ ସପ୍ରେସନ୍ ଡିଫଗ୍ ସିଷ୍ଟମ୍ ସଫଳତାର ସହ କାର୍ଯ୍ୟକ୍ଷମ କରିଛି। ଏସପି-୨ ବିଭାଗରେ, ସିଣ୍ଟରକୁ ଏକ ସିରିଜ୍ କନଭେୟର ମାଧ୍ୟମରେ ବ୍ଲାଷ୍ଟ ଫର୍ଣ୍ଣେସ୍- ୧ ଏବଂ ୫ କୁ ପଠାଯାଏ। ବ୍ଲାଷ୍ଟ ଫର୍ଣ୍ଣେସ୍-୫ ର ଦୁଇଟି ବେଲ୍ଟ ମଧ୍ୟରେ ସ୍ଥାନାନ୍ତର ଅଞ୍ଚଳ ଅତ୍ୟଧିକ ଧୂଳି ସୃଷ୍ଟି ନିରନ୍ତର କାର୍ଯ୍ୟକ୍ଷମ ଚ୍ୟାଲେଞ୍ଜ ମଧ୍ୟରୁ ଗୋଟିଏ ଥିଲା। ବୈଷୟିକ ଏବଂ ଦଳଗତ କାର୍ଯ୍ୟ ପ୍ରଦର୍ଶନ କରି, ବିଭାଗ ପ୍ରଭାବଶାଳୀ ଭାବେ ସମସ୍ୟାର ମୁକାବିଲା କରିବା ପାଇଁ ଏକ କଷ୍ଟୋମାଇଜ୍ଡ ଡିଫଗିଂ ସିଷ୍ଟମ୍ ଡିଜାଇନ୍, ତିଆରି ଏବଂ ସ୍ଥାପନ କରିଥିଲା। ନୂତନ ଭାବରେ କାର୍ଯ୍ୟକ୍ଷମ ହୋଇଥିବା ସିଷ୍ଟମ୍ ଛଅଟି ରଣନୈତିକ ଭାବରେ ସ୍ଥାପିତ ନୋଜଲ୍ ରେ ସଜ୍ଜିତ ଯାହା ସୋଲେନଏଡ୍-ନିୟନ୍ତ୍ରିତ ଭାଲ୍ଭ ମାଧ୍ୟମରେ ଜଳକଣା ଏବଂ ସଙ୍କୁଚିତ ବାୟୁ ମିଶ୍ରଣ କରି ଏକ ସୂକ୍ଷ୍ମ କୁହୁଡ଼ି ସୃଷ୍ଟି କରୁଛି। ଏହି କୁହୁଡ଼ି ପ୍ରଭାବଶାଳୀ ଭାବରେ ଉତ୍ସରେ ବାୟୁ ବାହିତ ଧୂଳି କଣିକାକୁ ଏକତ୍ରିତ କରି କାର୍ଯ୍ୟ ପରିବେଶରେ ଧୂଳିକଣା ହ୍ରାସ କରିବାରେ ସଫଳ ହୋଇଛି। ଏହି ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ ଅପରେସନ୍ସ, ମେକାନିକାଲ୍ ଏବଂ ବୈଦ୍ୟୁତିକ ବିଭାଗର ଏକ ଉତ୍ସର୍ଗୀକୃତ ଦଳ ଦ୍ୱାରା ସମ୍ଭବ ହୋଇପାରିଛି, ଯେଉଁଥିରେ ମେକାନିକାଲ ବିଭାଗର ଜିଏମ୍ ଭେରିନ୍ଦର ସିଂହ, ଅପରେସନ୍ସ ବିଭାଗର ଡିଜିଏମ, ଶାନ୍ତନୁ ମହାନ୍ତ, ଇଲେକଟ୍ରିକାଲ ବିଭାଗର ଏଜିଏମ୍, ବଳରାମ ରାଉତ, ଡେପୁଟି ମ୍ୟାନେଜର, ମନୋଜ ମାଝୀ, ଡେପୁଟି ମ୍ୟାନେଜର, ପି.କେ. ନାଥ, ଆସିଷ୍ଟାଣ୍ଟ ମ୍ୟାନେଜର, ଏଚ୍. ଟୁଡୁ, ଏବଂ ଜୁନିୟର ମ୍ୟାନେଜର ଦେବଦତ୍ତ ସାହୁ, ଅନ୍ତର୍ଭୁକ୍ତ ଥିଲେ। ସିଣ୍ଟର ବିଭାଗର ସିଜିଏମ୍ ଶେଖର ନାରାୟଣ, ଏବଂ ସିଣ୍ଟର ପ୍ଲାଣ୍ଟ ୨ ବିଭାଗର ବିଭାଗ ମୁଖ୍ୟ ସନ୍ତୋଷ କୁମାର ପାଢିଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ଏବଂ ମାର୍ଗଦର୍ଶନରେ ଏହି ପଦକ୍ଷେପ ସମ୍ପନ୍ନ କରାଯାଇଥିଲା।

# ଏସି ଏବଂ ରେଫ୍ରିଜରେଟର ଉପରେ ସର୍ବୋତ୍ତମ ଡିଲ୍ ଆଣିଛି ଆମାଜନ

ମୁମ୍ବାଇ: ଆମାଜନ.ଇନ ଗ୍ରୀଷ୍ମକାଳୀନ ଆବଶ୍ୟକୀୟ ସାମଗ୍ରୀର ଏକ ବିସ୍ତୃତରେ ନେଇଆସିଛି। ଉଚ୍ଚ-ଦକ୍ଷତାସମ୍ପର୍ଣ୍ଣ ଏସି ଠାରୁ ଆରମ୍ଭ କରି ଶକ୍ତି-ଦକ୍ଷ ରେଫ୍ରିଜରେଟର ପର୍ଯ୍ୟନ୍ତ, କ୍ୟାରିୟର, ଗୋଦରେଜ୍, ହାୟର, ସାମସଙ୍ଗ ଏବଂ ଅନ୍ୟାନ୍ୟ ଲୋକପ୍ରିୟ ବ୍ରାଣ୍ଡର ଶ୍ରେଷ୍ଠ ପସନ୍ଦଗୁଡ଼ିକୁ ଅନୁସନ୍ଧାନ କରନ୍ତୁ। ଗ୍ରାହକମାନେ ଏଚଡିଏଫସି, ଆକ୍ସିସ୍, ୟେସ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ଆରବିଏଲ୍, ଏଚଏସବିସି ଓ ଫେଡେରାଲ୍ ବ୍ୟାଙ୍କ କ୍ରେଡିଟ୍ କାର୍ଡ ଇଏମଆଇ କାରବାରରେ ୨୦,୦୦୦ଟଙ୍କା ପର୍ଯ୍ୟନ୍ତ ତୁରନ୍ତ ବ୍ୟାଙ୍କ ରିହାତି, ୩,୦୦୦ଟଙ୍କା ପର୍ଯ୍ୟନ୍ତ କୁପନ୍ ରିହାତି ଏବଂ ୧୮ ମାସ ପର୍ଯ୍ୟନ୍ତ ନୋ କଷ୍ଟ ଇଏମଆଇ ସୁବିଧା ଉପଭୋଗ କରିପାରିବେ। ଆମାଜନ୍ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ସହିତ କିଣାକିଣି କରୁଥିବା ଗ୍ରାହକମାନେ ଆକର୍ଷଣୀୟ ପୁରସ୍କାର ସହିତ ଅସୀମିତ ୫% (ପ୍ରାଇମ୍ ଗ୍ରାହକ) ଏବଂ ୩% (ପ୍ରାଇମ୍ ସଦସ୍ୟ ନନ୍-ପ୍ରାଇମ୍ ସଦସ୍ୟ) କ୍ୟାସବ୍ୟାକ୍ ପାଇଥାନ୍ତି। ଏହା ବ୍ୟତୀତ, ଯୋଗ୍ୟ ଗ୍ରାହକମାନେ ଆମାଜନ୍ ପେ ଲ୍ୟାଟର ସହିତ ୬୦,୦୦୦ଟଙ୍କା ପର୍ଯ୍ୟନ୍ତ ମଧ୍ୟ ଲାଭ ଉଠାଇପାରିବେ। ଆମାଜନ୍ ପ୍ରାଇମ୍ ସଦସ୍ୟତା ସହିତ ଅଧିକ ସୁବିଧା ଏବଂ ସଞ୍ଚୟ ମଧ୍ୟ କରିପାରିବେ। ଆମାଜନ୍ ବିଜନେସ୍ ଗ୍ରାହକମାନେ ବିଭିନ୍ନ ବର୍ଗରେ ସେମାନଙ୍କର କ୍ରୟ ଉପରେ ବଲ୍କ ରିହାତି ସହିତ ଜିଏସଟି ଇନଭଏସ୍ ସହିତ ୨୮% ପର୍ଯ୍ୟନ୍ତ ଅତିରିକ୍ତ ସଂଚୟ କରିପାରିବେ। ଶ୍ରେଷ୍ଠ ଏସି ଉପରେ ଆକର୍ଷଣୀୟ ଅଫରଗୁଡ଼ିକ ମଧ୍ୟରେ ଏଲଜି ୧ ଟନ୍ ୪ ଷ୍ଟାର୍ ଡୁଆଲ୍ ଇନଭର୍ଟର ସ୍ପ୍ଲିଟ୍ ଏସିକୁ ୩୪,୯୯୦ଟଙ୍କାରେ, ଏଲଜି ୧.୫ ଟନ୍ ୫ ଷ୍ଟାର୍ ଡୁଆଲ୍ ଇନଭର୍ଟର ସ୍ପ୍ଲିଟ୍ ଏସିକୁ ୪୪,୪୯୦ ଟଙ୍କାରେ, ପାନାସୋନିକ୍ ୨.୦ ଟନ୍ ୪ ଷ୍ଟାର ପ୍ରିମିୟମ୍ ୱାଇ-ଫାଇ ଇନଭର୍ଟର ଏସିକୁ ୫୫,୯୯୦ଟଙ୍କା ରେ, ହିତାଚି ୧.୫ ଟନ୍ ୫ ଷ୍ଟାର ଇନଭର୍ଟର ଏସିକୁ ୪୪,୪୯୦ ଟଙ୍କାରେ ଏବଂ କ୍ୟାରିୟର ୧.୫ ଟନ୍ ୩ ଷ୍ଟାର ୱାଇ-ଫାଇ ସ୍ମାର୍ଟ ଫ୍ଲେକ୍ସ କୁଲ୍ ଇନଭର୍ଟର ସ୍ପ୍ଲିଟ୍ ଏସିକୁ ୩୪,୯୯୦ଟଙ୍କାରେ ପାଇପାରିବେ। ନୂତନତମ ରେଫ୍ରିଜରେଟର ବର୍ଗରେ ହାୟର ୫୯୬ଲି, ୩ ଷ୍ଟାର ସାଇଡ୍-ବାଇ-ସାଇଡ୍ ରେଫ୍ରିଜରେଟର ୫୯,୯୯୦ ଟଙ୍କାରେ, ଏଲଜି ୩୨୨ ଏଲ୩ ଷ୍ଟାର ଫ୍ରଷ୍ଟ-ଫ୍ରି ସ୍ମାର୍ଟ ଇନଭର୍ଟର ଡବଲ୍ ଡୋର୍ ରେଫ୍ରିଜରେଟର ୩୬,୯୯୦ ଟଙ୍କାରେ, ହାୟର ୩୨୫ ଲି କନଭର୍ଟିବଲ୍ ଡବଲ୍ ଡୋର୍ ରେଫ୍ରିଜରେଟର ୩୫,୪୯୦ ଟଙ୍କାରେ, ସାମସଙ୍ଗ ୪୧୯ ଲି ୩ ଷ୍ଟାର, କନଭର୍ଟିବଲ୍ ୫-ଇନ୍-୧ ରେଫ୍ରିଜରେଟର ୪୯,୯୯୦ ଟଙ୍କାରେ, ସାମସଙ୍ଗ ୬୫୩ ଲି, ୩ ଷ୍ଟାର, ଫ୍ରଷ୍ଟ ଫ୍ରି, ଡବଲ୍ ଡୋର୍ ରେଫ୍ରିଜରେଟର ୭୯,୯୯୦ ଟଙ୍କାରେ ପାଇପାରିବେ।

# କିଷାନ ଯୋଜନାର ୨୦ତମ କିସ୍ତି ଚାଷୀଙ୍କ ଆକାଉଣ୍ଟ୍‌କୁ ଆସିବ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ କିଷାନ ଯୋଜନାର ୨୦ତମ କିସ୍ତି ଜୁନ ମାସରେ ଅର୍ଥାତ ଚଳିତ ମାସରେ ଆସିପାରେ। ଏହାଦ୍ୱାରା କୋଟି କୋଟି ଚାଷୀଙ୍କୁ ଏକ ବଡ଼ ଆଶ୍ୱସ୍ତି ମିଳିବ। ଯଦି ଆପଣ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ହିତାଧିକାରୀ, ତେବେ ଆପଣଙ୍କ ଆକାଉଣ୍ଟକୁ ଶୀଘ୍ର ୨୦୦୦ ଟଙ୍କା ଆସିବ। ମିଳିଥିବା ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ କିଷାନ ଯୋଜନାର ୨୦ତମ କିସ୍ତି ୨୦ ଜୁନ ୨୦୨୫ରେ ଚାଷୀଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇପାରେ। ଯଦିଓ ଏହି ତାରିଖ ସରକାରଙ୍କ ଦ୍ୱାରା ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ନିଶ୍ଚିତ କରାଯାଇ ନାହିଁ, କିନ୍ତୁ ଏହି ତାରିଖ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଉଛି। ପୂର୍ବରୁ ୧୯ତମ କିସ୍ତି ଫେବୃଆରୀ ୨୦୨୫ ରେ ପଠାଯାଇଥିଲା। ଏଥିରୁ ଅନୁମାନ କରାଯାଇପାରେ ଯେ ପରବର୍ତ୍ତୀ କିସ୍ତି ତିନି ମାସ ପରେ ଅର୍ଥାତ ଜୁନ ମାସରେ ଜାରି କରାଯାଇପାରେ। ସରକାର ସ୍ପଷ୍ଟ କରିଛନ୍ତି ଯେ କେବଳ ସେହି ଚାଷୀମାନଙ୍କୁ ଏହି କିସ୍ତି ମିଳିବ, ଯେଉଁମାନେ ପ୍ରଧାନମନ୍ତ୍ରୀ କିଷାନ ପୋର୍ଟାଲରେ ପଞ୍ଜିକରଣ ସମାପ୍ତ କରିଛନ୍ତି ଏବଂ ଯାହାଙ୍କ ପାଖରେ କୃଷକ ପରିଚୟପତ୍ର ଅଛି। ଏପରି ପରିସ୍ଥିତିରେ ଯେଉଁ ଚାଷୀମାନେ ଏପର୍ଯ୍ୟନ୍ତ ଏହି ପ୍ରକ୍ରିୟା ସମାପ୍ତ କରିନାହାନ୍ତି, ସେମାନେ ଯଥାଶୀଘ୍ର ପଞ୍ଜୀକରଣ କରିନେବା ଉଚିତ।

## ଅହମ୍ମଦାବାଦ ବିମାନ ଦୁର୍ଘଟଣା

# ବୀମା ଦାବି ୨୪୦୦ କୋଟି ଟଙ୍କା ଟପିବ




ମୁମ୍ବାଇ: ଅହମଦାବାଦରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ୨୪୧ ପ୍ରାଣ ହରାଇବା ପରେ ବୀମା ରାଶିକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ଏହି ଦୁର୍ଘଟଣାରେ ଉଭୟ ଧନ ଓ ଜୀବନ ହାନି ହୋଇଛି। ତେଣୁ ୨୪୦୦ କୋଟି ଟଙ୍କାରୁ ଅଧିକ ବୀମା ରାଶି ପାଇବା ଲାଗି ଦାବି ଆସିପାରେ ବୋଲି ଅନୁମାନ କରାଯାଉଛି। ତାହା ଭାରତ ବିମାନ ଚଳାଚଳ ଇତିହାସର ସର୍ବବୃହତ୍ ବୀମା ଦାବି ହେବ। ସମଗ୍ର ବୀମା ଶିଳ୍ପରୁ ପ୍ରିମିୟମ୍ ଭାବେ ବୀମା କମ୍ପାନିଗୁଡ଼ିକ ଯେତିକି ଆୟ କରିନାହାନ୍ତି, ଏହି ଘଟଣାରେ ସେମାନେ ତା'ଠାରୁ ଅଧିକ ବୀମାରାଶି ପ୍ରଦାନ କରିବେ। ଅନ୍ୟପକ୍ଷରେ ଭାରତୀୟ ଜୀବନ ବୀମା ନିଗମ (ଏଲ୍?ଆଇସି) ପକ୍ଷରୁ ବିମାନ ଦୁର୍ଘଟଣାରେ ମୃତବ୍ୟକ୍ତିଙ୍କୁ ବୀମାରାଶି ପ୍ରଦାନ ପ୍ରକ୍ରିୟାକୁ କୋହଳ କରାଯାଇଛି। ଯଦି ମୃତ୍ୟୁ ପ୍ରମାଣପତ୍ର ନଥାଏ ତା'ହେଲେ ସରକାରଙ୍କ ରେକର୍ଡରେ ପଲିସିଧାରକଙ୍କ ମୃତ୍ୟୁ ନେଇ ରହିଥିବା ରିପୋର୍ଟ କିମ୍ବା କେନ୍ଦ୍ର, ରାଜ୍ୟ ସରକାର କିମ୍ବା ଏୟାରଲାଇନ୍ ଦସ୍ତାବିଜ୍‌କୁ ମଧ୍ୟ ମୃତ୍ୟୁ ପ୍ରମାଣପତ୍ର ଭାବେ ଗ୍ରହଣ କରାଯିବ।

# ୧୭୩ କୋଟିର ଅର୍ଥ ହାସଲ କରିଛି ଷ୍ଟେବଲ ମନି

ନୂଆଦିଲ୍ଲୀ: ଭାରତର ପ୍ରଥମ ଡିଜିଟାଲ୍ ଫିକ୍ସଡ ଡିପୋଜିଟ ନିବେଶ ପ୍ଲାଟଫର୍ମ, ୱେଲଥଟେକ ପ୍ଲାଟଫର୍ମ ଷ୍ଟେବଲ ମନି, ସିରିଜ୍ ବି ପାଣ୍ଠି ରାଉଣ୍ଡରେ ୧୭୩ କୋଟି ଟଙ୍କା ହାସଲ କରିଛି। ଇନଫୋସିସ୍ ସହ-ପ୍ରତିଷ୍ଠାତା ଏବଂ ଆଧାରର ନିର୍ମାତା ନନ୍ଦନ ନିଲେକାନିଙ୍କ ଦ୍ୱାରା ସହ-ପ୍ରତିଷ୍ଠିତ ଫଣ୍ଡାମେଣ୍ଟମ ପାର୍ଟନରସିପ ଏହି ରାଉଣ୍ଡର ନେତୃତ୍ୱ ନେଇଥିଲା। ଆଦିତ୍ୟ ବିର୍ଲା ଭେଂଚର୍ସ ସମସ୍ତ ବିଦ୍ୟମାନ ନିବେଶକ ଜେଡ଼୪୭, ଆରଟିପି ଗ୍ଲୋବାଲ୍ ଏବଂ ଲାଇଟସ୍ପିଡ୍ ସହିତ ମଧ୍ୟ ଅଂଶଗ୍ରହଣ କରିଥିଲେ। ଏହି ପାଣ୍ଠି ଷ୍ଟେବଲ ମନିର ବିଶାଳ ସିରିଜ୍ ଏ ରାଉଣ୍ଡର ମାତ୍ର ଦଶ ମାସ ପରେ ଆସିଛି, ଯାହାକି ଏକ୍ଷେତ୍ରରେ ଦୃଢ଼ ସମ୍ଭାବନା ଏବଂ ନିବେଶକଙ୍କ ଦୃଢ଼ ବିଶ୍ୱାସକୁ ଦର୍ଶାଉଛି। ଷ୍ଟେବଲ ମନି ସ୍ଥିର ଆୟ ନିବେଶ ବିକଳ୍ପ ପ୍ରଦାନ କରୁଛି, ଯେଉଁଥିରେ ୯.୧% ପର୍ଯ୍ୟନ୍ତର ସୁଧ ହାର ସହିତ ସ୍ଥିରୀକୃତ ଜମା, ଏଫଡି ବାବଦକୁ ସୁରକ୍ଷିତ କ୍ରେଡିଟ୍ କାର୍ଡ ଏବଂ ଷ୍ଟେବଲ ବଣ୍ଡ (ଯାହାକି ଷ୍ଟେବଲ ବ୍ରୋକିଙ୍ଗ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ପରିଚାଳିତ ହୋଇଥାଏ) ଅନ୍ତର୍ଭୁକ୍ତ ରହିଛି। ବ୍ୟବହାରକାରୀ ପ୍ରାୟ ୨୦୦ଟି ବ୍ୟାଙ୍କରୁ ଏଫଡି ସୁଧ ହାର ତୁଳନା କରିପାରିବେ, ୩ ମିନିଟ୍ ମଧ୍ୟରେ ଜମା ବୁକ୍ କରିପାରିବେ ଏବଂ ଏକ ୭ ଦିନିଆ ପରୀକ୍ଷାମୂଳକ ଏଫଡି ଖୋଲିପାରିବେ ଏବଂ ତତ୍କାଳ ଉଠାଣର ସୁବିଧା ଉପଭୋଗ କରିପାରିବେ। ଏସବୁ ପୁଣି କୌଣସି ସଞ୍ଚୟ ଆକାଉଣ୍ଟ ଖୋଲିବା ବିନା। ୨୦୨୨ରେ ଏହାର ଆରମ୍ଭଠାରୁ ଷ୍ଟେବଲ ମନି ଦେଶ ବ୍ୟାପୀ ୨୦ ଲକ୍ଷରୁ ଅଧିକ ଉପଭୋକ୍ତାଙ୍କୁ ସାମିଲ କରିଛି, ଏହାର ମ୍ୟାନେଜମେଣ୍ଟ ଅଧୀନରେ ରହିଥିବା ମୋଟ ଆସେଟ ବର୍ତ୍ତମାନ ୩୦୦୦ କୋଟି ଟଙ୍କାରୁ ଅଧିକ ରହିଛି। ଓଡ଼ିଶାରେ ୬୭ ହଜାରରୁ ଅଧିକ ବ୍ୟବହାରକାରୀ ଷ୍ଟେବଲ ମନିକୁ ସୁରକ୍ଷିତ, ପ୍ରତ୍ୟାଶିତ ଆୟ ପାଇଁ ଭରସା କରୁଛନ୍ତି।

# ସୁନା ଦର ଲକ୍ଷେ ଟପିଲା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଇରାନ-ଇସ୍ରାଏଲ୍ ଉତ୍ତେଜନା ପ୍ରଭାବରେ ଭୁବନେଶ୍ୱରରେ ସୁନା ଦାମ୍ ୧ ଲକ୍ଷ ଟଙ୍କାରୁ ଅଧିକ ହୋଇଛି। ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ୍ ପିଛା ଦାମ୍ ଦିନକରେ ୨୧୨୦ ଟଙ୍କା ବୃଦ୍ଧି ପାଇ ୧,୦୧,୪୦୦ ଟଙ୍କା ହୋଇଛି। ୨୨ କ୍ୟାରେଟ୍ ସୁନାର ୧୦ ଗ୍ରାମ୍ ପିଛା ଶୁକ୍ରବାର ୧୯୫୦ ଟଙ୍କା ବୃଦ୍ଧି ପାଇ ୯୨,୯୫୦ ଟଙ୍କା ହୋଇଛି। ଗତ ୩ଦିନରେ ୨୨ କ୍ୟାରେଟ୍ ସୁନା ଦାମ୍ ୩୫୦୦ ଟଙ୍କା ଓ ୨୪ କ୍ୟାରେଟ୍ ସୁନା ଦାମ୍ ୩୮୨୦ ଟଙ୍କା ବୃଦ୍ଧି ପାଇଛି। ରୁପା କେଜି ମଧ୍ୟ ୧୧୦୦ ମହଙ୍ଗା ହୋଇ ୧,୨୦,୦୦୦ ଟଙ୍କା ହୋଇଛି। ନୂଆଦିଲ୍ଲୀରେ ୧୦ ଗ୍ରାମ୍ ପିଛା ଦାମ୍ ୧୬୦୩ ବୃଦ୍ଧି ପାଇ ୯୯,୦୫୮ ଟଙ୍କା ହୋଇଥିବା ଇଣ୍ଡିଆନ୍ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ ପକ୍ଷରୁ ସୂଚନା ଦିଆଯାଇଛି। ରୁପା କେଜି ମଧ୍ୟ ୬୬୯ ବୃଦ୍ଧି ପାଇ ୧,୦୬,୧୬୭ ଟଙ୍କା ହୋଇଛି।



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ ଉପକନିଷ୍ଠ, ଯୁବ ଓ କନିଷ୍ଠ କରାଟେ ପ୍ରତିଯୋଗିତାରେ ଦିତୀୟ ଦିବସ ଶେଷ ସୁଦ୍ଧା ଓଡ଼ିଶା ଖେଳାଳି ୨ ଲେଖାଏଁ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୫ କାଂସ୍ୟ ସହ ୯ ପଦକ କରାୟତ୍ତ କରିଛନ୍ତି। ଓଡ଼ିଶାର ଅଂଶୁମାନ ଆଚାର୍ଯ୍ୟ ଯୁବ ୭୦ କେଜି ଫାଇଟିଂରେ ଏବଂ ଦିବ୍ୟ ପ୍ରସାଦ ନାୟକ କନିଷ୍ଠ ୭୬ କେଜିରୁ ଅଧିକ ଫାଇଟିଂରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଗତ ଯୁବ ଏସିଆ ବାଳିକା କାଟାରେ କାଂସ୍ୟ ପଦକ ଜିତିଥିବା ଆଲିଶା ସୁବୁଦ୍ଧି, ଯୁବ ବାଳକ ୫୨ କେଜି ଫାଇଟିଂରେ ଓମ୍ ସତ୍ୟମ ମହାନ୍ତି ରୌପ୍ୟ ଜିତିଥିଲେ। ୬୧ କେଜି ବାଳିକା ଫାଇଟିଙ୍ଗରେ ତପସ୍ୱିନୀ ନାୟକ, କନିଷ୍ଠ ବାଳିକା କାଟାରେ ସୁପ୍ରିୟା ମହାନ୍ତି, କନିଷ୍ଠ ବାଳକ ୬୮ କେଜି ଫାଇଟିଂରେ ଆର୍ଯ୍ୟବ୍ରତ ବିଶ୍ୱାଳ, କନିଷ୍ଠ ବାଳକ କାଟା ଦଳ (ଶୁଭମ ଦାଶ, ଦୋଳଗୋବିନ୍ଦ ବେହେରା, ରିତେଶ ପାତ୍ର, ଅଂଶୁମାନ ମିଶ୍ର), ବାଳିକା ଦଳ (ଆଲିଶା ସୁବୁଦ୍ଧି, ସୁପ୍ରିୟା ମହାନ୍ତି, ତମନା ମେହେର, ସ୍ୱେତାଞ୍ଜନା ସାହୁ) କାଂସ୍ୟ ପଦକ ପାଇଛନ୍ତି। ଏହି ସଫଳତା ଲାଗି ପଦକ ବିଜେତାଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘ ଅଭିନନ୍ଦନ ଜଣାଇଛି।

### ୨୭ ବର୍ଷ ପରେ ଜିତିଲା ଆଇସିସି ମୁକୁଟ

# ଦକ୍ଷିଣ ଆଫ୍ରିକା ବିଶ୍ୱ ଟେଷ୍ଟ ଚାମ୍ପିଅନ୍




ନୂଆଦିଲ୍ଲୀ: ଦକ୍ଷିଣ ଆଫ୍ରିକା କ୍ରିକେଟରେ ଯୋଡ଼ି ହୋଇଛି ନୂଆ ଅଧ୍ୟାୟ। ଦୀର୍ଘ ୨୭ ବର୍ଷର ଅପେକ୍ଷାରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ଶେଷରେ କୌଣସି ବଡ଼ ଆଇସିସି ମୁକୁଟ ଜିତି ପାରିଛି ଦକ୍ଷିଣ ଆଫ୍ରିକା। ଅନେକ ଅପବାଦ ଓ ଅନେକ ଥର ହୃଦୟ ଭାଙ୍ଗିବା ପରେ ଦକ୍ଷିଣ ଆଫ୍ରିକା ନିଜର ସହ ଥିବା ଟ୍ୟାଗ ଚୋକର୍ସକୁ ବଦଳାଇ ପାରିଛି। ୧୯୯୮ ପରେ ଦକ୍ଷିଣ ଆଫ୍ରିକା କୌଣସି ବଡ଼ ଆଇସିସି ଟ୍ରଫି ଜିତିବାକୁ ସକ୍ଷମ ହୋଇଛି। ୨୦୨୩-୨୫ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲରେ ତେମ୍ବା ବଭୁମାଙ୍କ ଦକ୍ଷିଣ ଆଫ୍ରିକା ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ହରାଇ ଦେଇଛି। ଏଥିସହ ଆଇସିସି ଟ୍ରଫି ଜିତିବା ମରୁଡ଼ିରେ ବିରାମ ଲଗାଇଛି। ୨୭ ବର୍ଷ ପରେ ପ୍ରଥମ ଓ କ୍ରିକେଟ ଇତିହାସରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଥର ପାଇଁ କୌଣସି ଆଇସିସି ପକ୍ଷରୁ ଆୟୋଜିତ ବିଶ୍ୱ ସ୍ତରୀୟ ମୁକୁଟ ହାସଲ କରିଛି। ଏହି ୨୭ ବର୍ଷ ମଧ୍ୟରେ ଦକ୍ଷିଣ ଆଫ୍ରିକାର ଉଭୟ ପୁରୁଷ ଓ ମହିଳା ଟିମ ଆଇସିସି ପକ୍ଷରୁ ଆୟୋଜନ ହେଉଥିବା ଟୁର୍ଣ୍ଣାମେଣ୍ଟର ଫାଇନାଲ ଓ ସେମି ଫାଇନାଲକୁ ଯାଇଥିଲେ। କିନ୍ତୁ କେବେ ହେଲେ ଟ୍ରଫି ଜିତିବାର ଗୌରବ ହାସଲ କରି ପାରି ନଥିଲେ। କିନ୍ତୁ ଏବେ ଦକ୍ଷିଣ ଆଫ୍ରିକା ତୃତୀୟ ଦେଶ ଭାବେ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଜିତି ପାରିଛି। ଏହି ଚାମ୍ପିୟନଶିପର ପ୍ରଥମ ସଂସ୍କରଣରେ ନ୍ୟୁଜିଲ୍ୟାଣ୍ଡ ଟ୍ରଫି ଜିତିଥିବା ବେଳେ ୨୦୨୩ରେ ଅଷ୍ଟ୍ରେଲିଆ ବାଜି ମାରିଥିଲା। ଉଭୟ ଦେଶ ଫାଇନାଲରେ ଭାରତକୁ ହରାଇଥିଲେ। ଏବେ ୨ ବର୍ଷ ପରେ ସେହି ଅଷ୍ଟ୍ରେଲିଆକୁ ୬ ୱିକେଟରେ ଅଷ୍ଟ୍ରେଲିଆ ହରାଇ ଐତିହାସିକ ଲର୍ଡସରେ ଇତିହାସ ରଚିଛି ଦକ୍ଷିଣ ଆଫ୍ରିକା। ଆଉ ଏହି ବିଜୟର ବାନ୍ଧାଣି ସାଜିଛନ୍ତି ଏଡେନ ମାର୍କରମ। ପ୍ରଥମ ଇନିଂସରେ ସେ ଖାତା ଖୋଲି ପାରି ନଥିଲେ। କିନ୍ତୁ ଦ୍ୱିତୀୟ ଇନିଂସରେ ସେ ବିଜୟୀ ୧୩୬ ରନର ଇନିଂସ ଖେଳି ଦକ୍ଷିଣ ଆଫ୍ରିକାକୁ ୨୭ ବର୍ଷ ପରେ ବିଶ୍ୱ ମୁକୁଟ ପିନ୍ଧାଇଛନ୍ତି। ଐତିହାସିକ ଲର୍ଡସରେ ଚାଲିଥିବା ଫାଇନାଲରେ ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଦ୍ରୁତ ବୋଲର କାଗିସୋ ରବାଡାଙ୍କ ୫ ୱିକେଟ ସଫଳତା ଯୋଗୁ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆକୁ ୨୧୨ ରନରେ ଅଲଆଉଟ କରି ଦେଇଥିଲା। କିନ୍ତୁ ଦକ୍ଷିଣ ଆଫ୍ରିକା ମଧ୍ୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ କେବଳ ୧୩୮ ରନ କରିପାରିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଅଧିନାୟକ ପାଟ କମିନ୍ସ ସର୍ବାଧିକ ୬ଟି ୱିକେଟ ନେଇଥିଲେ। ପ୍ରଥମ ଇନିଂସରେ ୭୪ ରନର ଲିଡ ପାଇଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ରବାଡା ୪ଟି ଓ ଲୁଙ୍ଗି ଏନ୍‌ଗିଡି ୩ଟି ୱିକେଟ ନେବାରୁ ଅଷ୍ଟ୍ରେଲିଆ ସଙ୍କଟରେ ପଡ଼ିଥିଲା। କିନ୍ତୁ ଶେଷ ଭାଗରେ ଅଷ୍ଟ୍ରେଲିଆ ପାଇଁ ମିଚେଲ ଷ୍ଟାର୍କ ଅପରାଜିତ ୫୮ ରନ କରିବାରୁ କଙ୍ଗାରୁ ଟିମ ୨୦୭ ରନ କରି ପାରିଥିଲା। ଅଷ୍ଟ୍ରେଲିଆ ୨୦୭ କରିବାରୁ ଦକ୍ଷିଣ ଆଫ୍ରିକାକୁ ବିଜୟ ପାଇଁ ୨୮୨ ରନର ଟାର୍ଗେଟ ମିଳିଥିଲା। ଲର୍ଡସ ପିଚ୍ ବୋଲରଙ୍କୁ ସୁହାଉଥିବାରୁ ଏହି ରନ ଚେଜ କରିବା ଦକ୍ଷିଣ ଆଫ୍ରିକା ପାଇଁ ସହଜ ହେବନି ବୋଲି କୁହାଯାଉଥିଲା। ଦକ୍ଷିଣ ଆଫ୍ରିକା ମଧ୍ୟ ରାୟନ ରିକେଲଟନ(୬) ଓ ୱିଆନ ମୁଲ୍ଡର(୨୭)ଙ୍କୁ ସଅଳ ହରାଇଥିଲା। କିନ୍ତୁ ପ୍ରଥମ ଇନିଂସରେ ଖାତା ଖୋଲିବାକୁ ସକ୍ଷମ ହୋଇ ନଥିବା ଓପନର ଏଡେନ ମାର୍କରମ ନିଜର ପରାକ୍ରମ ଦେଖାଇଥିଲେ। ତାଙ୍କୁ ଅଧିନାୟକ ବଭୁମା ପୂରା ସହାୟତା କରିଥିଲେ। ଉଭୟ ତୃତୀୟ ଦିନରେ ଦମଦାର ବ୍ୟାଟିଂ କରି ତୃତୀୟ ୱିକେଟ ପାଇଁ ଅପରାଜିତ ୧୪୩ ରନ ଯୋଡ଼ିଥିଲେ। ମାର୍କରମ ବ୍ୟାଟରୁ ଲର୍ଡସରେ ଐତିହାସିକ ଶତକ ମଧ୍ୟ ବାହାରିଥିଲା। ବଭୁମା ମଧ୍ୟ ଅର୍ଦ୍ଧଶତକ ହାସଲ କରିଥିଲେ। ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା ୨ ୱିକେଟ ହରାଇ ୨୧୩ ରନ କରି ନେଇଥିଲା। ୨୭ ବର୍ଷ ପରେ ବିଶ୍ୱ ମୁକୁଟ ହାସଲ କରିବାକୁ ଦକ୍ଷିଣ ଆଫ୍ରିକା ୬୯ ରନର ଦୂରରେ ଥିବା ବେଳେ ୪ର୍ଥ ଦିନର ଖେଳ ଆରମ୍ଭ କରିଥିଲା। କିନ୍ତୁ ଏଥିରେ ସାମାନ୍ୟ ଟ୍ୱିଷ୍ଟ ଆସିଥିଲା। ତୃତୀୟ ଦିନର ସ୍କୋରରେ ଆଉ ୪ ରନ ଯୋଡ଼ିବା ପରେ ଅଧିନାୟକ ବଭୁମା (୬୬) ଅଉଟ ହୋଇଯାଇଥିଲେ। ଟ୍ରିଷ୍ଟାନ ଷ୍ଟବ୍ସ ମଧ୍ୟ କେବଳ ୮ ରନ କରିପାରିଥିଲେ। କିନ୍ତୁ ଗତକାଲି ୧୦୨ ରନ କରି ଅପରାଜିତ ରହିଥିବା ମାର୍କରମ ହାର ମାନି ନଥିଲେ। ସେ ଅଷ୍ଟ୍ରେଲିଆ ବୋଲରଙ୍କୁ କାଉଣ୍ଟର ଆଟାକ କରିବା ସହ ଦଳକୁ ବିଜୟର ନିକଟତର କରାଇଥିଲେ।

### ଭାରତ-ପାକିସ୍ତାନ ମ୍ୟାଚ୍‌କୁ ଟପିଲା ଆଇପିଏଲ୍ ଫାଇନାଲ୍ ଭିୟୁର୍ସ ସଂଖ୍ୟା

# ୧୬୯ ମିଲିୟନ ଲୋକ ଦେଖିଥିଲେ ମ୍ୟାଚ୍



ନୂଆଦିଲ୍ଲୀ: ଆଇପିଏଲ ୨୦୨୫ ଆଇପିଏଲ ଇତିହାସର ଏକ ସବୁଠୁ ରୋଚକ ସିଜିନ୍। ଏହି ସିଜିନର ଶେଷ ବା ଫାଇନାଲ ମ୍ୟାଚ୍ ଅନେକ ରେକର୍ଡ କରିଛି। କାରଣ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ପଞ୍ଜାବ କିଙ୍ଗସ୍ ମଧ୍ୟରେ ଖେଳାଯାଇଥିବା ଆଇପିଏଲ୍ ୨୦୨୫ ଫାଇନାଲ୍‌ରେ ବିଜୟୀ ହୋଇଥିଲା ଆରସିବି। ବଡ଼ କଥା ହେଲା ପ୍ରାୟ ୧୮ ବର୍ଷ ପରେ ଆରସିବି ଜିତିଥିଲା ଚାମ୍ପିୟନ ଟାଇଟଲ। ତେବେ ଫାଇନାଲ ମ୍ୟାଚରେ ଆରସିବି ଜିତିବା କେବଳ ଏକ ରେକର୍ଡ ନୁହେଁ। ଆଇପିଏଲ ଫାଇନାଲ ମ୍ୟାଚ ଆହୁରି ମଧ୍ୟ ରେକର୍ଡ କରିଛି। ତାହା ହେଉଛି ଆଇପିଏଲର ଭିୟୁରସିପ୍ ବ୍ରଡକାଷ୍ଟ ଅଡିଅନ୍ସ ରିସର୍ଚ୍ଚ କାଉନସିଲ ତଥ୍ୟ ଅନୁଯାୟୀ, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ପଞ୍ଜାବ କିଙ୍ଗସ୍ ମଧ୍ୟରେ ଖେଳାଯାଇଥିବା ଆଇପିଏଲ୍ ୨୦୨୫ ଫାଇନାଲ୍, ଭାରତରେ ରେକର୍ଡ ସଂଖ୍ୟା ଟିଭି ଭିୟୁରସିପ୍ ଆଣି ନୂଆ ରେକର୍ଡ କରିଛି। ରିପୋର୍ଟ ଅନୁଯାୟୀ ଫାଇନାଲ ମ୍ୟାଚକୁ ୧୬୯ ମିଲିୟନ ବା ପ୍ରାୟ ୧୬.୯ କୋଟି ଦର୍ଶକ ଦେଖିଛନ୍ତି। ଏହା ପୂର୍ବରୁ ୨୦୨୧ ଟି-୨୦ ବିଶ୍ୱକପରେ ଭାରତ ବନାମ ପାକିସ୍ତାନ ମ୍ୟାଚ୍ ସମୟରେ ଆସିଥିବା ୧୬୭ ମିଲିୟନ ଦର୍ଶକଙ୍କ ରେକର୍ଡକୁ ଭାଙ୍ଗିଛି। ଆହୁରି ମଧ୍ୟ ଫାଇନାଲ୍ ମ୍ୟାଚ୍ ଟେଲିଭିଜନ ରେଟିଂରେ ମଧ୍ୟ ୧୧ ପଏଣ୍ଟ ହାସଲ କରିଛି। ସେହିଭଳି ମ୍ୟାଚର ୱାଚ ଟାଇମ୍ ୧୫ ବିଲିୟନ ଥିଲା। ଯାହା ଭାରତ ବନାମ ଦକ୍ଷିଣ ଆଫ୍ରିକା ଟି-୨୦ ବିଶ୍ୱକପ୍ ୨୦୨୪ ଫାଇନାଲ୍ ସମୟରେ ହୋଇଥିବା ରେକର୍ଡ ୧୪.୨ ବିଲିୟନ ମିନିଟ୍ ଠାରୁ ମଧ୍ୟ ଅଧିକ ଥିଲା। ପୂର୍ବରୁ ସିଜିନ୍‌ର ଦ୍ୱିତୀୟ ସର୍ବାଧିକ ଦେଖାଯାଇଥିବା ମ୍ୟାଚ୍ ହେଉଛି ଚେନ୍ନାଇ ସୁପର କିଙ୍ଗ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ। ଏହାକୁ ୧୬୩ ମିଲିୟନ ଭ୍ୟୁୟର୍ସ ଦେଖିଥିଲେ। ସୂଚନାଥାଉ କି, ୨୦୨୫ ଆଇପିଏଲ୍ ସିଜନ୍ ଆରମ୍ଭରୁ ହିଁ ଦର୍ଶକଙ୍କୁ ଆକୃଷ୍ଟ କରିଛି। ପ୍ରଥମ ସପ୍ତାହରେ ୨୫୩ ମିଲିୟନରୁ ଅଧିକ ଦର୍ଶକ ଦେଖିଥିବାବେଳେ ୨୭.୭ ବିଲିୟନ ୱାଚ୍ ଟାଇମ ରେକର୍ଡ କରିଥିଲା।

### ଡିଆରକେ କପ୍ ଦିବାରାତ୍ର ୨୦-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୧୦ମ ଦିନ

## ଲାଲବଜାର ଓ କୋର ହାର୍ଣ୍ଣର୍ସ ବିଜୟୀ



ବାରିପଦା(ଭାସ୍କର ନ୍ୟୁଜ): ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଡିଆରକେ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୧ମ ବାର୍ଷିକ ଡିଆରକେ କପ ଦିବାରାତ୍ର ୨୦-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୧୦ମ ଦିନର ୧ମ ମ୍ୟାଚରେ ଲାଲବଜାର ୱରିୟର୍ସ ୬ ଉଇକେଟରେ ରାଫେଲ ରକେଟ୍ସକୁ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ରାଫେଲ ରକେଟ୍ସ ୧୫ ଓଭରରେ ୭ ଉଇକେଟ ହରାଇ ୧୪୩ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ରୁପମ ମହାନ୍ତି ୪୦, ଅମିତ ପରିଡା ୩୦, ସୁବ୍ରତ କୁମାର ସିଂ ୨୫ ଓ ପ୍ରୀତପାଲ ସିଂହ ୨୩ ରନ କରିଥିବା ବେଳେ ବିପକ୍ଷ ଦଳର ହରିଶଙ୍କର ଘୋଷ ଓ ହୀରକ ସିଂହ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ଲାଲବଜାର ୧୨ ଓଭରେ ୪ ଉଇକେଟ ହରାଇ ୧୪୭ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲେ । ଦଳ ପକ୍ଷରୁ ଜୟ କୁମାର ୭୨ ଓ ମନୁ ରାମ ୫୩ ରନ ସଂଗ୍ରହ କରିଥିଲେ । ୨ୟ ମ୍ୟାଚରେ କୋର ହାର୍ଣ୍ଣର୍ସ ୭୩ ରନରେ ପରି ଚାଲେଞ୍ଜର୍ସକୁ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଙ୍ଗ କରି କୋର ହାର୍ଣ୍ଣର୍ସ ୧୫ ଓଭରରେ ୬ ଉଇକେଟ ହରାଇ ୧୮୯ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଦିବ୍ୟେଶ ମହାନ୍ତି ୫୯, ଅଭିଜ୍ଞାନ ମହାନ୍ତି ୫୪, କ୍ଷମାସାଗର ବଳ ୩୭ ଓ ଆଦିତ୍ୟ ବସା ୨୩ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ସାମନ୍ତ ଶେଖର ପାଲ ଓ ମେରି ଲୋକନାଥ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ପରି ଚାଲେଞ୍ଜର୍ସ ୧୫ ଓଭରରେ ୮ ଉଇକେଟ ହରାଇ ୧୧୬ ରନ ସଂଗ୍ରହ କରିପାରିଥିଲା । ଦଳ ପକ୍ଷରୁ ମେରି ଲୋକନାଥ ୫୭ ଓ ପ୍ରିତମ ବେହେରା ୨୧ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଆଦିତ୍ୟ ବସା, ଦିବ୍ୟେଶ ମହାନ୍ତି ଓ ଯଶୋବନ୍ତ ମାଝୀ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଅମ୍ପାୟାର ଆଶୁତୋଷ ପାଣି ଓ ଦିଲ୍ଲିପ ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ପିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ । ବୁବୁ ସିନ୍‌ହା ଧାରା ବିବରଣୀ ପ୍ରଦାନ କରିଥିଲେ । ଟୁର୍ଣ୍ଣାମେଣ୍ଟର ସଭାପତି ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ସଂଜୀବ ଦ୍ୱିବେଦୀ, ପୂର୍ବତନ କ୍ରିକେଟ ଖେଳାଳି ସୁବାଷ ସାହୁ, ମନୋଜ ଶର୍ମା, ଲଲାଟେନ୍ଦୁ ବେହେରା, ରାଜେଶ ଶର୍ମା ତଥା କାର୍ଯ୍ୟକାରୀ ସମ୍ପାଦକ ନିରୋଜ ସାହୁ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।

## ବିସିସିଆଇକୁ ବଡ଼ ଝଟ୍‌କା

ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡର ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ ଆୟୋଜନ କରିବାର ସ୍ୱପ୍ନ କିଛି ବର୍ଷ ପାଇଁ ଅଧୁରା ରହିପାରେ। ବିସିସିଆଇକୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ଠାରୁ ଏକ ବଡ଼ ଝଟକା ଲାଗିପାରେ। ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଆରମ୍ଭ ହେବା ଦିନଠାରୁ, ଫାଇନାଲ ମ୍ୟାଚ ଇଂଲଣ୍ଡରେ ଅନୁଷ୍ଠିତ ହେଉଛି। ବିସିସିଆଇ ଭାରତରେ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ ଆୟୋଜନ କରିବା ବିଷୟ ଆଇସିସିକୁ ଚିଠି ପଠାଇଥିଲା, କିନ୍ତୁ ଇଂଲଣ୍ଡ ପରବର୍ତ୍ତୀ ତିନୋଟି ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ ମଧ୍ୟ ଆୟୋଜନ କରିବ। ଯଦି ବିଶ୍ୱ ଟେଷ୍ଟ ଚାମ୍ପିଅନଶିପର କମାଣ୍ଡ ୨୦୨୯-୩୧ ସିଜିନ ପର୍ଯ୍ୟନ୍ତ ଇଂଲଣ୍ଡ ପାଖରେ ରହିବ, ତେବେ ଭାରତକୁ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ ଆୟୋଜନ କରିବା ପାଇଁ ପ୍ରାୟ ୮ ବର୍ଷ ଅପେକ୍ଷା କରିବାକୁ ପଡିବ।



ଜୁଲାଇ ୨୦୨୫ରେ ସିଙ୍ଗାପୁରରେ ଅନୁଷ୍ଠିତ ହେବାକୁ ଥିବା ଆଇସିସିର ବାର୍ଷିକ ସମ୍ମିଳନୀରେ ଘୋଷଣା କରାଯାଇପାରେ ଯେ, ଇଂଲଣ୍ଡ ଆଗାମୀ ତିନି ଥର ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ ଆୟୋଜନ କରିବ। ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ ଗତ ଛଅ ବର୍ଷ ଧରି ଭାରତକୁ ଡବ୍ଲ୍ୟୁଟିସି ଫାଇନାଲ ଆୟୋଜନ କରିବା ପାଇଁ ନିରନ୍ତର ଚେଷ୍ଟା କରିଆସୁଛି। କିନ୍ତୁ ବିଶ୍ୱ କ୍ରିକେଟ୍‌ରେ ବିସିସିଆଇର ପ୍ରଭାବ ବଢୁଥିବା ସତ୍ତ୍ୱେ, ଆୟୋଜନ ମିଳିପାରି ନାହିଁ। ସେହି ସମୟରେ, ପୂର୍ବତନ ବିସିସିଆଇ ସଚିବ ଜୟ ଶାହ ବର୍ତ୍ତମାନ ଆଇସିସିର ଅଧ୍ୟକ୍ଷ ଅଛନ୍ତି, ଏହା ସତ୍ତ୍ୱେ, ଏହି ସୁଯୋଗ ଭାରତର ହାତରୁ ଖସି ଯାଉଥିବା ପରି ମନେ ହେଉଛି। ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ୍‌ର ପ୍ରଥମ ଫାଇନାଲ ୨୦୨୧ ମସିହାରେ ଖେଳାଯାଇଥିଲା, ଯାହା ଇଂଲଣ୍ଡର ସାଉଥାମ୍ପଟନ୍‌ରେ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ହୋଇଥିଲା। ସେହି ସମୟରେ, ଦ୍ୱିତୀୟ ଡବ୍ଲ୍ୟୁଟିସି ଫାଇନାଲ ୨୦୨୩ ମସିହାରେ ଲଣ୍ଡନର ଓଭାଲ ଗ୍ରାଉଣ୍ଡରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିଲା। ସେହି ସମୟରେ, ତୃତୀୟ ଫାଇନାଲ ଲର୍ଡସ୍‌ରେ ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯାଉଛି।

## ରାଜ୍ୟ ଖୋ ଖୋ ଲିଗ୍‌ରେ କେନ୍ଦୁଝର ଟିମ୍ ତୋଷାଳୀ କୁଇନ୍ସ



କେନ୍ଦୁଝର(ଭାସ୍କର ନ୍ୟୁଜ): ରାଜ୍ୟରେ ପ୍ରଥମ ଥର ଅନୁଷ୍ଠିତ ହେଉଥିବା ରାଜ୍ୟ ଖୋଖୋ ଲିଗରେ କେନ୍ଦୁଝର ଦଳ ଅଂଶଗ୍ରହଣ କରିଛି । ଆଇପିଏଲ ପରି ଯଦିଓ ଅନ୍ୟସ୍ଥାନର ଖେଳାଳୀମାନେ ଏହି ଦଳରେ ଅଛନ୍ତି, ମାତ୍ର କେନ୍ଦୁଝରର ସଂଖ୍ୟାଧିକ ମହିଳା ଖୋଖୋ ଖେଳାଳୀ ଏଥିରେ ରହିଛନ୍ତି । ଏହି ଟିମର ନାମକରଣ କରାଯାଇଛି ତୋଷାଳୀ କୁଇନ୍ସ । ଏହି ରାଜ୍ୟ ଖୋଖୋ ଲିଗ ଆଜିଠାରୁ ପୁରୀର ଡେଲାଙ୍ଗଠାରେ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି । ଏହାକୁ ଓଡିଶା ଖୋଖୋ ଆସୋସିଏସନ ଆୟୋଜନ କରିବ । କେନ୍ଦୁଝର ଦଳର ପ୍ରାୟୋଜକ ରହିଛନ୍ତି ପ୍ରକାଶ କୁମାର ବେଜ ଓ ବିକାଶ ଦାସ । ମୁଖ୍ୟ କୋଚ ରହିଛନ୍ତି ମନ୍ଦାକିନୀ ମାଝୀ ଓ ସହକାରୀ ପ୍ରଶିକ୍ଷକ ରହିଛନ୍ତି ଶୁଭ୍ରାଂଶୁ ଦାଶ ଓ କାଳିଦାସ ସୋରେନ । ଏହି ମହିଳା ଦଳର ଖେଳାଳୀମାନେ ହେଲେ ଶୁଭଶ୍ରୀ ସିଂ(ଅଧିନାୟକ)ରଞ୍ଜିତା ବାରିକ, କାଦମ୍ବିନୀ ମାଝୀ(ଉପ ଅଧିନାୟକ), କ୍ଷଣପ୍ରଭା ନାୟକ, ବାସନ୍ତୀ ନାଗ, ପୁଷ୍ପା ମାରାଣ୍ଡି, ନନ୍ଦିତା କୁଜୁର, ଦୁର୍ଗାସିନୀ ମାଝୀ, ଦେବୀ ଧଳ, ରାଜଶ୍ରୀ ହାସଦା, ଯାଜ୍ଞସେନୀ ନାୟକ, ଭାଗ୍ୟଶ୍ରୀ ନାୟକ, ଲିପା ନାଏକ, କାଦମ୍ବିନୀ ମହାନ୍ତ ଓ ମାହେଶ୍ୱରୀ ନାଏକ । ଏହି ତୋଷାଳୀ କୁଇନ୍ସ ଟିମର ଫ୍ରାଂଚାଇଜ ସଦସ୍ୟ ଶୁଭ୍ରାଂଶୁ ଦାଶ, ହିମାଂଶୁ କୁମାର ମହାନ୍ତ, ସୁମନ୍ତ କୁମାର ମହାନ୍ତ, ପପୁନ କୁମାର ମହାନ୍ତ, ଚିନ୍ମୟ ପୁରୋହିତ ଓ ସୀତାକାନ୍ତ କାଲସାଇ । ଏହି ଟୁର୍ଣ୍ଣମେଂଟ ଜୁନ ୧୬ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

## କ୍ରୀଡ଼ା କ୍ଷେତ୍ରରେ ଭାରତର ରୂପାନ୍ତରଣ

ନୂଆଦିଲ୍ଲୀ: ଭାରତରେ ବିଶ୍ୱର ସର୍ବାଧିକ ଯୁବ ଜନସଂଖ୍ୟା ରହିଛି, ଯେଉଁଥିରେ ୩୫ ବର୍ଷରୁ କମ୍ ବୟସର ପ୍ରାୟ ୬୫ ପ୍ରତିଶତ ଲୋକ ଅଛନ୍ତି। ଏହି ଜନସାଂଖ୍ୟିକୀୟ ଲାଭାଂଶର ସମ୍ଭାବନାକୁ ସ୍ୱୀକାର କରି ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଯୁବ ବିକାଶ ଏବଂ କ୍ରୀଡ଼ା ପ୍ରୋତ୍ସାହନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏହା ବ୍ୟକ୍ତିତ୍ୱ-ନିର୍ମାଣ, ଦକ୍ଷତା ବୃଦ୍ଧି ଏବଂ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଜାତୀୟ ଏକୀକରଣକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦେଇଛି। ଭାରତର କ୍ରୀଡ଼ା ଭବିଷ୍ୟତକୁ ଶକ୍ତିଶାଳୀ କରିବା ପାଇଁ ସରକାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟକୁ ୩୭୯୪ କୋଟି ଟଙ୍କାର ଏକ ରେକର୍ଡ ଅନୁଦାନ ପ୍ରଦାନ କରିଛନ୍ତି। ଏହାର ଏକ ପ୍ରମୁଖ ଅଂଶ, ଅର୍ଥାତ୍ ୨,୧୯୧.୦୧ କୋଟି ଟଙ୍କା, କେନ୍ଦ୍ରୀୟ କ୍ଷେତ୍ର ଯୋଜନା ପାଇଁ ଆବଣ୍ଟିତ ହୋଇଛି, ଯେଉଁଥିରେ ପ୍ରମୁଖ ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମକୁ ୧,୦୦୦ କୋଟି ଟଙ୍କା ମିଳିଛି। ୨୦୧୪-୧୫ ଆର୍ଥିକ ବର୍ଷରେ ମନ୍ତ୍ରଣାଳୟକୁ ବଜେଟ ଆବଣ୍ଟନ ୧୬୪୩ କୋଟି ଟଙ୍କା ଥିଲା, ଯାହା ୨୦୨୫-୨୬ରେ ୧୩୦.୯% ବୃଦ୍ଧି ପାଇଛି। ୨୦୧୬-୧୭ ମସିହାରେ ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ - କ୍ରୀଡ଼ା ବିକାଶ ପାଇଁ ଜାତୀୟ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଗ୍ରାମୀଣ ଏବଂ ସହରାଞ୍ଚଳ ଉଭୟରେ ବହୁଳ ଅଂଶଗ୍ରହଣ ଏବଂ କ୍ରୀଡ଼ା ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା।


कार्यालय – अधीक्षक,
एम० जी० एम० मेडिकल कॉलेज अस्पताल,
जमशेदपुर
Email ID : superintendentmgmmch@gmail.com

पत्रांक – 2496 / 2025 दिनांक – 13 / 06 / 2025

– : शुद्धि पत्र : –

एम० जी० एम० मेडिकल कॉलेज अस्पताल, जमशेदपुर के लिए वित्तीय वर्ष 2025–26 में औशधि–रसायन / विविध शल्य सामग्री की आपूर्ति हेतु प्रकाशित ई–निविदा सं० 2387 दिनांक 03.06.2025, Tender ID : 2025_MGM_101832_1, PR No. 354230 Health Med Edu and Family Welfare (25-26).D से संबंधित Pre-Bid बैठक दिनांक 17.06.2025 को अपराह्न 12:30 बजे दिन में अधीक्षक, एम० जी० एम० मेडिकल कॉलेज अस्पताल, जमशेदपुर, डिमना के कार्यालय प्रकोश्ठ में निर्धारित किया जाता है।

शेष निविदा एवं शर्ते यथावत रहेगी।

अधीक्षक
एम० जी० एम० मेडिकल कॉलेज अस्पताल
जमशेदपुर

PR 355085 (Health Med Edu and Family Welfare)25-26*D


# ବାଉଣ୍ଡରୀ କ୍ୟାଚ୍ ନିୟମରେ ବଡ଼ ପରିବର୍ତ୍ତନ



ନୂଆଦିଲ୍ଲୀ: କ୍ରିକେଟ ନିୟମରେ ହୋଇଛି ବଡ଼ ପରିବର୍ତ୍ତନ। ବାଉଣ୍ଡରୀ ନିକଟରେ ଫିଲ୍ଡରମାନେ ଧରୁଥିବା କ୍ୟାଚ୍‌ରେ ବଡ଼ ସଂଶୋଧନ କରାଯାଇଛି। ବନ୍ନି ହୋପ୍ସ ବା ମାଟିରୁ ଉପରେ ରହି ବା ଉଡ଼ନ୍ତା ଅବସ୍ଥାରେ ଏକାଧିକ ଥର ବଲକୁ ବାଉଣ୍ଡରୀ ବାହାରେ ସ୍ପର୍ଶ କରିବା ପରେ କ୍ୟାଚ୍‌କୁ ପୂର୍ଣ୍ଣ କରିବା ଏଣିକି ବେଆଇନ। ଏପରି କ୍ୟାଚ୍ ବଲରେ ଆଉ ବ୍ୟାଟର ଆଉଟ ହେବେ ନାହିଁ। ପୂର୍ବରୁ ବାଉଣ୍ଡରୀ ବାହାରେ ଖେଳାଳିମାନେ ବଲକୁ ଉଡ଼ାନ୍ତା ଅବସ୍ଥାରେ ଧକ୍କା ଦେଇ ଫିଲ୍ଡ ଭିତରକୁ ପଠାଉଥିଲେ ଓ ଏହାକୁ କ୍ୟାଚ୍ କରିବା ପରେ ବ୍ୟାଟରଙ୍କୁ ଆଉଟ ଘୋଷଣା କରାଯାଉଥିଲା। କିନ୍ତୁ ଏଣିକି ଆଉ ଏପରି କ୍ୟାଚ୍‌କୁ ବୈଧ ବୋଲି ଧରାଯିବ ନାହିଁ। କ୍ରିକେଟର ନିୟମ ପ୍ରଣୟନ କରୁଥିବା ଏମସିସି ପକ୍ଷରୁ ଏହାକୁ ବେଆଇନ ବୋଲି ଦର୍ଶାଯାଇଛି। ଚଳିତ ମାସରୁ ଆଇସିସିର ପ୍ଲେଇଂ କଣ୍ଡିସନରେ ଏହି ନିୟମକୁ ସାମିଲ କରାଯିବ ଓ ଏମସିସି ଆଇନ ବହିରେ ଆସନ୍ତା ବର୍ଷ ଅକ୍ଟୋବର ମାସରୁ ଏହାକୁ ବିଧିବଦ୍ଧ ଭାବେ ଉଲ୍ଲେଖ କରାଯିବ। ୨୦୨୩ ବିବିଏଲ ସମୟରେ ମାଇକେଲ ନେସେର ଓ ୨୦୨୦ରେ ମ୍ୟାଟ ରେନଶଙ୍କ ସହାୟତାରେ ଟମ ବାଣ୍ଟନ ଧରିଥିବା ଆଶ୍ଚର୍ଯ୍ୟ କରିବା କ୍ୟାଚ୍ ନୂଆ ନିୟମ ଲାଗୁ ହେବା ମାତ୍ରେ ବୈଧ ବିବେଚିତ ହେବନାହିଁ। ଏମସିସି ପକ୍ଷରୁ ଆଇସିସିର ସଦସ୍ୟ ରାଷ୍ଟ୍ରମାନଙ୍କୁ ଲେଖାଯାଇଥିବା ଚିଠିରେ କୁହାଯାଇଛି ଯେ ଏମିତି ଅନେକ ଚମତ୍କାର କ୍ୟାଚ୍ ରହିଛି, ଯାହାକୁ ପୂର୍ବରୁ କ୍ରିକେଟରେ ଅନୁମତି ଦିଆଯାଉଥିଲା। କିନ୍ତୁ କ୍ରିକେଟ ସହ ଜଡ଼ିତ ଅଧିକାଂଶ ଲୋକ ଏହାକୁ ଅନ୍ୟାୟ ବା ବେଆଇନ ବୋଲି କହିଛନ୍ତି। ୨୦୨୩ ବିବିଏଲରେ ବ୍ରିସବେନ ହିଟ ପାଇଁ ମାଇକେଲ ନେସେର ଧରିଥିବା କ୍ୟାଚ୍ ଯୋଗୁ ଜୋର୍ଡାନ ସ୍ଲିକ ଆଉଟ ହୋଇଥିଲେ। ଏହାକୁ ଏମସିସି ବୁଝାଇବାକୁ ଯାଇ କହିଛି ଯେ ଫିଲ୍ଡର ବାଉଣ୍ଡରୀ ଭିତରେ ବଲକୁ କ୍ୟାଚ୍ କରିବା ପୂର୍ବରୁ ଏକାଧିକ ଥର ଉଡ଼ାନ୍ତ ଅବସ୍ଥାରେ ଏହାକୁ ସ୍ପର୍ଶ କରିଥିଲେ। ସେତେବେଳେ ନିୟମ ଅନୁସାରେ ଏହାକୁ ବୈଧ ବିବେଚନା କରାଯାଇଥିଲା। କିନ୍ତୁ ଫିଲ୍ଡର ଅନେକ ସୀମା ପାର କରି ଯାଇଥିବା ଏବେ ଅନୁଭବ ହେଉଛି। ତେଣୁ ପ୍ରଚଳିତ ନିୟମରେ ପରିବର୍ତ୍ତନ କରାଯାଉଛି। ଏମସିସି ସ୍ପଷ୍ଟ କରିଛି ଯେ ଏଣିକି ଯଦି କୌଣସି ଫିଲ୍ଡର ଦ୍ୱିତୀୟ ଥର ପାଇଁ ବଲକୁ ସ୍ପର୍ଶ କରୁଛନ୍ତି, ତା'ହେଲେ ଏହା ବାଉଣ୍ଡରୀ ଭିତରେ ହେବା ଦରକାର। ଯଦି ସେ ବାଉଣ୍ଡରୀ ବାହାରେ ଥାଇ ଉଡ଼ନ୍ତା ଅବସ୍ଥାରେ ଭଲକୁ ଦ୍ୱିତୀୟ ଥର ପାଇଁ ସ୍ପର୍ଶ କରିବେ, ତା'ହେଲେ ଏହାକୁ ଛକା ଭାବେ ବିବେଚନା କରାଯିବ। ଏମସିସି ବାଉଣ୍ଡରୀ ବାହାରେ ହେଉଥିବା ଏକାଧିକ ଜମ୍ପ ନିୟମକୁ ଉଠାଇ ଦେଇଛି ସତ , କିନ୍ତୁ ଯଦି କୌଣସି ଖେଳାଳି ବାଉଣ୍ଡରୀ ଭିତରେ ରହି ବାହାରକୁ ଯାଉଥିବା ବଲକୁ ଠେଲି ଦେଉଛନ୍ତି, ତା'ହେଲେ ବାଉଣ୍ଡରୀ ବାହାରେ ଗୋଡ଼ ରଖି ପୁଣି ଭିତରୁ ଡାଇଭ ଲଗାଇ ବଲକୁ କ୍ୟାଚ୍ ? କରୁଛନ୍ତି, ତା'ହେଲେ ଏହାକୁ ଆଉଟ ବୋଲି ଧରାଯିବ। ନୂଆ ନିୟମରେ ଏହାର ଅନୁମତି ରହିଛି। ବାଉଣ୍ଡରୀ ବାହାରକୁ ଯାଇ ଉଡ଼ନ୍ତା ଅବସ୍ଥାରେ ବଲକୁ ଭିତରକୁ ଠେଲି ପୁଣି କ୍ୟାଚ୍ ? କରୁଥିବା ନିୟମକୁ ଆମେ ହଟାଇବାକୁ ଚେଷ୍ଟା କରିଛୁ। ଏହି ନିୟମ ରିଲେ କ୍ୟାଚ୍ ବେଳେ ମଧ୍ୟ ଲାଗୁ ହେବ। ଯଦି କୌଣସି ଫିଲ୍ଡର ବାଉଣ୍ଡରୀ ବାହାରେ ଉଡ଼ନ୍ତା ଅବସ୍ଥାରେ ରହି ବଲକୁ ଭିତରକୁ ପକାଉଛନ୍ତି ଓ ସାଥୀ ଖେଳାଳି କ୍ୟାଚ୍ ? ଶେଷ କରିବା ପୂର୍ବରୁ ସେ ଭିତରକୁ ଆସି ପାରୁ ନାହାନ୍ତି, ତା'ହେଲେ ଏହାକୁ ଚୌକା କିମ୍ବା ଛକା ଭାବେ ବିବେଚନା କରାଯିବ। ଗୋଟିଏ ଅର୍ଥରେ କହିବାକୁ ଗଲେ ଫିଲ୍ଡରମାନଙ୍କ ପାଖରେ ଗୋଟିଏ ସୁଯୋଗ ରହିବ। ସେମାନେ ବାଉଣ୍ଡରୀ ବାହାରକୁ ଜମ୍ପ କରି କେବଳ ଗୋଟିଏ ଥର ବଲକୁ ସ୍ପର୍ଶ କରିପାରିବେ। ଏହାପରେ ବାଉଣ୍ଡରୀ ଗୋଟିଏ ହାର୍ଡ ଲାଇନରେ ପରିଣତ ହୋଇଯିବ। ଏହି ନିୟମ ଜୁନ ୧୭ରୁ ଲାଗୁ ହେବ। ଜୁନ ୧୭ରୁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପର ୨୦୨୫-୧୭ ସାଇକେଲ ଶ୍ରୀଲଙ୍କା-ବାଂଲାଦେଶ ଲଢ଼େଇରୁ ଆରମ୍ଭ ହେବ। ଏହି ନିୟମ ସେବେ ଠାରୁ ଲାଗୁ ହେବ ବୋଲି ଏମସିସି ସ୍ପଷ୍ଟ କରିଛି।


कार्यपालक अभियंता का कार्यालय
पथ निर्माण विभाग, पथ प्रमण्डल, रामगढ़
रामगढ़ थाना के सामने, गांधी चौक, रामगढ़ कैन्ट
जिला- रामगढ़, झारखण्ड- 829122
ई.मेल- eercdramgarh-jhr@nic.in

एस०बी०डी० आधारित अति-अल्पकालीन ई-निविदा सूचना

ई–निविदा प्रसंग संख्या :– RCD/RAMGARH/ 490 /2025-26
दिनांक :– 13.06.2025

| | | |
|---|---|---|
| 1. | कार्य का नाम | IRQP Work of Nemra to Barlanga (Old Alignment) Road (Total Length- 5.50 KM) Under Road Divison, Ramgarh for the of Year 2025-26 |
| 2. | प्राक्कलित राशि (रूपये में) | रुपये 4,15,00,000.00 (चार करोड़ पन्द्रह लाख) मात्र |
| 3. | कार्य समाप्ति की अवधि | 04(चार) माह |
| 4. | वेबसाईट पर निविदा प्रकाशित होने की तिथि एवं समय | 19 / 06 / 2025 03:00 बजे अपराह्न |
| 5. | निविदा प्राप्ति की अंतिम तिथि एवं समय | 25 / 06 / 2025 12:00 बजे दिन तक |
| 6. | निविदा आमंत्रित करने वाले पदाधिकारी का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, रामगढ़ |
| 7. | प्रोक्योरमेंट पदाधिकारी का सम्पर्क नंबर | 98351–25637 |
| 8. | ई–प्रोक्योरमेट सेल का हेल्प लाईन नंबर | 0651–2403007 |

- निविदा की अन्य शर्ते वेबसाइट http://jharkhandtenders.gov.in पर देखी जा सकती है।
- पथ निर्माण विभाग, झारखण्ड में निबंधित निविदाकारों को UCAN से संबंधित प्रमाण पत्र की छायाप्रति संलग्न करना अनिवार्य है।
- निविदा की राशि घट–बढ़ सकती है।
- Cost of bidding document (Non-refundable fee) & Bid Security as indicated shall be payable online through http://jharkhandtenders.gov.in.

कार्यपालक अभियंता
प०नि०वि० पथ प्रमण्डल रामगढ़

PR 355050 Road (25-26)_D



## କୁନି ସୁନିତା ଓ ରଜ ଅଲତା

✷ ଶୁଭନାରାୟଣ ଶତପଥୀ

ଠୁକୁଠୁକୁ ଚାଲେ କୁନି ସୁନିତା
କୁନି ସୁନିତାର ପାଦେ ଅଲତା
ନାଲି ଅଲତାରେ ପାଉଁଜି ଚିତ୍ର
ପାଦକୁ ଦିଶଇ ଭାରି ସୁନ୍ଦର ॥

ସୁନ୍ଦର ଲାଗଇ ପରିବେଶଟା
ଡାଳରେ ଝୁଲୁଛି ରଜ ଦୋଳିଟା
ଗୁଆ ଖୋଳପାକୁ ପିଠା ଓ ମିଠା
ପାନ ଓ ପଶାରେ କମ୍ପେ ଦାଣ୍ଡଟା ॥

ଦାଣ୍ଡେ ଚାଲୁଥିଲା କୁନି ସୁନିତା
ତା ପାଦକୁ ଦେଖି ବନିତା, ଲତା
ପାଦରେ ନାଇଲେ ରଜ ଅଲତା
ଅର୍ଦ୍ଧଚନ୍ଦ୍ର ଆଉ ଠିକିରି ଚିତା ॥

ହେଲା ଅଲତାର ପ୍ରତିଯୋଗିତା
ଭାଗନେଲେ ପୁଣି ମିତା ଓ ଗୀତା
ସୁନିତା ଖୁସିରେ ଆସିଲା ଧାଇଁ
ପ୍ରଥମ ହୋଇଲା ପାଦ ପକାଇ ॥

ମୋ-୯୪୩୮୪୩୭୦୭୩





# ଅଲିଭା ସନ୍ତକ

*** ଅନସୂୟା ପଣ୍ଡା ***

ଲୋକଟା ମୋ'ଠାରୁ ଢେର୍ ବଡ ବୟସରେ। ଦୁଇ ଚାରିଟା ଘର ଛାଡି ତାଙ୍କ ଏକ ମହଲା ଘର। ତା' ସ୍ତ୍ରୀ ଆଭା ମତେ ନାନୀ ନାନୀ ଡାକେ ଓ ଖୁବ୍ ମାନସମ୍ମାନ ଦିଏ। କିନ୍ତୁ ମତେ ତାକୁ ଅର୍ଥାତ୍ ସାହୁବାବୁଙ୍କୁ ଦେଖିଲେ ଚିଡି ଲାଗେ, ପିତ୍ତ ଚଢିଯାଏ। ତା' ରାଗ ତମତମ ଦୁର୍ଦ୍ଧଷ ଆଖି ହଳକୁ ଚାହିଁଲେ ଘୃଣା ଆସେ।

ତା'ର ମୋର ବ୍ୟକ୍ତିଗତ ଶତ୍ରୁତା କିଛି ନାହିଁ। ତା' ଅପଥଗାମୀ ନିଶା ପାଣି ଅଭ୍ୟାସରେ ମୁଁ ବି ବିଚଳିତ ନୁହେଁ। ଆଜିଯାଏ କେହି ଚାହିଁଲେ କ'ଣ କାହାର ନିଶା ପାଣି ବନ୍ଦ କରିଦେବ କି ଛଡେଇ ପାରିବ। କିନ୍ତୁ ସେ ନିଶା ପାଣି ପରେ ଯେଉଁ ଅସଭ୍ୟ ଭାଷାରେ ଗାଳିଗୁଲଜ ଆଉ ସ୍ତ୍ରୀ ଆଭାକୁ ମାଡ ପିଟ କରନ୍ତି, ସେଇଥିପାଇଁ ମୁଁ ଅତିଷ୍ଠ। ସବୁବେଳେ ତାଙ୍କ ଘରେ ଅଶାନ୍ତି। ସ୍ତ୍ରୀ ବିଚରା କେତେ କାକୁତିମିନତି ହୁଏ, କିନ୍ତୁ ଦାୟିତ୍ୱହୀନ ମଦ୍ୟପ ସ୍ୱାମୀ ପ୍ରଚଣ୍ଡ ରାଗି କଟୁଭାଷାରେ ଆହୁରି ଗାଳି କରେ। ସେ ଭାଷା ଶୁଣିଲେ ମୋ ରକ୍ତ ତାତିଯାଏ। ଥରେ ଦୁଇ ଥର ନୁହେଁ ଅନେକ ଥର। ପ୍ରତିବାଦ କରିବାକୁ ମନ ମୋର ଚଞ୍ଚଳ ହୁଏ। ମୁଁ ଘରେ ମୋ ସ୍ୱାମୀଙ୍କୁ କହେ, ମୁଁ ହୋଇଥିଲେ ଏତେବେଳକୁ ସାଇଜ୍ କରି ଦେଇଥାଆନ୍ତି। କେବଳ ନିୟମିତ ପେଟେଣ୍ଟ ମେଡିସିନ୍ ଦରକାର। ମୋ ସ୍ୱାମୀ ଥଟ୍ଟାରେ କହନ୍ତି, ଆମେ ସିନା ମା'ଙ୍କ କୋପ ଜାଣିଛୁ, ଅନ୍ୟମାନେ କେମିତି ଜାଣିବେ। ବିଚାରି ଆଭା କାନ୍ଦିକାନ୍ଦି ସେହି ଘରେ ଭାଗ୍ୟକୁ ଆଦରି ପଡିଥାଏ।

ସାହୁବାବୁ ଯେଉଁ ଚାକିରି ଖଣ୍ଡିକ କରିଥିଲେ, ସେଥିରେ ଘର ଚଳିବା ବି ମୁସ୍କିଲ୍। ସେଇଥିରୁ ଅଧାରୁ ବେଶି ପିଇବାରେ ଚାଲିଯାଏ। ସ୍ତ୍ରୀ ଆଭାର ସାହାସ ପାଏନି, ମାଡ ଡରରେ କିଛି ପ୍ରତିବାଦ କରି କହିବାକୁ। ଇଚ୍ଛାରେ ଚାବି ପକେଇ ଗରଳ ଭଳି ଅଣନିଃଶ୍ୱାସୀ ହୋଇ ଭୋଗେ ଅନିଚ୍ଛାର ମୁହୂର୍ତ୍ତକୁ।

ଭୋଗୁଥିବା ନଅଙ୍କ ଦୁର୍ଭିକ୍ଷର ଦେହରୁ ମାପି ହୋଇଯାଏ ତା ଦେହ ଆଉ ମନର ଭୋକକୁ। ସେଥିରେ ପୁଣି ଦରମା ମିଳିବା ଦିନ ଦୁଇପେଟେ ଖଣ୍ଡେ ମଦ ପିଇ ବାବୁ ଫେରନ୍ତି। କେତେ ଥର ବାଟରେ ସେମିତି ଅବଚେତନ ଅବସ୍ଥାରେ ପଡନ୍ତି। କିଏ ସହୃଦୟ ବ୍ୟକ୍ତି ଘରେ ପଇସା ଦେଇ ଛାଡି ଦିଅନ୍ତି। ଆଉ କେହି ଟଙ୍କା ପଇସା ଲୁଟ୍ କରି ନେଇଯାଆନ୍ତି। ସେ ମାସରେ ଘର ଚଳିବା ମୁସ୍କିଲ୍। ସାହୁବାବୁଙ୍କ ବୋଉ ଯେତେ ଭାବିଥିଲେ ବି ମଦୁଆର ମୁହଁକୁ ଚାହିଁବେନି ବୋଲି, ପୁଣି କିନ୍ତୁ କିଛି ପେନସନ୍ ପଇସା ଗୁଞ୍ଜି ଦେଇଯାଆନ୍ତି ଆସନ୍ନ ପ୍ରସବା ବୋହୂ ହାତରେ। ଯେତେହେଲେ ମାଆ ମନ। ମଦୁଆ ଲଗାମଛଡା ପୁଅ ପାଖରେ ରୁହନ୍ତି ନାହିଁ। ଶାଶୁ କିନ୍ତୁ ଭାରି ଭଲ ଲୋକ। ସେ ହିଁ ଆଶ୍ୱାସନାର ଏକମାତ୍ର ସନ୍ତକ। ବାଧ୍ୟବାଧକତାରେ କୌଣସି ଘରେ ରହି ପାରେ କି ଶାନ୍ତି! ସ୍ନେହ! ଏକତା! କି ଭଲପାଇବା!

ବାପା ପୁଅର ମଦ ନିଶା ପାଇଁ ଚିନ୍ତାରେ, ଲାଜରେ, ଅପବାଦ ସହିନପାରି ଅକାଳରେ ମଲେ। ତଥାପି ପୁଅ ସୁଧୁରିଲାନି। ରାତିରେ ଫେରି ବଡ ପାଟିରେ ଖରାପ ଭାଷାରେ ମହାଭାରତ କରିବା ତା'ର ସବୁଦିନର ଅଭ୍ୟାସ। ଗୋଟେ ଅପରିଷ୍କାର ପରିବେଶର ସୃଜନ କରି ତା ଉପସ୍ଥିତିକୁ ଜାହିର୍ କରିବା।

ସମୟ ତା' ବାଟରେ ଗଡି ଚାଲିଲା। ଯା ଭିତରେ ଚାରି ଛଅ ମାସ ବିତିଲାଣି। ଏବେ କିନ୍ତୁ କିଛି ଦିନ ହେବ ଆଉ ପାଟି ଶୁଣାଯାଉନି। ମନେ ମନେ ଭାବିଲି କ'ଣ କେମିତି ଏତେ ପରିବର୍ତ୍ତନ ସାହୁବାବୁଙ୍କ ପରିବାରର। ଜାଣିବାକୁ ଆଉ କିଛି ଉପାୟ ନାହିଁ। ଅନୁସନ୍ଧିତ୍ସୁ ମନରେ ପାଞ୍ଚ ଛଅଟି ମିଠା ଧରି ପହଞ୍ଚିଗଲି ସାହୁବାବୁଙ୍କ ଘରେ। ସଞ୍ଜ ବୁଡ଼ ବେଳା। ଫାଟକ ବାଡ଼େଇଲି। କିଏ ବାଡେଉଛି ଦେଖିବାକୁ କବାଟ ଖୋଲି ଆଭା ମିଠା ହସି ହସି କହିଲା, "ଆରେ ନାନୀ! ଆପଣ କେମିତି!।"

-ଭାଇ ମୋର ଆସିଥିଲା। ସାଲେପୁରରୁ ଭଲ ରସଗୋଲା ବହୁତ ଗୁଡିଏ ଆଣିଥିଲା। ଟିକେ ତୁମମାନଙ୍କୁ ଦେବାପାଇଁ ମନ କରି ଆସିଗଲି। ପ୍ରଥମ ଥର ଦେଖିଲି ସାହୁବାବୁ ତିନିମାସର ଝିଅକୁ ଧରି ଖୁସିରେ ଖେଳୁଛନ୍ତି। ଅଜବ ପରିବର୍ତ୍ତନ। ତାଙ୍କ ଚେହେରା ବଦଳି ଯାଇଛି।

କୋଟିନିଧି ପାଇଲା ପରି ମୁହଁରେ ଏକ ସ୍ୱଚ୍ଛ ପ୍ରସନ୍ନତା ଫୁଟି ଉଠିଛି। ଛୋଟ ପିଲାଟିଏ ପରି ଶିଶୁ ସୁଲଭ ଗୁଣ ସବୁ ଫୁଟି ଦିଶିଥିଲା। ସାମ୍ନା ଟେବୁଲ୍ ଉପରେ ଟିଭି ଲାଗିଛି। ଝିଅ କାର୍ଟୁନ୍ ସବୁ ଦେଖି ବାପା ହାତରୁ ଖାଉଛି। ଭାରି ସୁନ୍ଦର ଡଉଲ ଡାଉଲ ଝିଅଟି ହୋଇଛି।

ଆଖି ଝଲସିଲା ପରି ଡ୍ରେସଟି ପିନ୍ଧିଥାଏ। ଘରର ସବୁ ଆସବାବ ପତ୍ର ସଜଡା ହୋଇଅଛି। ଏ ଭିତରେ ଆଭା ଚାହା କରି ଆଣି ସାରିଲାଣି।

ଆଭା ମୁହଁରେ ଖୁସି ଲହଡି ଭାଙ୍ଗୁଛି। କହିଲା, "ନାନୀ ମୋ ଭାଗ୍ୟ ବଦଳାଇ ଦେଇଛି ଆମ ଝିଅ ବୈଭବି। ଦାମ୍ପତ୍ୟର ଏ ଅଲିଭା ସନ୍ତକ। ମୋ ଜୀବନ ଧନ୍ୟ ହୋଇଛି। ବାପା ହେବାର ସମ୍ମୋହନରେ ସାହୁବାବୁଙ୍କ ଠାରୁ ମଦ ନିଶାଟି ଓହ୍ଲେଇଯାଇଛି। ସବୁ ପ୍ରାପ୍ତି ଠାରୁ ଊର୍ଦ୍ଧ୍ୱରେ ଏ ପିତୃତ୍ୱ ପ୍ରାପ୍ତିର ଖୁସି। ସେ ତ ଏବେ ଅଧା ଘର କାମ ଆଗଭର ହୋଇ କରିସାରି ଅଫିସ୍ ଯାଉଛନ୍ତି। ରାତିରେ ଝିଅ ଶୋଇଲା ପରେ ଶୁଅନ୍ତି। ସକାଳୁ ତାଙ୍କୁ ଆଉ କେହି ଡାକି ଉଠାଇବାକୁ ପଡୁନି। କେଉଁଠୁ ସବୁ ଡେଉଁରିଆ, ପୀର ବାବାଙ୍କ ତାବିଜ ଆଣି ଝିଅକୁ ପିନ୍ଧାଇଛନ୍ତି। ଅଫିସରୁ ଫେରି ଶୁଖିଲା ଲଙ୍କାରେ ଛୁଆକୁ ଝାଡୁଛନ୍ତି। ଢେର୍ ସାରା ଦାମୀ ଖେଳଣା କିଣା ହୋଇଛି। ଝିଅ ପ୍ରେମରେ ବାପା ତା'ର ପୁରା ସଂଯମୀ ଭଦ୍ରଲୋକ ପାଲଟି ଯାଇଛନ୍ତି। ମତେ କହୁଛନ୍ତି ଝିଅ ମୋର ବଡ ହେଲେ ବହୁତ ପଢିବ, ମିଲିଟାରୀରେ ଯିବ ଆଉ କର୍ଣ୍ଣେଲ ସୋଫିଆ କ୍ୟୁରେସୀ ଭଳି ଦେଶ ପାଇଁ ଲଢିବ। ତା' ନାମରେ ପୋଷ୍ଟ ଅଫିସରେ ଚାଲୁଥିବା ସୁକନ୍ୟା ସମୃଦ୍ଧି ଯୋଜନାରେ ଏବେ ସଞ୍ଚୟ କରୁଛନ୍ତି। ଜେଜେମାଆ ଗୋଟେ ବଡ ସୁନା ଚେନ୍ ତା'ରି ଲାଗି କରି ଦେଇଛନ୍ତି। ନାମକରଣ ବି ସେ ନିଜେ କରିଛନ୍ତି।"


ଧୈର୍ଯ୍ୟର ମୂଲ୍ୟ କେତେ ମଧୁର ଭାବି ଆନନ୍ଦରେ ଲୁହ ଆସିଗଲା ତା' ଆଖିରେ। ଅଜାଣତେ ଦୁଃଖତ ଆସିବ ବହୁ ସମୟରେ ଜୀବନରେ। କିନ୍ତୁ ଧୈର୍ଯ୍ୟର ସହ ମୁକାବିଲା କରିବାକୁ ପଡିବ। ଏଇ ତ ଜୀବନ ଜିଇଁବାର ସାଧନ। ମୁଁ ମନକୁ ମନ କହୁଥିଲି ଗୋଟେ ବିରାଟ ବିବର୍ତ୍ତନ ବାଦର ତତ୍ତ୍ୱ ଲୁଚି ଥାଏ, ଏଇ ବାପା ଡାକ ପଛରେ। କେବେ କେବେ ଅଶାନ୍ତିର ଖୋଳପା ଆପେ ଘର ପରିବାରରୁ ଛାଡିଯାଏ ଏଇ ବିଶାଳ ଶବ୍ଦର ସ୍ପର୍ଶରେ। ଆକାଶରେ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଜହ୍ନ ମୁଣ୍ଡ ଉପରକୁ ଉଠି ସାରିଥିଲେ। ସୁଶୀତଳ ଚନ୍ଦ୍ରକିରଣ ଛାଇଯାଇଥିଲା ଅଗଣା ସାରା। ପଡୋଶୀର ପୀଡ଼ା ଲାଘବରେ ଆଶ୍ୱସ୍ତ ହୋଇ ପରମ ସନ୍ତୋଷରେ ଗେଟ୍ ଖୋଲି ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କଲି।

ବୁର୍ଲା, ସମ୍ବଲପୁର
୮୩୨୮୯୪୫୮୮୫



## ବରଷକ ପରେ ଫେରିଛି ରଜ

✷ ନିରଞ୍ଜନ ସାହୁ



ବରଷକ ପରେ ଫେରିଛି ରଜ ଲୋ
ହସୁଛି ଓଡ଼ିଶା ଭୂଇଁ
ମାଟି ଓ ମେଘର ମିଳନ ଏ ପର୍ବ
ବର୍ଷା ଦେବ ଭୂଇଁ ଛୁଇଁ ।



କୃଷିଭିତ୍ତିକ ଏ ପରବ ରଜ ଲୋ
ରଜସ୍ୱଳା ହୁଏ ମାଟି
ଫସଲ ଉତ୍ପନ୍ନ ଶକ୍ତି ଲାଭ କରେ
ବାଧାବନ୍ଧନକୁ କାଟି
ଏସନ ଫଳିବ ସୁନାର ଫସଲ
ଭାବନା ଆସଇ ଉଇଁ ।

ତାସ, ପଶା, ଦୋଳି, ବାଗୁଡ଼ି ଖେଳରେ
ରଜ ସମୟଟା କଟେ
ପୋଡ଼ପିଠା, ରଜପାନ ଖାଇବାର
ଉପଯୁକ୍ତ ବେଳ ଅଟେ
' ବନସ୍ତେ ଡାକିଲା ଗଜ ' ଗୀତ ଗାଇ
ଦୋଳିଖେଳ ଟୁଆଁଟୁଇଁ ।



ତିନିଦିନ ରଜ ମଉଜ କରିବା
ବନ୍ଧୁଘର ବୁଲି ଯିବା
' ରାମ ରାଜା ' ପୂଜା ମଣ୍ଡପ ବୁଲିକି
ସମୟକୁ କାଟୁଥିବା
ରଜରେ ମଜାର ଫାଇଦା ଉଠାନ୍ତି
ବୁଢାବୁଢ଼ୀ ଠାରୁ ଚୁଇଁ ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ
ମୋ : ୯୯୩୮୭୪୧୫୮୩

## ଏମିତି ମରଣଟେ ମୋତେ ଦିଅ ମହାବାହୁ

✷ ଲକ୍ଷ୍ମୀକାନ୍ତ ଦାସ

ଏମିତି ମରଣଟେ ମୋତେ
ଦିଅ ମହାବାହୁ
ନୂଆ ପୁଣି ସ୍ୱପ୍ନଟିଏ ଦେଖିବା ଆଗରୁ
ପୁରୁଣା ସ୍ୱପ୍ନର ସଂଘର୍ଷ ସାଥେ
ଏ ଜୀବ ଚାଲି ଯାଉ
ଏମିତି ମରଣ ମୋତେ
ଦିଅ ମହାବାହୁ...।

ମୋ ମରଣର କଥା ଶୁଣି
କିଏ ବରଂ ଖୁସି ହେଉ
ମୋ ଯିବା କଥା ଶୁଣି
କେହି ଜମା ଦୁଃଖି ନହେଉ
ମୁଁ ଗଲା ପରେ ମୋ ପଛରେ
କେହି କହୁ କିଛି ଦୁଃଖ ନାହିଁ
ହେଲେ ମୋ କୋକେଇକୁ
ମଶାଣୀକୁ ନେବା ପାଇଁ
ଦଶ କାନ୍ଧ ଊଣା ନହେଉ
ମୋତେ ଏମିତି ମରଣଟେ
ଦିଅ ମହାବାହୁ...।

ମୁଁ ଗଲା ପରେ
କେହି ଯଦି ଖୁସି ହୁଏ
ତା' ଖୁସିର ପୁଣ୍ୟ ଫଳ ମୋତେ ଦିଅ
ମୋ କର୍ମର ପାପ ଫଳେ
ସେ ସୌଭାଗ୍ୟବତୀ ହେଉ
ତା' କର୍ମର ପାପ ଫଳେ
ମୋ ଜୀବନଟା ଜୀଇଁ ଯାଉ
କେହି ଯଦି ଶୁଣେ କେବେ
ମୋ ଯିବାର ପୁରୁଣା କଥା
ସେ କଥା ସବୁ ତାର ମନେନପଡୁ
ମନେ ପଡ଼ି କେହି ଜଣେ ଦୁଃଖି ହେଲେ
ତା ଦୁଃଖ ପାଇଁ ମୋର ମରଣ ହେଉ

ମୋତେ ଏମିତି ମରଣଟେ
ଦିଅ ମହାବାହୁ...।

ମୋ କର୍ମ କା ମନରେ
ଦୁଃଖ ନ ଦେଉ
କା କର୍ମକୁ ନେଇ ମୋ ମନରେ
ହୀନ ଭାବ କେବେ ନ ଆସୁ
କା କର୍ମର ସୁଫଳେ
ଜୀବନ ମୋ ଫଳବତୀ ହେଉ
କା କର୍ମର ବିଫଳତା
ମୋ ଜୀବନକୁ ମୁକ୍ତି ଦେଉ
ମୋ କର୍ମର ସଫଳତା କାହା ପାଇଁ
ଫୁଲ ଫୁଟା ଗଛଟିଏ ହେଉ
ମୋତେ ଏମିତି ମରଣଟେ
ଦିଅ ମହାବାହୁ....।

ମୋତେ ଏମିତିକା ମରଣଟେ
ଦିଅ ମହାବାହୁ
ଜୀବନ ର ବାଟ ଚାଲୁ ଚାଲୁ
ନିଃଶ୍ୱାସ ମୋ ଚାଲି ଯାଉ
ମୋ ନିଃଶ୍ୱାସ ପଡ଼ି କାର
ଜୀବନ ନ ଯାଉ
ଆଉ କାହା ଜୀବନର
ବିଶ୍ୱାସ ହେବା ପାଇଁ
ଏ ଜୀବ ଛାଡ଼ି ଯାଉ
ମୋ ମରଣଟା କା ଜୀବନର
ସାଧନା ର ପଥ ଟିଏ ହେଉ
ମୋତେ ଏମିତି ମରଣ ଟେ
ଦିଅ ମହାବାହୁ...।

ନାହାଳ ପୁର, ବେଣୀରାମ ପୁର ,କଟକ
ମୋ -୯୪୩୯୬୧୪୬୭୭

## ବାଇ ଚଢେଇ

✷ କିରଣବାଳା ସ୍ୱାଇଁ



ବାଇ ଚଢେଇରେ ବାଇ ଚଢ଼େଇ
ଚିହ୍ନ ବର୍ଣ୍ଣ ତୋର ଦିଶଇ ନାହିଁ।
ସାଇତି ରଖିଛି ଖୁଦ ଚାଉଳ
ଆନନ୍ଦେ ଖାଇବ ହୋଇଣ ମେଳ ॥

ଯାଇଛୁ କି ବୁଲି ଦୂର ବିଦେଶ
ପାଉନାହିଁ ତୋର କିଛି ସନ୍ଦେଶ।
ଖୋଜିଖୋଜି ଗଲି ତୋହର ବସା
ନିରାଶ ହୋଇ ମୋ ଉଡିଲା ହଂସା ॥

ତାଳଗଛ ବନେ ଗୋଟିଏ ନାହିଁ
ଦିଶୁଛି କେବଳ ଟାଙ୍ଗରା ଭୂଇଁ।
ବାହୁଙ୍ଗାରେ ବସା ଦୋହଲୁଥାଏ
ବାଆ ବତାସକୁ ଭୟ ନ ଥାଏ ॥

ତାଳଗଛ ଚାହିଁ ଥାଏ ଉର୍ଦ୍ଧ୍ୱକୁ
ଅଟକାଇ ଦିଏ ବଜ୍ରପାତକୁ।
ମଣିଷ କରିଲା ତା' ବଂଶ ନାଶ
ଗଢ଼ି ଚାଲିଅଛି ନିଜ ନିବାସ ॥

ବଜ୍ରପାତ ନିତି ନିଏ ଜୀବନ
ତଥାପି ହୁଏନା ସେ ସଚେତନ।
ଆକାଶେ ଉଡୁ ଡେଣା ମେଲାଇ
ଗିରି ପରବତ ସାଗର ଡେଇଁ ॥

ଘର ଚାରିପାଖ ନର୍ଦ୍ଦମା ନାଳ
ପୋକଜୋକ ଖୁଣ୍ଟି କରୁ ନିର୍ମଳ।
ଛୋଟ ତୋ ଶରୀର ଗଢ଼ିଛି ବିହି
ପ୍ରଖର ବୁଦ୍ଧି ତୋ ମୁଣ୍ଡରେ ଦେଇ ॥

ତୋ ବସା ନିର୍ମାଣ କଳା କୌଶଳ
ଶିଖିବାକୁ ମୋର ଇଚ୍ଛା ପ୍ରବଳ।
ଫେରିବା ପଥକୁ ରହିଛି ଚାହିଁ
କେବେ ଆସିବୁରେ ବାଇ ଚଢେଇ ॥

କିରଣବାଳା ସ୍ୱାଇଁ, ଅବସରପ୍ରାପ୍ତ
ଶିକ୍ଷୟିତ୍ରୀ

## ବର୍ଷା ପଦପାତେ

✷ ଆଦ୍ୟାଶା ମହାପାତ୍ର

ବର୍ଷା ଛୁଆଁ ଧରା ପରେ ଉଲ୍ଲସିତ ପ୍ରତିଟି ପରାଣ
ବସୁନ୍ଧରା ପାଶୋରିଛି ହା ହୁତାଶ ନିଦାଘ କଷଣ,
ଆକାଶରେ ଦୃଶ୍ୟ ଏବେ ବାଦଲଙ୍କ ମୋତେ ଛୁଁ ଖେଳ
ବଦଳି ଯାଇଛି ସତେ ଏଇମାତ୍ର ମାଟିର କପାଳ ।।

ଚଉଦିଗେ ଭରା ଏବେ ସବୁଜ ଶ୍ରୀ ଅପରୂପ କାନ୍ତି
ଆହା କି ଆନନ୍ଦମୟ ଜିଜୀବିଷା ଜୀବନ ଜ୍ୟାମିତି,
ଯାଯାବର ବାଟୋଇ ମୁଁ ମିଳିଗଲା ଜୀଇଁବାର ସୂତ୍ର
ଛାତି ତଳେ ଗୁଞ୍ଜରିତ ପ୍ରୀତିସ୍ୱଦ ସଞ୍ଜୀବନୀ ମନ୍ତ୍ର ।।

ଖୁସିର ଶିଖର ଛୁଏଁ ଯେଣୁ ଲବ୍ଧ ଶ୍ରେଷ୍ଠ ଅଭିଳାଷ
ତୃଷାତୁର ଚାତକ ମୁଁ ମେଣ୍ଟିଗଲା ସାରା ଅବସୋସ,
ପରିତୃପ୍ତ ଓଠ ଧାରେ ପ୍ରସ୍ଫୁଟିତ ପ୍ରୀତି ପାରିଜାତ
ପ୍ରେମ ପ୍ରଣୟର ଋତୁ ବର୍ଷା ଗାଏ ମିଳନ ସଂଗୀତ ।।

ବର୍ଷା ପଦପାତେ ଆଜି ପ୍ରକୃତି ଯେ ଶ୍ୟାମଳ ସୁନ୍ଦର
ଦୀର୍ଘ ପ୍ରତିକ୍ଷାନ୍ତେ ଲାଗେ ବିରହିତ ପ୍ରାଣ ମୋ ବିଭୋର ।।

ନୂଆପଡା, କଟକ
ମୋ-୯୪୩୮୨୭୫୫୪୨

## ଗଉରୀ ନାନୀ

✷ ଜଗଦୀଶ ସାହୁ

ରଜ ଆସିଲା ସଜ ହୋଇଲା
ଗଉରୀ ନାନୀ
ଘରକୁ ଘର ବୁଲୁଛି ସିଏ
ଉଡ଼େଇ କାନି ।
ପାଦେ ଅଲତା ରିବନ ଫିତା
ବାନ୍ଧିଛି ଜୁଡ଼ା
ଅଣ୍ଟା ହଲେଇ ଚାଲେ ଫୁଲେଇ
ହସନ୍ତି ବୁଢ଼ା ।
ଖାଉଛି ପାନ ମିଠା ବଚନ
କହୁଛି ହସି
ଝିଅ ବୋହୁଙ୍କ ମେଳରେ ପଶି
ଗପୁଛି ବସି ।
ସାଙ୍ଗ ମେଳରେ ଦୋଳି ଖେଳରେ
ଗାଉଛି ଗୀତ
ରଜ ସୁନ୍ଦରୀ ପାଇଁ ରଜରେ
ଗଉରୀ ମିତ ।

ସଞ୍ଜପଡା, ହିନ୍ଦୋଳ
ଢେଙ୍କାନାଳ
ମୋ-୯୦୭୮୧୮୫୬୧୬

## ଆସିଛି ବରଷା

✷ ରତ୍ନକାନ୍ତି ମିଶ୍ର

ମାର୍ତ୍ତଣ୍ଡ ଗ୍ରୀଷ୍ମର ପ୍ରବାହ ପ୍ରଭାବ
କଳଙ୍କିତ ଇତିହାସ
ଆସିଛି ବରଷା ଧୋଇବାକୁ ପୁଣି
ଜାଗରିତ ଅବସୋସ ।।

ମେଘକନ୍ୟା ଲୁହ ସତେ ବର୍ଷା ହୋଇ
ଆକାଶୁ ପଡୁଛି ଝରି
ନହୁଲି ନଈରେ ପହିଲି ପ୍ଲାବନ
ସ୍ୱପ୍ନ ଦେଖେ ଅସୁମାରୀ ।।

ସାରେଗାମା ତୋଳେ ସୁନ୍ଦରୀ ପ୍ରକୃତି
ନିଘଞ୍ଚ ବନାନୀ କୋଳେ
ମୌସୁମୀ ଲେଖିଛି ପ୍ରଣୟ କବିତା
ପ୍ରୀତିରାଗ ଛନ୍ଦ ଛଳେ ।।

ଆକାଶ ଆଖିରେ ଆଖିଏ ସପନ
ଧରିଛି ମେଘୁଆ ବେଶ
ଚାତକ ଚଞ୍ଚୁରେ ଚିରୁଡାଏ ହସ
ଏଇ ଅବକାଶେ ଦୃଶ୍ୟ ।।

ଧରିତ୍ରୀ ବୁକୁରେ ଭବ୍ୟ ସମାରୋହ
ସବୁଜ ଚାନ୍ଦୁଆ ତଳେ
ଭରା ସରୋବରେ ଆନନ୍ଦ ବିଭୋର
ଶୁଭ୍ର କାନ୍ତି କଇଁ ଖେଳେ ।।

ପାଣିର ପାଉଁଜି ପିନ୍ଧିଛି ବରଷା
ନାଚେ ଥେଇ ସାରା ରାତି
ଅଭ୍ୟାଗତ ସ୍ମୃତି ମନ ଅଳିନ୍ଦରେ
ବସିଛି ଆସନ ପାତି ।।

ବରଷା ବିଳାସୀ ଓଠରେ ତ ଏବେ
ସ୍ନେହ ଅନୁରାଗ ଲେଖା
କିଏ ଭିଜୁଥାଏ ରାଗ ମହ୍ଲାରେ
ହୃଦେ ଟାଣି ପ୍ରୀତି ରେଖା ।।

ଆଳି, କେନ୍ଦ୍ରାପଡା
ମୋ-୮୨୪୯୭୯୯୯୬୧

## ସେ ପରା ମାଆ

✷ ସୁଧାଂଶୁ ଶେଖର ଦ୍ୱିବେଦୀ

ମା'!
ତୋ ଋଣର ପରିମାଣ ଏତେ ଯେ
ସହସ୍ର ଜନ୍ମ ନେଲେ ବି
ଶୁଝିବା ସମ୍ଭବ ନୁହେଁ।
ତୋ ଗର୍ଭରୁ
ମୋ ଯାତ୍ରା ଆରମ୍ଭ
ସମସ୍ତ କଷ୍ଟରୁ କାଳକ୍ରମଯାଏ
ଅକଳ୍ପନୀୟ ତୋ ପ୍ରସବ ପୀଡା
ସପ୍ତ ସାଗରର ଆୟତନଠାରୁ
ଆହୁରି ପ୍ରଲମ୍ବିତ।
ତୋ ପଣତ କାନିର ବିସ୍ତାର
ସମସ୍ତ ଗ୍ରହଠାରୁ ଅଧିକ ଗୁରୁତ୍ୱ

ଅନ୍ତରୀକ୍ଷ ଠାରୁ ଅନନ୍ତ।
ତୁ ଇଷ୍ଟ ଦେବ
ତୋ ଚରଣରେ ସ୍ୱର୍ଗ ସୁଖ
ତୋହରି ବନ୍ଦନା କରନ୍ତି
ତେତିଶ କୋଟି ଦେବତା।
ସୃଷ୍ଟିର ପଞ୍ଚତତ୍ତ୍ୱରେ
ତୁ ହିଁ ସୃଷ୍ଟ
କେବଳ ଜୀବନଦାତ୍ରୀ ନୁହେଁ
ଜୀବନ ନିର୍ମାଣ ବି ତୁ

ତୁ ପ୍ରାଣ,ତୁ ଜୀବନ
ପ୍ରେମ,କରୁଣା,ମମତା
ଅପରିମିତ ଅନନ୍ତ।

ଯେପର୍ଯ୍ୟନ୍ତ ସୃଷ୍ଟି ଅଛି
ଦେବ,ଦାନବ ଯକ୍ଷ,କିନ୍ନର
ସାଧାରଣ ମନୁଷ୍ୟ
ସମସ୍ତେ ତୋଠାରେ ଋଣୀ
କାହାରି ବି ସାମର୍ଥ୍ୟ ନାହିଁ
ତୋ ଋଣ ପରିଶୋଧ କରିପାରିବ!

ବିସି-୭୪,ସଲ୍ଟ
ଲେକ୍,କଲକତା-୬୪
ମୋ-୯୬୮୧୩୭୩୫୧୨

Printed, Published & Owned by Madhu Mohanty. Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ବିଜେପି ପାର୍ଟି ଅଫିସକୁ ନେଇ ପୂର୍ବତନ ସରପଞ୍ଚ ଆଣିଲେ ଅଭିଯୋଗ। ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଧୀନ ପାଟଳଦା ପଞ୍ଚାୟତରେ କିଛି ବର୍ଷ ପୂର୍ବେ ଦୁଗ୍ଧ ଉତ୍ପାଦନ ସମବାୟ କେନ୍ଦ୍ର ଥିବାବେଳେ କିଛି ଦିନ ହେବ ବନ୍ଦ ହୋଇଥିବାରୁ ଜରାଜୀର୍ଣ୍ଣ ଘରକୁ ମରାମତି କରି ପାଟଳଦା ପଞ୍ଚାୟତ ବିଜେପି ପାର୍ଟି ଅଫିସ କରିବାକୁ ବିଜେପି କର୍ମକର୍ତ୍ତା ପ୍ରସ୍ତୁତ ହେଉଥିବା ବେଳେ ଦୁଗ୍ଧ ସମବାୟ ଘରେ କିପରି ଭାବରେ ପାର୍ଟି ଅଫିସ କରାଯିବ ତାହାକୁ ନେଇ ଅଭିଯୋଗ ଆଣିଛନ୍ତି ପାଟଳଦା ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ବେହେରାଙ୍କ ସମେତ ଚାଷୀ। ଉକ୍ତ ଦୁଗ୍ଧ ସମବାୟ ସମିତି ଥିବା ଘରଟି ଜନବସତି ନିକଟରେ ଥିବାରୁ ପାର୍ଟି ଅଫିସ ହେବା ଅନୁଚିତ ମନେ କରିବା ସହ ଦୁଗ୍ଧ ସମବାୟ ସମିତି ଗୃହକୁ କାହିଁକି କିପରି ଭାବରେ କିଏ ଅନୁମତି ଦେଲା ଏକ ରାଜନୈତିକ ଦଳର ପାର୍ଟି କରିବାକୁ ପ୍ରଶ୍ନ କରିଛନ୍ତି ପୂର୍ବତନ ସରପଞ୍ଚ। ଏ ନେଇ ଲିଖିତ ଅଭିଯୋଗ ମଧ୍ୟ ଅସ୍ତରଙ୍ଗ ତହସିଲଦାରଙ୍କୁ ଦେଇଛନ୍ତି। ଏହାକୁ ଖଣ୍ଡନ କରି ପାଟଳଦା ପଞ୍ଚାୟତ ବିଜେପି ସଭାପତି ଅର୍ଜୁନ ମଲ୍ଲିକ କହିଛନ୍ତି ଉକ୍ତ ଘରକୁ ଜଣେ ବ୍ୟକ୍ତି ଭଡ଼ାସୂତ୍ରରେ ଦେଇଛନ୍ତି ପାର୍ଟି ଅଫିସ କରିବାକୁ। ସ୍ଥାନୀୟ ପ୍ରଶାସନ ଘଟଣା ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି।

# ବଣ୍ଡା ଘାଟି ରାସ୍ତାରେ ଭୁସ୍ଖଳନର ଆଶଙ୍କା



ମାଲକାନଗିରି, (ଭାସ୍କର ନ୍ୟୁଜ୍): ନିମ୍ନମାନର ଗଡୁଆଲବ କାମକୁ ବିରୋଧ କଲେ ଗ୍ରାମବାସୀ। ମରୁମ ଲାଗି କାଟିଲେ ପାହାଡ। ବର୍ଷା ପାଣିରେ ପାହାଡ ଧସିବା ରହିଛି ଆଶଙ୍କା। ସଠିକ ଜାଗାରେ ନକରି ନିଜ ସୁବିଧା ଜାଗାରେ ଚାଲିଛି ଗାଡୁଆଲ। ପ୍ରତିବାଦ କଲେ ମଧ୍ୟ ଶୁଣୁନି ଠିକାଦାର। ଠିକାଦାରକୁ ସହଯୋଗ କରୁଛନ୍ତି ଯନ୍ତ୍ରୀ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା, ଖଇରପୁଟ ବ୍ଲକର ବଣ୍ଡା ଘାଟି ରାସ୍ତାରେ। ମାଲକାନଗିରି ଜିଲ୍ଲାର ସନ୍ଦର୍ଯ୍ୟ ସ୍ଥାନ ହେଉଛି ବଣ୍ଡାଘାଟି। ବଣ ପାହାଡ ଘେରା ମଧ୍ୟରେ ରହିଛି ବଣ୍ଡାଘାଟି। ବଣ୍ଡାଘାଟିକୁ ଦେଖିବା ପାଇଁ ବହୁ ଦୂରଦୂରାନ୍ତରୁ ଲୋକେ ଆସିଥାନ୍ତି। ଖଇରପୁଟ ଠାରୁ ୧୨ କିଲୋମିଟର ବଣ୍ଡାଘାଟି। ଏହି ଘାଟି ରାସ୍ତାରେ ବର୍ଷା ଦିନରେ ଅନେକ ଥର ଭୁସ୍ଖଳନ ହୋଇଛି। ବର୍ଷା ପାଣିରେ ପାହାଡ ଧସି ବଡ ବଡ ପଥର ରାସ୍ତାରେ ପଡି ରାସ୍ତା ଅବରୋଧ ହୋଇଛି। ଯାତାୟାତ ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପ୍ରତିବର୍ଷ ଏଭଳି ସମସ୍ୟା ଦେଖା ଦେଉଥିବାରୁ ସରକାର ଏହାକୁ ଗୁରୁତ୍ୱ ଦେଇଛନ୍ତି। ବର୍ଷା ଦିନରେ ଯେପରିକି ଘାଟି ରାସ୍ତା ଭୁସ୍ଖଳନକୁ ରଖିବା ପାଇଁ ସରକାର ଗାଡୁଆଲ ନିର୍ମାଣ କରିବା ପାଇଁ ଟଙ୍କା ମଞ୍ଜୁରୀ କଲେ। ଟଙ୍କା ମଞ୍ଜୁରୀ ପରେ କାମ ଆରମ୍ଭ ହେଲା। କିନ୍ତୁ ଯନ୍ତ୍ରୀ ଓ ଠିକାଦାର ମିଶି ମୋନମୁଖୀ କାମ ଚଳାଇଛନ୍ତି। ପାହାଡ ଖଳି ମୁରୁମ ବାହାର କରୁଛି। ରାସ୍ତା କୋଡ଼ରୁ ପାହାଡ କାଟି ମେଟାଲ ବାହାର କରୁଛନ୍ତି। ମନଇଚ୍ଛା କାଟି ଚାଲିଛନ୍ତି। ନିଜର ସୁବିଧା ଅନୁସାରେ କାମ କରୁଛନ୍ତି। ତାହା ମଧ୍ୟ ଅତି ନିମ୍ନମାନର କାମ କରୁଛନ୍ତି। ବର୍ତ୍ତମାନ ବଣ୍ଡାଘାଟି ରାସ୍ତାରେ ଯେଉଁ ପ୍ରକାରରେ କାମ ଚାଲିଛି ବର୍ଷା ଦିନରେ ବଡ ବଡ ଗଛ ରାସ୍ତା ଉପରେ ପଡିବା ସହ ବଡ ଧରଣର ଭୁସ୍ଖଳନ ହେବାର ସମ୍ଭାବନା ରହିଛି ଏବଂ ଅନେକ ଧନ ଜୀବନ ଖେୟ କ୍ଷେତି ହେବାର ଆଶଙ୍କା ରହିଛି। ବର୍ଷା ଆରମ୍ଭ ପୂର୍ବରୁ ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେଇ କାମ ବନ୍ଦକରିବା ସହ ସଠିକ ଭାବରେ କାମ କରିବାକୁ ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ତେବେ ଜିଲ୍ଲା ପ୍ରଶାସନ ଏହା ଉପରେ ଗୁରୁତ୍ୱ ଦେଉଛନ୍ତି କି ନାହିଁ ତାହା ଦେଖିବାର ବାକି ରହିଲା।

# ଭାରସାମ୍ୟ ହରାଇ ପିକ୍‌ଅପ୍‌କୁ ଧକ୍କା ଦେଲା ଟ୍ରକ



ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ଥାନା ଅଧୀନ ୧୮ନଂ ଜାତୀୟରାଜପଥ କୈଳାଶଚନ୍ଦ୍ରପୁର କାଚଫ୍ୟାକ୍ଟ୍ରି ଛକରେ ଟ୍ରକ ଏବଂ ପିକଅପ ମଧ୍ୟରେ ଦୁର୍ଘଟଣା ଘଟି ସୁଜି ଓ ମଇଦା ବୋଝେଇ ଟ୍ରକ ରାସ୍ତା ଉପରେ ଓଲଟି ପଡ଼ିଥିବା ବେଳେ ଟ୍ରକ ଧକ୍କାରେ ପିକଅପ ଭ୍ୟାନଟି ଜଙ୍ଗଲ ଭିତରକୁ ପଶିଯାଇଛି। ସୂଚନା ମୁତାବକ ଏକ ଟ୍ରକ ଯୋଗେ ମଇଦା ଓ ସୁଜି ନେଇ ଯାଉଥିବା ସମୟରେ ଟ୍ରକର ଆଗଚକ ଫାଟି ଯାଇଥିଲା। ଫଳରେ ଭାରସାମ୍ୟ ହରାଇ ଟ୍ରକଟି ଡିଭାଇଡରକୁ ଡେଇଁ ଅନ୍ୟଏକ ପିକଅପ୍ ଭ୍ୟାନକୁ ଧକ୍କା ଦେବାପରେ ରାସ୍ତା ଉପରେ ଓଲଟି ପଡ଼ିଥିଲା। ରାସ୍ତା ଉପରେ ମଇଦା ଓ ସୁଜି ବୁରା ପଡ଼ିଥିବାର ଦେଖି ସ୍ଥାନୀୟଲୋକଙ୍କ ସମେତ ବାଇକରେ ଯାଉଥିବା ଲୋକ ମନଇଚ୍ଛା ବହିନେଇ ଯାଇଥିଲେ। ଖବରପାଇ ବେତନଟୀ ପୁଲିସ ଘଟଣା ସ୍ଥଳରେପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି। ଟ୍ରକ ଚାଳକ କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଥାନା ଅଧୀନ ଅଭୟପୁର ଗ୍ରାମର ବାବୁଲି ମଲ୍ଲିକ ଏବଂ ପିକଅପ ଚାଳକ ପଶ୍ଚିମବଙ୍ଗ ମେଦିନୀପୁର ଅଞ୍ଚଳର ରାଜୀବ ମହାପାତ୍ରଙ୍କୁ ଉଦ୍ଧାର କରି ୧୦୩୩ ଆମ୍ବୁଲାନ୍ସ ଯୋଗେ ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ବେତନଟୀ ପୋଲିସ ଘଟଣା ସ୍ଥଳରେ ପହଞ୍ଚି କ୍ରେନ ସହାୟତାରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି। ଦୁର୍ଘଟଣା ପାଇଁ ଗୋଟିଏ ପାର୍ଶ୍ୱରେ କିଛି ସମୟ ପାଇଁ ଯାତାୟାତ ବନ୍ଦ ରହିଥିଲା। ରାସ୍ତାରୁ ଟ୍ରକ ଏବଂ ମଇଦା ଓ ସୁଜି ପୁରାଗୁଡିକୁ ଉଠାଇ ନେବାପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ରଥଦାଣ୍ଡକୁ ଆଲୋକୀକରଣ ଓ ସଫା କରିବାକୁ ଦାବି

ରାଜନଗର, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ସଦର ମହକୁମାରେ ପ୍ରତିବର୍ଷ ପରି ଚଳିତବର୍ଷ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏହିପରି ପ୍ରେକ୍ଷୀରେ ରାଜନଗର ସଦର ମହକୁମାରେ ଅଧିକାଂଶ ସ୍ଥାନରେ ଷ୍ଟ୍ରୀଟ ଲାଇଟ ଓ ଡ୍ରେନ ସଫା, ନଳକୂପ ନିକଟରେ କାଦୁଅ ସଫା କରାଯାଇ ନାହିଁ। ଯାହାଫଳରେ ବିଭିନ୍ନ ରୋଗର ଶିକାର ହେଉଛନ୍ତି ଗ୍ରାମବାସୀ। ଏଥିପାଇଁ ସରପଞ୍ଚ ଗୁରୁତ୍ୱ ଦେଉନଥିବା ବେଳେ ସ୍ୱଚ୍ଛ ଭାରତ ଓ ଆଲୋକି କରଣ ନାଁ'ରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ଦୁଇ ମାସରେ ଆଲୋକି କରଣ ଅନ୍ଧାରରେ ପରିଣତ ହୋଇଯାଉଛି। ହେଲେ ରଥଯାତ୍ରାକୁ ଗୁରୁତ୍ୱ ଦେଇ ଏପର୍ଯ୍ୟନ୍ତ ରଥ ଦାଣ୍ଡରେ ଆଲୋକର ବ୍ୟବସ୍ଥା ନଥିବା ବେଳେ ସଫାସୁତୁରା ମଧ୍ୟ କରାଯାଉନାହିଁ। ଏହି ସମସ୍ୟାର ସମାଧାନ ଲାଗି ବଡଦାଣ୍ଡର ଜଗନ୍ନାଥ ପ୍ରେମି ଏକଜୁଟ ହୋଇ ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର ଓ ସମିତି ସଭ୍ୟା ସୁମିତ୍ରା ସେଠିଙ୍କୁ ରଥ ଦାଣ୍ଡକୁ ଆଲୋକି କରଣ ଓ ସଫାସୁତୁରା କରାଯିବା ପାଇଁ ବଡଦାଣ୍ଡର ଗ୍ରାମ୍ୟ କମିଟି ଅନୁରୋଧ କରିଛନ୍ତି।

# ବଦଳିଲେ ମଞ୍ଜୁରୀରୋଡ ଫାଣ୍ଡି ଭାରପ୍ରାପ୍ତ ଅଧିକାରୀ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ମଞ୍ଜୁରୀ ରୋଡ ଫାଣ୍ଡି ଭାରପ୍ରାପ୍ତ ଅଧିକାରୀ ତଥା ଫାଣ୍ଡିର ପ୍ରଥମ ସବଇନ୍ସପେକ୍ଟର ଦେବରାଜ ଜେନାଙ୍କୁ ଆଗରପଡା ଭାରପ୍ରାପ୍ତ ଅଧିକାରୀ ଭାବେ ଗତ ଶୁକ୍ରବାର ବଦଳି କରାଯାଇଛି। ଗତ ମଇ ମାସ ୧୩ ତାରିଖରେ ବଦଳି ହୋଇ ମଞ୍ଜୁରୀରୋଡ ଫାଣ୍ଡିରେ ଯୋଗ ଦେଇଥିବା ଜେନା ମାତ୍ର ଏକମାସ ମଧ୍ୟରେ ପଦଳି ହୋଇଛନ୍ତି। ଜଣେ ଦକ୍ଷ ଅଧିକାରୀ ହୋଇଥିବାରୁ ତାଙ୍କୁ ଥାନା ଭାରପ୍ରାପ୍ତ ଅଧିକାରୀ ଦାୟିତ୍ୱ ଅର୍ପଣ କରାଯାଇଛି। ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଥିବା ସବଇନ୍ସପେକ୍ଟର ବୁଦ୍ଧିରାମ ମହାନ୍ତିଙ୍କୁ ମଞ୍ଜୁରୀ ରୋଡ ଭାରପ୍ରାପ୍ତ ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ଗତ ଶୁକ୍ରବାର ପୁଲିସ ମୁଖ୍ୟାଳୟ ଆଦେଶ ସଂଖ୍ୟା ୮୨୮ଅନୁଯାୟୀ ସବ-ଇନ୍ସପେକ୍ଟର ସ୍ନିଗ୍ଧା ରଶ୍ମି ସାହୁଙ୍କୁ ଆଗରପଡା ଥାନାରୁ ପୀରହାଟ ଥାନାକୁ, ପୁଲିସ ମୁଖ୍ୟାଳୟରେ ଥିବା ସହକାରୀ ସବଇନିସପେକ୍ଟର ବିଶ୍ୱମ୍ଭର ନାୟକଙ୍କୁ ସାବରଙ୍ଗ ଥାନାକୁ, ଓ.ଏ.ପି.ଏଫ. ସୁଚିସ୍ମିତା ଜାମୁଡାଙ୍କୁ ତିହିଡି ଥାନାରୁ ପୁଲିସ ମୁଖ୍ୟାଳୟକୁ ଓ ଡିପିଓରେ ଥିବା ହାବିଲଦାର ସୁଶାନ୍ତ କୁମାର ମହାପାତ୍ରଙ୍କୁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ସହ ସଂଯୁକ୍ତ କରାଯାଇଛି।

# ଚଉଁରୀରେ ରଜ ମହୋତ୍ସବ ପାଳିତ





ତିହିଡ଼ି, (ଭାସ୍କର ନ୍ୟୁଜ୍): ଚଉଁରୀରେ ରଜବତୀ ସାଂସ୍କୃତିକ ସଂଗଠନର ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟ ଓ ସଂଗଠନର ସଦସ୍ୟ ତଥା ପୂର୍ବତନ ସରପଞ୍ଚ ଅଜୟ କୁମାର ରାଉତଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମନସ୍ମିତା ଖୁଣ୍ଟିଆ ଯୋଗ ଦେଇ ରଜ ମହୋତ୍ସବ ସଂସ୍କୃତି ଓ ପରମ୍ପରାକୁ ମନେ ପକାଇବା ସହିତ ଭାଇଚାରାର ସମ୍ପର୍କ ସୃଷ୍ଟି କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପାଳିଆ କଲେଜର ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ବିଶ୍ୱରଂଜନ ଦାସ ଯୋଗ ଦେଇ ସଂସ୍କୃତି ଓ ପରମ୍ପରାର ପର୍ବ ରଜ ସମସ୍ତଙ୍କ ମନରେ ଉଲ୍ଲାସ ଭରିଦିଏ ବୋଲି କହିଥିଲେ। ବରେଣ୍ୟ ଅତିଥି ଭାବେ ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଓ ଶିକ୍ଷାବିତ୍ ସୋମନାଥ ପାଢ଼ୀ, ସମାଜସେବୀ ପ୍ରଦୋଷ ସ୍ୱାଇଁ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ସଂଗଠନର ସମ୍ପାଦକ ରତିକାନ୍ତ ଦାସ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ରମେଶ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମହୋତ୍ସବରେ କବୟତ୍ରୀ ବିଶ୍ୱମୈତ୍ରୀ ନାୟକ ଓ ସୁରୁଚୀପ୍ରଭା ଦାସଙ୍କ ସଂଯୋଜନାରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। କବି ବାବୁରାମ ରାଉତ, ବସନ୍ତ ଦାସ, ଦେବେନ୍ଦ୍ର ମହାଳିକ, ଶଶିକାନ୍ତ ବେହେରା, ରୁବିଲତା ଦାସ, ବୈକୁଣ୍ଠନାଥ ଓଝା, ମୁକୁନ୍ଦଦେବ ନାୟକ, ମଥୁରାମୋହନ ବେହେରା, ସୁଧାରଂଜନ ମହାନ୍ତି, ଦ୍ୱାରିକାନାଥ ଦାସ, ନକୁଳ ସେନାପତି, ଅବଦୁଲ ଦୟାନ, ସାବିତ୍ରୀ ବାନାର୍ଜୀ, ଯଯାତିକେଶରୀ ଦାସ, ଶଶାଙ୍କଶେଖର ପଣ୍ଡା ପ୍ରମୁଖ ବହୁ କବି କବିତା ପାଠ କରିଥିଲେ। ଏହି ଅବସରରେ ନିତ୍ୟାନନ୍ଦ ପଟ୍ଟନାୟକଙ୍କ 'ଭାରତର ବିଜୁଳି କନ୍ୟା' ନାମକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ସଂଗଠନ ପକ୍ଷରୁ ଉମାକାନ୍ତ ଦାସ, ଗୋଲକ ପଣ୍ଡା, ସୋମାନି ଦାସ, ଶୁଭଶ୍ରୀ ଦାସ, ରୋମାନି ଦାସ, ଅପେକ୍ଷା ଦାସ, ହର୍ଷିତା ମହାନ୍ତି, ଶୁଭଲକ୍ଷ୍ମୀ ଦାସ, ସ୍ମିତିକ୍ଷା ଦାସ, ସାଇସୋହାନି ଦାସ ପ୍ରମୁଖଙ୍କ ସମେତ ଗ୍ରାମବାସୀ ରଜ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ପିଲାମାନଙ୍କ ମଧ୍ୟରେ ନୃତ୍ୟ ସହିତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଧୁମଧାମରେ ପହିଲି ରଜ ପାଳିତ

କଣାସ, (ଭାସ୍କର ନ୍ୟୁଜ୍): ଶନିବାର କଣାସ ଅଞ୍ଚଳରେ ପହିଲି ରଜରେ ଦେଖିବାକୁ ମିଳିଥିଲା ରଜର ଝଲକ। କଣାସ ବ୍ଲକର ସିରେଇ ଗ୍ରାମପଞ୍ଚାୟତର ସିରେଇ, ଦେଠିଆପଡା ଗ୍ରାମର କୁଆଁରୀ ଝିଅମାନେ ସକାଳୁ ନୂଆଡ୍ରେସ ପିନ୍ଧି, ସଜବାଜ ହୋଇ ଆଜି ରଜର ପ୍ରଥମଦିନରେ ନାଚ, ଗୀତ, ଖେଳକୁଦ ସହିତ ରଜ ଦୋଳି ଖେଳି ଦିନଟିକୁ ଉପଭୋଗ କରିଥିଲେ। ଏହା ସହ ରଜପାନ, ପୋଡପିଠା ଖାଇ ବିଭିନ୍ନପ୍ରକାର ଖେଳକୁଦରେ ଝିଅମାନେ ମାତିଥିଲେ। ପୂର୍ବପରି ଆଉ ପୁରାତନ ବୃକ୍ଷ ମାନ ନଥିବାରୁ ବଡ଼ବଡ଼ ରଜ ଦୋଳି ଦେଖିବାକୁ ମିଳୁନାହିଁ କି କୁଆଁରୀ ଝିଅ ମାନଙ୍କର ବନସ୍ତେ ଡାକିଲା ଗଜ, ଆଜିତ ପହିଲି ରଜ ଗୀତ ବାଟୋଇମାନଙ୍କୁ ଆକର୍ଷଣ କରିପାରୁନାହିଁ ପୂର୍ବରୁ ଘରେ ଘରେ ହେଉଥିବା ପୋଡପିଠା ଆଉ ମହକୁ ନାହିଁ। ଦେଠିଆପଡା ଗ୍ରାମର କୁଆଁରୀ ଝିଅମାନେ ଦିନ ତମାମ ପହିଲି ରାଜା ଉପଲକ୍ଷେ ପୁଚି, ଦଉଡି ଡିଆଁ, ଦୋଳି, ତାସ ଖେଳୁଥିବାବେଳେ ଯୁବକମାନେ କବାଡି ଏବଂ ବରିଷ୍ଠ ନାଗରିକ ମାନେ ତାସ, ପଶା ଖେଳରେ ମଜି ରହିଥିଲେ।

# ଭାରସାମ୍ୟ ହରାଇ ବୋଲେରୋ ଦୁର୍ଘଟଣାଗ୍ରସ୍ତ



ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ଥାନା ଅଧୀନ ୧୮ନଂ ଜାତୀୟ ରାଜପଥ ବଙ୍ଗଳା ଛକରେ ଏକ ଦ୍ରୁତଗାମୀ ବୋଲେରୋ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଦୁଇଜଣଙ୍କ ଅବସ୍ଥା ଅତ୍ୟନ୍ତ ଶଙ୍କଟାପନ୍ନ ଥିବାବେଳେ ଅନ୍ୟ ତିନିଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ମୁତାବକ ଚାଳକଙ୍କୁ ମିଶାଇ ମୋଟ ୫ଜଣ ଯୁବକ ଏକ ବୋଲେରୋରେ ଅତ୍ୟନ୍ତ ଦ୍ରୁତଗତିରେ ବେତନଟୀ ଅଭିମୁଖେ ଆସୁଥିଲେ। ରାସ୍ତା ଉପରକୁ ହଠାତ ଗାଇ ଦୌଡ଼ି ଆସିବାରୁ ଗାଇକୁ ବଞ୍ଚାଇବାକୁ ଯାଇ ଦ୍ରୁତଗାମୀ ବୋଲେରୋଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ମୁତାବକ ବୋଲେରୋଟି ୪ରୁ ୫ଥର ଓଲଟି ଓଲଟି ଯାଇ ରାସ୍ତା ପାର୍ଶ୍ୱସ୍ଥ ଦୋକାନରେ ପିଟିହୋଇ ଯାଇଥିଲା। ଦୁର୍ଘଟଣାରେ ବୋଲେରୋ ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଥିବା ବେଳେ ବୋଲେରୋ ଭିତରେ ଦୁଇଜଣ ଚାପିହୋଇ ରହିଯାଇଥିଲେ। ସଙ୍ଗେସଙ୍ଗେ ବେତନଟୀ ପୁଲିସ ଏବଂ ଅଗ୍ନିଶମ ବାହିନୀ ଦୁର୍ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲେ। ଜେସିବି ସାହାଯ୍ୟରେ ବୋଲେରୋକୁ ଉଠାଇବା ପରେ ଭିତରେ ଚାପିହୋଇ ରହିଥିବା ଗୁରୁତରଙ୍କୁ ଉଦ୍ଧାର କରାଯାଇଥିଲା। ବୋଲେରୋ ଭିତରେ ବୈଶିଙ୍ଗା ଥାନା ଅଧୀନ କଳମା ଗ୍ରାମର ଆଶିଷ ପ୍ରଧାନ ଏବଂ ବିଶ୍ୱଜିତ ମହାପାତ୍ରଙ୍କ ସମେତ ଉତ୍ତରପ୍ରଦେଶ ବୃନ୍ଦାବନ ଅଞ୍ଚଳର ଜଗଦୀଶ କୁମାର ଏବଂ ସେହି ଉତ୍ତରପ୍ରଦେଶ ହଥରାସ ଅଞ୍ଚଳର ଦୁଇଜଣ ସମ୍ପର୍କୀୟ ଭାଇ ନୀତିନ ଗିରି ଏବଂ ପ୍ରଶାନ୍ତ ଗିରି ଥିଲେ। ଦୁର୍ଘଟଣାରେ ଆଶିଷ ପ୍ରଧାନ ଏବଂ ବିଶ୍ୱଜିତ ମହାପାତ୍ରଙ୍କର ଅବସ୍ଥା ଅତ୍ୟନ୍ତ ଶଙ୍କଟାପନ୍ନ ଥିବାବେଳେ ବେତନଟୀ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ଆଶିଷ ପ୍ରଧାନ ଏବଂ ବିଶ୍ୱଜିତ ମହାପାତ୍ରଙ୍କୁ କଟକ ବଡଡାକ୍ତରଖାନା ସ୍ଥାନାନ୍ତର ନିମନ୍ତେ ସ୍ଥାନନ୍ତରିତ କରାଯାଇଛି। ଏପଟେ ଦୁର୍ଘଟଣାଗ୍ରସ୍ତ ବୋଲେରୋକୁ ଜବତକରି ଥାନାକୁ ଆଣିବା ସହିତ ଅଧିକ ତଦନ୍ତ ଆରମ୍ଭ କରିଛି ବେତନଟୀ ପୋଲିସ। ବାଲେଶ୍ୱର ଜିଲ୍ଲା ହଳଦୀପଦା ଅଞ୍ଚଳରେ ଚାଲିଥିବା ଗ୍ୟାସ ପାଇପଲାଇନ କାମରେ ସମସ୍ତେ କାମ କରୁଥିବା ବେଳେ କୌଣସି କାମରେ ବାରିପଦା ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

# ସାର ଟ୍ରକ୍‌ରୁ ଶ୍ରମିକଙ୍କ ମୃତଦେହ ଉଦ୍ଧାର

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକଣ୍ଠ ଅଞ୍ଚଳରେ ଏକ ସାର ବୋଝେଇ ଟ୍ରକ ଭିତରୁ ଶ୍ରମିକଙ୍କ ମୃତ ଦେହ ଉଦ୍ଧାର ହେବା ସହ ଘଟଣା ସ୍ଥଳରୁ ଗାଡି ଚାଳକ ଫେରାର ହୋଇଯାଇଛି। ଖବର ମୁତାବକ ଶନିବାର ସନ୍ଧ୍ୟା ସମୟରେ ଏକ ସାର ବୋଝେଇ ଟ୍ରକ ଜଟଣୀରୁ ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ନଈଗୁଆଁ ପଞ୍ଚାୟତ ଖଣ୍ଡାସାହି ନିକଟରେ ଶ୍ରମିକ ୩ ଜଣଙ୍କ ମଧ୍ୟରେ ଖଣ୍ଡାସାହି ଗ୍ରାମର ଭଗବାନ ଦାସ, ବେଣୀପୁର ଗ୍ରାମର ଦୀପକ କାଣ୍ଡି, ମିଟୁ ଦାସଙ୍କ ଦ୍ୱାରା ୧୬୦ବସ୍ତା ସାର ଟ୍ରକରୁ କଢ଼ାଯାଇଥିଲା। ପରେ ଉକ୍ତ ଟ୍ରକ ଅବଶିଷ୍ଟ କିଛି ବସ୍ତା ସାର କାଢ଼ିବାକୁ ଶ୍ରମିକ ଜଣେ ଟ୍ରକ ଆଗରେ ବସିଥିବା ବେଳେ ଜଣେ ଶ୍ରମିକ ଟ୍ରକ ପଛରେ ବସିଥିଲେ, ଅନ୍ୟ ଜଣେ ବାଇକିରେ ଆସିଥିଲେ। କିନ୍ତୁ ଉକ୍ତ ଟ୍ରକ୍‌ଟି କାହାଳ ଗାଁ'ରେ ପହଂଚି ସାର କାଢ଼ିବା ସମୟରେ ତା ମଧ୍ୟରୁ ଶ୍ରମିକ ମିଟୁ ଦାସଙ୍କ ମୃତଦେହ ମିଳିଥିଲା। ଖବର ପାଇ କାକଟପୁର ଥାନା ଅଧିକାରୀ ଉମେଶ କୁମାର ସାହୁ ଓ ଅନ୍ୟ ପୋଲିସ କର୍ମଚାରୀ ଘଟଣା ସ୍ଥଳରେ ପହଂଚିବା ବେଳକୁ ଉକ୍ତ ଟ୍ରକର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଟ୍ରକ ମାଲିକକୁ କାକଟପୁର ପୋଲିସ ଅଟକ ରଖିଛି। ଅନ୍ୟପଟେ ଯାହା ସୂଚନା ମିଳିଛି ମୃତ ଶ୍ରମିକ ଜଣକ ଅସ୍ତରଙ୍ଗ ବ୍ଲକ ନଈଗୁଆଁ ପଞ୍ଚାୟତ ବେଣୀପୁର ଗ୍ରାମର ମିଟୁ ଦାସ ବୋଲି ଅନ୍ୟ ଶ୍ରମିକ ସୂଚନା ଦେଇଛନ୍ତି। ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛନ୍ତି।

# କେନାଲ ବନ୍ଧ ପାଲଟିଛି ମରଣଯନ୍ତା, ଲୋକେ ହିନସ୍ତା



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ତଥା ଛତା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ଥିବା ୯ନମ୍ବର କେନାଲ ବନ୍ଧ ରାସ୍ତା ମରଣଯନ୍ତା ପାଲଟିଥିବାର ଅଭିଯୋଗ ହୋଇଛି। ଏହି ରାସ୍ତାକୁ ମରାମତି କରାଯିବା ଦିଗରେ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏହି ରାସ୍ତା ମରାମତି କରାଯିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳ ଦେଇ ୯ନମ୍ବର କେନାଲ ଯାଇଅଛି। ଏହି କେନାଲ ବନ୍ଧର ବାମ ପାର୍ଶ୍ୱ ରାସ୍ତା ଶୋଚନୀୟ ହୋଇପଡିଛି। ଏହି ରାସ୍ତାର ବାଲିଆପଦା ଠାରୁ ସୁକରପଡା ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତାରେ ପରିଣତ ହୋଇଛି। ଏହି ରାସ୍ତାର ରକ୍ଷଣା ବେକ୍ଷଣା ଦାୟୀତ୍ୱ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଦାୟିତ୍ୱରେ ରହିଛି। ଏହି ରାସ୍ତାଟି ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କର ଏକ ରକମ ଲେଉଟିଆ କିଆରିରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ନିମ୍ନମାନର କାର୍ଯ୍ୟ ହେତୁ ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ଏହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡୁ ଥିବାର ଅଭିଯୋଗ ହୋଇଛି। ଏହି ରାସ୍ତାର ବହୁ ସ୍ଥାନରେ ଗୋଡି ଓ ମେଂଟାଲ ଉଠି ଯାଇ ବିକ୍ଷୀପ୍ତ ଭାବେ ପଡି ରହିଥିବାର ଦେଖିବାକୁ ମିଳିଛି। ସେହିପରି ଭାବେ ରାସ୍ତାର ବହୁ ସ୍ଥାନରେ ବିରାଟ ବିରାଟ ଗାତ ସୃଷ୍ଟି ହୋଇଛି। ଏପରିକି ବହୁ ସ୍ଥାନରେ ରାସ୍ତାଟି ଦବି ଯାଇଥିବାର ଦେଖିବାକୁ ମିଳିଛି। ଟିକିଏ ବର୍ଷା ହେଲେ ଏହି ଗାତରେ ପାଣି ଜମି ରହୁଛି। ଫଳରେ ଗମନା ଗମନ ବେଳେ ବାରମ୍ବାର ଛୋଟବଡ ଦୁର୍ଘଟଣା ଘଟୁଥିବାର ଅଭିଯୋଗ ହୋଇଛି। ରାସ୍ତାର ଶୋଚନୀୟ ଅବସ୍ଥା ହେତୁ ଜରୁରୀ କାଳୀନ ପରିସ୍ଥିତିରେ ସ୍ଥାନୀୟ ଗ୍ରାମ ଗୁଡିକୁ ଦମକଳ ଗାଡି କିମ୍ବା ଆମ୍ବୁଲାନ୍ସ ଯାଇ ଆସିପାରୁନଥିବାର ଅଭିଯୋଗ ହୋଇଛି। ଫଳରେ ଉପଯୁକ୍ତ ଚିକିତ୍ସା ପାଇନପାରି ବହୁ ଗର୍ଭବତୀ, ପ୍ରସୂତି ମହିଳା, ରୋଗାଗ୍ରସ୍ତ ବୃଦ୍ଧ ବୃଦ୍ଧା ସର୍ବୋପରି କୋମଳମତି ଶିଶୁମାନେ ଅକାଳରେ ମୃତ୍ୟୁବରଣ କରୁଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହି ରାସ୍ତାକୁ ମରାମତି କରାଯିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି। ନଚେତ ଆଗାମୀ ଦିନରେ ସ୍ଥାନୀୟ ଲୋକେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ପଛାଇବେ ନାହିଁ ବୋଲି ଚରମ ଚେତାବନୀ ଦେଇଛନ୍ତି।

# ରଜ ମହୋତ୍ସବ ପାଳିତ



କଣ୍ଟାପଡା, (ଭାସ୍କର ନ୍ୟୁଜ୍): କଣ୍ଟାପଡାର ବିଭିନ୍ନ ଜାଗାରେ ରଜ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଘରେ ଘରେ ପିଠାପଣାକୁ ଦୋଳିର ପସରା ମେଳିଛି। ଉକ୍ତ ବ୍ଲକ ଅଧିନସ୍ତ ବାଗଲପୁର ସୁନ୍ଦର ଗ୍ରାମରେ ରଜ ମହୋତ୍ସବ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପୂର୍ବତନ ବିଧାୟକ ପ୍ରଫେସର ଡ. ପ୍ରମୋଦ କୁମାର ମଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ଅନ୍ୟ ଅତିଥି ଭାବେ ବିଜୁ ଜନତା ଦଳର ସାଂସଦ ସୁଲତା ଦେଓ ଯୋଗ ଦେଇଥିଲେ। ସେହିଭଳି କଣ୍ଟାପଡା ବ୍ଲକ ବଡ଼ବିଲରେ ରଜ ମହୋତ୍ସବ ଉଦଘାଟନ ହୋଇଯାଇଛି। ଏହି ମହୋତ୍ସବକୁ ସାଧୁ ଚରଣ ରାଉତ ରାୟ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୋଡ଼ ପିଠା ପ୍ରତିଯୋଗିତା, ହୁଳହୁଳି, ମୁରୁଜ ପ୍ରତିଯୋଗିତା କରାଯିବ ସହ ସାନ୍ଧ୍ୟରେ ରକ୍ତଦାନ ଶିବିର ଅନୁଷ୍ଠାନ ହୋଇଯାଇଛି। ବଡ଼ବିଲ ସମେତ ଆଖପାଖ ଅଞ୍ଚଳରେ ପ୍ରବଳ ଜନ ସମାଗମ ହୋଇଛି। ଦୋଳି, ପିଠା ଆଦି ପ୍ରତି ଯୋଗିତା ହୋଇଥିଲା। ସରପଞ୍ଚ ସଞ୍ଜୟ ରାଉତରାୟ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ। ସେହିଭଳି କଣ୍ଟାପଡାର ବିଭିନ୍ନ ପଞ୍ଚାୟତରେ ରଜ ମହୋତ୍ସବ ଧୁମଧାମରେ ଅନୁଷ୍ଠିତ ହୋଇଛି।

# ବିପୁଳ ପରିମାଣର ଚୋରା ମଦ ଜବତ

ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଥାନା ନିରୀକ୍ଷକ ରବୀନ୍ଦ୍ର କୁମାର ଭୁଜବଳଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯିବା ପରେ ଟାଙ୍ଗୀ ନିକଟସ୍ଥ କୁହୁଡ଼ି ଗ୍ରାମର ରେଳ ଷ୍ଟେସନ ନିକଟରେ ଥିବା ପ୍ରତ୍ୟୁଷ ନାୟକ ଙ୍କୁ ଘରୁ ବିପୁଳ ପରିମାଣର ଚୋରା ମଦ ଜବତ କରାଯାଇଛି। ଦୀର୍ଘଦିନ ଧରି ଲୁଚାଛପା ଭାବେ ପ୍ରତ୍ୟୁଷ ନାୟକ ନିଜ ଘରେ ଚୋରା ମଦ କାରବାର କରି ଆସୁଥିଲେ, ମାତ୍ର ଶନିବାର ଧରାପଡିଛନ୍ତି ବୋଲି ଟାଙ୍ଗୀ ଥାନା ନିରୀକ୍ଷକ ରବୀନ୍ଦ୍ର କୁମାର ଭୁଜବଳ ସୂଚନା ଦେଇଛନ୍ତି।

# ଆଦିବାସୀ ସଂସ୍କୃତିରେ ରଜପର୍ବ ନିଆରା

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାର ଗଣପର୍ବ ରଜପର୍ବ ଶନିବାରଠାରୁ ଆରମ୍ଭ ହେଉଥିବାବେଳେ ବହୁ ସ୍ଥାନରେ ଏହା ଜାକଜମକରେ ପାଳିତ ହେବା ପାଇଁ ପ୍ରସ୍ତୁତି ଶେଷ ହୋଇଛି। ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ସୀତାବିଞ୍ଜି, ବୀଣାଝରି, ଉପରଡିହା, ବିସ୍ତାପାଳ, ହର୍ଷପୁର, ପୁଟୁଳିଆ, ଟଭାସରୁଆ ସମେତ ଅନେକ ସ୍ଥାନରେ ଏହି ରଜ ପର୍ବ ପାଳନ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପିଠାପଣା,ନୂତନ ବସ୍ତ୍ର ଓ ଦୋଳିରେ ସମସ୍ତ ଲୋକ ମସଗୁଲ୍ ରହିଥିବାବେଳେ ଯୁବକଯୁବତୀମାନଙ୍କ ପାଇଁ ଏହି ପର୍ବ ଅନେକ ଉତ୍ସାହ ଯୋଗାଇଛି। ଗ୍ରାମାଞ୍ଚଳ ସମେତ ସହରାଞ୍ଚଳର ଅନେକ ସ୍ଥାନରେ ତାସ୍ ଖେଳ ପ୍ରତିଯୋଗୀତା,କବାଡି ପ୍ରତିଯୋଗୀତା, ଦୋଳିଗୀତ ପ୍ରତିଯୋଗୀତା, ଡ୍ୟାନ୍ସଡ୍ୟାନ୍ସ ସାଙ୍ଗକୁ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଉଛି। ବିଶେଷ କରି ଆଦିବାସୀ ଭାଇଭଉଣୀମାନଙ୍କ ପାଇଁ ଏହି ରଜପର୍ବ ଉତ୍ସାହ ଉଦ୍ଦିପନା ଯୋଗାଇ ଦେଇଛି। କେନ୍ଦୁଝରରେ ବସବାସ କରି ଆସୁଥିବା ପ୍ରାଚୀନ ଆଦିବାସୀମାନଙ୍କର ଅନ୍ୟତମ ମୁଖ୍ୟ ପର୍ବ ଭାବରେ ରଜପର୍ବର ମହକ ବେଶ ମିଠା। ଜଙ୍ଗଲ ଅଞ୍ଚଳରେ ବସବାସ କରୁଥିବା ଯୁବକ ଯୁବତୀ(ଧାଙ୍ଗଡ ଧାଙ୍ଗିଡି) ମାନେ ପରସ୍ପର ମଧ୍ୟରେ ଗୀତ ପ୍ରତିଯୋଗିତା କରି ଖିଲିପାନ ଯଚାଯଚି ହେବା ରଜପର୍ବର ଏକ ଦିଗ ହୋଇଥିବାବେଳେ ଆଦିବାସୀ ବୟସ୍କ ବ୍ୟକ୍ତିମାନେ ଆଗାମୀ ବର୍ଷ ଚାଷକାର୍ଯ୍ୟ ସୂଚାରୁରୂପେ ଆରମ୍ଭ କରିବା ପାଇଁ ଗ୍ରାମର ମଣ୍ଡଘରେ ଶୁଭ ମନାଶୁଥିବା ପରିଲକ୍ଷିତ ହୋଇଥାଏ। ପ୍ରତ୍ୟେକ ଗାଁ'ର ମଧ୍ୟ ଭାଗରେ ଖାଇ ଦୋଳି, ଡଙ୍ଗା ଦୋଳି, ଚକ୍ରି ଦୋଳି ପାଇଁ ବହୁ ପୂର୍ବରୁ କାଠ ସଂଗ୍ରହ କରାଯାଇ ରଜର ପୂର୍ବଦିନରୁ ଦୋଳି ସଜ ସରିଥାଏ। ପାରମ୍ପରିକ ଆଦିବାସୀ କଳା ଓ ଆଦିବାସୀ ସଂସ୍କୃତିରେ ଅପସଂସ୍କୃତି ପୁରାତନ ଜିନିଷକୁ ମଳିନ କରିବାକୁ ସତତଃ ଚେଷ୍ଟିତ ରହୁଥିବା ଉପଲବ୍ଧି କରାଯାଉଛି, ତେବେବି ଆଦିବାସୀ ସଂସ୍କୃତିରେ ରଜପର୍ବ ସମ୍ପୂର୍ଣ୍ଣ ନିଆରା। କେନ୍ଦୁଝରରେ ପାଣିବୁହାଠାରୁ ରଜ ବାଟେଇବା ଯାଏ ବିଭିନ୍ନ ସ୍ଥାନରେ ଚାରି ଦିନରୁ ପାଞ୍ଚଦିନ ପର୍ଯ୍ୟନ୍ତ ରଜ ମହୋତ୍ସବ ପାଳିତ ହୋଇଥାଏ। ଆଦିବାସୀ ଅଞ୍ଚଳରେ ଏକ ନିଆରା ପରମ୍ପରା ରଜରେ ଦେଖିବାକୁ ମିଳେ। ଜଳବଙ୍ଗ ଗ୍ରାମରେ ରଜବତୀଙ୍କ ପୂଜାର ପରମ୍ପରା ଦେଖିବାକୁ ମିଳିଥାଏ। ଅନେକ ସ୍ଥାନରେ ଦୋଳି ପାଖରେ ରଜବତୀଙ୍କ ପୂଜା କରାଯାଇଥାଏ। ଜିଲ୍ଲାର ଐତିହାସିକ ପୀଠ ସିତାବିଞ୍ଜି,ସଦର ବ୍ଲକର ପୁଟୁଳିଆ ଆଦି ସ୍ଥାନରେ ରଜପର୍ବ ଜାକଜମକରେ ପାଳିତ ହୋଇଥାଏ। ଗ୍ରାମର ପୂଜାରୀ ଦୋଳି ପାଖଶାଳାରେ ମୂର୍ତ୍ତି ସ୍ଥାପନ କରି ପୂଜାପାଠ କରନ୍ତି। ମଝି ରଜ ଦିନ ରଜବତୀଙ୍କୁ କନିଆ ବେଶରେ ସଜାଇ ଗ୍ରାମ ପରିକ୍ରମା କରିଥାନ୍ତି ମହିଳା ଓ ଯୁବତୀମାନେ ଏବଂ ସେମାନଙ୍କ କନିଆ ମଙ୍ଗୁଳା କରିଥାନ୍ତି। ତା'ପରେ ବ୍ରାହ୍ମଣ ଆସି ପୂଜାପାଠ କରନ୍ତି। ବ୍ରାହ୍ମଣ ରଜବତୀଙ୍କ ବାହାଘର କରନ୍ତି। ଉକ୍ତ ସମୟରେ ମହିଳାମାନେ ନାଚଗୀତ କରିଥାନ୍ତି। ଝିଅ ବାହାଘର ପରି ବାହାଘରର ସମ୍ପନ୍ନ ହୋଇଥାଏ। ରାତିସାରା ମହିଳାମାନେ ଶାଳରେ କନିଆ ଜଗିଥାନ୍ତି। ରାତି ତମାମ ଦୋଳି ଖେଳ,ନାଚ ଓ ଗୀତରେ କଟାଇଥାନ୍ତି। ଶେଷ ରଜଦିନ ମଧ୍ୟ ଉତ୍ସବ ସକାଳୁ ଚାଲିଥାଏ। ହେଲେ ମହିଳାମାନେ ଠାକୁରାଣୀ ରଜବତୀଙ୍କୁ ପଟୁଆରାରେ ଗ୍ରାମ ଶେଷ ମୁଣ୍ଡରେ ଥିବା ପୋଖରୀକୁ ନେଇ ବିସର୍ଜନ କରିଥାନ୍ତି। ଏହାକୁ ରଜ ବାଟେଇବା କୁହାଯାଏ। ଲୋକଙ୍କ ମଧ୍ୟରେ ସହରୀ ସଭ୍ୟତା ପ୍ରବେଶ ପ୍ରବେଶ ଯୋଗୁଁ ଆଦୀବାସିମାନଙ୍କର ନିଆରା ସଂସ୍କୃତି ଲୋପ ପାଇବାକୁ ବସିଲାଣି। କେନ୍ଦୁଝର ଜିଲ୍ଲାର ଆଦିବାସୀ ସଂସ୍କୃତିରେ ରଜ ଏକ ନିଆରା ପର୍ବ ହୋଇଥିବାବେଳେ ଶିଶୁଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ଓ ମହିଳାଠାରୁ ଆରମ୍ଭ କରି ଯୁବକ ପର୍ଯ୍ୟନ୍ତ ଅତି ଆଗ୍ରହ ସହକାରେ ପାଳନ କରିଥାନ୍ତି।

# ସାହିତ୍ୟ ସଂସ୍କୃତି ବିକାଶ ପରିଷଦର ବାର୍ଷିକ ଉତ୍ସବ




ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ବିନ୍ଧାସ୍ଥିତ ସାହିତ୍ୟ ସଂସ୍କୃତି ବିକାଶ ପରିଷଦର ଦଶମ ବାର୍ଷିକୋତ୍ସବ ବିନ୍ଧାବଜାର ଠାରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିଷଦର ସଭାପତି କବି ପି. ହୃଷିକେଶଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବକୁ ମୁଖ୍ୟ ଅତିଥି ବରିଷ୍ଠ ଶିକ୍ଷାବିତ ନିରଞ୍ଜନ ନାୟକ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଡକ୍ଟର ଗୋଲକ ବିହାରୀ ସାହୁ ଯୋଗଦେଇ ସାଂପ୍ରତିକ ସାହିତ୍ୟ ସମାଜ ପରିବର୍ତ୍ତନର ବାର୍ତ୍ତାବହ ବୋଲି ମତବ୍ୟକ୍ତ କରିଥିଲେ। ପରିଷଦର ସମ୍ପାଦକ ମଥୁରାମୋହନ ବେହେରା ବିବରଣୀ ପାଠ କରିଥିବା ବେଳେ ସାହିତ୍ୟିକ ଡ. ଅରୁଣା କୁମାର ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବି ଆଶୁତୋଷ କରଣ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କବି ବିଶ୍ୱମୈତ୍ରୀ ନାୟକ, ରଂଜୁଲତା ଗାହାଣ, ବିପ୍ଳବ ରଂଜନ ପତି, ବିଭୂତି ଭୂଷଣ ସେନାପତି, ହରେକୃଷ୍ଣ ମହାକୁଡ଼, ଶୀତଳ କୁମାର ବେହେରା, ସୁବାସ ଦାସ, କିଶୋର କୁମାର ନାୟକ, ମୁକୁନ୍ଦଦେବ ନାୟକ, ରମେଶ ଦାସ, ବୈକୁଣ୍ଠ ଓଝା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କବି ମୁକୁନ୍ଦଦେବ ନାୟକ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଅହମଦାବାଦ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯାତ୍ରୀମାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ କଣ୍ଠଶିଳ୍ପୀ ପଞ୍ଚାନନ ଦତ୍ତ ଏବଂ ସତ୍ୟମୋହନ ବେହେରା ଏବଂ ସାଥୀମାନେ ଭକ୍ତି ସଂଗୀତ ପରିବେଷଣ କରିଥିଲେ।

# ଭୂମିହୀନଙ୍କୁ ପଟ୍ଟା ବଣ୍ଟନ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଓଡ଼ିଶାରେ ଭାରତୀୟ ଜନତା ପାର୍ଟିର ଏକବର୍ଷ ଶାସନ ପୂର୍ତ୍ତି ଅବସରରେ 'ବର୍ଷେ ଏକ ଉପଲବ୍ଧି ଅନେକ' ଏହି ଥିମ୍‌କୁ ନେଇ ମାଲକାନଗିରି ବ୍ଲକ୍ ଅର୍ନ୍ତଗତ ଚାଲାଣଗୁଡ଼ା ପଞ୍ଚାୟତରେ ଭୂମିହୀନ ହିତାଧିକାରୀମାନଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବା ପାଇଁ ଗୋଟିଏ ବିଶେଷ ଅନୁଷ୍ଠାନର ଆୟୋଜନ କରାଯାଇଥିଲା। ଉକ୍ତ ଅନୁଷ୍ଠାନରେ ବିଜେପି କ୍ଷମତାକୁ ଆସିବା ପରେ ଓଡ଼ିଶାରେ ଆରମ୍ଭ କରାଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ପୋଷ୍ଟର, ବ୍ୟାନର ଓ ଏଲଇଡି ସ୍କ୍ରିନ୍ ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଏହା ପରେ ଚାଲାଣଗୁଡ଼ା ସରପଞ୍ଚ ଅରକ୍ଷିତ ନାୟକ, ମାଲକାନଗିରି ବ୍ଲକର ଅତିରିକ୍ତ ବିଡିଓ କଶମଶ ତିର୍କୀ, ବ୍ଲକ ଉନ୍ନୟନ ଅଧିକାରୀ ସସ୍ମିତା ମାଝୀ ଏବଂ ମାଲକାନଗିରି ତହସିଲର ଜଙ୍ଗଲ ଜମି କୋଅର୍ଡିନେଟର ସୌରଭ କୀର୍ତ୍ତନିୟାଙ୍କ ଦ୍ୱାରା ଚାଲାଣ ଗୁଡ଼ା ଓ ତଣ୍ଡିକି ପଞ୍ଚାୟତର ତିରିଶ ଜଣ ଭୂମିହୀନ ହିତାଧିକାରୀମାନଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଥିଲା।

## ବିକାଶ ମେଳାରେ ଯୋଗଦେଲେ ଶ୍ରମମନ୍ତ୍ରୀ



ଭବାନୀପାଟଣା,(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ନୂତନ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଜନକଲ୍ୟାଣ ଯୋଜନା ଗୁଡିକ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ନିମନ୍ତେ ରାଜ୍ୟ ବ୍ୟାପୀ ଚଳିତ ଜୁନ ୧୨ ତାରିଖରୁ ଜୁନ ୨୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସାଧାରଣ ସଭା ଠାରୁ ଆରମ୍ଭ କରି ପ୍ରଦର୍ଶନୀ, ଆଲୋଚନା ଚକ୍ର, ବିଭିନ୍ନ ବିଭାଗ ଦ୍ୱାରା ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ସହାୟତା ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅନ୍ତୋଦୟ ଯୋଜନା, କାର୍ଯ୍ୟାଦେଶ ପ୍ରଦାନ, ନୂତନ ରାସନ୍ କାର୍ଡ, ନିର୍ମାଣ ଶ୍ରମିକ କାର୍ଡ ପ୍ରଦାନ ଇତ୍ୟାଦି ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଜନସାଧାରଣଙ୍କୁ ସରକାରଙ୍କ ଅଗ୍ରଗତି ସମ୍ପର୍କରେ ସୂଚନା ଦିଆଯିବା ବ୍ୟବସ୍ଥା ପାଇଁ ଆୟୋଜନ କରାଯାଇଛି। ଶୁକ୍ରବାର ଦିନ କଳାହାଣ୍ଡି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକାଶ ମେଳାର ଦ୍ୱିତୀୟ ଦିବସର ମୁଖ୍ୟଅତିଥି ଭାବେ ଗଣେଶ ରାମ ସିଂଖୁଣ୍ଟିଆ, ମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଯୋଗଦେଇ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ନୂଆ ସରକାର କଥା ଦେଇ କଥା ରଖି ରାଜ୍ୟର ଜନସାଧାରଣଙ୍କ ହିତ ଉଦ୍ଦେଶ୍ୟରେ କାର୍ଯ୍ୟକାରୀ କରିଥିବା ଓ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ବିକାଶମୁଖୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କଳାହାଣ୍ଡି ଜିଲ୍ଲାର ପ୍ରଭାରୀ ଦାୟିତ୍ୱ ତୁଲାଉ ଥିବାରୁ ଜିଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ନିମନ୍ତେ ଆବଶ୍ୟକ ସମସ୍ତ ପଦେକ୍ଷପ ସରକାରଙ୍କ ତରଫରୁ ନିଆଯିବ ଓ ଏଥିପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି ମାନ୍ୟବର ମନ୍ତ୍ରୀ ଦର୍ଶାଇଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ ) ରେ ଦୁଇଜଣଙ୍କୁ ଗୃହ ନିର୍ମାଣ ନିମନ୍ତେ ପ୍ରତ୍ୟେକଙ୍କୁ ୨ଲକ୍ଷ ୫୦ ହଜାର ଟଙ୍କାର କାର୍ଯ୍ୟାଦେଶ ମନ୍ତ୍ରୀ ଶ୍ରୀ ସିଂ ଖୁଣ୍ଟିଆ ପ୍ରଦାନ କରିଥିଲେ। ସେହିପରି ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପାଞ୍ଚଜଣ ଅନୁକମ୍ପା ଉପଭୋକ୍ତାଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଦୁଇ ଜଣ ଶିଳ୍ପ ଉଦ୍ୟୋଗୀ ମଧୁ ଅଗ୍ରୱାଲ, ଏମ୍ ରାମପୁର ଏବଂ ମନମୋହନ କରଙ୍କୁ ଏମ୍‌ଏସ୍‌ଏମ୍‌ଇ ନୀତି ୨୦୨୫ ଅନୁଯାୟୀ ୧୫ ଲକ୍ଷ ୮୨ ହଜାର ୭୦୦ ଟଙ୍କା ଓ ୬,୧୫,୮୫୫ ଟଙ୍କାର ଅନୁଦାନ ରାଶିର ଚେକ୍ ମନ୍ତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ନିର୍ମାଣ ଶ୍ରମିକ ସହାୟତା ରାଶି, ଆୟୁଷ୍ମାନ କାର୍ଡ, ବୟୋ ବନ୍ଦନା କାର୍ଡ ଅନ୍ତୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ଇତ୍ୟାଦି ମୁଖ୍ୟଅତିଥି ମନ୍ତ୍ରୀଙ୍କ ଦ୍ୱାରା ପ୍ରଦାନ ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଇଥିଲା। ସାଧାରଣ ସଭା ଓ ହିତାଧିକାରୀମାନଙ୍କୁ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ପରେ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ବିଭିନ୍ନ ବିଭାଗୀୟ ପ୍ରଦର୍ଶନୀ ଷ୍ଟଲ୍ ବୁଲି ଦେଖିଥିଲେ ଏବଂ ଟାଉନ ହଲ ଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କଳାହାଣ୍ଡି ଭିଜନ୍ ର୨୦୩୬ ଓ ୨୦୪୭ ବିକଶିତ ଓଡିଶା ପାଇଁ ବିକଶିତ କଳାହାଣ୍ଡି ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗଦେଇ ଜିଲ୍ଲାର ଉନ୍ନତି ଓ ବିକାଶ କିପରି କରାଯିବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏଥିରେ ବୁଦ୍ଧିଜୀବୀମାନେ ନିଜ ନିଜର ମତ ରଖିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ସାଂସଦ କଳାହାଣ୍ଡି ଲୋକସଭା ମାଳବିକା ଦେବୀ, ସାଂସଦ ରାଜ୍ୟସଭା, ସୁଜିତ୍ କୁମାର, ବିଧାୟକ ଧର୍ମଗଡ଼ ସୁଧୀର ରଞ୍ଜନ ପାଟଯୋଷୀ, ଅଧକ୍ଷ ଜିଲ୍ଲାପରିଷଦ ପୁଷ୍ପେନ୍ଦ୍ର ସିଂହଦେଓ, ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ, ଆଞ୍ଚଳିକ ବନ ସଂରକ୍ଷକ କଳାହାଣ୍ଡି, ସନ୍ତୋଷ ଯୋଶୀ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢି, ଭିସି ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଡଃ ନିବେଦିତା ନାଥ,ଅତିରିକ୍ତ ଜିଲ୍ଲାପାଳ ବଇତୁରା ଦୀପ ପ୍ରମୁଖ ଯୋଗଦେଇ ଥିଲେ। ଏହି ସବୁ କାର୍ଯ୍ୟକ୍ରମକୁ ଡିଡି ପ୍ଲାନିଂ, ଶ୍ରୀକାନ୍ତ ଦଳେଇ, ଶିକ୍ଷାବିତ୍ ଡକ୍ଟର ଉମେଶଚନ୍ଦ୍ର ଶତପଥି ପରିଚାଳନା କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରୱାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା ମଧ କରିଥିଲେ।

## ଜାତୀୟ ଏକତା ଶିବିରରେ ପ୍ରତାପଙ୍କ ପ୍ରତିନିଧିତ୍ୱ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଗୁଜରାଟ ରାଜ୍ୟର ଅହମ୍ମଦାବାଦ ଠାରେ ଥିବା ଗୁଜରାଟ ବିଦ୍ୟାପୀଠ ଠାରେ ଆୟୋଜିତ ଜାତୀୟ ଏକତା ଶିବିରରେ କଳାହାଣ୍ଡି ଭବାନୀପାଟଣା ସହରର ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧିକାରୀ, ପ୍ରତାପ ଚନ୍ଦ୍ର ଦାଶଙ୍କ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ଜଣାପଡିଛି। ଦୀର୍ଘ ୭ ଦିନ ଧରି ଚାଲିଥିବା ଏହି ଜାତୀୟ ଏକତା ଶିବିରରେ ଓଡ଼ିଶାରୁ ସର୍ବମୋଟ ୧୦ ଜଣ ସ୍ୱେଚ୍ଛାସେବୀ ଯୋଗ ଦେଇଥିବା ବେଳେ ଭାରତରୁ ସର୍ବମୋଟ ୨୦୦ ଜଣ ସ୍ୱେଚ୍ଛାସେବୀ ଏଥିରେ ଯୋଗଦେଇଥିଲେ। ଗାନ୍ଧୀଜୀଙ୍କ ନିର୍ମିତ ଏହି ଗୁଜରାଟ ବିଦ୍ୟାପୀଠରେ ସର୍ବମୋଟ ୯ ଗୋଟି ୱାର୍କସପ୍ ମଧ୍ୟରୁ ଚରଖରେ ସୂତାବୁଣା, ମୃତ୍ତିକା କଳା, ଫଟୋଗ୍ରାଫି, ରଙ୍ଗୋଲି, ସନ୍ତରଣ ଶିକ୍ଷା, ନୃତ୍ୟ ଶିକ୍ଷା, ଅଗ୍ନି ନିର୍ବାପନ ଶିକ୍ଷା, ଆତ୍ମରକ୍ଷା କୌଶଳ ଆଦି ଅର୍ନ୍ତଭୁକ୍ତ । ଏହି ଶିବିର ଗୁଜୁରାଟର ମହାମହିମ ରାଜ୍ୟପାଳ ମାନ୍ୟବର ଆଚାର୍ଯ୍ୟ ଦେବବ୍ରତଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା ଓ ଏନ୍‌ଏସ୍‌ଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ଡ. କମଳ କୁମାର କର ଏହାର ମୁଖ୍ୟ ପରିଚାଳକ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ ଖେଳ ମନ୍ତ୍ରଣାଳୟର ଆଞ୍ଚଳିକ ନିର୍ଦ୍ଦେଶାଳୟ ଏନ୍‌ଏସ୍‌ଏସ୍ ଅହମଦାବାଦ ଦ୍ୱାରା ସମ୍ପୂର୍ଣ୍ଣ କାର୍ଯ୍ୟ ଆୟୋଜିତ ହୋଇଥିବାବେଳେ ଗୁଜୁରାଟ ବିଦ୍ୟାପୀଠର ଏନ୍‌ଏସ୍‌ଏସ୍ ବ୍ୟୁରୋ ଏହାର ପରିଚାଳନା ଓ ସଞ୍ଚାଳନା ଦାୟିତ୍ୱ ତୁଲାଇଥିଲେ। ବିକାଶିତ ଭାରତରେ ଯୁବକମାନଙ୍କ ଆବଶ୍ୟକତା ଓ ପ୍ରେରଣା ଯୋଗାଇବା ସହ ଅନେକ ପ୍ରତିଯୋଗିତା, ଶିକ୍ଷଣୀୟ କାର୍ଯ୍ୟକ୍ରମ, ଯୋଗାଭ୍ୟାସ ଏବଂ ବିଭିନ୍ନ ବିଷୟବସ୍ତୁ ଉପରେ ଯୁବକମାନଙ୍କର ପ୍ରସ୍ତୁତି ଓ ତଥ୍ୟ ପ୍ରଦାନର ପରିଚାଳନାରେ ପ୍ରତାପ ଚନ୍ଦ୍ର ଦାଶ ସହଯୋଗ କରିଥିଲେ। ଆଞ୍ଚଳିକ ନିର୍ଦ୍ଦେଶାଳୟ ଏନ୍‌ଏସ୍‌ଏସ୍ ଭୁବନେଶ୍ୱରର ନିର୍ଦ୍ଦେଶିକା ସରିତା ପଟେଲଙ୍କ ଦ୍ୱାରା କଳାହାଣ୍ଡି ଜିଲ୍ଲାରୁ ଶ୍ରୀ ଦାଶ ମନୋନୀତ ହୋଇଥିବାରୁ ତାଙ୍କୁ ସେ ଧନ୍ୟବାଦ ଦେଇଛନ୍ତି।

## ଅଦ୍ୱିକା କିଶୋରୀ ସୁଭଦ୍ରା ଉତ୍ସବ



ଧର୍ମଗଡ, (ଭାସ୍କର ନ୍ୟୁଜ୍): ନୂତନ ସରକାରଙ୍କ ନୂତନ ଯୋଜନା ମାଧ୍ୟମରେ ଧର୍ମଗଡ଼ ଶିଶୁବିକାଶ ପ୍ରକଳ୍ପ ପକ୍ଷରୁ କଲ୍ୟାଣ ମଣ୍ଡପ ଠାରେ ଅଦ୍ୱିକା କିଶୋରୀ ସୁଭଦ୍ରା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରଜ ଅବସରରେ ସରକାରଙ୍କ ଏକ ନୂଆ ଯୋଜନା -ଏଥିରେ କିଶୋରୀ ବାଳିକାଙ୍କ ମାନସିକ ସ୍ତରର ଅଭିବୃଦ୍ଧି ଓ କଳା ସଂସ୍କୃତି ମାଧ୍ୟମରେ ଲୁଚି ରହିଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏକ ପ୍ରୟାସ ବୋଲି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଯୋଗ ଦେଇ ନିଜ ଅଭିଭାଷଣରେ କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରୋଜେକ୍ଟ ଅଧିକାରୀ ଫୁଲଝେନସିଆ ସୋରେନ,ବିଧାୟକ ପ୍ରତିନିଧି -ହିମାଂଶୁ ଶେଖର ପଣ୍ଡା, ଡ଼ଃ ସୁଶୀଲ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିବାବେଳେ କାର୍ଯ୍ୟକ୍ରମର ସଭାପତିତ୍ୱ ଶିଶୁ ବିକାଶ ଅଧିକାରୀ ଧରିତ୍ରୀ ପାଣିଗ୍ରାହୀ କରିଥିଲେ। ଏଥିରେ କିଶୋରୀ ବାଳିକାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ କିଶୋରୀ ବାଳିକା ମାନଙ୍କୁ ପୁରସ୍କାର ବିତରଣ କାରାଯାଇଥିଲା। କାର୍ଯ୍ୟକ୍ରମରେ ଶିଶୁ ବିକାଶ ପ୍ରକଳ୍ପ ଅଧିନ ବିଭିନ୍ନ କେନ୍ଦ୍ରର ଅଙ୍ଗନବାଡି କର୍ମୀ ସମେତ ଅନେକ କିଶୋରୀ ବାଳିକାଙ୍କ ଉପସ୍ଥିତ ନଜିର ରହିଥିଲା।

## ଏସ୍‌ଏଚ୍‌ଜି ସଭାନେତ୍ରୀ ଓ ସମ୍ପାଦିକାଙ୍କ ନାଁରେ ଟଙ୍କା ହଡ଼ପ ଅଭିଯୋଗ

କୋକସରା,(ଭାସ୍କର ନ୍ୟୁଜ୍): କୋକସରା ବ୍ଲକ୍ ସାନପୋଡାଗୁଡା କଲ୍ୟାଣୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ଓ ସମ୍ପାଦିକାଙ୍କ ନାଁରେ ଟଙ୍କା ହଡ଼ପ କରିଥିବା ନେଇ ଆମପାଣି ଥାନାରେ ଅଭିଯୋଗ ହୋଇଛି। ଗୋଷ୍ଠୀର ୮ ଜଣ ସଦସ୍ୟା ଉଭୟଙ୍କ ନାଁରେ ଏହି ଅଭିଯୋଗ କରିଥିବା ଜଣାପଡିଛି। ଅଭିଯୋଗ ଅନୁସାରେ, ଉକ୍ତ ମହିଳା ଗୋଷ୍ଠୀ ପକ୍ଷରୁ ସରକାରଙ୍କ ଦ୍ୱାରା ବିଭିନ୍ନ କିସ୍ତିରେ ପ୍ରୋତ୍ସାହନ ଓ ପୋଖରୀ ଲିଜ, ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଦେବା ଆଦି କାର୍ଯ୍ୟରୁ ଗୋଷ୍ଠୀ ନାମରେ ଥିବା ବ୍ୟାଙ୍କ ଖାତାରେ ଲକ୍ଷାଧିକ ଟଙ୍କା ରହିଥିଲା। ତେବେ ଗୋଷ୍ଠୀର ସଭାନେତ୍ରୀ ମଧୁସ୍ମିତା ନିଆଲ ଓ ନମିତା ଗୋପାଳ ଅନ୍ୟ ସଦସ୍ୟାମାନଙ୍କ ଅଜାଣତରେ ଜାଲ ଦସ୍ତଖତ କରି ପର୍ଯ୍ୟାୟକ୍ରମେ ଉଭୟେ ଲକ୍ଷାଧିକ ଟଙ୍କା ଉଠାଣ କରିଥିବା ଅଭିଯୋଗ ହୋଇଛି। ସଭାନେତ୍ରୀ ଓ ସମ୍ପାଦିକାଙ୍କୁ ଟଙ୍କା କଥା ପଚାରିଲେ କୌଣସି ପ୍ରକାରରେ ମୁହଁ ଖୋଲୁନଥିବା ଓ ରେଜୁଲେସନ ଖାତା ଏବଂ ବ୍ୟାଙ୍କ ପାସବହି ଚିରି ଦେଇଥିବା ମଧ ଅଭିଯୋଗ ହୋଇଛି। ଗୋଷ୍ଠୀର ସଦସ୍ୟା ପାରିଜାତ ନିଆଳ, ରୋଦନା ବନିୟା, ଅଷ୍ଟମୀ ହଂସ, ହେମବତୀ ନିଆଲ, ସୋବାନି ନିଆଲ, ଦଶମତି ନିଆଲ, ବାସନ୍ତୀ ନିଆଲ, ପ୍ରେମସିଲା ନିଆଳ ପ୍ରମୁଖ ସଦସ୍ୟାଙ୍କ ଅଭିଯୋଗ ଅନୁସାରେ ମୋଟ ୧୪ ଲକ୍ଷ ୪୦ ମଧ୍ୟରୁ ପ୍ରାୟ ୮ଲକ୍ଷ ୭୦ ହଜାର ଟଙ୍କା ହେରଫେର କରିଥିବା କରିଛନ୍ତି। ଏନେଇ ଗୋଷ୍ଠୀର ସଦସ୍ୟାମାନେ କୋକସରା ବିଡ଼ିଓଙ୍କ ଦ୍ୱାରସ୍ଥ ହେବା ସହ ଆମପାଣି ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଏ ବିଷୟରେ ମିଶନ ଶକ୍ତି ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ମାନସ ରଞ୍ଜନ ବାରିକଙ୍କୁ ପଚାରିବାରୁ ବ୍ୟାଙ୍କ ଷ୍ଟେଟମେଣ୍ଟ ମଗାଯାଇଛି, ଏବଂ ତଦନ୍ତ କରୁଛୁ, ଫାଇନାଲ ରିପୋର୍ଟ ପରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବୁ ବୋଲି କହିଛନ୍ତି। ସେହିପରି ଆମପାଣି ଥାନା ଅଧିକାରୀ ଜେ.ଏଚ୍ ହୋତାଙ୍କୁ ପଚାରିବାରୁ ଅଭିଯୋଗ ଆସିଛି, ତାଙ୍କ ବିଭାଗ ତରଫରୁ ତଦନ୍ତ ପରେ କେତେ ଟଙ୍କାର ହେରଫେର ହୋଇଛି ରିପୋର୍ଟ ଆସିଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



## ଆଦିବାସୀ ଭବନ ଉଦ୍‌ଘାଟିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକର ଗଣ୍ଡ ବାନ୍ଦୋପଲା ଗ୍ରାମଠାରେ ନବ ନିର୍ମିତ ଆଦିବାସୀ ଭବନ ଗୃହ ପ୍ରଦୀପ କୁମାର ଦିଶାରି ବିଧାୟକ ଲାଞ୍ଜିଗଡଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଉଦ୍ଘାଟିତ ହୋଇ ଯାଇଅଛି । ଏହି ପ୍ରତିଷ୍ଠା ଉତ୍ସବରେ ମାଳବିକା ଦେବୀ ସାଂସଦ କଳାହାଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ, ଆଦିବାସୀ ମହାସଂଘ ଅଧକ୍ଷ ଗଙ୍ଗାଧର ମାଝୀ, କଳାହାଣ୍ଡି ଆଦିବାସୀ ସଂଘ ସଭାପତି ପ୍ରକାଶ ଚନ୍ଦ୍ର ମାଝୀ, ସମ୍ପାଦକ ଋତୁରାଜ ମାଝୀ ସମେତ ଆଦିବାସୀ ସମାଜର ବହୁ କର୍ମକର୍ତ୍ତା ଓ ସଦସ୍ୟ ମାନେ ଉପସ୍ଥିତ ଥିଲେ। ବିଧାୟକ ଶ୍ରୀ ଦିଶାରି ସମସ୍ତ ଆଦିବାସୀ ସମାଜର କର୍ମକର୍ତ୍ତା ମାନଙ୍କ ଉନ୍ନତି କାମନା କରିବା ସହ ସମାଜର ଲୋକମାନେ ସମସ୍ତେ ଏକତ୍ରିତ ହୁଅନ୍ତୁ ଏବଂ ସଂଗଠନକୁ ଆହୁରି ତୃଣମୂଳ



ସ୍ତରରୁ ମଜବୁତ୍ କରନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ରାଜ୍ୟସଭା ସାଂସଦ ସୁଜିତ୍ କୁମାର ସେଠ, ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟଯୋଷି, ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ, ଦକ୍ଷିଣ ଓଡ଼ିଶା ... ଦେଇଥିଲେ। କଳାହାଣ୍ଡି ରାଜ୍ୟସଭା ସାଂସଦ ସୁଜିତ୍ କୁମାର ଆଦିବାସୀ ସମାଜକୁ ତାଙ୍କ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଦେବା ପାଇଁ ଘୋଷଣା କରିଥିଲେ ।

## ଜମିରେ ବୁଲିଲା ହଳ

# ଅନୁକୂଳ ପାଉନି ଚାଷୀ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ମୌସୁମୀକୁ ନେଇ ଚାଷୀଙ୍କ ଭିତରେ ଆଶା ଆଶଙ୍କା ଖେଳି ଯାଇଛି। ଜିଲ୍ଲାରେ ମୌସୁମୀ ବାୟୁ ପ୍ରବେଶ ପରେ ପରେ କିଛି ମାତ୍ରାରେ ବର୍ଷା ହେଲା ସତ ହେଲେ ବର୍ତ୍ତମାନ ଗାଏବ ରହିବା ଚିନ୍ତାର କାରଣ ପାଲଟିଛି। ଖରିଫ ଚାଷ ପାଇଁ ଚାଷୀ ଚାଷ ଜମିକୁ ପ୍ରସ୍ତୁତି କରି ଅନୁକୂଳ ଖୋଜୁଛି। ଧର୍ମଗଡ଼ ଅଞ୍ଚଳର ବିଭିନ୍ନ ସ୍ଥାନରେ କିଛି ଦିନ ତଳେ ବର୍ଷା ହେବାପରେ ଚାଷୀ ଏବେ ଚାଷ ପାଇଁ ତତ୍ପରତା ହୋଇ ଉଠିଛି। ଏହି ପ୍ରକ୍ରିୟା ପ୍ରାୟ ଏପ୍ରିଲ , ମେ' ବେଳକୁ ଆରମ୍ଭ ହୋଇ ଜୁନ ଶେଷ ବେଳକୁ ଜମିରେ ବିହନ ପଡିବା ପୂର୍ବଦିନ ମାନଙ୍କରେ ଦେଖିବାକୁ ମିଳୁଥିଲା। ଇତି ପୂର୍ବରେ ଜୁନ ଜୁଲାଇ ମାସରେ ପ୍ରାୟ ଚାଷୀଙ୍କ ରୁଆ ବେଉସା କାମ ଶେଷ ହେଉଥିବା ନଜର ବି ରହିଛି। ତେବେ ଜଳ ବାୟୁ ପରିବର୍ତ୍ତନ ଯୋଗୁଁ ଚାଷ କାର୍ଯ୍ୟର ମଧ ପରିବର୍ତ୍ତନ ଘଟିଥିବା ବେଳେ ଚଳିତ ଅନୁକୂଳକୁ ଅପେକ୍ଷା ନ କରି ଏବେ ଚାଷ ଜମିରେ ବିହନ ପକେଇବା ସମେତ ହଳ ଲଙ୍ଗଳ ଚାଲିବା ଦେଖିବାକୁ ମିଳିଛି। ଧାନ ବିହନ ସାଙ୍ଗକୁ ମକା, ବିରି, କୋଳଥ, କାନ୍ଦୁଳ, ମାଣ୍ଡିଆ ଓ ସୁଆଁ ଆଦି ବିହନ ଆଦି ପ୍ରଥମ ମୌସୁମୀ ବର୍ଷା ହେଲା ପରେ ଏବେ ବୁଣିବା ଆରମ୍ଭ କରିଛି। ଅଧିକାଂଶ ଚାଷୀ ସରକାରୀ ବିହନ ଉପରେ ନିର୍ଭର କରିଥିବା ବେଳେ ଗତ ବର୍ଷ ସରକାରୀ ବିହନ ପକେଇ ହଟହଟା ହୋଇଥିବା କଥାକୁ ଏବେ ଭୁଲି ପାରିନାହିଁ ଚାଷୀ । ନକଲି ସରକାରୀ ବିହନକୁ ନିଜ ଜମିରେ ପକେଇ ଅନେକ ପ୍ରକାର ଅସୁବିଧା ସମ୍ମୁଖୀନ ହୋଇଥିବା ଘଟଣା ଏ ଯାଏ ଭୁଲିପାରିନାହିଁ। ଏପଟେ ଚାଷ କାମ ଆରମ୍ଭ ହେବାପରେ ଅଞ୍ଚଳର ବିଭିନ୍ନ ସ୍ଥାନରେ ରାସାୟନିକ ସାର ଦୋକାନ ଓ ବିହନ ଦୋକାନ ମାନଙ୍କରେ ଗହଳି ଲାଗି ରହିଛି। ଏପରିକି ଚଢା ଦରରେ ବିକ୍ରି ହେଉଥିବା ଚାଷୀଙ୍କ ଭିତରେ ଆଲୋଚନା ଧରିଲାଣି। ବିଶେଷ ଭାବେ ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଞ୍ଚଳ ଚାଷୀ ସଦାସର୍ବଦା ଶୋଷଣର ଶିକାର ସାଜିଥାଏ। ସାର ବିହନ କୀଟନାଶକ ସମେତ ଧାନ ବିକ୍ରି ପର୍ଯ୍ୟନ୍ତ କେବଳ ଶୋଷିତ ହେବା ଲାଗିରହିଛି। ବର୍ତ୍ତମାନ ଖରିଫ ଚାଷ ପାଇଁ ଅଞ୍ଚଳର ଚାଷୀ ମହାଜନ, ସାହୁକାରଙ୍କ ଠାରୁ ଋଣ କରଜ କରି ବିହନ ସାର ଇତ୍ୟାଦି କ୍ରୟ କରି ଚାଷ ପାଇଁ ପ୍ରସ୍ତୁତି ହୋଇ ସାରିଛି। ମୌସୁମୀ ବର୍ଷା ହେବା ପରେ ଏବେ ବିଲରେ ବିହନ ପକେଇବା ଆରମ୍ଭ କରିଛି। ହେଲେ ଇନ୍ଦ୍ରଦେବଙ୍କ କୃପା ଓ ଭରସା ଉପରେ ଛାଡ଼ିଦେଇଛି ନିଜ ଭାଗ୍ୟ। ଚାଷୀଙ୍କ ଜମିରେ ଜଳ ସେଚନ ବ୍ୟବସ୍ଥା ନେଇ ସରକାର ମେଘାଲିଫ୍ଟ କେନାଲ ର ବ୍ୟବସ୍ଥା କରିଛନ୍ତି ସତ ହେଲେ ଅଧିକାଂଶ ଜମିରେ ପାଣି ସେଚନ ହୋଇପାରୁ ନ ଥିବା ଅଭିଯୋଗ ହୋଇ ଆସୁଛି।ସେଯାହା ହେଉନା କାହିଁକି ବର୍ତ୍ତମାନ ଚାଷୀ ଚାଷ କାମ ଆରମ୍ଭ କରିଛି।ରଜ ପୂର୍ବରୁ ବିଭିନ୍ନ ସ୍ଥାନ ରେ ଚାଷ ଜମିରେ ବିହନ ପଡିବା ଆରମ୍ଭ କରିଛି।

### ରାସ୍ତାକଡ଼ରେ ବିପଦସଂକୁଳ ଶୁଖିଲା ଗଛ ହଟାଇବାକୁ ଦାବି

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଭବାନୀପାଟଣାରୁ ରାୟଗଡାକୁ ସଂଯୋଗ କରୁଥିବା ରାସ୍ତାର ଢ଼େପଗୁଡା ନିକଟରେ ରାସ୍ତାକୁ ଲାଗି ଦୁଇଟି ଶୁଖିଲା ଗଛ ବିପଦ ସଂକୁଳ ଅବସ୍ଥାରେ ଠିଆ ହୋଇରହିଛି। ଯେ କୌଣସି ମୁହୂର୍ତ୍ତରେ ଏହା ରାସ୍ତା ଉପରେ ଖସି ପଡ଼ିବା ଆଶଙ୍କା ଦେଖାଦେଇଛି। ଦୈନିକ ଏହି ରାସ୍ତା ଦେଇ ଶହଶହ ଭାରୀଯାନ ଚଳାଚଳ କରୁଥିବାବେଳେ ହଜାରେରୁ ଉର୍ଦ୍ଧ୍ୱ ହାଲୁକା ଓ ଯାତ୍ରୀବାହୀ ଯାନବାହନ ତଥା ବାଇକ ଆରୋହୀ ଯାତାୟତ କରିଥାନ୍ତି। କିନ୍ତୁ ପ୍ରତି ମୁହୂର୍ତ୍ତରେ ଏହି ଦୁଇଟି ଶୁଖିଲା ଗଛ ପଡିଯିବା ଆଶଙ୍କା ରହିଥିବାବେଳେ ଏହା ସମ୍ଭାବ୍ୟ ବିପଦକୁ ହାତଠାରି ଡାକୁଛି। ଏଣୁ ବନ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ ଗଛ ଦୁଇଟିକୁ ରାସ୍ତା କଡ଼ରୁ ହଟାଇବାକୁ ଦାବି ହେଉଛି।

### ଆଶା କର୍ମୀଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ


## ୯ ଦିନ ପରେ ବି ପୋଲିସର କାର୍ଯ୍ୟାନୁଷ୍ଠାନ ଶୂନ



କୋକସରା,(ଭାସ୍କର ନ୍ୟୁଜ୍): କୋକସରା ଥାନା ଅଞ୍ଚଳର ଜଣେ ଆଶା କର୍ମୀଙ୍କୁ ଦୁଷ୍କର୍ମ ଉଦ୍ୟମ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ତେବେ ଅଭିଯୋଗର ୯ ଦିନ ବିତିଯାଇଥିଲେ ସୁଦ୍ଧା ପୋଲିସ ମାମଲା ରୁଜୁ କରି ଚୁପ୍ ବସିଥିବା ବେଳେ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରାଯାଇନଥିବାରୁ ଆଶା କର୍ମୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ଶୁକ୍ରବାର ପୁଣିଥରେ ପୀଡ଼ିତା ସମେତ କୋକସରା ଆଶା କର୍ମୀ ସଂଘ ଥାନା ଅଧିକାରିଣୀଙ୍କୁ ସାକ୍ଷାତ କରିଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସେମାନେ ଦାବି କରିଛନ୍ତି। ନଚେତ୍ ଆଗକୁ ଆନ୍ଦୋଳନ ସହ ଥାନା ଘେରାଉ କରିବା ପାଇଁ ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁସାରେ, ଗତ ୨ ତାରିଖ ଦିନ ପୀଡ଼ିତା ଆଶା କର୍ମୀ ଜନ୍ମ ସାର୍ଟିଫିକେଟ ପାଇ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ତେବେ ଆଶା କର୍ମୀ ଜଣକ ଶୌଚାଳୟ ଯାଇଥିବାବେଳେ କୋକସରା ଗ୍ରାମର ଜଣେ ଯୁବକ ଜୋର୍ ଜବରଦସ୍ତି ଶୌଚାଳୟକୁ ପଶି ଆଶା କର୍ମୀଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିଲେ। ଏହାପରେ ସେ' ପାଟି କରି କୌଣସି ମତେ ସେଠାରୁ ଚାଲି ଆସି ଥାବା ପୀଡ଼ିତା ଆଶା କର୍ମୀ ପ୍ରକାଶ କରିଛନ୍ତି। ଏନେଇ ଗତ ୪ ତାରିଖରେ ପୀଡ଼ିତା ଆଶା କର୍ମୀ କୋକସରା ଥାନାରେ ସମ୍ପୃକ୍ତ ଯୁବକଙ୍କ ନାଁରେ ଏତଲା ଦେଇଥିଲେ। ଅଭିଯୋଗ ପରେ ପୋଲିସ ଏକ ମମଲା ରୁଜୁ କରିଛି। ହେଲେ ଅଭିଯୋଗର ୯ ଦିନ ବିତିଯାଇଥିଲେ ସୁଦ୍ଧା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଧରିବାରେ ସଫଳ ହୋଇପାରି ନାହିଁ। ଏନେଇ ଆଜି ପୀଡ଼ିତା ଆଶା ଓ ତାଙ୍କ ସାଥି ଆଶାକର୍ମୀମାନେ ଏକଜୁଟ ହୋଇ କୋକସରା ଥାନାରେ ପହଞ୍ଚି ଆଇଆଇସିଙ୍କୁ ସାକ୍ଷାତ କରିଛନ୍ତି। ଏବଂ ସମ୍ପୃକ୍ତ ଯୁବକ ଗାଁରେ ବୁଲାବୁଲି କରୁଥିବା ସତ୍ତ୍ୱେ କାହିଁକି ଗିରଫ କରାଯାଉନାହିଁ ବୋଲି ପ୍ରଶ୍ନ କରିଥିଲେ। ଏହାପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଧରିବା ପାଇଁ ଖୋଜାଖୋଜି ଆରମ୍ଭ କରିଥିଲେ ସୁଦ୍ଧା ତା'ର କୌଣସି ଟେର ପାଇନଥିବା ଜଣାପଡିଛି। ଅନ୍ୟପଟେ ଆଶା ସଂଘ ପକ୍ଷରୁ ସମ୍ପୃକ୍ତ ଯୁବକଙ୍କୁ ତୁରନ୍ତ ଗିରଫ କରା ନଗଲେ ଆନ୍ଦୋଳନ କରିବା ପାଇଁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଣେ କୋକସରା ଥାନା ଅଧୀକାରିଣୀ ସ୍ନିଗ୍ଧା ରାଣୀ ସୁନା କହିଛନ୍ତି, ଯୁବକଙ୍କୁ ଧରିବା ପାଇଁ ଯୋଜନା କରାଯାଇଛି, ଶୀଘ୍ର ଧରାଯିବ ବୋଲି ପ୍ରକାଶ କରିଛନ୍ତି।

## ରାଶିଫଳ


ରବିବାର, ୧୫ ଜୁନ୍ ୨୦୨୫



ମେଷ: ଆଜି ଆପଣ ନିଜ ଘରେ ଏବଂ କାର୍ଯ୍ୟକ୍ଷେତ୍ରରେ ଏକ ଉତ୍ତମ ପରିବେଶରେ ବାସ କରି ବହୁତ ଖୁସି ହେବେ। ସ୍ୱାସ୍ଥ୍ୟ ଭଲ ହେବ। ଚାକିରିରେ ପଦୋନ୍ନତିର ସମ୍ଭାବନା ରହିଛି। କାର୍ଯ୍ୟାଳୟର ଉଚ୍ଚ ପଦାଧିକାରୀମାନେ ଆପଣଙ୍କ କାର୍ଯ୍ୟକୁ ପ୍ରଶଂସା କରିବେ। ପରିବାରରେ ଆନନ୍ଦର ବାତାବରଣ ରହିବ।



**ବୃଷ:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଅନେକ ଥକ୍କା ଏବଂ ଅଳସୁଆ ଅନୁଭବ କରିବେ। ଯେଉଁଥିପାଇଁ ଉତ୍ସାହର ଅଭାବ ରହିବ। ଏହାର ପ୍ରଭାବ ବାଣିଜ୍ୟିକ କ୍ଷେତ୍ରରେ ଦେଖାଯିବ ଏବଂ ଏହା ସମସ୍ୟା ସୃଷ୍ଟି କରିପାରେ। ଉଚ୍ଚ ପଦାଧିକାରୀଙ୍କ ଆଚରଣ ଆପଣଙ୍କ ପ୍ରତି ନକାରାତ୍ମକ ହେବ।



**ମିଥୁନ:** ଆଜି ଆପଣଙ୍କୁ କୌଣସି ନୂତନ କାର୍ଯ୍ୟ ଆରମ୍ଭ ନ କରିବାକୁ ଏବଂ ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ପ୍ରତିକ୍ରିୟାଶୀଳ ହେବାକୁ ପରାମର୍ଶ ଦିଆଯାଇଛି । କଫ ଏବଂ ପେଟ ସମ୍ବନ୍ଧୀୟ ରୋଗ ଆପଣଙ୍କୁ କଷ୍ଟ ଦେଇପାରେ। ଖର୍ଚ୍ଚ ବୃଦ୍ଧି ପାଇବ।



**କର୍କଟ:** ଆଜି ଦୈନନ୍ଦିନ କାର୍ଯ୍ୟ ସହିତ ଆପଣ ମନୋରଞ୍ଜନ ଏବଂ ସଭାରେ ସମୟ ବିତାଇବେ। ଆପଣ ସ୍ୱାଦିଷ୍ଟ ଖାଦ୍ୟ ପାଇବେ ଏବଂ ସାଙ୍ଗମାନଙ୍କ ସହିତ ବୁଲିବାକୁ ଯିବେ। ଶକ୍ତିଶାଳୀ ଧନ ହେଉଛି ଲାଭର ପରିମାଣ । ଆପଣଙ୍କର ବ୍ୟବସାୟ ବଢିବ । ବାଣିଜ୍ୟ ଅଂଶଗ୍ରହଣ ଲାଭବାନ ହେବ। କାର୍ଯ୍ୟରେ ସଫଳତା ସହିତ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ ।



**ସିଂହ:** କାର୍ଯ୍ୟରେ ସଫଳତା ପାଇବା ପାଇଁ ଆଜି ସର୍ବୋତ୍ତମ ଦିନ। ଆପଣ କରିଥିବା କାର୍ଯ୍ୟ ଦ୍ୱାରା ଆପଣ ଖ୍ୟାତି ପାଇବେ । ପରିବାରରେ ଏକ ଆନ୍ତରିକ ପରିବେଶ ରହିବ । ଶରୀର ଏବଂ ମନ ସହିତ ତୁମେ ସତେଜତା ଏବଂ ଆନନ୍ଦ ଅନୁଭବ କରିବ ।



**କନ୍ୟା:** ଆଜି ଆପଣଙ୍କର କଳ୍ପନା ଶକ୍ତି ପୁରା ଭଲ ରହିବ । ସାହିତ୍ୟ ସୃଷ୍ଟି ପାଇଁ ଆଜି ଏକ ଭଲ ଦିନ। ଛାତ୍ରମାନେ ଶିକ୍ଷଣରେ ଭଲ ପ୍ରଦର୍ଶନ କରିବାକୁ ସମର୍ଥ ହେବେ । ଭାବପ୍ରବଣତା ଏବଂ ଯୌନତା ଆପଣଙ୍କ ପ୍ରକୃତିରେ ଅଧିକ ରହିବ । ପେଟ ଯନ୍ତ୍ରଣା ହେବାର ସମ୍ଭାବନା ଅଛି । ମନରେ ଭୟ ରହିବ । ମାନସିକ ସନ୍ତୁଳନ ବଜାୟ ରଖନ୍ତୁ ।




**ତୁଳା:** ଆଜି ଆପଣଙ୍କର ବହୁତ ଭାବନା ରହିବ। ଯେଉଁ କାରଣରୁ କାହାର ଶବ୍ଦ କିମ୍ବା ଆଚରଣ ଦ୍ୱାରା ଆଘାତ ପାଇପାରନ୍ତି। ମାତାଙ୍କ ସ୍ୱାସ୍ଥ୍ୟ ଖରାପ ହେତୁ ବହୁତ ବିବ୍ରତ ହେବେ । ଆପଣଙ୍କର ଆତ୍ମ ସମ୍ମାନ ଆଘାତ ପାଇପାରେ । ଦୋଷତ୍ରୁଟି ଅନୁଭବ କରିବେ ।



**ବିଛା :** ଆଜି ଆପଣ ଆପଣଙ୍କର ଚିନ୍ତାରୁ ବହୁତ ଆରାମ ପାଇବେ। ଆଜି ବହୁତ ଭାବପ୍ରବଣ ଏବଂ ସମ୍ବେଦନଶୀଳ ହେବ, ଯେଉଁଥିପାଇଁ ତୁମର କଳ୍ପନା ଏବଂ ସୃଜନଶୀଳତା ଉତ୍ପନ୍ନ ହେବ। ଆପଣ ଆଜି ସାହିତ୍ୟ ଲେଖା ଏବଂ କଳା କ୍ଷେତ୍ରରେ ସହଯୋଗ କରିବାକୁ ସମର୍ଥ ହେବେ । ପରିବାର ସଦସ୍ୟ ବିଶେଷ କରି ମା ସହିତ ସମ୍ପର୍କ ବୃଦ୍ଧି ପାଇବ ।




**ଧନୁ:** ଆଜି ପ୍ରାରମ୍ଭରେ ଅସୁବିଧା ହୋଇପାରେ। ଆପଣଙ୍କର ନିର୍ଦ୍ଧାରିତ କାର୍ଯ୍ୟ ସମାପ୍ତ ହେବ ଏବଂ ଯାହା ବହୁତ ଖୁସି କରିବ। ଆର୍ଥିକ ଯୋଜନା ହେତୁ ଆପଣଙ୍କର ଅନେକ ଅସୁବିଧା କମିବା ଆରମ୍ଭ କରିବ। ଚାକିରି ବ୍ୟବସାୟରେ ଆପଣଙ୍କର ସହକର୍ମୀମାନେ ସମର୍ଥିତ ହେବେ । ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ସାକ୍ଷାତ କରିବା ଆପଣଙ୍କ ଖୁସି ବଢାଇବ।



**ମକର:** ଆଜି ଆପଣଙ୍କର ବନ୍ଧୁ, ପରିବାର ସହିତ ଆପଣଙ୍କ ଦିନ ବହୁତ ଭଲ ହେବ । ସେମାନଙ୍କଠାରୁ ଉପହାର ଆପଣଙ୍କ ଖୁସିକୁ ଦ୍ୱିଗୁଣିତ କରିବ । ଭ୍ରମଣ ପାଇଁ ଏକ କାର୍ଯ୍ୟକ୍ରମ ହେବ ଏବଂ ସ୍ୱାଦିଷ୍ଟ ଖାଦ୍ୟ ପାଇବାର ସୁଯୋଗ ମିଳିବ। ଆଜି ଭଲ ଖବର ପାଇବେ ଏବଂ ଆର୍ଥିକ ଲାଭ ମଧ୍ୟ ଉପଲବ୍ଧ ହେବ । ନିଜ ସାଥୀଙ୍କ ସହିତ ଭଲ ସମୟ ଅତିବାହିତ କରନ୍ତୁ ।



**କୁମ୍ଭ:** ଆଜି ଆପଣଙ୍କୁ କୋର୍ଟ ମାମଲା ଠାରୁ ଦୂରରେ ରହିବାକୁ ପରାମର୍ଶ ଦିଆଯାଇଛି । ମନରେ ଅସ୍ଥିର ରହିବ ଏବଂ ବିଭିନ୍ନ ଚିନ୍ତା ସୃଷ୍ଟି କରିବ । ସ୍ୱାସ୍ଥ୍ୟ ଖରାପ ହୋଇପାରେ । ବକ୍ତବ୍ୟ ଏବଂ ଆଚରଣରେ ନିଜକୁ ସଂଯମ କରିବା ଆବଶ୍ୟକ, ନଚେତ୍ କାହା ସହିତ କଳହ ହୋଇପାରେ । ଆଜି ଆପଣ ବହୁତ ଭାବପ୍ରବଣ ହେବେ। ଖର୍ଚ୍ଚ ପରିମାଣ ଅଧିକ ହେବ ।



**ମୀନ:** ଆଜି ଆପଣ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଏବଂ ଲାଭ ପାଇବେ। ମା' ଲକ୍ଷ୍ମୀଙ୍କ ଆଶୀର୍ବାଦ ଆପଣଙ୍କ ଉପରେ ରହିବ। ପୁରୁଣା ସାଙ୍ଗମାନଙ୍କ ସହିତ ଆପଣ ଦିନକୁ ଉପଭୋଗ କରିବେ। ଏକ ଭ୍ରମଣ ଯାଇପାରନ୍ତି । ଆଜି ପତ୍ନୀ ଏବଂ ପିଲାମାନଙ୍କ ସହିତ ଭଲ ସମୟ କଟାନ୍ତୁ । ପ୍ରିୟ ବ୍ୟକ୍ତିଙ୍କ ସହିତ ସାକ୍ଷାତ ହେବାର ସମ୍ଭାବନା ଅଛି।




ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯